

# ନୀଲକଣ୍ଠ-ସ୍ମରଣିକା

Digitized by PPRACHIN, SOA


# TO MAKE YOUR VISIT

## Comfortable and pleasant

## STAY IN STATE GOVERNMENT TOURIST BUNGALOWS

**AT**

**Bhubaneswar Konarka Puri and Chandipur-on-Sea.**



PANTH NIVAS

**For information and assistance : Please contact Tourist Information Bureau**

**at :**

| Bhubaneswar | Puri | College Road | Sector-4 | Collectorate |
|---|---|---|---|---|
| Gram : Tem-plecity Phone - 679 | Trave-ller 131 | Sambalpur Turbureau 268 | Rourkela Turbureau 2124 | Balasore 155 |

ISSUED BY

**Director of Public Relations, Tourism & Protocol**

GOVERNMENT OF ORISSA, Bhubaneswar.

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ଉପଲକ୍ଷେ

**ପୂଜ୍ୟପୂଜା ସଂସଦ, ଓଡ଼ିଶା**

ଆନୁକୂଲ୍ୟରେ ପ୍ରକାଶିତ

ସଂପାଦକ

**ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ**

Digitized by PPRACHIN, SOA

## ସୂଚୀ


- ନୀଳକଣ୍ଠ କାବ୍ୟ ପରିକ୍ରମା
- ନୀଳକଣ୍ଠଙ୍କ ଗଦ୍ୟ ଶୈଳୀ
- ସଂସ୍କାରକ ନୀଳକଣ୍ଠ
- ସାଧକ ନୀଳକଣ୍ଠ
- 'ଖାରବେଳ'-ଏକ ଜାତୀୟ କାବ୍ୟ
- 'କୋଣାର୍କ'ର ପୂର୍ବାର୍ଦ୍ଧ ଓ କବି ନୀଳକଣ୍ଠ
- ନୀଳକଣ୍ଠଙ୍କ ପ୍ରାରମ୍ଭିକ ଗଦ୍ୟରଚନା
- ପିତୃସ୍ମୃତି
- ନୀଳକଣ୍ଠଙ୍କ 'କୋଣାର୍କ'-ଏକ ବିହଙ୍ଗାବଲୋକନ
- ତାଙ୍କ ସହିତ ଗୋଟିଏ ଯୁଗ
- ଦୁଇଟି ଘଟଣା
- କେତୋଟି ଦିନର ସ୍ମୃତି
- 'ମାୟାଦେବୀ'-ଏକ ମାନସିକ ଦ୍ୱନ୍ଦ୍ୱ


Digitized by PPRACHIN, SOA

# ସଂପାଦକୀୟ

ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ଗୋଟିଏ ପ୍ରାମାଣିକ ପୁସ୍ତକ ପ୍ରକାଶ କରିବାର ପରିକଳ୍ପନା ତାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବକାଶରେ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଆମର ସମସ୍ତ ଉତ୍ସାହ ଓ ଆୟୋଜନ ସତ୍ତ୍ୱେ ଆମେ ଯଥା ସମୟରେ ଲେଖକମାନଙ୍କଠାରୁ ଲେଖା ପାଇ ପାରିଲୁ ନାହିଁ । ପ୍ରାୟ ଏ ଦେଶର ପଚିଶ ଜଣ ବିଶିଷ୍ଟ ଲେଖକ, ରାଜନୀତିଜ୍ଞ, ସାହିତ୍ୟ ସମାଲୋଚକ ଓ ଅଧ୍ୟାପକଙ୍କୁ ଏ ସଂପର୍କରେ ବାରମ୍ବାର ଚିଠି ଲେଖି ମଧ୍ୟ ଆମେ ସେମାନଙ୍କ ମୂଲ୍ୟବାନ ଲେଖା ପାଇବାର ସୁଯୋଗରୁ ବଞ୍ଚିତ ହେଲୁ । ଆଜି ଯେଉଁ ପୁସ୍ତକ ପ୍ରକାଶ ପାଉଛି ତାହା ଆମ ପରିକଳ୍ପନାର ଏକ ଚତୁର୍ଥାଂଶ ମାତ୍ର । ଏଥିପାଇଁ ଆମେ କାହାକୁ ଦୋଷ ଦେଉ ନାହୁଁ । କେବଳ ଅନ୍ତ କ୍ଷୋଭ ଓ ଅନୁଶୋଚନାର ସହିତ କହି ରଖୁଛୁ ଯେ ଏ ଦେଶରେ ଅର୍ଥନୀତି, ରାଜନୀତି ଓ ଶିକ୍ଷାନୀତି ପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏକ ମାନସିକ ଜଡ଼ତା ଯେପରି ଆସି ଯାଇଛି । ଗୁଣାତ୍ମକ ଦୃଷ୍ଟିରୁ ସାହିତ୍ୟର ବହୁ ବିଭାଗ ଏବେ ବି ମୂଲ୍ୟବାନ ସୃଷ୍ଟିର ଧାରକ ହୋଇପାରି ନାହିଁ । ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଗତ ଦଶନ୍ଧିର ପଦକ୍ଷେପ ଉଲ୍ଲେଖ ଯୋଗ୍ୟ ହେଲେ ମଧ୍ୟ ଏହି ବିଭାଗର ଗତିଶୀଳତା ପ୍ରମାଣିତ ହେବାକୁ ତଥାପି ବାକି ରହିଛି ।

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସାହିତ୍ୟ ପାଇଁ ଏକ ବିଶିଷ୍ଟ ଅଧ୍ୟାୟ । ବି. ଏ. (ଅନର୍ସ) ଓ ଏମ୍. ଏ. (ଓଡ଼ିଆ) ଶ୍ରେଣୀମାନଙ୍କରେ ତାଙ୍କ ଲିଖିତ କେତୋଟି କାବ୍ୟ ବହୁ ଦିନରୁ ପଠିତ ହେଉଅଛି । କିନ୍ତୁ ଏସବୁ ସାହିତ୍ୟ ସଂପର୍କରେ ଏକ ପ୍ରାମାଣିକ ସମାଲୋଚନା ଏବେ ମଧ୍ୟ ପ୍ରକାଶିତ ହୋଇ ନାହିଁ । ଏ ଦିଗରେ ଅଧ୍ୟାପକମାନଙ୍କ ଅଧ୍ୟୟନ ଓ ବକ୍ତୃତା ହିଁ ଛାତ୍ରମାନଙ୍କ ପାଇଁ ଏକମାତ୍ର ସମ୍ବଳ ହୋଇ ରହିଅଛି । ନୀଳକଣ୍ଠଙ୍କ ସାହିତ୍ୟକୁ ଯେଉଁ କେତୋଟି ଦୃଷ୍ଟିରୁ ଏ 'ସ୍ମରଣିକା'ରେ ଆଲୋଚନା କରାଯାଇଛି ତାହା ଛାତ୍ର ଓ ଶିକ୍ଷକମାନଙ୍କର କେତେକ ଅଭାବ ଦୂର କରି ପାରିଲେ ଆମ ଶ୍ରମ ସାର୍ଥକ ହେଲା ବୋଲି ମଣିବୁ ।

ଏହି ସଂସଦ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଷ୍ଠାର ସହିତ ଗତ ୭ ବର୍ଷ ଧରି କାର୍ଯ୍ୟ କରି ଆସିଅଛି । କେତୋଟି ସ୍ମରଣିକା ବା ପୁସ୍ତକ ପ୍ରକାଶ କରି ଏ ଦେଶର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ଉଚ୍ଚାଙ୍ଗ ସାହିତ୍ୟ ସଂପର୍କରେ ସାଧାରଣଙ୍କୁ ଅବହିତ କରେଇବା ଏ ସଂସଦର ଅନ୍ୟତମ ଆଭିମୁଖ୍ୟ ଭାବରେ ୧୯୬୭ ରୁ ଗୃହୀତ ହୋଇଅଛି । ସେହି

Digitized by PPRACHIN, SOA

ଲକ୍ଷ୍ୟରେ ଏ ପର୍ଯ୍ୟନ୍ତ ମଧୁବାବୁ ଓ ଗୋପବନ୍ଧୁଙ୍କ ଉପରେ ଦୁଇଟି ସୁଲଭ ମୂଲ୍ୟର ପୁସ୍ତକ ପ୍ରକାଶିତ ହୋଇଅଛି ଓ ପାଠକ ସଂପ୍ରୀତି ମିଳିଅଛି । 'ନୀଳକଂଠ ସ୍ମରଣିକା' ଆମର ତୃତୀୟ ପଦକ୍ଷେପ । ଏ ଜାତିର ଏକଦା ଗୌରବମୟ ଅଧ୍ୟାୟ ଓ ମୂଲ୍ୟବାନ ସ୍ମୃତିରାଜି ସଂପର୍କରେ ବର୍ତ୍ତମାନ ଓ ଆଗତ ପୁରୁଷଙ୍କୁ ସଚେତନ କରାଇବା ପାଇଁ ଆମର ଏ ଉଦ୍ୟମ କେତେଦୂର ସଫଳ ହୋଇଛି ତାହା ପାଠକେ ବିଚାର କରିବେ ।

ଏ ସ୍ମରଣିକା ପ୍ରକାଶ ଦିଗରେ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗର ସହଯୋଗ ଏ ଅବକାଶରେ ଆମର ସ୍ମରଣୀୟ ହୋଇ ରହିବ । ବିଶେଷତଃ ସାହିତ୍ୟପ୍ରେମୀ ଓ ଗବେଷକ, ସାଂସ୍କୃତିକ ବ୍ୟାପାର ବିଭାଗ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନିରୁଦ୍ଧ ଦାସ, ଆଇ. ଏ. ଏସ୍. ଓ ଶିକ୍ଷା ବିଭାଗ ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ମହେଶ ପ୍ରସାଦ ରଥ ଆମକୁ ଏସବୁ ଉଦ୍ୟମରେ ବହୁ ଉତ୍ସାହ ଦେଇଛନ୍ତି । ମୁଁ ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି । ପୁନଶ୍ଚ ଏ ସ୍ମରଣିକାର ପ୍ରକାଶନ ପାଇଁ ଶିଳ୍ପମନ୍ତ୍ରୀ ଶ୍ରୀଯୁକ୍ତ ହରିହର ପଟେଲ ଓ ଅର୍ଥ ଉପମନ୍ତ୍ରୀ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ମାଝୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଆମେ କୃତଜ୍ଞ । ରାଜ୍ୟ ଲୋକସଂପର୍କ ବିଭାଗର ପ୍ରକାଶନ ସଂସ୍ଥା ଆମକୁ ବହୁ ସାହାଯ୍ୟ କରିଛନ୍ତି— ତାଙ୍କୁ ଅନୁଷ୍ଠାନିକ ଭାବେ ଧନ୍ୟବାଦ ଜଣାଉଛୁ ।

'ନୀଳକଂଠ ସ୍ମରଣିକା' ପ୍ରକାଶନ ପାଇଁ ରବୀନ୍ଦ୍ର ମଣ୍ଡପରେ ଆଜି ଏହି ସାହିତ୍ୟ ସମାବେଶର ଆୟୋଜନ ହୋଇଅଛି । ଗୋଟିଏ ଭଲ ପୁସ୍ତକ ପ୍ରକାଶନ ପାଇଁ ଏ ଦେଶରେ ସାହିତ୍ୟ ସମାବେଶ ପ୍ରାୟ ହୁଏ ନାହିଁ; ଯାହା ହୁଏ କୌଣସି ଅନୁଷ୍ଠାନ ବା ପୁଣ୍ୟାତ୍ମାଙ୍କ ବାର୍ଷିକ ଦିବସରେ । ତେଣୁ ଆମର ଏ ଉଦ୍ୟମ ବହୁ ସାହିତ୍ୟ-ଅନୁଷ୍ଠାନକୁ ଉତ୍ସାହିତ କରିବ ବୋଲି ଆଶା କରୁଛୁ । ଆମର ଅନୁରୋଧ ରକ୍ଷାକରି ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପବିତ୍ରମୋହନ ପ୍ରଧାନ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସଦାଶିବ ମିଶ୍ର, ଶିକ୍ଷା ବିଭାଗ ସେକ୍ରେଟାରୀ ଶ୍ରୀଯୁକ୍ତ ଅନିରୁଦ୍ଧ ଦାଶ, 'କଳିଙ୍ଗ'ର ସଂପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଆଜିର ଏ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇଛନ୍ତି । ସେମାନଙ୍କ ପାଖରେ ଆମେ କୃତଜ୍ଞ ରହିବୁ । ଆଜିର ଏହି ସମାବେଶରେ ସହଯୋଗ କରିଥିବା ସମସ୍ତ ସାହିତ୍ୟପ୍ରେମୀ ଜନତା ଓ ନୀଳକଂଠ ସ୍ମୃତି ଉପାସକ ସୁଧୀବୃନ୍ଦଙ୍କୁ ଆମେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଉଛୁ । ଇତି ।

ତା ୩୦ । ୩ । ୭୯ **ନିତ୍ୟାନନ୍ଦ ଶତପଥୀ**

Digitized by PPRACHIN, SOA

# ଆଭାଷ

'ପଣ୍ଡିତ' ଉପାଧି ପ୍ରକୃତରେ ନୀଳକଣ୍ଠଙ୍କୁ ସାଜୁଥିଲା; ଆଜୀବନ ପାଣ୍ଡିତ୍ୟର ମହତ୍ତ୍ୱ ସେ ରକ୍ଷା କରିଥିଲେ; ପଢ଼ୁ ପଢ଼ୁ ତାଙ୍କର ବର୍ଷବର୍ଷର ରାତି ପାହୁଥିଲା ଶେଯ ଉପରେ; ଶାନ୍ତି ନିକେତନରେ ତାଙ୍କୁ ଦେଖି ଠାକୁର ଫେରି ଆସିଛନ୍ତି ବୋଲି ସନ୍ଦେହ ଗୁଞ୍ଜନ ରଟିତ ହୋଇଗଲା । ଚକ୍ଷୁ ଦୁଇଟି ଉଜ୍ଜ୍ୱଳତମ, ଜ୍ଞାନଦୀପ୍ତିରେ ଭରା; ଓଡ଼ିଶାରେ ଏପରି ଆଉ ଦୁଇଟି ଚକ୍ଷୁ ଦେଖିବାର ସ୍ମରଣ ହେଉ ନାହିଁ । ଦାଢ଼ି ତାଙ୍କର ଭାର ନଥିଲା, ନିଶ କେବଳ ସଂସ୍କାରର ଇତିହାସ ବହି ଆସି ନ ଥିଲା, ସେ ସବୁ ବାଣୀର ଓଜସ୍ୱିତାରେ ଅଦ୍‌ଭୁତ ଭାବେ କ୍ରିୟାଶୀଳ ପ୍ରଭାବ ବିସ୍ତାର କରୁଥିଲା । ନୀଳକଣ୍ଠ ପ୍ରକୃତରେ 'ବଡ଼', ବଡ଼ ହେବାର ଉଚ୍ଚାକାଂକ୍ଷା ଜାଗ୍ରତ ହେଉଥିଲା ତାଙ୍କର ସଂସ୍ପର୍ଶରେ, ସଂସ୍କୃତିର ନବନବ ଦ୍ୱାର, ଚିନ୍ତାର ଅଦୃଶ୍ୟ ରହସ୍ୟମୟ ସ୍ତର ସବୁ ସେ ଉଦ୍‌ଘାଟନ କରୁଥିଲେ, ମୁହୂର୍ତ୍ତେ ମୁହୂର୍ତ୍ତେ ଚିରଯୁକ୍ତିବାଦୀ, ଯୁକ୍ତିକାମୀର ଯୁକ୍ତିକୁ ଉପଜୀବ୍ୟକରି ସେ ତାକୁ ପରାସ୍ତ କରୁଥିଲେ ।

ଅତୀତର ପୂଜାହାରୀ ସେ, ତଥାକଥିତ ଗତାନୁଗତିକତାର ଅନ୍ଧ-ଅନୁସରଣକୁ ବାଦଦେଇ; ବର୍ତ୍ତମାନର ସ୍ତାବକ ସେ । ବିଜ୍ଞାନ ଓ ହେତୁବାଦକୁ ସଂଗରେ ନେଇ । "ପରମ୍ପରା ଉପରେ ପରିସ୍ଥିତିକୁ ଥୋଇ ପୁରୋଦୃଷ୍ଟି ନିକ୍ଷେପ" କାଳର ବିସ୍ତୀର୍ଣ୍ଣ କ୍ଷେତ୍ରରେ ନୀଳକଣ୍ଠଙ୍କ ଜୀବନ ଓ ବସ୍ତୁର କଳନା ଓ ମୂଲ୍ୟାଙ୍କନ । ବିଶ୍ୱାସରେ ଚିରତରୁଣ, ନବନବଭାବ ଗ୍ରହଣରେ ଚିରନବୀନ, ସଂସ୍କାରରେ ସର୍ବାଗ୍ରଗାମୀ, ମୈତ୍ରୀଧର୍ମର ଉଦ୍‌ଭାବକ ଜଗନ୍ନାଥ ସଂସ୍କୃତିର ମୂର୍ତ୍ତିପ୍ରତୀକ, ଆର୍ଯ୍ୟଧର୍ମର ନୂତନ ପ୍ରବର୍ତ୍ତକ, ହିନ୍ଦୁ ବୈଶିଷ୍ଟ୍ୟର ସୂକ୍ଷ୍ମ ବିଶ୍ଳେଷକ; ମୌଳିକ ସମାଲୋଚକ, ଓଡ଼ିଆ ଭାଷାରେ ପୌରୁଷ ସମ୍ପନ୍ନ, ଦାର୍ଶନିକ ଭାବ ବିଶ୍ଳେଷକ, ଉନ୍ନତ ଗଦ୍ୟ ଶୈଳୀର ପ୍ରଚ୍ଛେଦକ, ଭକ୍ତିକ ମିଥ୍ୟା ଓ ଶାଠ୍ୟର ସଂହାରକ ନୀଳକଣ୍ଠ ଅନେକ ବଡ଼ । ଧର୍ମ ନାମରେ ଦାମ୍ଭିକତା, ତନ୍ତ୍ର ନାମରେ ବୀଭତ୍ସତା, ପ୍ରେମନାମରେ କାମାନ୍ଧତା, ବିଶ୍ୱଧର୍ମ ନାମରେ ଅବାସ୍ତବତା ସମ୍ଭବତ କେବେ କେଉଁଠି ସେ ସାଲିସ୍ କରି ନାହାନ୍ତି । କୃଷ୍ଣଙ୍କ ମଧ୍ୟରେ ଈଶ୍ୱରତ୍ୱ ଅପେକ୍ଷା ସେ କୂଟ-ନୀତିକତା ଅଧିକ ଦେଖିଛନ୍ତି; "କୃଷ୍ଣ ନ ଥିଲେ ମହାଭାରତରେ କ'ଣ କ୍ଷତି ହୋଇଥାନ୍ତା ?" ଗୋପବନ୍ଧୁ ତାଙ୍କ କଥା ଶୁଣି କହିଲେ–"ନୀଳକଣ୍ଠ, ସେ କଥା କହନାହିଁ, ପାପ ହେବ ।" ଈଶ୍ୱର ଆଲ୍ଲା ଚତରେ ନାମକୁ ମଧ୍ୟ ବାସ୍ତବ ପରିସ୍ଥିତିରେ ସେ ଗ୍ରହଣ କରି ପାରିନାହାନ୍ତି ।

Digitized by PPRACHIN, SOA

ପତ୍ରିକା ହିସାବରେ 'ନବଭାରତ' ସର୍ବଶୀର୍ଷରେ ରହିଥିଲା । 'କୋଣାର୍କ' 'ଖାରବେଳ', 'ସଂସ୍କୃତ ଓ ସଂସ୍କୃତି' 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' 'ଓଡ଼ିଆ ଭାଷା ଓ ସାହିତ୍ୟ', ଗୀତାଭାଷ୍ୟ ଓ ବହୁ ଉପାଦେୟ ପ୍ରବନ୍ଧ ନୀଳକଣ୍ଠ ରଚନା କରି ଯାଇଅଛନ୍ତି; ସାହିତ୍ୟ ତାଙ୍କର ଅବସର ବାସରର ସଖୀ ଥିଲି; ରାଜନୀତି ଥିଲି ସାଧନା ପଥର ଉର୍ବଶୀ, ତାଙ୍କୁ ଯୋଗଭ୍ରଷ୍ଟ କରିବାରେ ତାର ପ୍ରୟାସ ଥିଲା ପଦେ ପଦେ; ସେ ଦିଗରେ ବୈଫଲ୍ୟ ହୁଏ ତ ପରିପୂରକ ହୋଇଥିଲା ସାହିତ୍ୟର । ନାନାଦିଗରୁ ବିବେଚନା କଲେ ନୀଳକଣ୍ଠ ଏଯୁଗର ଜଣେ ଋଷି, ଅବଶ୍ୟ ସକ୍ରେଟିସ୍‌ଙ୍କ ପରି ଦାର୍ଶନିକ, ବ୍ୟାସ ବାଲ୍ମୀକଙ୍କ ପରି ବାଣୀ ବିଳାସୀ । ଭାରତର ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ ଭାବରେ, ଉତ୍କଳର ଜଣେ ଅଗ୍ରଯାୟୀ ନେତା ଭାବରେ ବନବିଦ୍ୟାଳୟର ଜଣେ ଶିକ୍ଷକ ଭାବରେ ନୀଳକଣ୍ଠ ଯୁଗ ପ୍ରବାହରେ ମଳିନ ହୋଇଯାଇ ପାରନ୍ତି, କିନ୍ତୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଚିରଭାସ୍ୱର ହୋଇରହିବେ ।

ବଞ୍ଚିଥିବା ବେଳେ ପଣ୍ଡିତଜୀଙ୍କୁ ତାଙ୍କ ଶୁଭେଚ୍ଛୁ ପ୍ରତିଭା ପୂଜକମାନଙ୍କ ରଚନା ସମ୍ବଳିତ ଖଣ୍ଡିଏ ଅଭିନନ୍ଦନଗ୍ରନ୍ଥ ଉପହାର ଦେବାର ଅଭିଳାଷ ଥିଲା । ନାନା କାରଣରୁ ତାହା ସମ୍ଭବ ହୋଇ ପାରିଲା ନାହିଁ, ତାଙ୍କ 'ବର୍ଷିକିଆ'କୁ ସ୍ମରଣିକା ଖଣ୍ଡି ଶ୍ରାଦ୍ଧ ସ୍ୱରୂପ ଦେଇଥିଲେ ତାଙ୍କ ଆତ୍ମା କିଞ୍ଚିତ ତୁଷ୍ଟ ହୋଇଥାଆନ୍ତା । ଏହା ମଧ୍ୟ ହୋଇ ପାରିଲା ନାହିଁ । ବିଳମ୍ବରେ ହେଉପଛେ 'କର୍ମ ନିଷ୍କ୍ରିୟତା ଅପେକ୍ଷା ଶ୍ରେୟସ୍କର' ଏହି ନ୍ୟାୟରେ ତାଙ୍କ ଯୋଗ୍ୟ ନ ହେଲେ ବି କାଉଁରିଆ କାଠି କେରିକ ଜାଳି ଆଜି ଅନ୍ତରରୁ ବଡ଼ବଡ଼ିଆ ଟେକିଦେଲୁ । ପୂଜ୍ୟପୂଜା ସଂସଦର ଆନ୍ତରିକତାରେ ସନ୍ଦେହ ନାହିଁ । ଚିର ଉଦାର ବିଦଗ୍ଧ ନୀଳକଣ୍ଠ ଏହା ଆଦରରେ ଗ୍ରହଣ କରିବେ; ମୋର ଧ୍ରୁବ ବିଶ୍ୱାସ । ନାନା ବାଧାବିଘ୍ନ ମଧ୍ୟରେ ସମ୍ପାଦକ ଅଧ୍ୟାପକ ଶ୍ରୀମାନ୍ ନିତ୍ୟାନନ୍ଦ ଶତପଥୀ, ସ୍ମରଣିକାର ଲେଖକ ଓ ପୃଷ୍ଠପୋଷକମାନେ 'ପୂଜ୍ୟପୂଜା'ର ମୌଳିକ ଉଦ୍ଦେଶ୍ୟ ସାଧନ କରିଛନ୍ତି । ସେମାନେ ସମସ୍ତେ ଧନ୍ୟବାଦାର୍ହ ।

କଟକ
ତା ୩୦ । ୩ । ୬୯

**ଡଃ କୁଞ୍ଜବିହାରୀ ଦାଶ**
ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ସଭାପତି, ପୂଜ୍ୟପୂଜା ସଂସଦ, ଓଡ଼ିଶା

Digitized by PPRACHIN, SOA



ଜନ୍ମ
ତା ୫ ଅଗଷ୍ଟ, ୧୮୮୪

ମୃତ୍ୟୁ
ତା ୬ ନଭେମ୍ବର, ୧୯୬୭

# ନୀଳକଣ୍ଠ ସ୍ମରଣିକା
## ୧୯୬୮-୬୯

Digitized by PPRACHIN, SOA

Digitized by PPRACHIN, SOA

# ନୀଳକଣ୍ଠ କାବ୍ୟ ପରିକ୍ରମା

ଡକ୍ଟର କୁଞ୍ଜବିହାରୀ ଦାଶ
ସଭାପତି, ଓଡ଼ିଶା ପୂଜ୍ୟପୂଜା ସଂସଦ

ନୀଳକଣ୍ଠ ପଣ୍ଡିତ; ପଣ୍ଡିତ ହେବାର ବାସନା ଥିଲା ତାଙ୍କର ଆମରଣ; ଆଜିରୁ ପୂର୍ବାପର ଜ୍ୟୋତି ଲିଭିବା ପର୍ଯ୍ୟନ୍ତ ସେ ପଢ଼ୁଥିଲେ । ସମସାମୟିକ ଉତ୍କଳରେ ତାଙ୍କ ପିପଠିସାର ତୁଳନା ନାହିଁ । ତା ତୁଳନାରେ କବି ହେବାର ବାସନା ତାଙ୍କର ଥିଲା ଗୌଣ । କବିତା ଲାଗି ସେ ଜୀବନର ଅଳ୍ପ କେତୋଟି ମୁହୂର୍ତ୍ତ ଦେଇଛନ୍ତି । 'ରାମଚଣ୍ଡୀଠାରେ ରାତ୍ରି ଓ ସକାଳ' ଲେଖିବାକୁ ତାଙ୍କୁ ସାତ ଦିନ ମାତ୍ର ଲାଗିଥିଲା; 'ମାୟାଦେବୀ' ଲେଖିବାକୁ ଲାଗିଥିଲା ଆଉ ସାତ ଦିନ । ସେ ଭାବରେ ହିସାବ କଲେ ମୌଳିକ କବିତା ରଚନା ଓ ଅନୁବାଦ ଲାଗି ତାଙ୍କୁ ମୋଟରେ ଦୁଇମାସ ସମୟ ଲାଗିଥିବ ।

କବିତା ରଚନା ଲାଗି ନୀଳକଣ୍ଠଙ୍କର ବ୍ୟୁତ୍ପତ୍ତି ଅଭ୍ୟାସଦ୍ୱାରା ପୁଷ୍ଟ ହୋଇ ନ ଥିଲା । ଆଜୀବନ ନିଷ୍ଠା ନ ଥିଲେ ବି ଦୃଢ଼ ଆତ୍ମପ୍ରତ୍ୟୟ ଥିଲା । କବିତା ରଚନାକୁ କଳାର ଏକ ଦୁରୂହ ଦିଗ ବୋଲି ସେ କେବେ ମନେ କରି ନ ଥିଲେ । ଭାବ ଲାଗି ତାଙ୍କୁ ଧ୍ୟାନସ୍ଥ ହେବାକୁ ପଡ଼ୁ ନ ଥିଲା । ଲଳିତ, ମଧୁର ଶବ୍ଦ ଯୋଜନା ଲାଗି ପ୍ରୟାସ କରିବାକୁ ହେଉ ନ ଥିଲା । ଶର ପ୍ରସ୍ତୁତ ସେ । ଜ୍ଞାନର କୌଣସି ପନ୍ଥା ତାଙ୍କ ପକ୍ଷେ ଦୁର୍ଗମ ନ ଥିଲା । ବକ୍ତୃତାରେ ଯେପରି କବିତା ରଚନାରେ ସେହିପରି ସେ ଅମଡ଼ା ମାଡ଼ି ଯାଉଥିଲେ, ନିଃସନ୍ଦେହ, ନିଃସଙ୍କୋଚ । ମନନଶୀଳ ପଦ ବା ପଂକ୍ତିସବୁ, କେତେବେଳେ ପଦ୍ୟ, କେତେବେଳେ ଗଦ୍ୟର । ସେଥିରେ ଅଭିଭୂତ ହେବାର ଯେତେ ନ ଥାଏ, ଚିନ୍ତିବାର ଥାଏ—ଈଶ୍ୱର, ଜନସମାଜ, ରାଜନୀତି, ଧର୍ମନୀତି, ପ୍ରେମପ୍ରୀତି କମ୍ବା ସଂସ୍କୃତି । ଭାବଗର୍ଭର ତାଙ୍କର କଥା, କାବ୍ୟ ବା ପ୍ରବନ୍ଧ ।

Digitized by PPRACHIN, SOA

'ପଦବିନ୍ୟାସ ମାନେ' ଚିତ୍ତ ହରଣ କରିନେବାର ଶକ୍ତି ନୀଳକଣ୍ଠଙ୍କ କବିତାର ନାହିଁ । ବାକ୍ ପଲ୍ଲବନରେ କଳାତ୍ୱର ହାନି, ବାକ୍ ସଂକୋଚନରେ ଦୁର୍ବୋଧତା, ଗଦ୍ୟର ଆବେଗଶୂନ୍ୟ ପଦ୍ୟ ରୂପ, ଭାବର ପୁନରୁକ୍ତି; ତୁଙ୍ଗ, ରଭସ, ଅନନ୍ତ, ବିସାର, ପ୍ରସାର, ଉପାନ୍ତ ପ୍ରଭୃତି ଶବ୍ଦର ବାରମ୍ବାର ପ୍ରୟୋଗ, ଶବ୍ଦାଡ଼ମ୍ବର, ନୀଳକଣ୍ଠ ଆଖି ଫେରାଇ ଦେଖିନାହାନ୍ତି, ଦେଖିବାର ପ୍ରୟୋଜନ ଅନୁଭବ କରିନାହାନ୍ତି ବୋଲି । ତାଙ୍କ ମନରେ କଳାଗତ ଅସଂପୂର୍ଣ୍ଣତାର ଅସନ୍ତୋଷ ନ ଥିଲା । ନୀଳକଣ୍ଠ ସମାଲୋଚକ, କିନ୍ତୁ ଆତ୍ମସମାଲୋଚନା ନ ଥିଲା ତାଙ୍କର କାବ୍ୟକ୍ଷେତ୍ରରେ, ଯାହା କଳାକୁ ଶାଣିତତର ଓ ଅଧିକ ପୂର୍ଣ୍ଣାଙ୍ଗ କରିଥାଏ ।

ତାଙ୍କ କବିତା ରଚନା ଏକ ସଂସ୍କାର ପ୍ରୟାସରୁ ଉଦ୍‌ଭୂତ । କିମ୍ବଦନ୍ତୀମାନେ କାବ୍ୟର ଆଧାର ହୋଇ ନ ପାରେ । ଯାହା ଜାତିର ପୌରୁଷ ପ୍ରଖ୍ୟାପକ, ମହତ୍ତ୍ୱଜ୍ଞାପକ, ତାହାହିଁ କବିତାର ଉପଜୀବ୍ୟ । ତେଣୁ ଉତ୍କଳର ଦୁଇ ବୀର ସମ୍ରାଟ ଖାରବେଳ ଓ ନରସିଂହଙ୍କୁ ନୂତନ ଭାବରେ ସେ ଲୋକଦୃଷ୍ଟିକୁ ଆଣିଛନ୍ତି ।

ଗୋପବନ୍ଧୁଙ୍କ ପରି ରାଧାନାଥଙ୍କ କବିତାର ସମାଲୋଚକ ସେ । କିନ୍ତୁ ରାଧାନାଥଙ୍କ ଛନ୍ଦ ବା ଭାବର ପରିଧି ଅତିକ୍ରମ କରିଯିବା ଉଭୟଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । କାବ୍ୟକଳା ପଥରେ ଆତ୍ମବିକାଶ ଲୋଡ଼ି ନାହାନ୍ତି ସେମାନେ; ଭାବ କର୍ମରେ ବିକଶିତ ହୋଇଛି; ଅବଶ୍ୟ ମହତ୍ତର ରୂପରେ ।

ରାଧାନାଥଙ୍କ 'ଚନ୍ଦ୍ରଭାଗା' ଅପେକ୍ଷା 'କୋଣାର୍କେ' ଅଧିକ ଗୁରୁ-ଗମ୍ଭୀର, ସାଂସ୍କୃତିକ ପରିପ୍ରେକ୍ଷି ନିଶ୍ଚିତଭାବେ ବିରାଟତର; ଦୃଷ୍ଟିକୋଣ ଅଧିକ ଅଭିନବ । ଯଥାର୍ଥରେ ଏହା ଏକ ମାନସିକ ଭ୍ରମଣ, ସଂସ୍କୃତିରୁ ସଂସ୍କୃତିକୁ; ବିଦଗ୍‌ଧର ଅନୁଭବ୍ୟ; କିନ୍ତୁ ଅଲୌକିକ ଆନନ୍ଦର ଲୀଳା ବିଳାସ କାବ୍ୟିକ ଭାଷାରେ ଏଥିରେ ରୂପାୟିତ ହୋଇ ପାରିନାହିଁ । ବାରମ୍ବାର ଅଧ୍ୟୟନର ଲିପ୍‌ସା ଜାଗ୍ରତ ହୁଏ ନାହିଁ । ଅଳ୍ପ କେତୋଟି ପଦ ବ୍ୟତୀତ ବହୁ ପଠନରେ ବି 'କୋଣାର୍କେ'ରୁ କିଛି ମନେ ରହେ ନାହିଁ । କିନ୍ତୁ ରାଧାନାଥ ମନରେ ଗୁମ୍ଫି ହୋଇଯାନ୍ତି ବିନା ପ୍ରୟାସରେ ।

Digitized by PPRACHIN, SOA

ନୀଳକଣ୍ଠ ସମାଲୋଚକରୁ ହୋଇଥିଲେ କବି । କିନ୍ତୁ କବିତା ଲେଖୁ ଲେଖୁ ସେ ହେଲେ ଗବେଷକ, ପ୍ରାବନ୍ଧିକ । 'କୋଣାର୍କ'ର ଅଧିକାଂଶ ଏକ ପଦ୍ୟ ପ୍ରବନ୍ଧ କହିଲେ ସତ୍ୟର ଅପଳାପ ହେବ ନାହିଁ ।

ଭାବାଦର୍ଶରେ ନୀଳକଣ୍ଠ ଭକ୍ତକବି ମଧୁସୂଦନଙ୍କ ନିକଟବର୍ତ୍ତୀ । କିନ୍ତୁ ଭକ୍ତକବିଙ୍କ ଭଗବତ୍ ଭକ୍ତିର ଶକ୍ତିକୁ ସେ ଗ୍ରହଣ କରି ପାରି ନାହାନ୍ତି । ତାଙ୍କ ଦୃଷ୍ଟିରେ ଏହା ଭକ୍ତିକ ମିଥ୍ୟା । ଏଇ ମିଥ୍ୟାଗୃର ଭାରତରେ ସବୁବେଳେ ଚାଲିଛି । ଯୋଗୀ, ସନ୍ନ୍ୟାସୀ, କପଟାଚାରୀ—ଦେବତାଙ୍କ ନାମରେ ନିଜ ବିଭୂତି ଦେଖାଇ ଏମାନେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଭକ୍ତକବିଙ୍କ କବିତାକୁ ସେ ନିନ୍ଦା କରିଛନ୍ତି—

ପ୍ରଭୁଙ୍କୁ ଦେଖିଲେ ଥରେ
ଆଉ ତ ନ ଛାଡ଼ିବିରେ
ମନ୍ଦି ଖମ୍ବେ ବାନ୍ଧି ରଖି······

ଉପଧା ମିଳନ ଏକ ଆଧୁନିକ ଅବତାରଣା, ବଙ୍ଗୀୟ ଶୈଳୀର ଅନ୍ଧାନୁସରଣ, ଓଡ଼ିଆ କାବ୍ୟର ଆଙ୍ଗିକ ପରମ୍ପରା ବିରୁଦ୍ଧ । ନୀଳକଣ୍ଠ ଉପଧା ମିଳନ ତ୍ୟାଗ କରିଥିଲେ । କିନ୍ତୁ ଭଗବତମାଳ ପ୍ରଭୃତି ମୌଳିକ ରଚନାରେ ଅବଲମ୍ବିତ ଏଇ ରୀତି ଅତି ପ୍ରାଚୀନ । ବୋଧହୁଏ, ସୁଶ୍ରାବ୍ୟତା ଯୋଗୁଁ ଏହା ଏକ ସ୍ଥାୟୀ ଜାତୀୟ ଅଭ୍ୟାସରେ ପରିଣତ ହୋଇଥିଲା । ଛନ୍ଦ ଦିଗରୁ ନୀଳକଣ୍ଠଙ୍କ କବିତାରେ କୌଣସି ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ନାହିଁ ।

ଉତ୍ତୁଙ୍ଗ, ସୁନ୍ଦର, ଚରିତ୍ରସୃଷ୍ଟି, ପୌରୁଷ ସମ୍ପନ୍ନ, ମହନୀୟ ବ୍ୟକ୍ତିତ୍ୱ ନିର୍ମାଣ ତାଙ୍କର ଲକ୍ଷ୍ୟ । ଯେଉଁ ପ୍ରେମରେ ତ୍ୟାଗ ନାହିଁ, ମହତ୍ତ୍ୱ ନାହିଁ, କବି ତାକୁ ଗ୍ରହଣ କରିନାହାନ୍ତି, ତେଣୁ ତାଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ ନିର୍ମାଣ ଓ କାବ୍ୟ ରଚନା ମଧ୍ୟରେ କୌଣସି ବୈଷମ୍ୟ ପରିଦୃଷ୍ଟ ହୁଏ ନାହିଁ । ଯାହା ଆମକୁ ଉନ୍ନୀତ କରେ, ଶୌର୍ଯ୍ୟବୀର୍ଯ୍ୟରେ ଉଦ୍ଦୀପ୍ତ କରେ, ଅନ୍ତରର ସୁପ୍ତ ଶକ୍ତିକୁ ଜାଗ୍ରତ କରେ, ତାହା କାବ୍ୟ । କାବ୍ୟ ରଚନା ଏକ ସୌଖୀନ ଭାବବିଳାସ ନୁହେଁ; ଜାତି ସଂଗଠନ ତାର ଲକ୍ଷ୍ୟ । କବି ଜାତିର ବିଧାତା, କବି ମହାନ୍ ଶିକ୍ଷକ; କବିତ୍ୱ ସହିତ ଶିକ୍ଷକତାର ମହନୀୟ ମିଳନ ଘଟାଇଛନ୍ତି ସେ । ଭଞ୍ଜୀୟ କବିତ୍ୱ ଯେତେ

Digitized by PPRACHIN, SOA

ବହିର୍ଲୋକର, ସେତେ ଅନ୍ତର୍ଲୋକର ଛବି ଫୁଟାଇ ପାରିନାହାନ୍ତି; ତେଣୁ ତାଙ୍କ କାବ୍ୟ ପାଠରେ ଆତ୍ମୋନ୍ନତିର ଅନୁଭବ ଆସେ ନାହିଁ, ଯେତେ ଶବ୍ଦାର୍ଥ ଜ୍ଞାନ, ବାକ୍‌ଚାତୁରୀ, ପାଣ୍ଡିତ୍ୟ ବୃଦ୍ଧିଲାଭ କଲେ ବି।

ନୀଳକଣ୍ଠଙ୍କ ନାରୀ ବୀରାଙ୍ଗନା, ଲାବଣ୍ୟବତୀ ବା ନାୟିକା ପରି କେବଳ ପ୍ରଣୟିନୀ ନୁହନ୍ତି। ଯୁବତୀର ମଞ୍ଜୁଳ ଯୌବନ ଶ୍ରୀ ସେ ଅଙ୍କନ କରି ନାହାନ୍ତି। ସେ ଖୋଜିଛନ୍ତି ଅନ୍ତରର ରୂପ, ଚରିତ୍ରର ଦୃଢ଼ତା, ପ୍ରାଣର ସ୍ୱରୂପ। ଚରିତ୍ର ବା ମାନବିକତା ବିନା ରୂପର କି ମୂଲ୍ୟ ?

ରାଧାନାଥଙ୍କ 'ଉଷା' ଅପେକ୍ଷା ଧୂସରୀ ଅଧିକ ମହୀୟସୀ। ଉଷା ପୌରୁଷପ୍ରବଣା, କିନ୍ତୁ ରଣକ୍ଷେତ୍ରରେ ନିଜକୁ ପ୍ରମାଣ ଦେବାର ଅବକାଶ ସେ ପାଇ ନାହାଁନ୍ତି। କୃଷକ ଲଳନା ଧୂସରୀର ଚରିତ୍ର ଚିତ୍ରିବାବେଳେ ହୁଏତ ଫ୍ରାନ୍‌ସର ବୀରାଙ୍ଗନା ଜୋଆନ୍ ଅଫ୍ ଆର୍କଙ୍କୁ ସେ ମନେ ପକାଇଛନ୍ତି। 'ବୀରଭୋଗ୍ୟା ବସୁନ୍ଧରା'। ଭୀରୁ, ଭୋଗ୍ୟ-ସର୍ବସ୍ୱଙ୍କୁ ସେ ସ୍ୱକାବ୍ୟରେ ସ୍ଥାନ ଦେଇନାହାନ୍ତି; ଉଦାର ଆଦର୍ଶ ଓ ଉନ୍ନତ ମାନବିକତାର ନମୁନା ସେ ବାଢ଼ିଛନ୍ତି। ବୀର ଯୁବକ,ତ୍ୟାଗୀ, କର୍ତ୍ତବ୍ୟ-ପରାୟଣ, ସତ୍ୟବାଦୀ, ସାଧକ ଯୁବକ (ଯେ ଦେଶକୁ ସ୍ୱାଧୀନ କରିବେ, ସର୍ବତୋଭାବେ ଜାତିର ଟେକ ରଖିବେ), ଗଢ଼ିବା ତାଙ୍କର ଲକ୍ଷ୍ୟ। ତେଣୁ ଖାରବେଳ, ନରସିଂହ, ଧୂସରୀ, ମାୟାଦେବୀଙ୍କୁ ସେ ଆଗେ ଆଗେ ଚଳାଇ ନେଇଛନ୍ତି—ଆହ୍ୱାନ କରିଛନ୍ତି ତରୁଣତରୁଣୀମାନଙ୍କୁ ସେମାନଙ୍କୁ ଅନୁସରଣ କରିବା ଲାଗି। ତେଣୁ ତାରୁଣ୍ୟର ତରଳତା ଅପେକ୍ଷା ବୀରର ମର୍ଯ୍ୟାଦା-ବୋଧ, ଦୁର୍ଦ୍ଧର୍ଷତା, ଦୁର୍ଗମକୁ ଲଙ୍ଘି ଯିବା, ଦୁସ୍ତରକୁ ତରିଯିବାର ଉଦ୍ଦାମତା ନୀଳକଣ୍ଠୀୟ କାବ୍ୟରେ ଅଧିକ ମାତ୍ରାରେ ଫୁଟିଛି। ମହତ୍ତମ ଜୀବନର ଜୟ ଦୁନ୍ଦୁଭି ତାଙ୍କ କାବ୍ୟରୁ ଆମେ ଶୁଣିବାକୁ ପାଉଁ। ପ୍ରକୃତରେ ଏହା ଏକ ବିପ୍ଳବ, ଭଞ୍ଜୀୟ ଓ ରାଧାନାଥୀୟ ଭାବଧାରା ବିରୁଦ୍ଧରେ। ଯାହା ମନୁଷ୍ୟକୁ ଅଳସ, ଅଥର୍ବ କରେ, ଯେତେ କବିତ୍ୱ ଥିଲେ ବି ତାଙ୍କ କଳ୍ପନାରେ ତାହା କାବ୍ୟ ପଦବାଚ୍ୟ ନୁହେ। 'ଧୋବାଯୂଆ', ଗୀତ ଶୁଣାଇ ପାଠକର ତନ୍ଦ୍ରାଳୁ ମନକୁ ଶୁଖାଇ ପକାଇବା ସପକ୍ଷରେ ସେ ନୁହନ୍ତି, ଗିରି ସଙ୍କଟରୁ ବିଷମ ପଥରେ ତାଙ୍କ କାବ୍ୟର ନିର୍ଝରିଣୀ ବୋହି ଆସିଲା ପରି ଲାଗେ, କର୍କଶ, କଠିନ ଶବ୍ଦାବଳୀ ସେ ଜାଣିଶୁଣି ସଂସ୍କୃତରୁ ନେଇ ଆଣିଛନ୍ତି; ଭବଭୂତି ତାଙ୍କର ଆଦର୍ଶ, ଜୟଦେବ ବିପରୀତ କୋଟୀରେ ଅବସ୍ଥିତ।

Digitized by PPRACHIN, SOA

'ରମଚଣ୍ଡୀରେ ରାତ୍ରି ଓ ସକାଳ' ଏହାର ଆରମ୍ଭ ବେଶ୍ ନାଟକୀୟ; କୁମାର ପୂର୍ଣ୍ଣିମା; କିନ୍ତୁ ସ୍ନିଗ୍ଧ ଜ୍ୟୋତ୍ସ୍ନା ନାହିଁ—ଆଶାଢ଼ିତ ପ୍ରଚଣ୍ଡ ଝଞ୍ଜା, ଏହା ଆକାଶ ଓ ପୃଥିବୀରେ କେବଳ ଆଲୋଡ଼ନ ସୃଷ୍ଟି କରିନାହିଁ । କବି ହୃଦୟକୁ ଉନ୍ମଥିତ କରିଛି—ସେଥିରୁ ବାହାରିଛି ଅମୃତ ପରିସିକ୍ତ ମନରୁ ଏକ ରସମୟ କାବ୍ୟ । ଗୁରୁବତ୍ସଳତା, ପାରିବାରିକ ସ୍ନେହର ଧାରରେ ତାର ଓଙ୍କାର; ଲମ୍ବିଯାଇଛି ସେଇ ମନ ସୁଦୂର ଅତୀତକୁ; ଉତ୍କଳର ସାଂସ୍କୃତିକ ମହତ୍ତ୍ୱ, ବୀରତ୍ୱର ଗୌରବ ଗାରିମା, ଆତ୍ମତ୍ୟାଗର ମହିମା ଝଞ୍ଜାର ଗର୍ଜନ ସହିତ ଝଙ୍କୃତ ହୋଇଛି । ଜଳ, ସ୍ଥଳ ସର୍ବତ୍ର ଉତ୍କଳର ଅପ୍ରତିହତ ପ୍ରଭାବ—ଉତ୍ତୁଙ୍ଗ ଦୁର୍ଗ, ଦୁର୍ଦ୍ଧର୍ଷ କୃଷକବାହିନୀ; ବିପୁଳ ସାମ୍ରାଜ୍ୟ, ଚମତ୍କାର ମନ୍ଦିର, ବିଶ୍ୱ ମୈତ୍ରୀର ପ୍ରତୀକ ଜଗନ୍ନାଥ—ଏକ ସମ୍ପୂର୍ଣ୍ଣ ଭିନ୍ନ ଜାତିର ଚିତ୍ର କବି ଆଖି ଆଗରେ ନଚାଇ ଦେଇଛନ୍ତି ।

ଭବଭୂତିଙ୍କ ପ୍ରକୃତି ପରି ତାଙ୍କର ପ୍ରକୃତି ଦୁର୍ଦ୍ଧମନୀୟ; କିନ୍ତୁ କବିକୁ ସୃଷ୍ଟିଶୀଳ କରେ ସେ, ମନୁଷ୍ୟକୁ ନିଜ ଉପରେ ନିର୍ଭର କରିବାକୁ ଶିକ୍ଷା ଦିଏ ସେ ।

ଭବଭୂତିଙ୍କ ପରି କରୁଣ ରସକୁ ହିଁ ସେ ପ୍ରାଧାନ୍ୟ ଦେଇଛନ୍ତି । ବାଇରନ୍‌ଙ୍କ 'Childe Harold's Pilgrimage'ରେ ବର୍ଣ୍ଣିତ ରୋମାନ୍ ଗୌରବକୁ ଏହା ସ୍ମରଣ କରାଇଦିଏ । ଅତୀତର ସ୍ମରଣରେ ଓ ପ୍ରକୃତି ଚିତ୍ରଣରେ ନୀଳକଣ୍ଠ ଭାବପ୍ରବଣ ଓ ରୋମାଣ୍ଟିକ୍; ସେଇ ଦୃଷ୍ଟିରୁ ସେ ଦୁଃଖବାଦୀ । ଗୁରୁ ଗମ୍ଭୀର ଗୌରବ ଓ ଅଶ୍ରୁଳ କାରୁଣ୍ୟର ଅନୁଭବ ପଦେ ପଦେ, ଜାତୀୟ ମର୍ଯ୍ୟାଦାବୋଧ, ନିବିଡ଼ ସଂସ୍କୃତି ପ୍ରୀତି ସଙ୍ଗେ ବୀରରସ ଓ ଆଧ୍ୟାତ୍ମିକ ମହତ୍ତ୍ୱର ମହନୀୟ ମାଧୁରୀ, ଏ ଆସ୍ୱାଦ ଅନବଦ୍ୟ ଅକଳ୍ପନୀୟ । ନୀଳକଣ୍ଠ ସେ ଦିଗରୁ ଅନନ୍ୟ-ସାଧାରଣ, ଭାବ ଗୌରବର ଉତ୍ତୁଙ୍ଗତା ଯୋଗୁଁ ତାଙ୍କ କାବ୍ୟ ଏବେ ଅନନୁକରଣୀୟ ହୋଇ ରହିଛି ।

କୋଣାର୍କ ମନ୍ଦିର ହୁଏତ ତାଜମହଲ ପରି ଏକ ସ୍ମୃତି ମନ୍ଦିର; ଏଥିରେ ପ୍ରତିଷ୍ଠିତ ଦେବତା ସୂର୍ଯ୍ୟ, ସେ ହୁଏତ ମାୟାର ଆତ୍ମା; ଭକ୍ତି ନୁହେଁ, ପ୍ରୀତି ହିଁ ଏଇ ମନ୍ଦିରର ଭିତ୍ତି । ସେଇ ପ୍ରୀତି ସୂର୍ଯ୍ୟଙ୍କ ପରି ଶୁଦ୍ଧ, ଉଜ୍ଜ୍ୱଳ, ମାୟାଦେବୀଙ୍କ ଅତୁଳନୀୟ ଶ୍ରୀ ହିଁ ସର୍ବତ୍ର ରୂପାୟିତ ।

Digitized by PPRACHIN, SOA

କବି ଅନୁଗୁଳ ରଜାଙ୍କ ଭାଟ ବଂଶର ଜଣେ ଭିକାରୀଠାରୁ ଶ୍ରୁତ କିମ୍ବଦନ୍ତୀକୁ 'ମାଧୁରୀଦେବୀ'ରେ ରୂପ ଦେଇଛନ୍ତି—"ଏଇ ଲୋକଟି ସଙ୍ଗେ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା କହିବା ଦରକାର ନାହିଁ । ସେତିକିବେଳେ ଇଂରେଜ କବି ସ୍କଟ୍‌ଙ୍କ 'Lay of The Last Minstrel' ମନେ ପଡ଼ିଥିଲା । ମୁଁ ଭାବିଥିଲି; ଏଇପରି ଗୋଟିଏ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ସେଇ ଭାଟ କଥାଟି ମନେ ପଡ଼ିଲା; ମୁଁ ମାଧୁରୀଦେବୀ କାବ୍ୟ ଲେଖିବାକୁ ବସି ପୁଣି ସପ୍ତାହକେ ଶେଷ କରି ପକାଇଲି ।'

'ହେମଚର୍ଣ୍ଣୀରେ ବୃତ୍ତି ଓ ମକାନ' ଗୋଟିଏ ପଦ୍ୟାପ୍ରିତ ଭ୍ରମଣ କାହାଣୀ—ଗୋଟିଏ ଗୀତି କବିତା; ଇତିହାସର ଗୌରବ କାହାଣୀ ମଧ୍ୟରେ ମୂର୍ତ୍ତି କବିଙ୍କ ବ୍ୟକ୍ତିକ ପ୍ରାଣପ୍ରାଚୁର୍ଯ୍ୟ ସ୍ପର୍ଶ ଆମେ ପାଉଁ । କିନ୍ତୁ ମାଧୁରୀଦେବୀ ପୂରାପୂରି ଇତିହାସ ବା କିଂବଦନ୍ତୀ ଆଧାରରେ ରଚିତ; ଇତିହାସ ସବାକ୍ ହୋଇଛି, କିଂବଦନ୍ତୀ ସତ୍ୟଘଟଣା ପରି ପ୍ରତ୍ୟୟ ଆଣିବାକୁ ସମର୍ଥ ହୋଇଛି । ମାଧୁରୀ ନନ୍ଦିକା ନୁହେଁ, କୌଶଲ୍ୟା ନୁହେ, ଗୌରୀ ନୁହେ, ସେ ନାରୀ ସମାଜର ମଥାମଣି; ବିଶ୍ୱ ସାହିତ୍ୟକୁ ଉତ୍କଳ-ସାହିତ୍ୟର ସେ ଏକ ମହନୀୟ ଦାନ । ମାଧୁରୀ ଯୁବତୀ ସୁଲଭ ମାଧୁରୀ ବିସ୍ତାର କରି ନାହିଁ; ତାର ପ୍ରୀତି ଓ ଆତ୍ମ ତ୍ୟାଗ ଯୋଗୁଁ ସେ ପ୍ରାଣେ ପ୍ରାଣେ ପ୍ରତିଷ୍ଠିତ ହୋଇ ପାରିଛି ।

'ମାଧୁରୀଦେବୀ' ଦୁଃଖାତ୍ମକ କାବ୍ୟ; କିନ୍ତୁ ଏହି ଦୁଃଖ ନୈରାଶ୍ୟ-ମୂଳକ ନୁହେ । ଏହା ସୁଖ ଅପେକ୍ଷା କାମ୍ୟତର— ଜୀବନର ବଞ୍ଚିବାର ଉତ୍ସ ସେ; ମାଧୁରୀ ଆମ ଅନ୍ତର୍ଲୋକରେ ଅମର ହୋଇ ରହିଛି ।

'ଖାରବେଳ' କାବ୍ୟକଳା ଦୃଷ୍ଟିରୁ 'କୋଣାର୍କ' ପରି ଉନ୍ନତ ହୋଇ ପାରିନାହିଁ । କିନ୍ତୁ ଧୂସୀ ଏକ ମହତ୍ ଚରିତ୍ର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଅଭିନବ ଅବତାରଣା ।

ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରେ ପାବଣ୍ଡପୁ ଯୁଦ୍ଧରେ କୃଷକପତି ସୈନ୍ୟ ଯୋଗାଇବେ ବୋଲି କଳିଙ୍ଗ ସମ୍ରାଟ ଖାରବେଳକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଧୂସୀ ପୁରୁଷ ବେଶରେ ଏଇ କୃଷକ ସେନାର ସେନାପତି ହୋଇଥିଲେ । ରଣପ୍ରାଙ୍ଗଣରେ ଖାରବେଳଙ୍କ ସହିତ

Digitized by PPRACHIN, SOA

ତାଙ୍କର ଅନ୍ତରଙ୍ଗତା ଜନ୍ମିଲା । ଖାରବେଳ ଓ ମିତ୍ର ଶକ୍ତିଙ୍କର ସୈନ୍ୟ ସିନ୍ଧୁପଥରେ ଏକତ୍ର ରହୁଥିବାବେଳେ ରାତ୍ରିକାଳରେ ଗ୍ରୀକ୍ ବୀର ଦମିତ୍ର ଅତର୍କିତ ଭାବେ ଆକ୍ରମଣ କଲେ । ପ୍ରଥମେ ହାଡ଼ବଡ଼େଇ ଗଲେ ବି ଗୋଟିଏ ଦିଗରୁ ଧୂସୀ, ଅନ୍ୟ ଦିଗରୁ ଖାରବେଳ ଆକ୍ରମଣ କରିବା ଫଳରେ ଦମିତ୍ର ସଂପୂର୍ଣ୍ଣ ରୂପେ ପରାଭୂତ ହେଲେ । କିନ୍ତୁ ଖାରବେଳ ଆହତ ହେଲେ । ତରୁଣୀ ସେନାପତି ଧୂସୀଙ୍କ ସେବା ଫଳରେ ସେ ଆରୋଗ୍ୟ ଲାଭକଲେ । କ୍ରୁଷକ ପୁରରେ ତରୁଣୀ ଧୂସୀଙ୍କ ସହିତ ଖାରବେଳଙ୍କର ମିଳନ ହେଲା । ଉଭୟଙ୍କ ପ୍ରଣୟରେ ହିଁ କାବ୍ୟ ଶେଷ ହୋଇଛି ।

ଖାରବେଳର ମଙ୍ଗଳାଚରଣରେ ଅଭିନବତ୍ୱ ଫୁଟି ଉଠିଛି ।

'କାହା ଯେବେ ଜୀବନ ମନ୍ଦିରେ
ଫୁଟେ ବିଶ୍ୱ କଳା ବଳଭବ
କାହାଯେବେ ନିଷ୍ଫଳ ଏ ଶୂନ୍ୟ ମହାକାଳ
ନାଚିଯାଏ ଅନନ୍ତ ବିଭବ ।

ପ୍ରେମର ଚିତ୍ର ବେଳେ ବେଳେ ଉଜ୍ଜ୍ୱଳ ବର୍ଣ୍ଣରେ ଫୁଟିଛି—

'ଗଗନେ ବୁଲଇ ମେଘ ଉଚ୍ଚେ ଭ୍ରମି ଭ୍ରମି
ସେ ତ ପୁଣି ଲେଉଟେ ତପ୍ତ ତୃଷିତ ମେଦିନୀ
ପ୍ରାଣରୁ ବାହାରି ପ୍ରେମ ଦିଶଇ ଉଦାର
ବିରହ ତାପିତ ପ୍ରାଣେ ଲେଉଟେ ଫେରିବାର ।
ପରାଣର ଅନୁଭବ ହଜିଯାଏ କାଳେ ।
କ୍ଷୁଦ୍ର ପ୍ରାଣେ ଫେରଇ ସେ ସ୍ମରଣ ସମ୍ଭାରେ ॥

'ପ୍ରଣୟିନୀ' ଟେନିସନ୍‌ଙ୍କ 'Princess'ର ଛାୟାରେ ଲିଖିତ; ଏହାର କେତେକାଂଶ 'ମୁକୁର' ରେ, ୧୯୧୯ ରେ ବାକି ଅଂଶ 'ସତ୍ୟବାଦୀରେ' ପ୍ରକାଶିତ ହୋଇଥିଲା, କିନ୍ତୁ ଏହା ଉତ୍କଳରେ ଲୋକପ୍ରିୟ ହୋଇ ପାରି ନାହିଁ ।

୧୯୨୩ରେ ହାଜାରିବାଗ୍ ଜେଲ୍‌ରେ ଥିଲାବେଳେ କବି ଟେନିସନ୍‌ଙ୍କ 'ଇନକ୍ ଆର୍ଡେନ୍' ଅବଲମ୍ବନରେ 'ଦାସ ନାଏକ' ରଚନା କରିଥିଲେ । କବି ଅବତରଣିକାରେ ଲେଖିଛନ୍ତି; 'ନାୟକର ସ୍ୱଭାବ

Digitized by PPRACHIN, SOA

ସୁଲଭ ସସ୍ତାଭ୍ଭ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତି ସାଧନ ସାହିତ୍ୟ ରାଜ୍ୟରେ ଗୋଟିଏ ନୂତନ ସ୍ୱଭାବ । ଏ ସ୍ୱଭାବ ମଧ୍ୟ ଏ କାବ୍ୟ ପ୍ରତି ମୋର ଆଦର ବଢ଼ାଇଥିଲା, ଏ କଥା କହି ରଖିବା ଉଚିତ ମନେ କରେ ।’

‘ଦାସ ନାଏକ’ ଗାଉଁଲି ଭାଷାରେ ଲିଖିତ; ମୌଳିକ କାବ୍ୟପରି ଏହା ଉପଭୋଗ୍ୟ । କବି ନାମ, ପରିବେଶ, ଚରିତ୍ର ସବୁ ଉତ୍କଳୀୟ କରିଛନ୍ତି; ଯଦି ବା ପ୍ରକୃତ ଉତ୍କଳୀୟ ଜୀବନ ସହିତ କାହାଣୀ ଗତ ଜୀବନର ସାମଞ୍ଜସ୍ୟ ଅଳ୍ପ । ‘ପ୍ରଣୟିନୀ’ ଠାରୁ ‘ଦାସ ନାଏକ’ର ଭାବ ସ୍ପଷ୍ଟତର ଓ ଭାଷା ପ୍ରାଞ୍ଜଳତର ହୋଇଅଛି । ମୌଳିକ କାବ୍ୟ ‘ଖାରବେଳ’ ଠାରୁ ମଧ୍ୟ ପ୍ରଖରତର ଗତିରେ ଏହାର ପ୍ରକାଶ ପ୍ରବାହ ଧାବମାନ । ଧାରଣା କରି ହୁଏ ନ-‘କୋଣାର୍କେ’ ଓ ‘ଆର୍ଯ୍ୟ ଜୀବନ’ର ଲେଖକ ଏତେ ଗାଉଁଲି ହୋଇ ପାରନ୍ତି ବୋଲି । ନୀଳକଣ୍ଠଙ୍କ କବି ବ୍ୟକ୍ତିତ୍ୱର ଗୋଟିଏ ଦିଗ ଏଇ କାବ୍ୟରେ ଧରା ଦେଇଛି; ସୁନ୍ଦରତର ଭାବରେ କିନ୍ତୁ ତାର ପୂର୍ଣ୍ଣାଙ୍ଗ ପ୍ରକାଶ ଆଉ ଦେଖିବାକୁ ମିଳେନି ।

‘ଦାସ ନାଏକ’ରେ ତିନୋଟି ଚରିତ୍ର-ଦାସ, ଲକ୍ଷ୍ମଣ ଓ ମେଲି । ପିଲାଦିନେ କୁଣ୍ଢେଇ ବାହାଘରରେ ମେଲି ଦୁଇଜଣଙ୍କର ବୋହୂ ସାଜିଥିଲା; କିନ୍ତୁ ସେଇ ପ୍ରୀତି ବୟସର ବୃଦ୍ଧି ସଙ୍ଗେ ଗାଢ଼ତର ହେବାକୁ ଲାଗିଲା । ପ୍ରଥମେ ଦାସ ସହିତ ମେଲିର ବିଭାଘର ହେଲା । ଦୁଇଟି ପୁଅ ଓ ଗୋଟିଏ ଝିଅ ଜନ୍ମ ହେଲେ । ବିକଟ ଦାରିଦ୍ର୍ୟ ଦାୟରେ ମାଛଧରା ନୌକାଟି ବିକ୍ରୀକରି ସେଇ ଟଙ୍କାରେ ‘ମେଲି’ ଲାଗି ଦୋକାନଟିଏ କରି ଦେଇ ଦାସ ଗୋଟିଏ ଜାହାଜରେ ଚୀନ୍ ଯାତ୍ରା କଲା ।

କିଛିକାଳ ପରେ ଅନଭିଜ୍ଞତା ଯୋଗୁଁ ମେଲିର ଦୋକାନ ଭାଙ୍ଗିଗଲା; ଔଷଧ ଓ ପଥ୍ୟ ଅଭାବରୁ ଝିଅଟି ମରିଗଲା । କିନ୍ତୁ ଏଇ ଘୋର ଦୁର୍ଦ୍ଦିନରେ ପିଲାଦିନର ପ୍ରଣୟୀ ଲକ୍ଷ୍ମଣ ଛିଡ଼ା ହେଲା । ବାର ବର୍ଷ ଅପେକ୍ଷା ପରେ ଦାସ ନ ଫେରିବାରୁ ମେଲି ଲକ୍ଷ୍ମଣଙ୍କୁ ଦୁତିୟ ହେଲା ।

ବିବାହର କେତେ ବର୍ଷପରେ ନାନା ଦୁର୍ଦ୍ଦଶା ଭୋଗି ଦାସ ସ୍ୱଦେଶକୁ ଫେରିଲା, କିନ୍ତୁ ମେଲି ଓ ଲକ୍ଷ୍ମଣଙ୍କ ସୁଖର ସଂସାରରେ ସେ ଆଘାତ

Digitized by PPRACHIN, SOA

ଆଣିଲ ନାହିଁ । ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କୁ ସୁଖରେ ଥିବାର ଦେଖି ବରଂ ସେ ସୁଖୀ ହେଲ, ଜୀବନର ଅବଶିଷ୍ଟାଂଶ ବହୁ ଦୁଃଖରେ ଯାପନ କଲେ ବି ସେ ଆତ୍ମ ପରିଚୟ ଦେଲ ନାହିଁ ।

ଦାସ ଓ ଲକ୍ଷ୍ମଣ ଉଭୟେ ଉଚ୍ଚ କୋଟୀର ପ୍ରଣୟୀ; ପ୍ରତିଯୋଗିତାର ଜିଘାଂସା ସେଥିରେ ନ ଥିଲା-ଥିଲା ଦୁଃଖବରଣ । ନିବିଡ଼ ପ୍ରେମ ହିଁ ନାୟକଙ୍କ ଚିତ୍ତ ଓ ଚରିତ୍ରକୁ ବିଶୁଦ୍ଧ ରଖିଥିଲା । ପ୍ରଣୟିନୀର ସୁଖ ଲାଗି ଉଭୟେ ଯେ କୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । 'ମେରି'ର ଧୈର୍ଯ୍ୟ, ସହିଷ୍ଣୁତା, ନିଷ୍ଠା ମଧ୍ୟ ଉଚ୍ଚକୋଟୀର ।

ଶିଶୁ ସାହିତ୍ୟ ଲେଖକ ହିସାବରେ ନୀଳକଣ୍ଠ ଯଶସ୍ୱୀ ହୋଇଛନ୍ତି; ଏହା ମୁଖ୍ୟତଃ ଗଦ୍ୟ ଲାଗି; ତାଙ୍କ ଶିଶୁ କବିତା ସବୁ ପାଠ୍ୟପୁସ୍ତକ ଲାଗି ରଚିତ । ସେଥିମଧ୍ୟରୁ କେତେକ ଦେଶାତ୍ମବୋଧକ, କେତେକ କୃଷକ, କୃଷି, ଗୋଧନକୁ କେନ୍ଦ୍ର କରି ବର୍ଣ୍ଣନାତ୍ମକ ଛାନ୍ଦରେ ରଚିତ; କିନ୍ତୁ ସେ ସବୁରେ ନନ୍ଦକିଶୋରଙ୍କ କଳ୍ପନା ବିଳାସ ନାହିଁ, ଗୁରୁ କବିଙ୍କ ନୀତି ଉପଦେଶ ବା ଶିକ୍ଷାଦାନ ପ୍ରବୃତ୍ତି ପୂରି ରହିଛି । ଶିଶୁମାନଙ୍କ ମନରେ ସେ ସବୁ କୌତୂହଳ ସୃଷ୍ଟି କରିପାରେ ନାହିଁ । 'ବେଙ୍ଗ ଓ ବୁଢ଼ିଆଣୀ', 'ମାଛି ଓ ବୁଢ଼ିଆଣୀ' 'ଚକା ଫଳ ନ ଖାଉଁ' କବିତା ତିନିଗୋଟି ମାତ୍ର ରସୋତ୍ତୀର୍ଣ୍ଣ ହୋଇଅଛି ।

ବହିର୍ଲୋକ ବା ଅନ୍ତର୍ଲୋକର ସୁନ୍ଦର, ଉଦାର, ମହାନ୍, ଗମ୍ଭୀର ବିଭବ ତାଙ୍କ କବି ମନକୁ ଆଲୋଡ଼ିତ କରିଅଛି । ସୀମା ମଧ୍ୟରେ ଅସୀମ, ମୃତ ମଧ୍ୟରେ ଅମୃତର ଅନୁସନ୍ଧାନୀ ସେ । ସଂସ୍କୃତରେ ଭବଭୂତି; ଶ୍ରୀହର୍ଷ, ବାଣଭଟ୍ଟ, ଇଂରାଜୀରେ ମିଲଟନ୍, ଟେନିସନ୍, କାରଲାଇଲ୍, ଜନ୍‌ସନ୍ ତାଙ୍କର ଆଦର୍ଶ ।

ନୀଳକଣ୍ଠଙ୍କ କାବ୍ୟ ପରିକ୍ରମା ବଡ଼ ଦେଉଳ ପରିକ୍ରମା ପରି ଲାଗେ । ସେ କାବ୍ୟାଲୋକରେ ଏକ ସ୍ଥାୟୀ ଆସନର ଅଧିକାରୀ । କିନ୍ତୁ 'କୋଣାର୍କ' ଅନନୁକୃତ ଓ ତାଙ୍କ ଧାରା ନିର୍ଝର ପରି ଗତିଶୀଳ ହୋଇପାରିଲା ନାହିଁ । ତାଙ୍କ କାବ୍ୟ ରହିଗଲା ଏକ ସ୍ୱତନ୍ତ୍ର, ସୁଗଭୀର, ସୁନିର୍ମଳ ହ୍ରଦ ପରି, ହିଁ ବିଦଗ୍ଧର ମହାତୀର୍ଥ ହୋଇ ।

●

Digitized by PPRACHIN, SOA

# ନୀଳକଂଠଂକ ଗଦ୍ୟଶୈଳୀ

## ଅଧ୍ୟାପକ ଡକ୍ଟର ନରେନ୍ଦ୍ରନାଥ ମିଶ୍ର

"ମୋର ଏବେ ମଧ୍ୟ ନିଜ ଲେଖାରେ ଆତ୍ମଦୈନ୍ୟର ଭାବ ବରାବର ଯାଇନାହିଁ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ ପାଇଲେ ମୁଁ ପ୍ରାୟ ସାହସ କରି ପ୍ରକାଶ କରେ ନାହିଁ ।···କେହି କୌଣସି ଅଂଶ ଆଛା ଲାଗୁନାଇ ବୋଲି କହିଲେ ତତ୍‌କ୍ଷଣାତ୍ ବଦଳାଇ ଦିଏ ଓ ପୁଣି ଶୁଣାଏ ।"

( ଆତ୍ମଜୀବନୀ··· ପୃ: ୩୬-୩୭ )

ନୀଳକଂଠଂକ ଗଦ୍ୟଶୈଳୀର ସ୍ୱରୂପ ଦୁଇ ଭାବରେ ବିଚାର କରାଯାଇ ପାରେ-ପ୍ରଥମତଃ ନୀଳକଂଠଂକ ଉପାଦାନ ଭିତ୍ତିରେ; ଦ୍ୱିତୀୟତଃ ବିଶିଷ୍ଟ ଗଦ୍ୟ ଲେଖକଙ୍କ ବିଷୟରେ ପ୍ରଦତ୍ତ ନୀଳକଂଠଂକ ମନ୍ତବ୍ୟର ତଥ୍ୟ ଭିତ୍ତିରେ ।

ଗଦ୍ୟ ଭାବ ବିନିମୟରେ ଏକ ସାଧାରଣ ବ୍ୟାବହାରିକ ସାଧନ । ଲୋକମୁଖର କଥିତ ଭାଷା ଏହାର ଭିତ୍ତି । ସ୍ୱାଭାବିକତା ଓ ପ୍ରାକୃତିକତା ଏହାର ଧର୍ମ । ଆଧୁନିକ ଓଡ଼ିଆ ଗଦ୍ୟକୁ ଲୋକଜୀବନର ନିକଟବର୍ତ୍ତୀ କରିବା ନୀଳକଂଠଂକର ଉଦ୍ଦେଶ୍ୟ ଥିଲା । ଓଡ଼ିଆ ଗଦ୍ୟର ପ୍ରାଚୀନ ଉତ୍ତରାଧିକାର ବିଷୟରେ ସେ ସଚେତନ ଥିଲେ । ଓଡ଼ିଆର ଭାସ୍କର୍ଯ୍ୟକୃତିର ଛନ୍ଦ ଓ ବଳିଷ୍ଠତା ଓଡ଼ିଆ ଗଦ୍ୟ ଭାଷାରେ ଜୀବନ୍ତ ପ୍ରକାଶିତ । କୋଣାର୍କ ମନ୍ଦିରର ନିର୍ମାଣ କାଳରୁ ଓଡ଼ିଆରେ ଗଦ୍ୟର ବ୍ୟାବହାରିକ ପ୍ରୟୋଗର ନିଦର୍ଶନ ମିଳେ । ଖୁବ୍ ସମ୍ଭବତଃ ଅଶୋକଙ୍କ ସମୟରୁ ଓଡ଼ିଆମାନେ ଏକ ବଳିଷ୍ଠ ଭାଷାର ଅଧିକାରୀ ଥିଲେ । ଓଡ଼ିଆଙ୍କ କଥିତ ଭାଷା ବା ଓଡ଼ିଆ ରାଜ୍ୟର ପ୍ରାକୃତଭାଷା ସାହିତ୍ୟିକ ବ୍ୟବହାରରେ 'ପାଲି' ବା ପାଲି ଭାଷାର ଆକାର

Digitized by PPRACHIN, SOA

ଧାରଣ କରିଥିଲା । ଗୌରବର ତୁଙ୍ଗ ମହିମାରେ ପ୍ରତିଷ୍ଠିତ ପ୍ରାଗ୍ ଐତିହାସିକ ଏହି ଓଡ଼ିଆ ଭାଷାର ଶବ୍ଦ ସୂଚନା ନେପାଳଠାରୁ ସିଂହଳ ପର୍ଯ୍ୟନ୍ତ ସୁଦୂର ଭୂମି ଖଣ୍ଡରୁ ଏବେ ବି ସଂଗ୍ରହ କରାଯାଇ ପାରେ । ଓଡ଼ିଆ ଏକ ସମନ୍ୱୟକାମୀ ଓ ସର୍ଜନାତ୍ମକ ଭାଷା । ବୈଦିକ ପ୍ରାକୃତରୁ ଅଙ୍କୁରିତ ହୋଇ, ନିଷାଦ ଓ ଦ୍ରାବିଡ଼ ଭାଷାର ସମନ୍ୱୟରେ ସୁଦୀର୍ଘ କ୍ରମପରିଣତି ପଥରେ ଏହା ବିକଶିତ । ଷୋଡ଼ଶ ଶତକରୁ ଓଡ଼ିଆ ସାହିତ୍ୟ ସୃଷ୍ଟି ଉଦ୍ଦେଶ୍ୟରେ ଗଦ୍ୟ ବ୍ୟବହୃତ ।

ଊନବିଂଶ ଶତକର ଶେଷପାଦରେ ଆଧୁନିକ ଓଡ଼ିଆ ଗଦ୍ୟ ବିକାଶ ଲାଭକଲା । ନବଯୁଗର ଗଦ୍ୟ ଲେଖକଗଣ ହୁଏ ତ ଏହି ଉତ୍ତରାଧିକାର ବିଷୟରେ ସଚେତନ ନ ଥିଲେ । ମାତ୍ର ଲୋକ ମୁଖର ଭାଷାରେ ଓଡ଼ିଆ ଗଦ୍ୟର ପ୍ରାଚୀନ ଓ ସମୃଦ୍ଧ ରୂପ ମୂର୍ତ୍ତିମନ୍ତ ଓ ଜୀବନ୍ତ ହୋଇ ରହିଥିଲା । ଏଥିପ୍ରତି ଲେଖକମାନେ ଉନ୍ମୁଖ ନ ଥିଲେ । ସେମାନଙ୍କୁ ଗଦ୍ୟ ରଚନାର ଦୁଇଟି ଆଦର୍ଶ ପ୍ରଭାବିତ କରିଥିଲା । ଗୋଟିଏ ପ୍ରାଚୀନ ସଂସ୍କୃତର, ଅନ୍ୟଟି ନବୀନ ପାଶ୍ଚାତ୍ୟର । ନବୀନ ଧାରାଟି ପୁଣି ବଙ୍ଗଳା ମଧ୍ୟ ଦେଇ ପ୍ରବେଶ କରିଥିଲା । ଫଳରେ ଆଧୁନିକ ଜୀବନର ଉପଯୋଗୀ ଗଦ୍ୟର ସ୍ୱାଭାବିକ ବିକାଶ ଧାରା ବ୍ୟାହତ ହୋଇଥିଲା ।

ବିଂଶ ଶତକର ପ୍ରଥମ ପାଦ ଓଡ଼ିଶାରେ ନବ ଜାଗରଣ ସମୟ । ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଆତ୍ମ ପ୍ରତିଷ୍ଠାର ଭାବ ଜାଗ୍ରତ ହୋଇଥିଲା । ଆହରଣ ଓ ଅନୁକରଣର ବିରୋଧ କରାଗଲା । ପ୍ରାକୃତ ଓ ପ୍ରାଚୀନର ପୁନର୍ଜୀବନରେ ଜାତୀୟ ଆତ୍ମ ପ୍ରକାଶର ନୂତନ ପ୍ରୟାସ ଆରମ୍ଭ ହେଲା । ସ୍ୱର୍ଗତଃ ଗୋପୀନାଥ ନନ୍ଦଶର୍ମା ନୂତନ ଆଲୋଚନା ଓ ଭାଷାତତ୍ତ୍ୱ ବିଚାର ପ୍ରକାଶ କଲେ । ଏହି ଉଦ୍‌ବୋଧର ଭାବମୟ ଓ ଜ୍ଞାନମୟ ପ୍ରକାଶର ଶ୍ରେଷ୍ଠ ଅଭିବ୍ୟକ୍ତି ରୂପେ ନୀଳକଣ୍ଠଙ୍କ ଗଦ୍ୟର ବିଚାର କରାଯାଇପାରେ । ନୀଳକଣ୍ଠ ଧାରାବାହିକଭାବରେ ପ୍ରୟୋଗାତ୍ମକ ଓ ବର୍ଣ୍ଣନାତ୍ମକ ରୀତିରେ ଓଡ଼ିଆ ଭାଷାରେ ବ୍ୟାକରଣ ରଚନାରେ ବ୍ରତୀ ହୋଇଥିଲେ । ଶିଷ୍ଟ ଓଡ଼ିଆକୁ ସାର୍ବଜନୀନ ଭିତ୍ତିରେ ଏକ ଶକ୍ତିଶାଳୀ ଭାବପ୍ରକାଶକ୍ଷମ ଭାଷାରେ ପରିଣତ କରିବା ତାଙ୍କର ଲକ୍ଷ୍ୟ ଥିଲା । ଓଡ଼ିଆ ଭାଷା ଓ ବ୍ୟାକରଣ ପ୍ରବନ୍ଧରେ ଏହି ପ୍ରସଙ୍ଗରେ ନୀଳକଣ୍ଠ ଲେଖିଥିଲେ;—

Digitized by PPRACHIN, SOA

"ସମାଜର ଗତି ସଙ୍ଗେ ଓଡ଼ିଆ ଭାଷାର ବିକାଶ ହୋଇନାହିଁ ।···ଅନ୍ତତଃ ପ୍ରାୟ ଅଢ଼େଇ ହଜାର ବର୍ଷ ହେବ ଏଇ ଓଡ଼ିଆ ଭୂମିରେ ସଂସ୍କୃତମୂଳକ ଭାଷା ପୂରାଇବାର ଉଦ୍ୟମ ଚାଲିଆସିଛି । ଉପର ଆଡ଼ୁ ଏ ଭାଷା ପଶି ଆଦିବାସୀଙ୍କ ଆଡ଼କୁ ପ୍ରସରୁଛି । କ୍ରମେ ଆଦିବାସୀଙ୍କ ଭାଷାର ଶବ୍ଦ ଓ ଅନ୍ୟାନ୍ୟ ଲକ୍ଷଣମାନ ବି ଓଡ଼ିଆରେ ପଶି ଯାଇଛି । କିନ୍ତୁ, ତଥାପି ଭାଷାର ସ୍ୱାଧୀନ ଗତି ହେଉ ନାହିଁ । ଲୋକ ସାହିତ୍ୟ ଫୁଟୁ ନାହିଁ ।" ପୃ: ୯୭.
ପୁଣି ଏଇ ପ୍ରବନ୍ଧରେ ନବଯୁଗର ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଲେଖିଥିଲେ—ଏଥିରେ ଭାଷା କେବଳ ସଂସ୍କୃତ ବହୁଳ ନୁହେ । ଭାବ ଭାବ ମଧ୍ୟ ବହୁ ପରିମାଣରେ ବିଦେଶୀ ।" (୯୭ ପୃ:) ଓଡ଼ିଆ ବ୍ୟାକରଣର କେତୋଟି ସମସ୍ୟା ପ୍ରବନ୍ଧରେ ଲେଖିଥିଲେ— "ପ୍ରଚଳିତ ବ୍ୟାକରଣ ମାନଙ୍କରେ ଓଡ଼ିଆ ଶବ୍ଦର ବିଚାର ନାହିଁ । ଯାହା ବା ଅଛି, ତାହା ଅନାଦରରେ ଅଭିଶପ୍ତ ପରି ପୁସ୍ତକରେ ଲାଗି ରହିଛି ମାତ୍ର ।······ ମାତୃଭାଷାରେ ଶିକ୍ଷା ଦେବାର ଉଦ୍ଦେଶ୍ୟ ହେଉଛି, ଶିକ୍ଷା ମନ୍ଦିରରେ ଶିଶୁକୁ ସର୍ବଦା ସ୍ୱାଭାବିକ ବେଷ୍ଟନୀରେ ରଖି ବଢ଼ାଇବାକୁ ହେବ । ମାତ୍ର ଆମ "ପୁସ୍ତକ-ଓଡ଼ିଆ" ବା ତଥା କଥିତ ଶୁଦ୍ଧ ଓଡ଼ିଆରେ ସେ ବେଷ୍ଟନୀ ମିଳୁ ନାହିଁ ।···ଯାହା ମନକୁ ଯାହା ପାଉଛି ସେ ସେପରି କହୁଛି ଓ ଲେଖୁଛି । ପ୍ରଗତିର ଏ ଶୁଭ ଲକ୍ଷଣ ନୁହେ । ସ୍କୁଲ ଓ ବାହାରର ସାମଂଜସ୍ୟ ଛିଣ୍ଡାଇ ଦେଇ ପାଣ୍ଡିତ୍ୟର ଅହଂକାର କରିବା ବିଜ୍ଞତା ନୁହେ—ବରଂ ଏ ଯୁଗରେ ରୁଚିହୀନତା ।" (ପୃ: ୧୦୫)

ସାଧାରଣ ଭାବରେ ନବଯୁଗର ଓଡ଼ିଆ ଭାଷା ପ୍ରସଙ୍ଗରେ ନୀଳକଣ୍ଠଙ୍କ ମନ୍ତବ୍ୟ ଆଧୁନିକ ଯୁଗର ବିଶିଷ୍ଟ ଲେଖକଙ୍କ ବିଷୟରେ ମତାମତ ସହ ସାମଞ୍ଜସ୍ୟ ପୂର୍ଣ୍ଣ । ପ୍ରସଙ୍ଗ କ୍ରମେ ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ଭଳି କୃତି ଲେଖକଙ୍କଠାରେ ନୀଳକଣ୍ଠ ଭାଷାଗତ ଦୋଷ ଓ ଭାଷା ପ୍ରକାଶରେ ସ୍ପୃହଣୀୟ ଉପାଦାନ ସକଳ ଲକ୍ଷ୍ୟ କରିଥିଲେ । ତାହା ଅନୁଧ୍ୟାନ ଯୋଗ୍ୟ । ଫକୀର ମୋହନ ସ୍ୱାଭାବିକ ଗତିରେ ଲୋକ ଜୀବନର ଅନୁଧାବନ କରି ଲୋକ ଭାଷାରେ ଓଡ଼ିଆ ରାଜ୍ୟକୁ ପୁନର୍ଜୀବିତ କରିବାକୁ ଚାହିଁଥିଲେ । ମାତ୍ର ଅଲକ୍ଷ୍ୟରେ ସମକାଳୀନ ସାହିତ୍ୟିକ ଭାଷାରେ ଗୃହୀତ ଭ୍ରାନ୍ତି ଓ ଅନୁକରଣର ସେ ବଶବର୍ତ୍ତୀ ହୋଇଥିଲେ । ଏହା ସୂଚାଇ ଦେବାକୁ ଯାଇ ନୀଳକଣ୍ଠ ଲେଖିଛନ୍ତି — ନିଷ୍ଠାରେ ଅନୁକରଣ କଲେ, ଭୁଲ ମଧ୍ୟ ଠିକ୍ ବୋଲି ପଶି

Digitized by PPRACHIN, SOA

ପ୍ରତିଷ୍ଠିତ ହୋଇଯାଏ, ଯେପରିକ ମଧୁ, ରାଧାନାଥଙ୍କ କାଳରେ ଏବଂ, ସୁତରାଂ ପ୍ରଭୃତି ଶବ୍ଦ ଓଡ଼ିଆରେ ବୃଥାରେ ପଶି ଯାଇଛି । ଅବଶ୍ୟ ଫକୀର ମୋହନ ଏ ବିଷୟରେ ଜ୍ଞାତ ଅଜ୍ଞାତ ଭୁଲ ପାଇଁ ଦାୟୀ ନୁହନ୍ତି । ଫକୀରମୋହନ ଥିଲେ ଖାଣ୍ଟି ଓଡ଼ିଆ, ସହଜ ଓ ସୁନ୍ଦର କୌତୂହଳରେ, ଭାଷା ଓ ଭାବ ପ୍ରକାଶରେ ସେ ଓଡ଼ିଆ, ମଧୁ ରାଧାନାଥ ପ୍ରଭୃତି ତାହା ନୁହଁନ୍ତି । (ଓ: ପୂ: ସା: ପୃ: ୧୯୦)

ମଧୁସୂଦନ ଥିଲେ ଓଡ଼ିଆରେ ପ୍ରାବନ୍ଧିକ ଗଦ୍ୟଶୈଳୀର ଜନକ । ତାଙ୍କର ଗଦ୍ୟଶୈଳୀ ଓ ଭାଷାବିନ୍ୟାସ ପ୍ରସଙ୍ଗରେ ନୀଳକଣ୍ଠ ଲେଖିଥିଲେ— "ଅନେକ ଆକ୍ଷେପ କରନ୍ତି, ତାଙ୍କର ଭାଷା ସଂସ୍କୃତ ଗନ୍ଧରେ ଭରା ଏବଂ ସେହି ହେତୁରୁ ସଂପୂର୍ଣ୍ଣ ସ୍ୱାଭାବିକ ନୁହେଁ । ବାସ୍ତବିକ ସମାଜର ଗୃହଭାଷା, ଶବ୍ଦ ବିନ୍ୟାସରେ ଅସ୍ୱାଭାବିକତା ବାକ୍ୟ ଗଠନରେ ପ୍ରାଚୀନ ପଦ୍ଧତି, ଓଡ଼ିଆ କ୍ରିୟାମାନଙ୍କ ବହୁଳ ପ୍ରୟୋଗର ଅଭାବ, କୃଦନ୍ତ ତଦ୍ଧିତାଦିର ବିଶେଷ ଆଶ୍ରୟ, ଭାବ ପ୍ରକାଶରେ ଶବ୍ଦର ବ୍ୟୟ ସଙ୍କୋଚ ପ୍ରତି ଅନବଧାନତା, କେବଳ ସନ୍ଦର୍ଭ ସମ୍ପାଦନ ନିମନ୍ତେ ବିଶେଷଣାଦିର ପ୍ରୟୋଗ, ଲେଖନ ପ୍ରଣାଳୀରେ ଉଚ୍ଛୃଙ୍ଖଳ ସ୍ୱାଧୀନତାର ଅଭାବ, ବିନ୍ୟାସରେ ଅନୁପାତ ପ୍ରତି ବିଶେଷ ଦୃଷ୍ଟି ପ୍ରଭୃତି ଦେଖିଲେ, ଏ ମନ୍ତବ୍ୟ କେତେକ ପରିମାଣରେ ସତ୍ୟ ବୋଲି ବୋଧହୁଏ ।" ପୃ: ୨୧୨: ରାଧାନାଥଙ୍କ ଭାଷା ଘେନ ନୀଳକଣ୍ଠଙ୍କ ମନ୍ତବ୍ୟ ମଧ୍ୟ ଏଠାରେ ସ୍ମରଣ କରାଯାଇପାରେ ।

"ଭାଷାର ସାଧାରଣ ଲେଖନ ପଦ୍ଧତିରେ ମଧ୍ୟ ସ୍ଥଳ ବିଶେଷରେ ବଙ୍ଗଳାର ଅନୁକରଣ ଲକ୍ଷିତ ହୁଏ ।......ଆଉ ଗୋଟିଏ ବିଶିଷ୍ଟ ନୂତନ ଉପାଦାନ ରାଧାନାଥଙ୍କ ଭାଷାକୁ କ୍ଷତଗ୍ରସ୍ତ କରିଅଛି ।......ନିଜର ଶକ୍ତି ନ ଥିଲେ, ବଡ଼ ଲୋକଙ୍କର ଆଶ୍ରୟ ନେଲାପରି ଓଡ଼ିଆ ଲେଖକମାନେ ମାର୍ଜିତ ସଂସ୍କୃତର ଶକ୍ତିରେ ଭାଷାକୁ ଶକ୍ତିମନ୍ତ କରିବାକୁ ପ୍ରୟାସ କରୁଛନ୍ତି । ପ୍ରାଚୀନ ସାହିତ୍ୟ ଦେଖାଉଅଛି, ଆମ ଭାଷାରେ ମୌଳିକ ଶକ୍ତିର ଅଭାବ ନାହିଁ । ତେବେ ଆଜକାଲି ଆମର ସେ ଦିଗରେ ଗବେଷଣା ନ ଥିବାରୁ ତାହାର ହ୍ରାସ ହେଉଅଛି, ଏହା କେହି ଜ୍ଞାତସାରରେ କରୁ ନାହିଁ । ଲୋକେ ଅଜ୍ଞାତ ଭାବରେ ଅନ୍ୟ ଭାଷା ଅନୁକରଣ କରୁଅଛନ୍ତି । ରାଧାନାଥ ବଙ୍ଗ ଭାଷାରେ ପଣ୍ଡିତ ଥିଲେ ଓ ପ୍ରଥମେ ବଙ୍ଗଳାରେ ଲେଖିବାର ଆରମ୍ଭ

Digitized by PPRACHIN, SOA

କରି ପରେ ଓଡ଼ିଆରେ ଲେଖିବାର ମନସ୍ଥ କଲେ; ଓଡ଼ିଆ ଭାଷାର ମୌଳିକ ଶକ୍ତି ଅନୁସନ୍ଧାନ କରି ଦେଖିବାର ସୁବିଧା ସେ ପାଇ ନ ଥିଲେ ।···ଅନପଭ୍ରଷ୍ଟ ଶବ୍ଦ ବାହୁଲ୍ୟରେ ସ୍ଥାନେ ସ୍ଥାନେ ଅଯଥା ଭାରାକ୍ରାନ୍ତ ହେଲେ ହେଁ ବିଧାନାଥଙ୍କ ଲେଖା ପଦ୍ଧତିରେ ଗୋଟିଏ ବଡ଼ ଉଚ୍ଚ ଆଦର୍ଶ ସର୍ବଦା ପରିଲକ୍ଷିତ ହୁଏ ।···ଓଡ଼ିଆ ସାଧାରଣଙ୍କ ଭାଷାକୁ ନିଜର ସଂସ୍କୃତ ମୂଳକ ଭାଷାରେ ଅଙ୍ଗାଙ୍ଗୀ ଭାବରେ ବିହିତ ରଖିବା ଏହି ଆଦର୍ଶର ପ୍ରଧାନ ଉପକରଣ ।” (ପୃ: ୨୫୨—୨୫୪)

ସାଧାରଣ ଭାବରେ ଲୋକ ମୁଖରେ ଜୀବନ୍ତ ଓ ସୁଦୀର୍ଘ ସମୃଦ୍ଧ ପରମ୍ପରାରେ ପ୍ରତିଷ୍ଠିତ ଓଡ଼ିଆ ଗଦ୍ୟର ସ୍ୱାଭାବିକ ବିକାଶ ନୀଳକଣ୍ଠଙ୍କର ଅଭିପ୍ରେତ ଥିଲା । ଆହରଣରେ ଆତ୍ମବିସ୍ମୃତ ଅନୁକରଣ ସର୍ବସ୍ୱତା ତାଙ୍କୁ ବ୍ୟଥିତ କରୁଥିଲା । ପ୍ରାକୃତ ଲୌକିକ ଭାଷାର ଜୀବନ୍ତ ବାକ୍‌ଧାରାକୁ ଉଚ୍ଚ ସାହିତ୍ୟିକ ଗଦ୍ୟରେ ସେ ପ୍ରତିଷ୍ଠା ଦେବାକୁ ଚାହୁଁଥିଲେ । ସଂସ୍କୃତରୀତିରେ ‘ଭୂ’, ଓ ‘କୃ’ ଧାତୁ ଭଳି ସାହାଯ୍ୟକାରୀ କ୍ରିୟାର ପ୍ରଭାବରେ ଓଡ଼ିଆ ବାକ୍ୟକୁ ଭାରାକ୍ରାନ୍ତ କରିବା, ଅଥବା ସଂସ୍କୃତ ରୀତିରେ ଦୀର୍ଘ ସମସ୍ତପଦ ରଚନାକରି ବାକ୍‌ଧାରାର ସ୍ୱାଭାବିକ ରୁଦ୍ଧି ଓ ଭାବପ୍ରକାଶ ଶକ୍ତି ରୁଦ୍ଧ କରିବାର ସେ ବିରୋଧୀ ଥିଲେ । ବଙ୍ଗଳା ଧ୍ୱନି ଓ ବାକ୍‌ଧାରାରେ ପ୍ରତିଷ୍ଠିତ ପଦ ବିନ୍ୟାସର ଆହରଣ ଓଡ଼ିଆକୁ ବିକୃତ କରୁଥିଲା । ‘ଏବଂ’ ସୁତରାଂ ଭଳି ଓଡ଼ିଆ ଧ୍ୱନି ପ୍ରବାହରେ ସାମଞ୍ଜସ୍ୟ ହୀନ ଓ ମୂଳ ସଂସ୍କୃତ ଅର୍ଥରେ ବିକୃତ ସାଧନକାରୀ ଅବ୍ୟୟ ପଦଗୁଡ଼ିକର ବ୍ୟବହାରକୁ ସେ ବିରୋଧ କରୁଥିଲେ । ଇଂରେଜୀ ରୀତିରେ ବିଶେଷଣାତ୍ମକ ବାକ୍ୟାଂଶକୁ ମଧ୍ୟ ସେ ବିରୋଧ କରୁଥିଲେ । ସ୍ୱାଭାବିକ ରୀତିରେ ସମୃଦ୍ଧ ଓଡ଼ିଆ ଗଦ୍ୟ ଆଧୁନିକ ଯୁଗର ଶିକ୍ଷା, ଜ୍ଞାନ ବିଜ୍ଞାନ ବିସ୍ତାରରେ ଯଥାର୍ଥ ଭୂମିକା ଗ୍ରହଣ କରି ପାରିବ ବୋଲି ନୀଳକଣ୍ଠଙ୍କର ଗଭୀର ପ୍ରତ୍ୟୟ ଥିଲା ।

( ୨ )

ବ୍ୟକ୍ତିର ବ୍ୟକ୍ତିତ୍ୱ ପୂଜା ଓ ଆଦର୍ଶ ଅବମାନନା ଆଧୁନିକ ସମାଜରେ ଏକ ବଡ଼ ବିପର୍ଯ୍ୟୟ । ଏଥିଲାଗି ନୀଳକଣ୍ଠଙ୍କ ଗଦ୍ୟର ବିଷୟ ତୁଳନାରେ ଶୈଳୀ ଆମର ଦୃଷ୍ଟିରେ ପ୍ରାଧାନ୍ୟ ପାଇନାହିଁ । ଏପରିକି ସ୍ତାବକଙ୍କ ମଧ୍ୟରେ ବି ନୀଳକଣ୍ଠଙ୍କ ଗଦ୍ୟର ସୁପ୍ରଭାବ କ୍ୱଚିତ ଦେଖାଯାଏ ।

Digitized by PPRACHIN, SOA

ସୁଲଖନର ଆଦର୍ଶ ଭାଷା ନିର୍ବିଶେଷରେ ଏକ ସାର୍ବଜନୀନ ଭିତ୍ତିରେ ପ୍ରତିଷ୍ଠିତ । ଏହି ଦିଗରୁ ବିଶ୍ୱ ସାହିତ୍ୟର ସୁଲିଖିତ ଗଦ୍ୟ ରଚନା ସହ ନୀଳକଂଠଙ୍କ ଗଦ୍ୟ ସାମଞ୍ଜସ୍ୟ ପୂର୍ଣ୍ଣ ଓ ତୁଳନାଯୋଗ୍ୟ । ମାତ୍ର ଓଡ଼ିଆ ଗଦ୍ୟର ସ୍ୱାଭାବିକ ଛନ୍ଦର ଧାରା ଲୌକିକ ଓ ପ୍ରାଚୀନ ଓଡ଼ିଆ ଗଦ୍ୟରୁ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରି ତାହାକୁ ନୂତନ ଭାବରେ ଜୀବନ୍ୟାସ ଦେଇଥିଲେ ।

ଚତୁର ବିନୋଦ ଭଳି ଗଦ୍ୟଗ୍ରନ୍ଥରେ ପ୍ରତିଷ୍ଠିତ ବାକ୍ଧାରା ଓଡ଼ିଆ ଜନଜୀବନର ନିକଟବର୍ତ୍ତୀ । ବର୍ଣ୍ଣନା ଏଥିରେ ରୂପ ବା ଚିତ୍ର ପ୍ରଧାନ । ବାକ୍ୟଗୁଡ଼ିକ ଏକ ଶ୍ୱାସ ଉଚ୍ଚାରିତ ଧ୍ୱନି ଭଳି ନିଖଣ, ଏକ ଭାବ ଆଧାରିତ । ପ୍ରତି ବାକ୍ୟ ଗୋଟିଏ ରୂପଚ୍ଛଟା ଭଳି, ଅଥବା ସୁନିର୍ଦ୍ଦିଷ୍ଟ ଇଙ୍ଗିତ ଭଳି । ଏଥିରେ ଜଟିଳତା ବା ଯୌଗିକତା ବିରଳ । ଏକ ଅବିଭକ୍ତ କ୍ରିୟା ମଧ୍ୟରେ ନାମର ରୂପ ଗୁଣ ପ୍ରକାଶିତ । ବିଶେଷଣ ନାମ ଓ କ୍ରିୟା ସହ ସମ୍ବନ୍ଧ ଗ୍ରଥିତ । ବାକ୍ୟର ବିଶ୍ଳିଷ୍ଟ ଅଂଶ ଭାବରେ ଏହା ବିପର୍ଯ୍ୟୟ ସୃଷ୍ଟି କରେ ନାହିଁ । ଅବ୍ୟୟଗୁଡ଼ିକ ବାକ୍ୟାଂଶର ଅଙ୍ଗ ନୁହେଁ, ବହିରଙ୍ଗ ମାତ୍ର । ସୁପଠନ ବା ବିରତି ସୂଚନା ପାଇଁ ଏକ ପ୍ରକାର ରୁଦ୍ଧ ଯତି ଭାବରେ ଯେ, କି, ସେ ପ୍ରଭୃତି ବ୍ୟବହୃତ । ଅବଶ୍ୟ ଏହି ଗଦ୍ୟର ଆଳଂକାରିକତା, କଳ୍ପନାର ବିସ୍ତାର; ଯୁକ୍ତିର ଶୈଥିଲ୍ୟ, ଖଣ୍ଡବଦ୍ଧତା, ବହୁବିଧ ଗଠନ ପ୍ରବଣତାର ସୀମା ସଂକୋଚ ଆଦି ଲକ୍ଷଣମାନ ଆଧୁନିକ ଯୁଗୋପଯୋଗୀ ଗଦ୍ୟର ଆଦର୍ଶ ନ ହୋଇପାରେ । ମାତ୍ର ଏହି ଗଦ୍ୟରେ 'ବାଚ୍ୟ' ଓ ବାକ୍ୟ ମଧ୍ୟରେ ଥିବା ନିବିଡ଼ ଏକାତ୍ମତା, ଅନୁପାତ ଓ ଛନ୍ଦକୁ ଏକ ସର୍ବକାଳୀନ ଆଦର୍ଶ ରୂପେ ଗ୍ରହଣ କରାଯାଇପାରେ ।

ନୀଳକଣ୍ଠଙ୍କ ଗଦ୍ୟରେ ଏହି ଆଦର୍ଶର ବିକାଶ ଘଟିଅଛି । ଏହା ତାଙ୍କ ଗଦ୍ୟର ଛନ୍ଦୋଧାରା ଅନୁଧ୍ୟାନ କଲେ ହୃଦୟଙ୍ଗମ କରି ହୁଏ । ଗଦ୍ୟର ପ୍ରାଞ୍ଜଳତା କେତେକ ପରିମାଣରେ ବ୍ୟାକରଣ ଗତ ଶୃଙ୍ଖଳା ଉପରେ ନିର୍ଭର କରେ । ମାତ୍ର ଗଦ୍ୟର ପ୍ରଭାବ ଓ ସାଫଲ୍ୟ ଛନ୍ଦ ସାପେକ୍ଷ । ଏହି ଛନ୍ଦ ପଦ୍ୟର ଛନ୍ଦ ଭଳି ସହଜରେ ଦୃଶ୍ୟମାନ ହୁଏ ନାହିଁ । କବିତାର ଛନ୍ଦ ସ୍ଫୁଟଧ୍ୱନିର ସମତା ଅଥବା ନିୟମିତତା ଆଧାରିତ । ଏହା ଶାନ୍ତ ସମୁଦ୍ର ବକ୍ଷର ସମତଳ ଭଳି ସ୍ୱତଃ ବୈଚିତ୍ର୍ୟହୀନ । ଗଦ୍ୟରେ ଛନ୍ଦର

Digitized by PPRACHIN, SOA

ଧାରଣା; ବହୁବିଧ ପ୍ରତ୍ୟାଶା, ଅନୁପାତ, ସମନ୍ୱୟ ଓ ଆପେକ୍ଷିକ ସମ୍ବନ୍ଧ ମଧ୍ୟରେ ଅବଧାରିତ। ବହୁବିଧ ଗଠନ ପ୍ରବଣ ଉପତ୍ୟକା ଭଳି ଏହା ବୈପରୀତ୍ୟ ମଣ୍ଡିତ। କବିତାରେ ଶବ୍ଦହିଁ ଗଠନର ଏକକ ଭାବରେ କାମ କରିପାରେ। ମାତ୍ର ଗଦ୍ୟର ଗଠନ-ଏକକ ହେଉଛି ବାକ୍ୟ । ବାକ୍ୟ ଚଳମାନ ଭାବପ୍ରବାହର ଏକ ଜୀବନ୍ତ ଛନ୍ଦ। ସୂଚନା ଓ ପ୍ରକାଶ; ବିଶେଷ ଓ ସାଧାରଣ, ସ୍ଥିର ଆଦର୍ଶ ଓ ବହୁବିଧ କ୍ରିୟାର ପ୍ରକାଶ, ଏକକ ଭୂମି ଓ ବିବିଧ ଦୃଗ୍‌ଦୃଶ୍ୟର ଅନୁପାତ ଓ ଅଭିକ୍ଷେପ ମଧ୍ୟରେ ବାକ୍ୟର ଛନ୍ଦ ଧାରା ଅନୁଧ୍ୟାନ କରି ଯାଇପାରେ।

ନୀଳକଣ୍ଠଙ୍କ ଗଦ୍ୟ ଛନ୍ଦ ଗତିକ। ପ୍ରତ୍ୟେକ ବାକ୍ୟରେ ଏକ ଭାବର ବିକାଶ ଜୀବନ୍ତ। ଭାବର ସ୍ୱଚ୍ଛତା ଓ ସ୍ଫଟିକ ସୁଲଭ ଘନତା ବାକ୍‌ଧାରାରେ ସମାନୁପାତ ଓ ସୌଷ୍ଠବ ରକ୍ଷା କରିଛି। ଯୌଗିକ ଓ ଜଟିଳ ବାକ୍‌ଧାରାରେ ଭାବର ସୂକ୍ଷ୍ମ ବିକରଣ କ୍ରିୟା କୌଣସିଠାରେ ଅବରୁଦ୍ଧ ହୋଇ ନାହିଁ। ଏଥିରେ ଅବ୍ୟୟର ବାହୁଲ୍ୟ ନାହିଁ । ଅବ୍ୟୟ ଉଚ୍ଚାରଣ ସୌନ୍ଦର୍ଯ୍ୟ ଓ ରବଯନ୍ତ୍ରର ପରିପୂରକ। ମିତତା ବିଧାନ ଲକ୍ଷ୍ୟରେ ପ୍ରତିନାମ ବ୍ୟବହୃତ। ନାମ ସହିତ ଯୁଗ୍ମଭାବରେ ପ୍ରତିନାମ ବ୍ୟବହୃତ ହୋଇନାହିଁ। ଅବ୍ୟୟ ଓ ପ୍ରତିନାମର ସୁ ନିର୍ବାଚନ; ମିତ ସଂସ୍ଥାନ ଫଳରେ ବାକ୍ୟର ବିନ୍ୟାସ ସମାନୁପାତ କ୍ରମରେ ସୁଷମିତ ଓ ସୌଷ୍ଠବମଣ୍ଡିତ ହୋଇଅଛି।

ବିବିଧ ପଦର ସମ୍ବନ୍ଧ ଅନୁକ୍ରମରେ ବାକ୍ୟ ଗଠିତ। ଏହି ପାରମ୍ପର୍ଯ୍ୟ ହିଁ ବାକ୍ୟର ପ୍ରାଣ। ନାମ ଓ କ୍ରିୟା ବାକ୍ୟର ଦୁଇ ପ୍ରାନ୍ତ ସ୍ତମ୍ଭ ସଦୃଶ। ଉଭୟ ପ୍ରାନ୍ତରୁ ବିକରଣ ଆରମ୍ଭ ହୋଇ ମଧ୍ୟସ୍ଥ କୌଣସି ବିନ୍ଦୁରେ ସଂଘାତ ବା ସମନ୍ୱୟ ସୂତ୍ରରେ ଗ୍ରଥିତ ହୁଏ। ଏହି କ୍ରିୟା ଓ ପ୍ରତିକ୍ରିୟାର ଅନୁରଣନ ବାକ୍ୟର ସଂହତିରେ ପ୍ରତିଫଳିତ ଓ ବିଚ୍ଛୁରିତ ହୋଇ ଶବ୍ଦବୋଧ ଜାଗ୍ରତ କରେ। ନିକୃଷ୍ଟ ଗଦ୍ୟ ଛନ୍ଦହୀନ, ଅସଂହତ। ଏଥିରେ ଅନାବଶ୍ୟକ ଭାବରେ ଅବ୍ୟୟ ଓ ସର୍ବନାମ, ବିଶେଷତ୍ୱ ହୀନ ବିଶେଷଣର ବାହୁଲ୍ୟ ଦେଖାଯାଏ। ବାକ୍ୟରେ ଏକ ଭାବର ପ୍ରତିଷ୍ଠା ନ ଥାଏ। ବାକ୍ୟାଂଶ ନୂତନ ନୂତନ ଭାବର ଅଧିବୃତ୍ତ ରଚନା କରେ। ବାକ୍ୟ ଅର୍ଥବୋଧକ ନହୋଇ ପ୍ରହେଳିକାମୟ ହୋଇପଡ଼େ। ଏହା କଥିତ ଭାଷା ସହ ଜୀବନ୍ତ ସଂପର୍କ ହରାଏ, ଜୀବନରୁ ଦୂରବର୍ତ୍ତୀ ହୋଇଯାଏ।

Digitized by PPRACHIN, SOA

ଗଦ୍ୟ ଭାବ ବିନିମୟର ଏକ ସାଧନ । ହୃଦୟରୁ ହୃଦୟକୁ ଭାବ ଗତି କରେ । ଲେଖକ ପାଠକ, ବକ୍ତା ଓ ଶ୍ରୋତା ଏହି ସଂଚରଣ ଦଣ୍ଡ ମାଧ୍ୟମରେ ଏକାତ୍ମ ହୁଅନ୍ତି । ଏହି ଏକାତ୍ମତା ସମାଜର ଧର୍ମ, ସଭ୍ୟତାର ଆଦର୍ଶ । ଉଚ୍ଚ ସମାଜର ଆଦର୍ଶ ନିତ୍ୟ ବିନିମିତ ବାକ୍ଧାରାରେ ପ୍ରତିଷ୍ଠିତ ହୋଇଥାଏ । ବାକ୍ୟ ଏକ ଗାନର ଭାସ୍କର୍ଯ୍ୟକୃତି । କଳ୍ପନା ଓ ସୌନ୍ଦର୍ଯ୍ୟ ଧାରଣା ଭାସ୍କର୍ଯ୍ୟକୃତି ମଧ୍ୟରେ ସ୍ଥିର ରୂପ ଲାଭ କଲା ଭଳି ହୃଦୟର ଅନ୍ତର୍ନିହିତ ଭାବ ବାକ୍ୟର ନିର୍ମାଣ ମଧ୍ୟରେ ରୂପ ଲାଭକରେ ।

ନୀଳକଂଠଙ୍କ ଗଦ୍ୟ ଆକୃତି ପ୍ରଧାନ । କଥକତା ଏହାକୁ ଜୀବନଧର୍ମୀ କରାଇଅଛି । ଅନଳଂକୃତ ଗଠନ, ଅନାବୃତ୍ତ ପ୍ରକାଶ ଓ ସ୍ୱଳ୍ପ ଭାଷଣ ଏହାର ଧର୍ମ । ଅନୁକ୍ତ କଥନ ବିରଳ; ଯଦିବା ବ୍ୟଞ୍ଜନାପିହିତ । ବ୍ୟକ୍ତିତ୍ୱର ନିବିଡ଼ ସ୍ପର୍ଶରେ ନୀଳକଂଠଂକ ଗଦ୍ୟ ସଂଜୀବିତ । କୋମଳତା ଓ ପ୍ରଶାନ୍ତିର ଛାୟା ମଣ୍ଡିତ ଏକ ପରିପୂର୍ଣ୍ଣ ବଳିଷ୍ଠ ବ୍ୟକ୍ତିତ୍ୱର ସ୍ପର୍ଶ ଏଥିରୁ ମିଳେ । ଏହି ସ୍ପର୍ଶରେ ହୃଦୟ ଅଭିଭୂତ ହୁଏ । ହୃଦୟରେ ଏକ ସ୍ଥାୟୀ ଭାବ ସଂଚରିତ ହୁଏ ।

ଶବ୍ଦ ପ୍ରୟୋଗରେ ନୀଳକଂଠଂକର କୌଣସି ସଂକୋଚଭାବ ପ୍ରକାଶ ପାଇ ନାହିଁ । ଭାଷା ବିଶେଷରେ ନବ ନବ ଭାବ ପ୍ରକାଶର ଉପଯୋଗୀ ଶବ୍ଦ ସମ୍ଭାର ଦୁଇଟି ସୂତ୍ରରୁ ମିଳେ । ପ୍ରଥମତଃ ବ୍ୟାକରଣର ପ୍ରୟୋଗ ପଦ୍ଧତି ଅନୁସାରେ ନୂତନ ଶବ୍ଦ ସୃଷ୍ଟିଦ୍ୱାରା, ଦ୍ୱିତୀୟତଃ ଅନ୍ୟ ଭାଷାରୁ ଶବ୍ଦ ଆହରଣଦ୍ୱାରା । ଲାଟିନ ଓ ଅନ୍ୟ ରୋମୀୟ ଭାଷାମାନେ ଶବ୍ଦ ସୃଷ୍ଟି କରିଥାନ୍ତି । ଇଂରେଜୀରେ ବିଶେଷ ଭାବରେ ଏଇସବୁ ଭାଷାରୁ ଶବ୍ଦ ଗୃହୀତ ହୋଇଥାଏ । ଏବେ ଭାରତୀୟ ଭାଷା ଗୁଡ଼ିକ ପକ୍ଷରେ କେହି ବା ଆହରଣ, ପୁଣି କେହି ବା ନବସର୍ଜନ ସପକ୍ଷରେ । ଆହରଣରେ ପରିପାଟୀ ଓ ସର୍ଜନ ଶକ୍ତି ପ୍ରୟୋଗରେ ନୀଳକଂଠଂକ ଉଦ୍ଭାବନକାରୀ ମନୀଷାର ନିଦର୍ଶନ ମିଳେ । ଇଂରେଜୀ 'ଇଭୋଲ୍ୟୁସନ୍'କୁ କ୍ରମପରିଣାମ; 'ବୋଡ଼୍ସ ଆଇ ଭିଉ'କୁ ଶୂନ୍ୟ ସଂଚାରୀ ଦୃଷ୍ଟି ଭଳି ଅନୁବାଦରେ ଏହା ଲକ୍ଷ୍ୟଣୀୟ ।

Digitized by PPRACHIN, SOA

( ୩ )

ନୀଳକଂଠଙ୍କ ଗଦ୍ୟ ଶୈଳୀର ବୈଚିତ୍ର୍ୟ, ଶବ୍ଦମାଧୁର୍ଯ୍ୟ, ମନୋଜ୍ଞ ଅଭିବ୍ୟକ୍ତି, ପ୍ରସାରଣଶୀଳତା ଓ ବହୁବିଧ ଗଠନ ପ୍ରବଣତା ମଧ୍ୟରେ ପ୍ରକାଶିତ ଦୁର୍ଲଭ ଶିଳ୍ପୀତ୍ୱ ଅନୁଭବର ବିଷୟ । ଏକକତା ଶିଳ୍ପ ସୃଷ୍ଟିର ଧର୍ମ । ତେବେ ସକଳ ମହତ୍ତର ସୃଷ୍ଟି ମଧ୍ୟରେ ଏକ ସାର୍ବଜନୀନ ନିୟମ ଓ ଶୃଙ୍ଖଳା ଦେଖିବାକୁ ମିଳେ । ଏହାକୁ ମଧ୍ୟ ସମୟ ବିଶେଷର ସ୍ଥିତି ଶହ ଐତିହାସିକ ଦୃଷ୍ଟିରେ ବିଚାର କରାଯାଇପାରେ ।

ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ଓଡ଼ିଆ ଭାଷାର ପ୍ରତିଷ୍ଠା ଓ ଶୃଙ୍ଖଳିତ ବିକାଶ ପ୍ରତି ଲକ୍ଷ୍ୟ ରଖି ନୀଳକଂଠ ଗଦ୍ୟ ନିବନ୍ଧାଦି ରଚନା କରିଥିଲେ । ସେ ଥିଲେ ବିଶ୍ୱବିଦ୍ୟାଳୟର ଯଥାର୍ଥରେ ପ୍ରଥମ ଅଧ୍ୟାପକ । କଲିକତା ବିଶ୍ୱବିଦ୍ୟାଳୟରେ ୧୯୨୦ ବେଳକୁ ଅନ୍ୟାନ୍ୟ ଭାରତୀୟ ଭାଷା ସହ ଓଡ଼ିଆରେ ଏମ୍. ଏ. ଖୋଲିଥିଲି ! ଅନ୍ତତଃ ଜଣେ ଛାତ୍ରଙ୍କୁ ଓଡ଼ିଆ ଏମ୍. ଏ. ରେ କୃତୀ କରିବା ସଂକଳ୍ପ ଘେନି ଏହି ପଦରେ ନୀଳକଂଠ ଯୋଗ ଦେଇଥିଲେ । ଏହି ସମୟକୁ ଆଧୁନିକ ଭାରତୀୟ ଭାଷାଗୁଡ଼ିକ କଥା ଦୂରେ ଥାଉ; ଆଧୁନିକ ପାଶ୍ଚାତ୍ୟ ଭାଷାଗୁଡ଼ିକ ମଧ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଧାନରେ ସ୍ଥାନ ପାଇବା ଏକ ନୂଆ କଥା ଥିଲି । ଏଠାରେ ସ୍ମରଣ କରାଯାଇପାରେ ୧୯୧୦ ଖ୍ରୀଷ୍ଟାବ୍ଦରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଇଂରେଜୀ ଭାଷା ଓ ସାହିତ୍ୟର ଚେୟାର ଖୋଲାଗଲା । ଏହି ବିଶ୍ୱ-ବିଦ୍ୟାଳୟର ସେ ସମୟର ଅନ୍ୟତମ ପ୍ରଫେସର ଥିଲେ ସାର୍ 'ଆର୍ଥାର କୁଇଲର୍ କାଉଚ୍' । ଗ୍ରୀକ୍ ଲାଟିନ ଭଳି ବିଶ୍ୱବିଦ୍ୟାଳୟରେ ଇଂରେଜୀ ପଢ଼ା ହେବକି ନାହିଁ ;ଇଂରେଜୀ ଭଳି ଏକ ସର୍ବଜନବୋଧ ଜୀବନ୍ତ ଅବିକଶିତ ଭାଷାର ଅଧ୍ୟାପନା ବା କିପରି ସମ୍ଭବ ଓ କାହିଁକି ଆବଶ୍ୟକ— ଏଭଳି ଅନେକ ପ୍ରଶ୍ନ ସେ ଯୁଗରେ ବିଜ୍ଞ ଲୋକେ ଉଠାଉଥିଲେ । ଏମାନଙ୍କୁ ଉତ୍ତର ଦେବାକୁ ଯାଇ ସେକାଳରେ ମନ୍ତ୍ରୀ, ଶାସନକର୍ତ୍ତା, ସଂମାଦପତ୍ର ସଂପାଦକଙ୍କ ଦ୍ୱାରା ବ୍ୟବହୃତ ଇଂରେଜୀ ଭାଷାର ଅଧୋଗତି ଓ ଅପୁଷ୍ଟତାର ଦୃଷ୍ଟାନ୍ତ ଦେଇଥିଲେ । ଏହାର ବିକାଶ ଲାଗି ବିଶ୍ୱ-ବିଦ୍ୟାଳୟରେ ଇଂରାଜୀ ସାହିତ୍ୟ ଓ ଭାଷାର ଅଧ୍ୟାପନା ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ତାଙ୍କର ଉଦ୍‌ବୋଧନର ବିଷୟ ଥିଲା—Great as in

Digitized by PPRACHIN, SOA

our own literature, we must consider it as a legacy to be improved. Any nation that potters with any glory of its past, as a thing dead and done for, is to that extent renegade. ଠିକ୍ ଏହିଭଳି ଏକ ଭାବ ପ୍ରବାହରେ ଉଦ୍ଧାମତା ନୀଳକଂଠଂକ ପ୍ରାଣରେ ପ୍ରକାଶ ପାଇଥିଲା । ଓଡ଼ିଆ ଭାଷାର ଅତୀତ ଗୌରବକୁ ନବଯୁଗର ଉଜ୍ଜ୍ୱଳ ଆଲୋକରେ ନବ ନବ ମାର୍ଗରେ ବିକଶିତ କରାଇବା ତାଙ୍କର ଲକ୍ଷ୍ୟ ଥିଲା । ନବ ଯୁଗର ଓଡ଼ିଆ ସାହିତ୍ୟ, ସଂସ୍କୃତି, ସମାଜ ଓ ଜନଜୀବନର ବିକାଶ ଓଡ଼ିଆ ଗଦ୍ୟର ସ୍ୱାଭାବିକ ବିକାଶ ଉପରେ କିପରି ନିର୍ଭର କରେ, ତାହା ନୀଳକଂଠ ଉପଲବ୍ଧି କରିଥିଲେ । ସୁଲେଖନ କଳା ଯେଉଁ 'On the Art of writing' ଗ୍ରନ୍ଥରେ କ୍ୱିଲର୍ କାଉଚଙ୍କ ନିର୍ଦ୍ଦେଶିତ ନିୟମର ଦୃଷ୍ଟାନ୍ତ ନୀଳକଂଠଂକ ଗଦ୍ୟରେ ଅସୁଲଭ ନୁହେ । ନିୟମ ଗୁଡ଼ିକ ହେଉଛି—

(କ) ଅରୂପ ପରିବର୍ତ୍ତେ ସ୍ଥୂଳ ଆକୃତି ବା ରୂପଦାନକାରୀ ଶବ୍ଦର ନିର୍ବାଚନ । (ଖ) ପ୍ରତ୍ୟକ୍ଷ ଶବ୍ଦ ନିର୍ବାଚନ (ଗ) ସକର୍ମକ କ୍ରିୟାର ବ୍ୟବହାର ପ୍ରତି ପ୍ରାଧାନ୍ୟ । (ଘ) ସାହାଯ୍ୟକାରୀ ବା ଗୌଣ କ୍ରିୟାର ଯଥା ସମ୍ଭବ ପରିହାର (ଙ) ପ୍ରାଚୀନ (ଲାଟିନ ଆଦି) ଶବ୍ଦ ସ୍ଥାନରେ ନୂତନ ଓ ଦେଶଜ ଶବ୍ଦର ବ୍ୟବହାର ।

ଗଦ୍ୟର ପ୍ରଭାବ ଆଧୁନିକ ଜୀବନ ଓ ସମାଜରେ ସୁଦୂର ପ୍ରସାରୀ । ଜ୍ଞାନବିଜ୍ଞାନ, ଯୁକ୍ତି ଓ ସିଦ୍ଧାନ୍ତ, ଅନୁଭୂତି ଓ ନବ ନବ କଳ୍ପନା ପ୍ରକାଶର ନିତ୍ୟ ନୂତନ ମାଧ୍ୟମ ରୂପେ ଯୁଗାନ୍ତକାରୀ ଭୂମିକାରେ ଅବତୀର୍ଣ୍ଣ । କଥନୀ, ସମ୍ବାଦପତ୍ର, ବେତାର ମଧ୍ୟ ଦେଇ ପ୍ରତି ମୁହୂର୍ତ୍ତରେ ଆମର ବ୍ୟକ୍ତିତ୍ୱ ଓ ଜୀବନଧାରାକୁ ଗଦ୍ୟ ପ୍ରଭାବିତ କରୁଅଛି । ଏହି ଗଦ୍ୟ ଯଦି ପଲ୍ଲବିତ, ଶିଥିଳ, କୃତ୍ରିମ ଓ ଦୂଷିତ ହୁଏ, ସମାଜରେ ଭାବ ପ୍ରକାଶ ଶକ୍ତିର ଅପଚୟ ଘଟିବ । ବ୍ୟକ୍ତିତ୍ୱ ବିକାଶରେ ବାଧା ସୃଷ୍ଟି ହେବ । ଭାଷା ଅଶକ୍ତ ଓ ଅସମର୍ଥ ହେଲେ ଭାବ ବିକଳାଙ୍ଗ ହେବ । ସମାଜ ଜୀବନରେ ବିଶ୍ୱ-ବିଦ୍ୟାଳୟଠାରୁ ବିଧାନସଭା ପର୍ଯ୍ୟନ୍ତ ଏହାର କ୍ରିୟା ପ୍ରତିକ୍ରିୟା ଦେଖା ଦେବ । ପ୍ରଗତି ପଥରେ ନାନା ବିପର୍ଯ୍ୟୟ ଦେଖାଦେବ । ଓଡ଼ିଆ ଗଦ୍ୟରେ ନୀଳକଣ୍ଠଙ୍କ ପ୍ରତିଭା ଏକ ଦୀର୍ଘ ପରମ୍ପରାକୁ ସୁଦୂରଦୃଷ୍ଟିର ଆଲୋକରେ

Digitized by PPRACHIN, SOA

ନବଯୁଗର ଉପଯୋଗୀ କରିଯାଇଛୁ । ଏହାର ବିକାଶ ସାଧନ ଆଜି ଏକାନ୍ତ କାମ୍ୟ । ତଦ୍‌ବିଦ୍ ଓ ଉଚ୍ଚ ଶିକ୍ଷା ବିଧାନ ନିୟନ୍ତାଙ୍କର ଏ ଦିଗରେ କର୍ତ୍ତବ୍ୟ ରହିଛି । ଗଦ୍ୟ ଲିଖନର ପନ୍ଥା ପଦ୍ଧତି ଦେଇ ବିସ୍ତୃତ ଆଲୋଚନା ଆରମ୍ଭ କରିଥିଲେ ସର୍ବତଃ ଗିରିଜାଙ୍କର ଦୃଷ୍ଟି । ମାତ୍ର ଏହାକୁ ହୁଏ ତ ଓଡ଼ିଆ ଗଦ୍ୟ ବିକାଶର ନିର୍ବିଶେଷ ଆଲୋଚନା କୁହାଯାଇ ପାରିବ ନାହିଁ । ପ୍ରାଚୀନ ବା ବ୍ୟାବହାରିକ ଓ ଲୌକିକ ଗଦ୍ୟର ବିଧିବଦ୍ଧ ବିସ୍ତୃତ ସେ କରିନାହାନ୍ତି । ନୀଳକଣ୍ଠଙ୍କର ଗଦ୍ୟ ଶୈଳୀର ସଂପୂର୍ଣ୍ଣ ଅବଧାରଣା ଲାଗି ଓଡ଼ିଆ ଗଦ୍ୟ ଶୈଳୀର କ୍ରମ ବିକାଶର ଧାରା ବିଶ୍ଳେଷିତ ହେବା ଦରକାର । ନୀଳକଣ୍ଠଙ୍କ ଗଦ୍ୟରେ ସବୁ ପ୍ରକାର ବିଭିନ୍ନ ପଦ୍ଧତି, ଭାବବିନ୍ୟାସର କୌଶଳ, ବିଷୟ ପରିବେଷଣର କୃତିତ୍ୱ, ଅଳଙ୍କରଣ କଳା, ପ୍ରକାଶ ଶୈଳୀ ଆଦି ସ୍ୱତନ୍ତ୍ର ଆଲୋଚନାର ବିଷୟ । ଏହି ସବୁ ଆଲୋଚନା ଲାଗି ନୀଳକଣ୍ଠଙ୍କର ଚିଠିପତ୍ର ସାମ୍ବାଦିକ ରଚନା, କଥନୀ ଓ କଣ୍ଠବାଣୀ ଆଦିରୁ ଉପାଦାନ ସଂଗୃହୀତ ହେବା ପ୍ରୟୋଜନ । ଏସବୁ ଉପାଦାନ ବି ଏବେ ସହଜ ଲଭ୍ୟ ନୁହେ । ତେଣୁ ଏଠାରେ ପ୍ରକୃତ ଆଲୋଚନାର ଅବତାରଣା ମାତ୍ର କରିହେଲା ।

ନୀଳକଣ୍ଠଙ୍କ ସୁଦୂରଦୃଷ୍ଟି ଓ ପ୍ରଭାବଶାଳୀ ମନୀଷା ନୂତନ ଯୁଗର ସାହିତ୍ୟ ଓ ଭାବ ବିକାଶରେ ଏକ ଉଜ୍ଜ୍ୱଳ ଉତ୍ତରାଧିକାର । ଓଡ଼ିଆ ଭାଷା ଓ ସାହିତ୍ୟର ଯଥାର୍ଥ ଗବେଷଣା ଲାଗି ଉଚ୍ଚକୋଟୀର ପ୍ରତିଷ୍ଠାନ ବିଶ୍ୱ-ବିଦ୍ୟାଳୟରେ ଗଢ଼ିଉଠୁ । ସେହି ଉତ୍ତରାଧିକାର ସାର୍ଥକ ହୋଇ ଉତ୍ତର-ସୂରୀଙ୍କୁ ନବ ନବ ସାଧନା ଓ ସିଦ୍ଧିର ପଥରେ ନେଇଯାଉ ।

ଶାନ୍ତି ନିକେତନ
୨୧ । ୧୧ । ୬୮

Digitized by PPRACHIN, SOA

# ସଂସ୍କାରକ ନୀଳକଂଠ

ଅଧ୍ୟାପକ **ସୁଧାଂଶୁଶେଖର ରାୟ**

(୧)

'ଆର୍ଯ୍ୟ ଜୀବନ'ରେ ନୀଳକଂଠ ଠାଏ ଲେଖିଛନ୍ତି, "ସମସ୍ତେ ନିଆଁ ଜାଳନ୍ତି, ନିଆଁ ଲିଭିଗଲେ ଫୁଙ୍କିଦିଅନ୍ତି. ଫୁଙ୍କିଦେଲେ ତାହା ପୁଣି ଜଳି ଉଠେ।" ପ୍ରାକୃତିକ କ୍ରିୟା ଓ ଜ୍ଞାନଲବ୍ଧ କ୍ରିୟା ମଧ୍ୟରେ ପାର୍ଥକ୍ୟର ସ୍ପଷ୍ଟ ସୂଚନା ଦେବାଲାଗି ପଣ୍ଡିତ ନୀଳକଂଠ ଏଇ ଉଦାହରଣଟି ଅତି ଉପଯୋଗିତା ସହ ଥୋଇଛନ୍ତି। ସଂସ୍କାର ସମ୍ପର୍କରେ ମଧ୍ୟ ଏଇ ଉପାଦେୟ ଉଦାହରଣଟିର ଏକ ମହନୀୟ ଅର୍ଥ, ଏକ ଗୁରୁତ୍ୱପୂର୍ଣ୍ଣ ଇଙ୍ଗିତ ରହିଛି। ସେଥିରେ ମଧ୍ୟ ନିଆଁ ଲିଭିଆସିଲେ ଫୁଙ୍କିଦେବାକୁ ପଡ଼େ। ଏଇ ନିଆଁ ପୁଣି ଜଳି ଉଠେ। ବହୁ କୁସଂସ୍କାର ବହୁ ଅନ୍ଧବିଶ୍ୱାସ, ବହୁ ଭ୍ରାନ୍ତ ଚଳଣିର ପାଉଁଶ ତଳେ ଅତୀତର ମହନୀୟ ଆଦର୍ଶ ଅତୀତର ଭାସ୍କର ସତ୍ୟ ମିଞ୍ଜି ମିଞ୍ଜି ହେଉଥାଏ। ଫୁଙ୍କିଦେଲେ ତାହା ପୁଣି ଜଳି ଉଠେ। ବିପ୍ଳବ ଅତୀତକୁ ଅସ୍ୱୀକାର କରି ପାରେ—ଅବହେଳା କରିପାରେ; ଅନ୍ତତଃ ସେପରି କରିବାକୁ ବିପ୍ଳବ ଦୁଃସାହସୀ ହୁଏ, ସ୍ପର୍ଦ୍ଧିତ ହୁଏ; କିନ୍ତୁ ସଂସ୍କାର ଅତୀତର ଗର୍ଭରୁ ରସ ସଞ୍ଚୟ କରି ବଳିଷ୍ଠ ହୁଏ—ଅତୀତର ସତ୍ୟାନୁଭୂତି ଓ ଶ୍ରୁତିଶୁଭ ଆଦର୍ଶରୁ ପ୍ରେରଣା ଗ୍ରହଣ କରେ। ବହୁ ସ୍ଖଳନ ଓ ବହୁ ବ୍ୟଭିଚାରର ବହଳ ଆବରଣ ତଳୁ ଅତୀତର ସତ୍ୟବୋଧର ଉଜ୍ଜ୍ୱଳ ମହିମା ଟିକକ ଆବିଷ୍କାର କରି ତାହାର ପ୍ରେରଣାରେ ପ୍ରଦୀପ୍ତ ହୋଇ ଉଠେ ସଂସ୍କାର। ପ୍ରାୟ ଦୁଇ ଶହ ବର୍ଷଧରି ଆମେ ଭାରତବର୍ଷରେ ଏହାର ଏଷଣା ଓ ଅନୁଶୀଳନ, ଏହାର ଅଭ୍ୟାସ ଓ ଅନୁସରଣ ଅନେକ ଥର ଦେଖି ଆସିଛୁଁ। ବହୁ ବର୍ଷର ଅନ୍ଧକାର ତଳେ ମିଞ୍ଜି ମିଞ୍ଜି ହୋଇ ଜଳୁଛି ଉପନିଷଦର ସେଉଁ ମ୍ରିୟମାଣ ଶିଖାଟି, ଗୀତାର ସେଉଁ ଶଙ୍କିତ

Digitized by PPRACHIN, SOA

ଆସନ୍ତି ତାହାର ଉପରେ ନିର୍ଭର କଲେ ରାଜା ରାମମୋହନ ରାୟ, ବିବେକାନନ୍ଦ, ତିଳକ ମହାରାଜ, ଗାନ୍ଧିଜୀ, ଅରବିନ୍ଦ । ପଣ୍ଡିତ ନୀଳକଂଠ ମଧ୍ୟ ତାହାହିଁ କଲେ । ମଧ୍ୟବର୍ତ୍ତୀ କାଳର ନାନା ଧର୍ମବ୍ୟାଖ୍ୟା, ନାନା ସାମ୍ପ୍ରଦାୟିକ ବିଗ୍ରହ-ବିଶ୍ଳେଷଣକୁ ଡେଇଁ ଯାଇ ପହଞ୍ଚିଲେ ସେ ବେଦ ଓ ଉପନିଷଦ ତଥା ଗୀତାର ତୁରୀୟ ଅନୁଭୂତି ପାଖରେ – ତାର ତୁଙ୍ଗ ଆଦର୍ଶ ପାଖରେ । ସେଇଥିରୁ ଆହରଣ କଲେ ସେ ଏ ଯୁଗ ଲାଗି ଚିନ୍ତା ଓ ଦୃଷ୍ଟିକୋଣ, ଏ ଯୁଗଲାଗି ନୀତି ଓ ନିର୍ଦ୍ଦେଶ । ବ୍ୟକ୍ତିକୁ ମୂଳକରି ଯେଉଁ ଧର୍ମ ତାକୁ ଫିଙ୍ଗିଦେଇ ବେଦ ଓ ଉପନିଷଦର ଅପୌରୁଷେୟ ଧର୍ମ ପାଖରେ ପହଞ୍ଚିଲେ ସେ, ଭକ୍ତି-ସର୍ବସ୍ୱ ବୈଷ୍ଣବ ଧର୍ମ, ବୌଦ୍ଧ ସହଜିଆ ଦୃଷ୍ଟିକୋଣ କିମ୍ବା ବାମାଚାରର ପୁଷ୍ଟ ତାନ୍ତ୍ରିକତା ଛାଡ଼ି ସେ ବେଦାନ୍ତର ଦୃଢ଼ ଯୁକ୍ତି ଓ ଋଜୁ ବିଚାର ଶୈଳୀ ଭିତରେ ଖୋଜିଲେ ତାଙ୍କ ନିଜର ମନସ୍ୱୀ ଜୀବନ ତଥା ସଂସ୍କାର-ପ୍ରୟାସ ଲାଗି ଭିତ୍ତି ଓ ପଥନିର୍ଦ୍ଦେଶ । ସଂସ୍କୃତ ଓ ସଂସ୍କୃତିରେ ଆର୍ଯ୍ୟ ଜୀବନରେ, ଓଡ଼ିଆ ସାହିତ୍ୟର କ୍ରମପରିଣାମରେ ପୁଣି ତାଙ୍କ ଆତ୍ମଜୀବନୀରେ ଏହାର ଭୂରି ଭୂରି ଉଲ୍ଲେଖ ରହିଛି । ସ୍ପଷ୍ଟ ବିଚାର-ବ୍ୟାଖ୍ୟା ରହିଛି, ତୀକ୍ଷ୍ଣ-କ୍ଷୁରଧାର ବିଶ୍ଳେଷଣ ରହିଛି ।

ବାଲ୍ୟରୁହିଁ ସଂସ୍କାର ପ୍ରବୃତ୍ତି ନୀଳକଂଠଙ୍କ ରକ୍ତରେ, ତାଙ୍କ ଚିନ୍ତାର ସ୍ପନ୍ଦନରେ, ତାଙ୍କ ବିଚାରର ନିଜସ୍ୱ ଭଙ୍ଗୀରେ ଓତଃପ୍ରୋତ ହୋଇ ରହିଯାଇ ଥିଲା । ହୁଏତ ପିତାଙ୍କଠୁ ଉତ୍ତରାଧିକାର ସୂତ୍ରରେ ଏଇ ପ୍ରବୃତ୍ତି ପାଇଥିଲେ ସେ । ସେ କାଳର କୁଳୀନ ବ୍ରାହ୍ମଣଙ୍କ ପକ୍ଷେ କୃଷିକାର୍ଯ୍ୟ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସମ୍ପର୍କ ରକ୍ଷା କରିବା ନିଷିଦ୍ଧ ଥିଲା । କିନ୍ତୁ ନୀଳକଂଠଙ୍କ ପିତା ଆନନ୍ଦ ଦାସ ମୂଲିଆ ସାଙ୍ଗରେ ବିଲକୁ ଯାଉଥିଲେ, ନିଜେ ଗୃଷର ତଦାରଖ କରୁଥିଲେ ।

ଗ୍ରାମର ହରଚଣ୍ଡୀଙ୍କ ଲାଗି କଦଳୀ ପେଣ୍ଡାଟିଏ ଆସିଥିଲା । ଦେବୀଙ୍କ ନିକଟରେ ଭୋଗ ହେବା ପୂର୍ବରୁ ବାଳକ ନୀଳକଂଠ ସେଥିରୁ ଯୋଡ଼ିଏ କଦଳୀ ଖାଇଦେଇ ନିଃଶଙ୍କ ଚିତ୍ତରେ ନିଜ କାର୍ଯ୍ୟର ଔଚିତ୍ୟ ସମ୍ପର୍କରେ ଯୁକ୍ତି ବାଢ଼ିବାକୁ ଲାଗିଲେ । ମାତା ଶଙ୍କିତ ହେଲେ—ବ୍ୟାକୁଳ ହେଲେ-- ଉଦ୍‌ବିଗ୍ନ ହେଲେ । ପିତା କିନ୍ତୁ କିଛିପରିମାଣରେ ନିଃଶଙ୍କ ହୋଇ ରହିଯାଇଥିଲେ । ସେଇପରି, ରୁଗ୍‌ଣ ପୁତ୍ରକୁ ରୋଗମୁକ୍ତ କରିବାଲାଗି

Digitized by PPRACHIN, SOA

ନୀଳକଂଠଙ୍କର ସ୍ନେହବହ୍ୱଳା ମାତା ସେଇ ହରଚଣ୍ଡୀଙ୍କ ପାଖରେ ବୋଦା ବଳୀ ଦେବାକୁ ମନାସିଥିଲେ । ସନ୍ତାନ ରୋଗମୁକ୍ତ ହେଲା ପରେ ଧର୍ମାଚରଣ ଓ କୌଳିକ ପ୍ରଥା ସମ୍ପର୍କରେ ନିଷ୍ଠାଶୀଳା ମାତା ଯେତେବେଳେ ବଳୀଦାନର ବ୍ୟବସ୍ଥା କରିବାକୁ ଲାଗିଲେ, ନୀଳକଂଠ ତାର ପ୍ରବଳ ପ୍ରତିବାଦ କଲେ, ଏବଂ ପିତା ପୁତ୍ରକୁ ସେଥିରେ ସମର୍ଥନ ମଧ୍ୟ କଲେ । ଫଳରେ ଥରକପାଇଁ ଅନ୍ତତଃ ଦେବୀ ମନ୍ଦିରର ସମ୍ମୁଖ ଭାଗ ଛାଗରକ୍ତରେ ଆପ୍ଳୁତ ହୋଇ ନ ଥିଲା । ପିତାଙ୍କ ମନରେ ସଂସ୍କାର ଲିପ୍ସା ଥିଲା । ତାହା ପୁଷ୍ଟି ବଳିଷ୍ଠ ଓ କର୍ମପ୍ରବଣ ହୋଇ ଉଠିଲା ପୁତ୍ରଙ୍କ ଜୀବନରେ ।

ପିତାଙ୍କ ଦୃଢ଼ତା ମଧ୍ୟ କମ୍ ନ ଥିଲା । ଅଶିକ୍ଷିତ ହେଲେ ମଧ୍ୟ ସେ ଥିଲେ ଦୃଢ଼ ଓ ଋଜୁ ବ୍ୟକ୍ତିତ୍ୱର ଅଧିକାରୀ; ଚରିତ୍ରବଳ ତାଙ୍କର ଯଥେଷ୍ଟ ଥିଲା । ସ୍ୱାସ୍ଥ୍ୟସକାଶେ କେତେବେଳେ କପର ଭାଙ୍ଗ ଖାଉଥିଲେ ସେ; ପୁଅ ମୁହଁକୁ ଚାହିଁ ତାକୁ ସେ ତ୍ୟାଗକଲେ । ପଞ୍ଚସ୍ତରୀ ବର୍ଷ ବୟସରେ ପ୍ରବଳ କାଶ ରୋଗର କବଳରୁ ମୁକ୍ତି ପାଇବା ଲାଗି ବନ୍ଧୁମାନଙ୍କ ଦ୍ୱାରା ଅଫିମ ଖାଇବାକୁ ବାରମ୍ବାର ଅନୁରୁଦ୍ଧ ହୋଇ ମଧ୍ୟ କେବଳ କୃତବିଦ୍ୟ ଓ ଯଶଶାଳୀ ପୁତ୍ରକୁ ଚାହିଁ ଏଇ ବଦଭ୍ୟାସଠୁ ଦୂରରେ ରହିଗଲେ ସେ । ନୀଳକଂଠଂକ ଚରିତ୍ରରେ ଏଇ ଦୃଢ଼ତା, ଏଇ ସଂଯମ ଏଇ ବଳିଷ୍ଠ ଚେତନା ପଲ୍ଲବିତ ହୋଇ ଉଠିଥିଲା । ସଂସ୍କାରକ ଜୀବନରେ ଏହାହିଁ ହେଲା ତାଙ୍କର ପରମ ସହାୟ ।

ନୀଳକଂଠଂକ ଚିନ୍ତା, ଚରିତ୍ର ଓ ଚିନ୍ତାରେ ଆଉ ଜଣକର ଉଜ୍ଜ୍ୱଳ, ଜ୍ଞାନପ୍ରଦୀପ୍ତ, ତୀକ୍ଷ୍ଣ ବୁଦ୍ଧିରଧାର କାର୍ଯ୍ୟ କରୁଥିଲା । ସେ ବି ଥିଲେ ପ୍ରବଳ ଭାବରେ ସଂସ୍କାର ଧର୍ମୀ—ସଂସ୍କାର ପ୍ରୟାସୀ । ବିଦ୍ୟାରେ ଧୁରୀଣ କର୍ମରେ ସୁକୌଶଳୀ, ବାଗ୍ମୀତାରେ ଅପ୍ରତିଦ୍ୱନ୍ଦୀ ଏଇ ଅସାଧାରଣ ବ୍ୟକ୍ତିଙ୍କର ନାମଥିଲା ପଣ୍ଡିତ ହରିହର ଦାସ । ସ୍ୱାମୀ ଦୟାନନ୍ଦଙ୍କ ପରି ଜ୍ଞାନୀ ଓ ବାଗ୍ମୀ ମଧ୍ୟ ହରିହରଙ୍କ ବାଗ୍ମୀତା ଦେଖି ବିସ୍ମୟାଭିଭୂତ ହୋଇ ଯାଇଥିଲେ ।

ନୀଳକଣ୍ଠଙ୍କ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥ ପଢ଼ିଲେ ବେଶ ଅନୁମାନ କରିହୁଏ ଯେ କର୍ମପଟୁତା, ବିଦ୍ୟାନିଷ୍ଠା ଓ ସମାଜ କଲ୍ୟାଣ ସାଧନରେ ହରିହର ପୁଣ୍ୟଶ୍ଳୋକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କଠାରୁ ଊଣା ନ ଥିଲେ ।

Digitized by PPRACHIN, SOA

ଯେତେବେଳେ ଇଂରାଜୀ ଶିକ୍ଷାର କଥା ଉଠିଲେ ବ୍ରାହ୍ମଣମାନେ ଓ ସମାଜ ଚାଳକମାନେ କ୍ରୋଧରେ ଜର୍ଜରିତ ଏବଂ ଘୃଣାରେ ଅଧୀର ହୋଇଯାଉ ଥିଲେ ସେତେବେଳେ ଏଇ ଜ୍ଞାନନିଷ୍ଠ ବ୍ରାହ୍ମଣ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାର ମିଳନ ଘଟାଇବା ଲାଗି ଅଣ୍ଟାଭିଡ଼ି ଲାଗିପଡ଼ିଥିଲେ । ଫଳିତ ଜ୍ୟୋତିଷର ପ୍ରଭାବ ଆମ ସମାଜ ଉପରେ ଅତି ପ୍ରବଳ, ଅଥଚ ଧର୍ମର ଗୂଢ଼ ତତ୍ତ୍ୱାନ୍ୱେଷୀ ଏଇ ବ୍ରାହ୍ମଣ ଫଳିତ ଜ୍ୟୋତିଷର ଇନ୍ଦ୍ରଜାଲରୁ ସମ୍ପୂର୍ଣ୍ଣ ମୁକ୍ତ ଥିଲେ । ହରିହର ଥିଲେ ନୀଳକଣ୍ଠଙ୍କ ଗ୍ରାମବାସୀ ଓ ସମ୍ପର୍କରେ ତାଙ୍କ ପିତୃବ୍ୟ, ହେଲେ ସୁଦ୍ଧା ନୀଳକଣ୍ଠଙ୍କ ସହିତ ଏଇ ପଣ୍ଡିତପ୍ରବରଙ୍କ ପ୍ରତ୍ୟକ୍ଷ ପରିଚୟ ନ ଥିଲା । ତଥାପି ତାଙ୍କ ପ୍ରତିଭା, ତାଙ୍କ ପୁଣ୍ୟ ଅନୁଷ୍ଠାନମାନଙ୍କରେ ସଂସ୍ପର୍ଶ ଓ ତାଙ୍କ ବିଚାର ପରମ୍ପରା ନୀଳକଣ୍ଠଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ଭାବପ୍ରବଣତା ସଂସ୍କାରର ଘୋର ବିରୋଧୀ । ସଂସ୍କାର ଲାଗି ତୀକ୍ଷ୍ଣ ବିଚାର ବୁଦ୍ଧି ଆବଶ୍ୟକ ହୁଏ, ଆବଶ୍ୟକ ହୁଏ ପ୍ରଖର ଓ ବଳିଷ୍ଠ ଯୁକ୍ତି ଏବଂ ବିଶ୍ଳେଷଣ କରିବା ଲାଗି ସୁନିପୁଣ କ୍ଷମତା । ଭାବ ମେଦୁରତା ମନ ଭିତରେ ଗୋଟିଏ ଆବିଳତା ସୃଷ୍ଟି କରେ—କର୍ମୋଦ୍ୟମକୁ କୋମଳ ଆବେଗରେ ଆବିଷ୍ଟ କରେ । ଯାହା କୁତ୍ସିତ ଓ ଅନ୍ଧବିଶ୍ୱାସଦ୍ୱାରା ପଙ୍କିଳ, ତାର ମୋହ ଭେଦ କରିବା ଲାଗି ଭାବପ୍ରବଣତାର ଶକ୍ତି ନ ଥାଏ । ନୀଳକଣ୍ଠଙ୍କର ବିଚାର ବୁଦ୍ଧି ଥିଲା ନିର୍ମଳ, ଋଜୁ ଓ ତେଜସ୍ୱୀ । ତାଙ୍କ ଯୁକ୍ତି ଥିଲା ତୀକ୍ଷ୍ଣ, ତାଙ୍କ ମେଧା ଥିଲା ବିଶ୍ଳେଷଣ ଓ ଅନୁସନ୍ଧାନ ଲାଗି ବିଶେଷ ଭାବରେ ବଳିଷ୍ଠ ଓ ତତ୍ପର । ଏ ବିଷୟରେ ତାଙ୍କର ଯେଉଁ ସ୍ୱାତନ୍ତ୍ର୍ୟ ଥିଲା—ଥିଲା ଯେଉଁ ଅସାଧାରଣତ୍ୱ, ତାହା ଗୋପବନ୍ଧୁଙ୍କର କିମ୍ବା ଗୋଦାବରୀଶଙ୍କର ମଧ୍ୟ ନ ଥିଲା । ଗୋପବନ୍ଧୁ କିମ୍ବା ଗୋଦାବରୀଶ ପ୍ରଧାନତଃ ଥିଲେ କବି, ସେମାନେ ଥିଲେ ଭାବଧର୍ମୀ—ନୀଳକଣ୍ଠ ଥିଲେ ଯୁକ୍ତିଧର୍ମୀ, ବିଶ୍ଳେଷଣ ପଟୁ । ତାଙ୍କ ଦୃଷ୍ଟି ବାହାରର ଅଳୀକତା ଆବଦ୍ଧ ନ ରହି ବିଷୟର ଅନ୍ତରରେ ପ୍ରବେଶ କରୁଥିଲା । ସେଇଥିଲାଗି ସେ ଭକ୍ତି ଧର୍ମର ମୋହକୁ କ୍ଷୁରଧାର ଯୁକ୍ତିଦ୍ୱାରା ଖଣ୍ଡବିଖଣ୍ଡ କରି ପକାଉଥିଲେ । ତାନ୍ତ୍ରିକତା, ଫଳିତ ଜ୍ୟୋତିଷ, ସହଜିଆ ଧର୍ମ ଓ କାମକଳା ସର୍ବସ୍ୱ ସାହିତ୍ୟର ସମସ୍ତ ରୋମାଞ୍ଚକର ଅନୁଭୂତିକୁ ତାଙ୍କ ତୀକ୍ଷ୍ଣ ବିଚାର ଶକ୍ତି ଦୃଢ଼ ଭାବରେ ଅସ୍ୱୀକାର କରୁଥିଲା । ଏପରିକି ବନ୍ଧୁ ଗୋଦାବରୀଶ ଓ ଗୁରୁ

Digitized by PPRACHIN, SOA

ଗୋପବନ୍ଧୁଙ୍କ ସମ୍ପର୍କରେ ମଧ୍ୟ ସେ ଅଯଥା ଉକ୍ତି ପସନ୍ଦ କରୁ ନ ଥିଲେ ଏବଂ ସେଥିପାଇଁ ଅନ୍ୟମାନଙ୍କୁ ସେ ବିଷୟରେ ସେ ସତର୍କ କରି ଦେଇ-ଥିଲେ । ସଂସ୍କାର ଲାଗି ଯେଉଁ ମାନସିକ ଗଠନ ଆବଶ୍ୟକ ତାହା ପୂର୍ଣ୍ଣ ଭାବରେ ନୀଳକଣ୍ଠଙ୍କର ଥିଲା । ମନେ ହୁଏ ଏ ଦେଶର କୁସଂସ୍କାର-ଜର୍ଜରିତ ସମାଜ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱଠାରୁ, ତାଙ୍କର ବିଚାର ଓ ବିଶ୍ଳେଷଣଠାରୁ, ଏବଂ ତାଙ୍କଦ୍ୱାରା ସେଇ ବିଚାର ଓ ବିଶ୍ଳେଷଣ ଲବ୍ଧ ଜ୍ଞାନର ବିନିଯୋଗ ଠାରୁ ସଂସ୍କାର-ବିଭବ ଲାଭ କରିବାକୁ ଉଦ୍‌ଗ୍ରୀବ ଭାବରେ ଅପେକ୍ଷା କରି ରହିଥିଲା ।

( ୨ )

ସଂସ୍କାରର ଦୁଇଟି ଦିଗ -ଗୋଟିଏ ନୀତି, ଅନ୍ୟଟି ପ୍ରୟୋଗ । ନୀତି ନ ଥାଇ ଯେଉଁ ସଂସ୍କାର ତାର ପରିସର ସଂକୀର୍ଣ୍ଣ, ତାର ଜୀବନ କ୍ଷୀଣ । ସମାଜର ଗଭୀର ସ୍ତରରେ, ବ୍ୟକ୍ତି ଚରିତ୍ରର ଅଭ୍ୟନ୍ତରରେ ସେ ସଂସ୍କାର ବ୍ୟାପ୍ତି ଲାଭ କରେନା । ପୁଣି ପ୍ରୟୋଗ ନ ଥାଇ ଯେଉଁ ସଂସ୍କାର, ତାହା ଭଣ୍ଡାମିକୁ ପ୍ରଶ୍ରୟ ଦିଏ; ବିଚାର ଓ ଆଚାର ଭିତରେ, ଚେତନା ଓ ଚରିତ୍ର ଭିତରେ, ବୁଦ୍ଧି ଓ ବ୍ୟବହାର ଭିତରେ ତାହା ଅଧିକରୁ ଅଧିକ ବ୍ୟବଧାନ ସୃଷ୍ଟି କରେ ।

ନୀଳକଣ୍ଠଙ୍କ ସଂସ୍କାର ଥିଲା ବ୍ୟାପକ ଓ ବହୁମୁଖୀ ଏବଂ ପ୍ରତ୍ୟେକ ବିଷୟରେ ସେ ଏକ ନିଶ୍ଚିତ ଓ ଶାଶ୍ୱତ ନୀତି ଉପରେ, ଏକ ଗଭୀର ତତ୍ତ୍ୱ ଉପରେ ତାଙ୍କ ସଂସ୍କାର ପ୍ରଚେଷ୍ଟାକୁ ଗଢ଼ି ତୋଳୁଥିଲେ । ଧର୍ମ ଦିଗରେ ତଥା ସମାଜ ଗଠନ ଦିଗରେ ସେ ଯେଉଁ ନୀତି ଓ ଯେଉଁ ତତ୍ତ୍ୱର ଆଶ୍ରୟ ନେଇଥିଲେ, ତାହା ଯେଉଁପରି ପୁରାତନ ସେଇପରି ବଳଶାଳୀ ଓ ସ୍ଥାୟୀ । ସେଇ ତତ୍ତ୍ୱ, ସେଇ ନୀତିରେ ଥିଲା ପ୍ରାଚୀନତାର ଗରିମା ଓ ମହତ୍ତ୍ୱ ଏବଂ ଚିରନୂତନତାର ଶକ୍ତି ଓ ସ୍ପନ୍ଦନ । ବୁଦ୍ଧ, ଶ୍ରୀକୃଷ୍ଣ, ଖ୍ରୀଷ୍ଟ, ଶ୍ରୀଚୈତନ୍ୟ ଇତ୍ୟାଦିଙ୍କୁ ଅବଲମ୍ବନ କରି ଯେଉଁ ବ୍ୟକ୍ତିଗତ ଧର୍ମର ଉଦ୍ଭବ ଘଟିଛି ଏବଂ ଯାହାର ଆଶ୍ରୟରେ ଭକ୍ତିଭାବ ଶାଖା-ପଲ୍ଲବରେ ପୁଷ୍ଟ ଓ ସମୃଦ୍ଧ ହୋଇ ମଣିଷର ବୁଦ୍ଧି ଓ ଧୀଶକ୍ତିକୁ ବାରମ୍ବାର ମୋହାଚ୍ଛନ୍ନ କରି ବ୍ୟକ୍ତିତ୍ୱର ଶୁଦ୍ଧ, ଶକ୍ତିଶାଳୀ ଓ ନିର୍ମଳ ବିକାଶ ପଥରେ ଦୁର୍ଲଙ୍ଘ୍ୟ ବିଘ୍ନ ରୂପେ ଠିଆ ହୋଇଛି, ନୀଳକଣ୍ଠ ସେଇ ବ୍ୟକ୍ତି-ଗତ ଧର୍ମର ଆଶ୍ରୟକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିଥିଲେ । ତେଣୁ ତାଙ୍କ

Digitized by PPRACHIN, SOA

ଜଗନ୍ନାଥ ଧର୍ମ ବିଶ୍ୱ କଲ୍ୟାଣବୋଧର ମହିମା ଉପରେ ପ୍ରତିଷ୍ଠିତ, ପୁଣି ଅପୌରୁଷେୟ ଧର୍ମର ଆତ୍ମିକ ପରମ୍ପରାଦ୍ୱାରା ଉଦ୍ଭାସିତ । ଆର୍ଯ୍ୟଙ୍କର ପ୍ରଶସ୍ତ ଜୀବନବୋଧ ସହିତ ଯୋଗାଭ୍ୟାସର ମୂଳମନ୍ତ୍ରକୁ ସମନ୍ୱିତ କରି ତାହାଦ୍ୱାରା ସେ ବ୍ୟକ୍ତି ଚରିତ୍ର ଓ ସମାଜ ବିକାଶର ଭଙ୍ଗୀଟିକୁ ନିର୍ମଳ ଓ ଉନ୍ନତ କରି ତୋଳିବାକୁ ଚାହିଁଥିଲେ । ଉକ୍ତ ଧର୍ମର ନାନା ପର୍ଯ୍ୟାୟ ଓ ନାନା ଆଗ୍ରହରୁ ଜଗନ୍ନାଥ ଧର୍ମର ମୌଳିକ ଧାରଣାକୁ ପୃଥକ କରି ପ୍ରାଚୀନ ଆର୍ଯ୍ୟ ସଭ୍ୟତା ତଥା ଅସୁର ସଭ୍ୟତାର ବିସ୍ତୃତତର ପୀଠ ଉପରେ ତାର ଶୁଦ୍ଧ ରୂପଟି ସେ କଳ୍ପନା କରିଥିଲେ ଏବଂ ସେଇ ଦୃଷ୍ଟିରୁ ମଣିଷର ବିଚାର କିପରି ହେବା ଉଚିତ ଏବଂ ସମାଜର ବିକାଶଭଙ୍ଗୀ କେଉଁ ମାର୍ଗରେ ନିୟନ୍ତ୍ରିତ ହେବା ଉଚିତ ତାହା ସେ ନିର୍ଣ୍ଣୟ କରୁଥିଲେ । ଋଗ୍‌-ବେଦରେ ଅଛି 'ମହତ ଦେବାନାମସୁର ତ୍ୱମେକଂ' ଏଇ ବାଣୀ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥରେ ପୁଣି 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥରେ ଉଲ୍ଲେଖ କରି ଆର୍ଯ୍ୟସଭ୍ୟତାର ଯେଉଁ ରୂପଟି ସେ କଳନା କରିଛନ୍ତି, ମାନବ ଚରିତ୍ର ଓ ବ୍ୟକ୍ତିତ୍ୱ ବିକାଶ ଦିଗରେ ତାର ବିପୁଳ ଉପାଦେୟତା ରହିଛି । ଏ ବିଷୟରେ ସେ ଯେପରି ବହୁ ଅନ୍ଧବିଶ୍ୱାସ ଓ ପ୍ରାଚୀନ ଅଭ୍ୟାସରୁ ମୁକ୍ତ ହୋଇ ପାରିଛନ୍ତି, ଜ୍ୟୋତିର୍ବିଦ୍ୟା ଆଲୋଚନା କରିବାକୁ ଯାଇ ସେ ସେଇ-ପରି ମୋହମୁକ୍ତ ବିଚାର ଧାରାର ପରିଚୟ ଦେଇଛନ୍ତି । ପ୍ରାଚୀନ ଚୀନ ଓ ମେସୋପଟେମିଆରେ ବିଦ୍ୟାର ଯେଉଁ ଅନୁଶୀଳନ ଓ ଏଷଣା ଚାଲିଥିଲା, ତାହାର ଫଳରେ ମାନବ ଜ୍ଞାନର ନୂତନ ସମୃଦ୍ଧି ଓ ନୂତନ ବିଭୂତି ରୂପେ ଜ୍ୟୋତିର୍ବିଦ୍ୟା ଗଢ଼ି ଉଠିଥିଲା । ପରବର୍ତ୍ତୀ କାଳର ମୋହଗ୍ରସ୍ତ ମନ ଏଇ ଜ୍ୟୋତିର୍ବିଦ୍ୟାର ବହୁ ଅପପ୍ରୟୋଗ କରି ଯାଇଛି ଏବଂ ଏଇ ଅପ-ପ୍ରୟୋଗକୁ ଭିତ୍ତିକରି ଭାଗ୍ୟ ବିଶ୍ୱାସ ଓ ତଜ୍ଜନିତ ନାନା ବ୍ୟଭିଚାରର ସୃଷ୍ଟି ହୋଇ ଉଠିଛି । ନୀଳକଣ୍ଠ ଏଇ ଅପପ୍ରୟୋଗକୁ କେବଳ ବୁଦ୍ଧି ଓ ଯୁକ୍ତି କ୍ଷେତ୍ରରେ ବାରମ୍ବାର ଯେ ଅସ୍ୱୀକାର କରୁଥିଲେ ତା ନୁହେଁ, ବ୍ୟକ୍ତିଗତ ଜୀବନରେ ଯେତେବେଳେ ସେ ଏହାର କୌଣସି ପ୍ରଭାବ ବା ପ୍ରୟୋଗ ଲକ୍ଷ୍ୟ କରୁଥିଲେ ସେତେବେଳେ ସେ ରୁଷ୍ଟ ଓ ଅସହିଷ୍ଣୁ ହୋଇ ଉଠୁଥିଲେ । ଏଇ ଭାଗ୍ୟବିଶ୍ୱାସ ସମ୍ପର୍କରେ ମୁକ୍ତାର ରାମଚନ୍ଦ୍ର ଦାସ ଓ ପଣ୍ଡିତ ଗୋଦାବରୀଶଙ୍କ କଥା ତାଙ୍କ ଆତ୍ମଜୀବନ ଚରିତରେ ସେ ଯାହା ଉଲ୍ଲେଖ

Digitized by PPRACHIN, SOA

କରିଛନ୍ତି, ସେଇଥିରୁ ଏଇସବୁ ଅବୈଜ୍ଞାନିକ ମନୋବୃତ୍ତି ସମ୍ପର୍କରେ ତାଙ୍କର ତୀବ୍ର ଅସନ୍ତୁଷ୍ଟିର ପରିଚୟ ମିଳେ ।

ସାହିତ୍ୟ ଓ ଭାଷା କ୍ଷେତ୍ରରେ ମଧ୍ୟ ନୀଳକଂଠଙ୍କର ତାତ୍ତ୍ୱିକ ଚିନ୍ତା ଓ ନୀତିଗତ ବିଶ୍ଳେଷଣ ଗଭୀର ମନୋଯୋଗ, ସତର୍କ ବିଚାର ଓ ନିଷ୍ଠାପର ଗବେଷଣା ଦାବୀ କରେ । ବୈଷ୍ଣବ ସାହିତ୍ୟ, ରାଧାନାଥଙ୍କ କାବ୍ୟ ସମୂହ ଓ ମଧୁସୂଦନ ରାଓଙ୍କ ଗଦ୍ୟଶୈଳୀ ବିରୁଦ୍ଧରେ ତାଙ୍କର ତୀବ୍ର ଅଭିଯୋଗ ପଛରେ ଯେଉଁ ତତ୍ତ୍ୱାନୁସନ୍ଧିତ୍ସା ରହିଛି, ତାହା କେବେହେଲେ କ୍ଷଣିକ ଉନ୍ମାଦନା ପ୍ରସୂତ ନୁହେଁ – କିମ୍ବା କେବଳ ବ୍ୟକ୍ତିଗତ ଅସୂୟାରୁ ଉଦ୍ଭୂତ ନୁହେଁ । ଧର୍ମ ସମ୍ପର୍କରେ ବିଚାର ଓ ବିଶ୍ଳେଷଣ କରିବାକୁ ଯାଇ ସେ ବୈଷ୍ଣବ ଧର୍ମର ଯେଉଁ ପ୍ରକୃତି ଓ ପ୍ରବୃତ୍ତି କଳନା କରିଛନ୍ତି ତାହାହିଁ ତାଙ୍କୁ ବୈଷ୍ଣବ ସାହିତ୍ୟ ଓ ରାଧାନାଥଙ୍କ କାବ୍ୟ ସମ୍ପର୍କରେ କଠୋର ସମାଲୋଚକ କରି ତୋଳିଛି । ରାଧାନାଥଙ୍କ କାବ୍ୟମାନଙ୍କରେ ପାଶ୍ଚାତ୍ୟର ଅନୁକରଣ ତାଙ୍କର ଅକୃତ୍ରିମ ଓ ଉନ୍ନତ ଦେଶାତ୍ମବୋଧ ପାଖରେ ତୀବ୍ରକ୍ଷୋଭ ଓ ଅପମାନର ବିଷୟ ହୋଇଥିଲା । ସେଇପରି ମଧୁସୂଦନ ରାଓଙ୍କ ଗଦ୍ୟରେ ଓଡ଼ିଆ ଗଦ୍ୟର ନିଜସ୍ୱ ଭଙ୍ଗୀ ଓ ପ୍ରାଣପ୍ରାଚୁର୍ଯ୍ୟର ଅଭାବ ତାଙ୍କୁ ବିଶେଷ ଦୁଃଖ ଦେଇଥିଲା । ଜଣେ ପାଦ୍ରୀଙ୍କର ଓଡ଼ିଆ ଭାଷା ସମ୍ପର୍କରେ ଜଣେ ବଢ଼େଇ ସହିତ ପରାମର୍ଶ କରିବାର ଦୃଷ୍ଟାନ୍ତ ଉଲ୍ଲେଖ କରି ଆତ୍ମଜୀବନୀରେ ନୀଳକଂଠ କହିଛନ୍ତି—ଭାଷାର ଉଦ୍ଭବ ଓ ବିକାଶ ଜନତାର ବାଗ୍‌ଭଙ୍ଗୀ ସହିତ ସମତାଳରେ ଗତିକଲେ ଗଦ୍ୟର ଶ୍ରୀବୃଦ୍ଧି ଓ ପ୍ରାଣପ୍ରାଚୁର୍ଯ୍ୟ ଘଟେ । ଏଇ ସମ୍ପର୍କରେ ସେ ଫକୀରମୋହନଙ୍କ ଓଜସ୍ୱୀ ଗଦ୍ୟ କଥା ବିଶେଷ ପ୍ରଶଂସା ଓ ରସବୋଧ ସହ ଉଲ୍ଲେଖ କରିଛନ୍ତି ।

ମୋଟ ଉପରେ କି ସମାଜ, କି ଧର୍ମ, କି ଶିକ୍ଷା, କି ସାହିତ୍ୟ ସବୁଥିରେ ନୀଳକଣ୍ଠଙ୍କର ସମସ୍ତ ସଂସ୍କାର ପ୍ରୟାସ କୌଣସି ଏକ ତତ୍ତ୍ୱକୁ ଅନୁସରଣ କରୁଥିଲା । ଅବଶ୍ୟ ସେ ତତ୍ତ୍ୱଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଦୋଷମୁକ୍ତ କି ନୁହେଁ ଏବଂ ସେଗୁଡ଼ିକର ସ୍ଥାୟୀ ଉପାଦେୟତା କେତେ, ଏଠାରେ ତାହା ବିଚାର କରିବାର କଥା ନୁହେଁ । ନୀଳକଣ୍ଠ କିନ୍ତୁ କୌଣସି ନା କୌଣସି ତତ୍ତ୍ୱରୁ ହିଁ ସେ ତାଙ୍କର ସଂସ୍କାର ସମ୍ପର୍କୀୟ ଦୃଷ୍ଟିଭଙ୍ଗୀ ଓ ବିଶ୍ୱାସ ଲାଭ କରୁଥିଲେ ଏବଂ ଏଇ ଦୃଷ୍ଟିଭଙ୍ଗୀ ଓ ବିଶ୍ୱାସକୁ ସେ ପ୍ରୟୋଗଦ୍ୱାରା

Digitized by PPRACHIN, SOA

ଚରିତାର୍ଥ କରି ତୋଳୁଥିଲେ । ତେଣୁ ତାଙ୍କ ସଂସ୍କାର ପୂର୍ଣ୍ଣାଙ୍ଗ ହୋଇଥିଲା, ପୂର୍ଣ୍ଣ ଜୀବନର ଅଧିକାଂଶ ହୋଇଥିଲା, ତାହା ଏ ଜାତିର ମନୀଷା ସ୍ତରରେ ଆଲୋଡ଼ନ ସୃଷ୍ଟି କରୁଥିଲା, ଏବଂ ଏ ଜାତିର ସାଧାରଣ ଜୀବନର ଚଳଣି ଓ କର୍ମ ପ୍ରବାହରେ ନୂଆ ଗତିଭଙ୍ଗୀ ଆଣି ଦେଉଥିଲା ।

( ୩ )

ଯେଉଁ କାଳ ଯେଉଁ ପରିସ୍ଥିତି ଓ ଯେଉଁ ପରମ୍ପରାର ପୃଷ୍ଠଭୂମିକାରେ ନୀଳକଣ୍ଠ ସଂସ୍କାର ଧାରା ପ୍ରବର୍ତ୍ତନ କରିଥିଲେ ତାହା ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କରିବା ଉଚିତ । ସେଯୁଗର ରକ୍ଷଣଶୀଳତା ଥିଲା ଯେଉଁ ପରି ପ୍ରବଳ ଓ ଦୁର୍ଲଂଘ୍ୟ, ସେଇପରି ଦାମ୍ଭିକତା ପୂର୍ଣ୍ଣ । ପରାଧୀନତାର ସମସ୍ତ କୁତ୍ସିତ ଅଭ୍ୟାସ ଓ ରୁଗ୍‌ଣ ମନୋବୃତ୍ତି ସମାଜର ପ୍ରତି ସ୍ତର, ପ୍ରତି ଅନୁଷ୍ଠାନ ଓ ପ୍ରତି ସଂଗଠନକୁ ଆକ୍ରମଣ କରି ଆମର ଗାରମାମୟ ଅତୀତର ସମସ୍ତ ଆଦର୍ଶନିଷ୍ଠାକୁ ମ୍ରିୟମାଣ କରି ଦେଇଥିଲା ।

ବିଚାରର ବିହୀନ କ୍ରିୟା କାଣ୍ଡ ଓ ସଂକୀର୍ଣ୍ଣ ଆଚାର-ସର୍ବସ୍ୱ ବିଧିବିଧାନ ଏକ ଗ୍ଲାନିପୂର୍ଣ୍ଣ, ବିଷାକ୍ତ ବାତାବରଣ ସୃଷ୍ଟି କରିଥିଲା । କୁଳୀନତାର ନାନା ଜଟିଳ ବ୍ୟବସ୍ଥା ସମାଜ ଜୀବନକୁ ପଙ୍ଗୁ ଓ ଦୁର୍ବଳ କରି ପକାଉଥିଲା । ଶୁଦ୍ଧ, ନିର୍ମଳ ଓ ନିର୍ଭୀକ ବିଚାରଧାରା ଏବଂ ନୈତିକ ସାହସର ଅଭାବ ସକାଶେ ଯୌତୁକ ପ୍ରଥା, ଜାତି କିଣିବାର ଉଦ୍ୟମ ଏବଂ ଅତି ନିମ୍ନ ଶ୍ରେଣୀର ପୌତ୍ତଳିକତା ସମାଜମାନସକୁ ପ୍ରବଳ ମାୟାଜାଲରେ ଆଚ୍ଛନ୍ନ କରି ରଖିଥିଲା । ଭେଦଭାବର ନାନା ହୀନ ଅଭିସନ୍ଧି ଓ ଜଟିଳ ବ୍ୟବସ୍ଥା ସମାଜର ଉଚ୍ଚତମ ସ୍ତରରୁ ନିମ୍ନତମ ସ୍ତର ପର୍ଯ୍ୟନ୍ତ ମାଡ଼ିଯାଇଥିଲା, ଏବଂ ଶିକ୍ଷା ନାମରେ ଜୀବିକାର୍ଜନର ପ୍ରବଳ ପ୍ରୟାସ ଜ୍ଞାନର ପରିସରକୁ ସଂକୀର୍ଣ୍ଣ କରି ରଖିଥିଲା । କେବଳ ଆଚାର, କେବଳ ରୀତି ନୀତି ଏପରି ଭୀଷଣ ହୋଇ ଉଠିଥିଲା ଯେ ବ୍ରାହ୍ମଣ ନିଶ ରଖିବେ କି ନାହିଁ, ବିଧବା ବ୍ରାହ୍ମଣୀମାନେ କୋବି ଓ ଆଳୁ ଖାଇବେ କି ନାହିଁ, ବୈବାହିକ ସମ୍ପର୍କ ସ୍ଥାପନ ବେଳେ ଜାତିର ଉଚ୍ଚତା ଓ ନୀଚତା ଅନୁଯାୟୀ କେତେ ବରପଣ କିମ୍ବା କନ୍ୟାପଣ ଦେବାକୁ ପଡ଼ିବ ଏଇ ଦ୍ୱନ୍ଦ ବିରୋଧରେ ଜାତୀୟ ଶକ୍ତିର ଅପଚୟ ଘଟୁଥିଲା ।

Digitized by PPRACHIN, SOA

ଏଇ ଘଡ଼ ସନ୍ଧି ଭିତରେ ଦେଇ ଅତିବାହିତ ହୋଇଥିଲା ନୀଳକଣ୍ଠଙ୍କର ବାଲ୍ୟ, କୈଶୋର ଓ ଯୌବନ । କୈଶୋରର କୌତୂହଳ ବଶତଃ ଦିନେ ସମବୟସ୍କଙ୍କୁ ଧରି ଖ୍ରୀଷ୍ଟାନଙ୍କର ଗୀର୍ଜାକୁ ସେ ଚାଲି ଯାଇଥିଲେ ବୋଲି ଉତ୍ତେଜନା, ଅସନ୍ତୋଷ ଓ ବିକ୍ଷୋଭର ସୀମା ନ ଥିଲା । ଏଇପରି ଅବସ୍ଥାରେ ଏକ ଅଭୂତପୂର୍ବ ଘଟନା ଘଟିଲା । ସୁଆଣ୍ଡ ଗ୍ରାମର ପ୍ରାନ୍ତଭାଗରେ ଭାର୍ଗବୀ ନଦୀ କୂଳରେ ଜାଗେଶ୍ୱରୀ ଦେବୀଙ୍କ ପୀଠରେ ଗୋପବନ୍ଧୁ ଶୁଦ୍ଧପୂତଭାବରେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରୁଛନ୍ତି । ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଓ ପ୍ରଚାରକ ଅନନ୍ତ ମିଶ୍ର ସେଇଠାରେ ଯାଇ ପହଞ୍ଚିଲେ । ଭାଗବତ ପାଠ ପରେ ସମସ୍ତେ ପ୍ରସାଦ ସେବା କଲେ । ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଇତ୍ୟାଦି ଶାସନୀ ବ୍ରାହ୍ମଣ । ଗୋପବନ୍ଧୁ ଶାସନୀ ନ ଥିଲେ । ଶାସନୀ ବ୍ରାହ୍ମଣଙ୍କ ପକ୍ଷେ ଏପରି ପ୍ରସାଦ ସେବା କୌଳିକ ପ୍ରଥା ଓ ଜାତି ଧର୍ମର ବିରୋଧୀ କାର୍ଯ୍ୟ । ଧୀରେ ଧୀରେ ଭାର୍ଗବୀ ନଦୀର ବୁକୁ ଉପରକୁ ଜ୍ୟୋତ୍ସ୍ନାଧୌତ ସନ୍ଧ୍ୟା ନଇଁ ଆସିଲା । 'କଳାଭ୍ରମର' ପରି ପାଣି ସୁଅକୁ ଲାଗି 'ରୂପାଗୁଣ୍ଡ' ପରି ନଈବାଲି ବିସ୍ତୃତ ହୋଇ ରହିଛି । ଏକ ପବିତ୍ର ଗମ୍ଭୀର ପରିବେଶ । ଏଇ ମହାନ୍ ପରିବେଶ ଭିତରେ ଭାର୍ଗବୀ ନଦୀକୁ ଲାଗି ବରଗଛର 'ତଳତଣ୍ଡୁଳିତ, ଚାଲିରେ ଚାରି ଜଣଯାକ ଯୁଗଜନ୍ମା ପୁରୁଷ, ଓଡ଼ିଶାର ଇତିହାସରେ ଚାରି ଜଣଯାକ ବିଚିତ୍ରକର୍ମା ବ୍ୟକ୍ତି ଚନ୍ଦ୍ର ଅସ୍ତ ହେବା ପର୍ଯ୍ୟନ୍ତ ଗଳ୍ପ କରୁଥାନ୍ତି । ଶେଷରେ ଚାରି ଜଣଯାକ ଶପଥ କଲେ—ଆମେ ପାଠ ପଢ଼ି ସରକାରୀ ଚାକରୀ କରିବା ନାହିଁ, ଦେଶ ପାଇଁ କଷ୍ଟ କରିବା, ଜନ୍ମବେଳେ ଦେଶକୁ ଯାହା ଦେଖି ଥାଇଁ ତା' ଠାରୁ ଉନ୍ନତ ଦେଖି ମରିବା ।

ଓଡ଼ିଶାରେ ସମାଜ ସଂସ୍କାରର ଏଇ ଦୃଶ୍ୟଟି ଚିର ଭାସ୍ୱର ହୋଇ ରହିଥିବ । ସେ ଯୁଗରେ ଯେତେଯେତେ ସଂସ୍କାର ଅନୁଷ୍ଠିତ ହୋଇଥିଲା, ଏଇ ଶପଥ ତାର ଅବିଚ୍ଛେଦ୍ୟ ଅଂଶ –ତାର ପ୍ରଧାନ ଶକ୍ତି-ସ୍ରୋତ । ପୁଣି ଏଇ ଶପଥକୁ ସାର୍ଥକ କରି ତୋଳିବା ଲାଗି ଯେଉଁ ପ୍ରୟୋଗ ପୀଠ, ଯେଉଁ କର୍ମକ୍ଷେତ୍ର ନିରୂପିତ ହେଲା, ତାହା ଥିଲା ସବୁ ପ୍ରକାରର ରକ୍ଷଣଶୀଳତାର କେନ୍ଦ୍ରବିନ୍ଦୁ । ଗୋପବନ୍ଧୁ,ନୀଳକଣ୍ଠ, ହରିହର, ଗୋଦାବରୀଶ ଥିଲେ ସେ ଯୁଗର ସଂସ୍କାର ପ୍ରୟାସର ସୁଦୃଢ଼ ବାହିନୀ । ନବଜାଗରଣର ବିପୁଳ ପ୍ରବାହ ଏବଂ ସତ୍ୟବାଦୀ ହେଲା ଏଇ ପ୍ରୟାସର, ଏଇ ଜାଗରଣର

Digitized by PPRACHIN, SOA

ପ୍ରଧାନ ରଙ୍ଗମଞ୍ଚ । ଏମାନଙ୍କଦ୍ୱାରା ଏଇ ପୀଠରେ ଏବଂ ପରେ ବିସ୍ତୃତତର କର୍ମକ୍ଷେତ୍ରରେ ଯେଉଁ ସଂସ୍କାରର ନାନା ତରଙ୍ଗ ଖେଳିଗଲା,ବିଦ୍ୟୁତ ବେଗରେ ନାନା ସ୍ଫୁରଣ ସଞ୍ଚାରିତ ହେଲା, ଆଜି ତାହା ଯେତେ ମୃଦୁ ଯେତେ ଲଘୁ ମନେ ହେଲେ ବି ସେତେବେଳେ ତାର ପ୍ରଖର ଆଲୋଡ଼ନ, ତାର ତୀବ୍ର ଉଚ୍ଛ୍ୱାସ ସମାଜ ଜୀବନକୁ, ସମାଜ ମାନସ ଓ ଜାତୀୟ ଚେତନାକୁ ଏକ ନୂତନ ଭଙ୍ଗୀ, ନୂତନ ଗତି ପଦ୍ଧତିରେ ରୂପାନ୍ତରିତ କରି ଦେଲା ।

( ୪ )

ଏଇ ପଟ୍ଟଭୂମିକାରେ ନୀଳକଣ୍ଠଙ୍କର ସଂସ୍କାରମୂଳକ ବିଚାରଧାରା ଓ ତାର ସାର୍ଥକ ଏବଂ ସୁଦୃଢ଼ ପ୍ରୟୋଗ ବିଧି ନିରୀକ୍ଷା କଲେ ତାଙ୍କ ପ୍ରତି ଭକ୍ତି ଓ ବିସ୍ମୟରେ ଅଭିଭୂତ ହେବାକୁ ପଡ଼େ । ଠାକୁରାଣୀଙ୍କ ଲାଗି ଆସିଥିବା କଦଳୀ ପେଣ୍ଡାରୁ ଯୋଡ଼ିଏ କଦଳୀ ଖାଇଯିବା କିମ୍ବା ଦଳେ ସହପାଠୀଙ୍କୁ ଧରି ଗୀର୍ଜାରେ ପଶିବାରେ ହୁଏତ କୈଶୋରର ଚପଳ୍ୟ କିମ୍ବା ଯୌବନର ଉଦ୍ଦାମତା ଥାଇପାରେ । କିନ୍ତୁ ପ୍ରାପ୍ତ ସେଇ ବୟସରେ ବିବାହ ସମ୍ପର୍କରେ ତାଙ୍କର ଯେଉଁ ଦୃଢ଼ତା ପ୍ରକାଶ ପାଇଥିଲା, ତାହା ସଂସ୍କାରନିଷ୍ଠ ମନର ଏକ ଦୃଢ଼ ଏବଂ ଅବିଚଳିତ ପଦକ୍ଷେପ; ଏବଂ ସେଇଥି ସକାଶେ ଯୁବକ ନୀଳକଣ୍ଠ କନ୍ୟା-ପିତାଙ୍କଠାରୁ ପ୍ରଚୁର ଅର୍ଥ ପାଇବାର ପ୍ରଲୋଭନ ଠୁ ନିର୍ଲିପ୍ତ ଭାବରେ ଦୂରରେ ରହିଯାଇ ପାରିଥିଲେ । ପରେ ସତ୍ୟବାଦୀରେ ଯେଉଁ ସଂସ୍କାରଧାରାର ପ୍ରବର୍ତ୍ତନ ହେଲା ତା ପଛରେ ଥିଲା ଦୃଢ଼ ଚରିତ୍ରବଳ, ନିର୍ମଳ ନିର୍ଭୀକ ବିଚାର ଶକ୍ତି, ମହାନୀୟ ଆଦର୍ଶବୋଧ ଏବଂ ସୁଚତୁର ପ୍ରୟୋଗନିଷ୍ଠା । ଏଠାରେ କେବଳ ନୀଳକଣ୍ଠଙ୍କ ନାଁ ରଖିବା କଥା ପଡ଼ୁ ନାହିଁ; ଯଦିଓ କୁଳୀନ ଓ ରକ୍ଷଣଶୀଳ ବ୍ରାହ୍ମଣମାନଙ୍କର କ୍ଷିପ୍ର ପ୍ରତିହିଂସା ଏବଂ ଭୀଷଣ ପ୍ରତିରୋଧ ଭିତରେ ନାଁ ରଖିବା ସେତେବେଳେ ସଂସ୍କାର ସମ୍ପର୍କରେ ଏକ ଶକ୍ତିଶାଳୀ ପ୍ରଭାବ ସୃଷ୍ଟି କରିଥିଲା ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସତ୍ୟବାଦୀ ବନବିଦ୍ୟାଳୟର ଅଧ୍ୟକ୍ଷରୂପେ ଶିକ୍ଷାକ୍ଷେତ୍ରରେ ନୀଳକଣ୍ଠ ଯେଉଁ ନୂତନ ପ୍ରଣାଳୀ ଓ ସଂସ୍କାର ଚଳାଇବାକୁ ଲାଗିଲେ ତାହା କେବଳ ସେଇ ବିଦ୍ୟାଳୟର ବିପୁଳ-ସଂଖ୍ୟକ ଛାତ୍ରମାନଙ୍କ ମଧ୍ୟରେ ନୂଆ ଚେତନା ଓ ନୂଆ ବାତାବରଣ ସୃଷ୍ଟି କରି ନ ଥିଲା, ଓଡ଼ିଶାରେ ଓ ଓଡ଼ିଶା ବାହାରେ ବହୁ ଶିକ୍ଷାବିଦ୍ ଓ ଶିକ୍ଷା

Digitized by PPRACHIN, SOA

ବିଦ୍ୟାଳୟ ଭୁଙ୍ଗ କର୍ମଚାରୀଙ୍କୁ ମଧ୍ୟ ବିଶେଷ ଭାବରେ ପ୍ରଭାବିତ କରିଥିଲା । ତାଙ୍କଦ୍ୱାରା ପ୍ରବର୍ତ୍ତିତ କେତେକ ବିଷୟ, ଯେପରି କ୍ଲାସ ଶ୍ରେଣୀ ପୁସ୍ତକ ସଂଗ୍ରହ (Class Library), ସେତେବେଳର ଶିକ୍ଷା ବିଭାଗୀୟ ପରିଦର୍ଶକଙ୍କଦ୍ୱାରା ବିଶେଷ ଭାବରେ ଆଦୃତ ହୋଇଥିଲା ଏବଂ ତାଙ୍କ ତରଫରୁ ଅନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏହି ବିଷୟ ଅନୁସରଣ କରିବା ଲାଗି ପରାମର୍ଶ ମଧ୍ୟ ଦିଆ ହୋଇଥିଲା । ନୀଳକଣ୍ଠ ଯେଉଁପରି ଥିଲେ ଛାତ୍ରବତ୍ସଳ, ଶୃଙ୍ଖଳା ସମ୍ପର୍କରେ ସେଇପରି ଥିଲେ କଠିନ ଓ ଏକନିଷ୍ଠ । ଏଇ ଦୁଇଟିର ଅଭୁଲନୀୟ ସଂମିଶ୍ରଣ ସହିତ ମିଶିଥିଲା ଶିକ୍ଷା ସମ୍ପର୍କରେ ନୂଆ ଚିନ୍ତା, ନୂଆ ପରୀକ୍ଷା, ନୂଆ ଆଦର୍ଶ । ତେଣୁ ଅଳ୍ପକାଳ ପାଇଁ ହେଲେ ବି ସତ୍ୟବାଦୀ ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ରୂପେ ଠିଆ ହୋଇଥିଲା । ସେଠାକାର ଛାତ୍ରାବାସ ଆନନ୍ଦ ପରିପୂର୍ଣ୍ଣ, କର୍ମତତ୍ପର ଓ ଜ୍ଞାନ ପିପାସୁ ଶିକ୍ଷକ ଓ ଛାତ୍ରଙ୍କର ସୁସ୍ଥ ପରିବାର ରୂପେ କାର୍ଯ୍ୟ କରୁଥିଲା । ସେଥିରୁ ଜାତିଭେଦ ଇତ୍ୟାଦି ନାନା କୁସଂସ୍କାର ଓ ଅନ୍ଧବିଶ୍ୱାସ ବିଦାୟ ନେଇଥିଲା । ଶିକ୍ଷା କେବଳ ଜୀବିକାର୍ଜନର ପନ୍ଥା ରୂପେ ପରିଗଣିତ ନ ହୋଇ ଜ୍ଞାନ ଲାଭ ଲାଗି ତପସ୍ୟାର ରୂପ ଗ୍ରହଣ କରିଥିଲା । ଗଭୀର ରାତିରେ ମୁକ୍ତ ଆକାଶ ତଳେ ଛାତ୍ରମାନଙ୍କୁ ନେଇ ନୀଳକଣ୍ଠଙ୍କର ଗ୍ରହନକ୍ଷତ୍ର ସମ୍ପର୍କୀୟ ଆଲୋଚନା ସେଠାକାର ଶିକ୍ଷାଦାନର ଏକ ବିଶେଷ ଦିଗ ପ୍ରକାଶ କରେ । ସେଇଥି-ସକାଶେ ତ ପ୍ରତିକ୍ରିୟାଶୀଳମାନେ କ୍ରୋଧପରବଶ ହୋଇ ଅନ୍ୟ କୌଣସି ଉପାୟ ନ ପାଇ ବିଦ୍ୟାଳୟ ଗୃହ ଓ ଛାତ୍ରାବାସ ଗୃହରେ ଅଗ୍ନି ସଂଯୋଗ କଲେ, ଏବଂ ବହୁ ମୂଲ୍ୟବାନ ସମ୍ପତ୍ତି, ମୂଲ୍ୟବାନ ପୁସ୍ତକର ଏକ ଆଦର୍ଶ ଓ ସମୃଦ୍ଧ ସଂଗ୍ରହ ଏବଂ ନୀଳକଣ୍ଠଙ୍କର ବହୁ ରଚନା ଓ ଶିକ୍ଷାଦାନ ସମ୍ପର୍କୀୟ ନାନା ଯୋଜନା ଓ କର୍ମସୂଚୀ ପୋଡ଼ି ଭସ୍ମ ହୋଇଗଲା ।

ଛାତ୍ରମାନଙ୍କ ଭିତରେ ନୂତନ ଚିନ୍ତା ଓ ଆଦର୍ଶର ରୂପ ଫୁଟାଇ ତୋଳିବା ସଙ୍ଗେ ସଙ୍ଗେ ନୀଳକଣ୍ଠ ସାହିତ୍ୟ କ୍ଷେତ୍ରରେ ସଂସ୍କାର ଆଣି ପହଞ୍ଚାଇବା ସକାଶେ ବଳିଷ୍ଠ ପ୍ରୟାସ ଚଳାଇଲେ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଏ ଉଦ୍ୟମ ସମାନ ଆନ୍ତରିକତା ଓ ଏକନିଷ୍ଠତା ସହ କାର୍ଯ୍ୟ କରୁଥିଲା । ସେ ଯୁଗର ସାହିତ୍ୟ ସମ୍ପର୍କୀୟ ନାନା ଭଙ୍ଗୀ ଓ ଆଭିମୁଖ୍ୟ ତାଙ୍କୁ ଗଭୀର ବେଦନା ଦେଇଥିଲା । ପୂର୍ବବର୍ତ୍ତୀ ବୈଷ୍ଣବ ସାହିତ୍ୟ ଏବଂ ସମସାମୟିକ ରାଧାନାଥ ଓ ମଧୁସୂଦନଙ୍କ ରଚନା ସମ୍ଭାର ସ୍ପଷ୍ଟଭାବରେ ନୀଳକଣ୍ଠଙ୍କ

Digitized by PPRACHIN, SOA

ଆଦର୍ଶର ବିରୋଧୀ ଥିଲା । ଜାତୀୟ ଚରିତ୍ର କ୍ଷେତ୍ରରେ ସେ ଚାହୁଁଥିଲେ ଦୃଢ଼ ସଂଯମ ଓ ଶୃଙ୍ଖଳା । ଆର୍ଯ୍ୟ ଆଦର୍ଶର ପୂର୍ଣ୍ଣ ଜୀବନବୋଧ ପ୍ରତିଷ୍ଠା କରିବାକୁ ଚାହୁଁଥିଲେ ସେ । ଗୌଡ଼ୀୟ ବୈଷ୍ଣବର ପରକୀୟା ପ୍ରୀତି ଏବଂ ରାଧାନାଥଙ୍କର ଜୀବନ ବିମୁଖୀ ଦୃଷ୍ଟିକୋଣଦ୍ୱାରା ତାହା କେବେ ସମ୍ଭବ ନୁହେ ବୋଲି ତାଙ୍କ ମତରେ ଗଭୀର ବିଶ୍ୱାସ ଆସି ଯାଇଥିଲା । ବୈଷ୍ଣବ ସାହିତ୍ୟରେ ଧର୍ମ ନାମରେ ଉଚ୍ଛୃଙ୍ଖଳତାର ଯେଉଁ ଚିତ୍ର ରହିଛି, ପୁଣି ରାଧାନାଥଙ୍କର ସାହିତ୍ୟରେ ଜାତୀୟ କଳଙ୍କର ଯେଉଁ ଅବସାଦକର ଦୃଷ୍ଟାନ୍ତ ସବୁ ରହିଛି ଜାତି ଗଠନ ପକ୍ଷେ, ବ୍ୟକ୍ତିର ଚରିତ୍ର ଶୁଦ୍ଧି ପକ୍ଷେ, ସମାଜକୁ ଉଦ୍‌ବୁଦ୍ଧ କରି ତୋଳିବା ସକାଶେ ତାହା ଭୀଷଣ ଭାବରେ ପ୍ରତିକୂଳ ବୋଲି ସେ ହୃଦୟଙ୍ଗମ କଲେ ।

ବିବାହ, ଧର୍ମଧାରଣା, ଜାତିପ୍ରଥା ଇତ୍ୟାଦି ସମ୍ପର୍କରେ ବି ସେ ଗଭୀର ଗବେଷଣା କରୁଥିଲେ । ନିଷ୍ଠାପର ଓ ପର୍ଯ୍ୟାଲୋଚନା ଫଳରେ ସେ ଯେଉଁଠି ଯାହା କିଛି କୁସଂସ୍କାର ପାଇଲେ, ଆବିଷ୍କାର କଲେ ଯେଉଁ ଦୂଷିତ ଅଭ୍ୟାସ କିମ୍ବା ଅପଚେଷ୍ଟା, ତା ବିରୁଦ୍ଧରେ ତୀବ୍ର ଯୁକ୍ତିର ଝଡ଼ ବୁହାଇ ଦେବାକୁ ଲାଗିଲେ । ବଙ୍ଗରୁ ଉତ୍କଳର ବ୍ରାହ୍ମଣ ସମାଜରେ କିପରି କୁଳୀନ ପ୍ରଥା ଆସି ପହଞ୍ଚିଛି, କିପରି ସହଜିଆ ଓ ବୈଷ୍ଣବ ଚିନ୍ତା ଆମ ସମାଜରେ ଯୌନ-ଆକାଂକ୍ଷାକୁ ଅତି ଉଗ୍ର କରି ପକାଇଛି, କିପରି ଜଗନ୍ନାଥ ମନ୍ଦିରରେ ତାନ୍ତ୍ରିକ ମତ ଓ ତାନ୍ତ୍ରିକ ଆଚାର ପ୍ରବେଶ ଲାଭ କରିଛି ତାହାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ତାହାର ସଂସ୍କାର ସକାଶେ ସେ ଅଣ୍ଟା ଭିଡ଼ି ଲାଗିଗଲେ, ଏବଂ ଏଇ ସବୁ ହୀନ ଆଦର୍ଶର ଆକ୍ରମଣ ଆମ ସାହିତ୍ୟରେ ଯେଉଁ ପରିଣତି ସୃଷ୍ଟି କରିଛି, ଯେଉଁ ପ୍ରଭାବ ବିସ୍ତାର କରିଛି ତାର ଉଚ୍ଛେଦ ଲାଗି ମଧ୍ୟ ସେ ବଦ୍ଧପରିକର ହେଲେ । ସାହିତ୍ୟରେ ସବୁ ପ୍ରକାର ପରାଧୀନ ମନୋବୃତ୍ତି ଓ ଦାସସୁଲଭ ଅନୁକରଣର ସେ ଘୋର ବିରୋଧୀଥିଲେ । ସେ ଯୁଗର ସତ୍ୟବାଦୀ ପତ୍ରିକାରେ ତାଙ୍କ ଚିନ୍ତାଧାରା ନାନା ପ୍ରବନ୍ଧ ଆକାରରେ ପ୍ରକାଶିତ ହେଲା । ପରେ ତାର ବିଧିବଦ୍ଧ, ସୁଚିନ୍ତିତ ଓ ସୁପରିକଳ୍ପିତ ପରିଣତି ରୂପେ ଦେଖାଦେଲା, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଏବଂ ସଂସ୍କୃତ ଓ ସଂସ୍କୃତି ଗ୍ରନ୍ଥ । ଭାଷା ବିଷୟରେ ସେ ନୂତନ ପରୀକ୍ଷା ଆରମ୍ଭ କଲେ । ସହଜ, ସରଳ ଭାଷାରେ କିପରି ଓଜସ୍ୱୀ ଗଦ୍ୟ ରଚନା କରାଯାଇ ପାରେ ତାହାର ଉତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି ପିଲାଙ୍କ ରାମାୟଣ, ପିଲାଙ୍କ

Digitized by PPRACHIN, SOA

ମହାଭାରତ, ଜିଲ୍ଲଙ୍କ ଭାଗବତ ଇତ୍ୟାଦି ଗ୍ରନ୍ଥ, ଏବଂ ଓଡ଼ିଆ ସାହିତ୍ୟରେ ଏ ଦିଗରେ ଏଇ ଗ୍ରନ୍ଥଗୁଡ଼ିକ ହିଁ ପ୍ରଥମ ପଦକ୍ଷେପ ।

ରାଧାନାଥଙ୍କ କାବ୍ୟଗତ ଆଦର୍ଶ ବିରୁଦ୍ଧରେ ଅଭିଯୋଗ ବାଢ଼ିବାକୁ ଯାଇ ସେ ରଚନା କଲେ କୋଣାର୍କେ, ମାୟାଦେବୀ ଓ ଖାରବେଳ;ଯେଉଁ-ଥିରେ ଦେଶାତ୍ମବୋଧର ମହିମାମୟ ଭଙ୍ଗୀ ପ୍ରକାଶ ଲାଭ କଲା । ସେ କିନ୍ତୁ ବିଷୟ ବସ୍ତୁର ପରିବର୍ତ୍ତନ ସାଧନ କରି ସନ୍ତୁଷ୍ଟ ନ ଥିଲେ—ପ୍ରକାଶ ଭଙ୍ଗୀରେ ମଧ୍ୟ ସେ ଆଣିଲେ ଭୂମୂଳ ପରିବର୍ତ୍ତନ । କଥିତ ଓଡ଼ିଆ ଭାଷା ଅଧିକରୁ ଅଧିକ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଉପଧାମିଳନ ଇତ୍ୟାଦି ନୂଆ ନୂଆ ଆମଦାନୀ ସବୁ ପ୍ରାୟଶଃ ବର୍ଜିତ ହେଲା ।

ବ୍ୟକ୍ତିକୁ କେନ୍ଦ୍ର କରି ଯେଉଁସବୁ ଧର୍ମ ସେସବୁର ବ୍ୟର୍ଥତାର ଦେଖାଇବାକୁ ଯାଇ ସେ ରଚନା କଲେ ଆର୍ଯ୍ୟଜୀବନ ଏବଂ ପରେ ସେଇ ବିଷୟର ଅଧିକ ଆଲୋଚନା ଲାଗି ପୁଷ୍କଳ କ୍ଷେତ୍ର ରୂପେ ପ୍ରତିଷ୍ଠିତ ହେଲା ନବଭାରତ । ଲିପି ସଂସ୍କାର ଓ ଓଡ଼ିଆ ବ୍ୟାକରଣ-ସଂସ୍କାର ଦିଗରେ ମଧ୍ୟ ସେ ବିଧିବଦ୍ଧ ଚେଷ୍ଟା ଚଳେଇଥିଲେ ।

ନୀଳକଣ୍ଠ କିନ୍ତୁ ତାଙ୍କର ସମସ୍ତ ସଂସ୍କାର ପ୍ରୟାସକୁ କେବଳ ରଚନା, ଆଲୋଚନା, ଯୁକ୍ତି, ପ୍ରତିବାଦ ମଧ୍ୟରେ କିମ୍ବା କେବଳ ଶିକ୍ଷା କ୍ଷେତ୍ରରେ ସୀମିତ ପରିସର ଭିତରେ ଅଟକାଇ ରଖିନଥିଲେ; ଜନସେବାର ଉଦାର ଓ ମହନୀୟ ଆୟତନ ଭିତରକୁ ବି ସେ ନେଇ ଆସିଥିଲେ ତାଙ୍କ ସଂସ୍କାରକ ରୂପଟିକୁ । ସେ ଯୁଗରେ ରୋଗବ୍ୟାଧି କିପରି ପ୍ରବଳ ଓ ଅପ୍ରତିରୋଧ ଥିଲା ଏବଂ ସେ ବିଷୟରେ ସାଧାରଣତଃ ସମସ୍ତେ କିପରି ନିର୍ଲିପ୍ତ ଓ ନିଶ୍ଚେଷ୍ଟ ଥିଲେ ତାହା ବର୍ତ୍ତମାନ ଚିନ୍ତା କଲେ ଭୟରେ ଲୋମହର୍ଷଣ ହେବାର କଥା—ଦୁଃଖ, ଘୃଣା ଓ ଉଦ୍‌ବେଗରେ ହୃଦୟ ଉତ୍ପୀଡ଼ିତ ହେବାର କଥା । ମ୍ୟାଲେରିଆ କିମ୍ବା ହଇଜା ବେଳେ, ଅଥବା ବଢ଼ି, ମରୁଡ଼ି ଓ ଦୁର୍ଭିକ୍ଷ ସମୟରେ ମଣିଷର ମର୍ମନ୍ତୁଦ ଅସହାୟତାର ସେଇ ସମୁଦ୍ରବିସ୍ତାରୀ , ଭୟ-ସଙ୍କୁଳ ରୂପ ଆଜି ହୁଏ ତ କଳ୍ପନା କରିହେବ ନାହିଁ, ଏବଂ କଳ୍ପନା କଲେ ଖେଦ, ବିରକ୍ତି ଓ କ୍ରୋଧର ସୀମା ରହିବ ନାହିଁ । ଏଇ ସବୁ ବିପତ୍ତିକୁ ଦୈବଦୁର୍ବିପାକ ବୋଲି ଭାବି ଅପେକ୍ଷାକୃତ ନିରାପଦରେ ଥିବା ଲୋକେ

Digitized by PPRACHIN, SOA

ସେଆଡ଼କୁ ନଜର ହିଁ ଦେଉ ନଥିଲେ । ଏ ପ୍ରକାର ମାଟ ଉଦାସୀନତା ଥିଲା ସେ ଯୁଗର ଏକ ସାମରିକ ବ୍ୟାଧି । ମାଳକଂଠ ନଜର ସଙ୍ଗୀ ଓ ସହକର୍ମୀ-ମାନଙ୍କୁ ନେଇ, କେତେବେଳେ ବା ସମ୍ପୂର୍ଣ୍ଣ ଏକାକୀ ଏଇ ଉଦାସୀନତା ବିରୁଦ୍ଧରେ ଯେପରି ଖାର ଦର୍ପରେ ଲଢ଼ିଛନ୍ତି, ହବାଟିସି ଉତ୍କଳତରଙ୍ଗ ପରି ନାନା ବିଘ୍ନ ଓ ବିଧିନିଷେଧ ଭିତରେ ବି ଅସହାୟ, ରୋଗଜର୍ଜରିତ ଓ ମୁମୂର୍ଷୁ-ମାନଙ୍କ ପାଖରେ ଯେପରି ବଳିଷ୍ଠ ଅଥଚ ଦୟା-ଛଳ ଛଳ, କରୁଣା ବିପୁଳ ସେବା ଓ ସାହାଯ୍ୟ ପହଞ୍ଚାଇ ଦେଇଛନ୍ତି ତାହା ଭାବିଲେ ବିସ୍ମୟରେ ବିମୂଢ଼ ହେବାକୁ ପଡ଼େ ।

ଅତି ସଂକ୍ଷେପରେ ଏହାହିଁ ମାଳକଂଠଙ୍କର ସଂସ୍କାରକ ରୂପ—ତାଙ୍କ ସଂସ୍କାରକ ଜୀବନର ଏହା କେବଳ ଏକ ଅସ୍ପଷ୍ଟ ଆଭାସ ମାତ୍ର । ସେଇ ବିପୁଳବାର୍ଯ୍ୟ, ଜ୍ଞାନଗରିଷ୍ଠ, ତ୍ରିଭଙ୍ଗ-ଆଦର୍ଶ ବ୍ୟକ୍ତିଙ୍କର ଜୀବନଟା ହିଁ ଥିଲା ସଂସ୍କାରର ଅବିଶ୍ରାନ୍ତ ଉଦ୍ୟମ—ସଂଗଠନ ଓ ଉନ୍ନୟନ ଦିଗରେ ଏକନିଷ୍ଠ ସାଧନାର ବିପୁଳ ପ୍ରବାହ । ଅବଶ୍ୟ ସେ ସଂସ୍କାର, ସେ ସଂଗଠନ ପଛରେ କୌଣସି ତ୍ରୁଟି ବିଚ୍ୟୁତି ଏକାବେଳକେ ନାହିଁ—ସବୁ ପ୍ରକାର ଭ୍ରାନ୍ତ ଧାରଣାରୁ ତାହା ଏକାବେଳକେ ମୁକ୍ତ, ଏହା କେହି କହୁନାହାଁନ୍ତି । ମଣିଷ ଖଣ୍ଡିତ—ଯେତେ-ହେଲେ ବି ସେ ଅପୂର୍ଣ୍ଣ । ଏକ ଖଣ୍ଡିତ କାଳର ସୀମା ଭିତରେ ସେ ବା ପୂର୍ଣ୍ଣ ଆଦର୍ଶର କଳ୍ପନା କରିବ କିପରି, ଏବଂ କଲେ ବି ସେଇ ଆଦର୍ଶର ପୂର୍ଣ୍ଣ, ପୁଷ୍କଳ ପ୍ରୟୋଗ କେତେ ଦୂର ସମ୍ଭବ ? ତେବେ ମାଳକଂଠ ଯାହା ବିଶ୍ୱାସ କରୁଥିଲେ, ବହୁ ଗବେଷଣା, ବିଶ୍ଳେଷଣ ଓ ପାଣ୍ଡିତ୍ୟର ପୃଷ୍ଠରେ ଉଜ୍ଜ୍ୱଳ ଓ ଶୁଦ୍ଧ ଚେତନା ଯେଉଁକି ଲାଭ କରୁଥିଲେ, ତଦନୁସାରେ କାର୍ଯ୍ୟଗ୍ରାହ୍ୟ ହେବାକୁ କେବେହେଲେ ଯେ ସେ ପଛାଇ ନ ଥିଲେ ସେଥିରେ ତିଳେମାତ୍ର ସନ୍ଦେହ ନାହିଁ ।

Digitized by PPRACHIN, SOA

# ସାଧକ ନୀଳକଣ୍ଠ

## ଶ୍ରୀ ଚନ୍ତାମଣି ଦାସ ଏମ୍. ଏ

( ସତ୍ୟବାଦୀ ବନବଦ୍ୟାଳୟର ପ୍ରାକ୍ତନ ଛାତ୍ର )

**ପଣ୍ଡିତ** ନୀଳକଣ୍ଠଙ୍କ ବହୁମୁଖୀ ସାଧନାର ଇତିହାସ ଲେଖିବାକୁ ଗଲେ ଗୋଟିଏ ବିଶାଳ ଗ୍ରନ୍ଥ ହେବ । ତେଣୁ ମୁଁ ଏହି କ୍ଷୁଦ୍ର ପ୍ରବନ୍ଧରେ ତାଙ୍କର ବିପୁଳ ସାଧନାକୁ କେବଳ ୧୯୦୯ ଠାରୁ ୧୯୧୯ ପର୍ଯ୍ୟନ୍ତ ସତ୍ୟବାଦୀ ବନବଦ୍ୟାଳୟରେ ସୀମିତ କରି ରଖିବି । ଏପରି କରିବାର ଉଦ୍ଦେଶ୍ୟ ହେଉଛି; ପ୍ରଥମତଃ, ସତ୍ୟବାଦୀ ବିଦ୍ୟାଳୟ ବାସ୍ତବରେ ନୀଳକଣ୍ଠଙ୍କ ପ୍ରତିଭା ଓ ସାଧନାର ଭିତ୍ତିଭୂମି । ସତ୍ୟବାଦୀର ନିଃସ୍ୱ ଓ ନିଃସ୍ୱାର୍ଥ ଶିକ୍ଷକ ନୀଳକଣ୍ଠ ହିଁ ବିକଶିତ, ପଲ୍ଲବିତ ଓ ପୁଷ୍ପିତ ହୋଇ ହେଲେ ଭବିଷ୍ୟତରେ ଯଶସ୍ୱୀ ସାମ୍ବାଦିକ, ସାହିତ୍ୟିକ ଓ ରାଜନୀତିଜ୍ଞ । ଓଡ଼ିଶାର ଲୋକେ ଗଣତନ୍ତ୍ରର ସ୍ୱପ୍ନ ଦେଖିବାର ବହୁପୂର୍ବରୁ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ଏଠାରେ ଛାତ୍ରାବାସ ଅର୍ଥାତ ଗୁରୁକୁଳାଶ୍ରମରେ ସେ ଛାତ୍ରମାନଙ୍କ ମଧ୍ୟରେ ସ୍ୱାଧୀନ ଚନ୍ତା ଓ କର୍ତ୍ତବ୍ୟ ନିଷ୍ଠାର ଉଦ୍ରେକ ନିମନ୍ତେ ଗଣତନ୍ତ୍ରର ବୀଜ ବପନ କରିଥିଲେ । ପିଲମାନଙ୍କୁ ଇଙ୍ଗିତ ଆଭାସରେ କହୁଥିଲେ 'ତୁମ ସଭା ସମିତି ତୁମେ କର, ତୁମ ମେସ୍ ତୁମେ ନିଜେ ପରିଚାଳନା କର । ସମସ୍ତେ ନିର୍ଭରଶୀଳ ହୁଅ । ପରମୁଖାପେକ୍ଷୀ ହୁଅ ନାହିଁ ।" ଦ୍ୱିଧାଯୁକ୍ତଃ କଥାଟା କହିବାକୁ ସଙ୍କୋଚ ଲାଗୁଛି, ଯେଉଁମାନେ ସତ୍ୟବାଦୀର ନୀଳକଣ୍ଠଙ୍କୁ ଦେଖି ନାହାନ୍ତି, ତାଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ନାହାନ୍ତି, ତାଙ୍କର ମୁଖ ନିଃସୃତ ତେଜୋମୟୀ ବାଣୀ ଶୁଣି ନାହାନ୍ତି, ତାଙ୍କର ଜ୍ଞାନବୃଷ୍ଟିର ମହିମା ଉପଲବ୍ଧି କରିନାହାନ୍ତି ଏବଂ ତାଙ୍କର ସଂସ୍କାର ଏବଂ ସଂଗଠନ ଶକ୍ତିର ସୂକ୍ଷ୍ମ ପରିଚୟ ପାଇ ନାହାନ୍ତି, ସେମାନେ ନୀଳକଣ୍ଠଙ୍କୁ ଭଲଭାବରେ ଚହ୍ନି ନାହାନ୍ତି ।

Digitized by PPRACHIN, SOA

ନୀଳକଣ୍ଠଙ୍କ ମୃତ୍ୟୁରେ ବହୁ ବକ୍ତା ସଭା ସମିତିରେ ବକ୍ତୃତା କଲେ, ଏପରିକ ତାଙ୍କର ଦଶାହ ପରେ ତାଙ୍କ ଗ୍ରାମକୁ ଅଯାଚିତଭାବରେ ଯାଇ ଜଣେ ବହୁ ବିଜ୍ଞାପିତ ବକ୍ତା ନୀଳକଣ୍ଠଙ୍କ ଗୁଣାବଳୀ ବର୍ଣ୍ଣନା କରି ଭାଷଣ ଦେବାକୁ ଉଦ୍‌ବିଗ୍ନ ହୋଇ ଉଠିଲେ । କିନ୍ତୁ ଗ୍ରାମବାସୀ ତାଙ୍କର ଅଭିଳାଷ ପୂର୍ଣ୍ଣ କଲେ ନାହିଁ । ଜଣେ ବୟସ୍କ ଲୋକ ପରୋକ୍ଷରେ କହିଲେ, ଏ ଭଦ୍ରବ୍ୟକ୍ତି ନୀଳକଣ୍ଠବାବୁଙ୍କ ସମ୍ବନ୍ଧରେ ଆମଠାରୁ କିଣ ଅଧିକ ଜାଣନ୍ତି ଯେ ଆମେ ଏହାଙ୍କର ଦୁଇ ଘଣ୍ଟାବ୍ୟାପୀ ବାଗାଡ଼ମ୍ବରମୟ ବକ୍ତୃତା ଶୁଣିବାକୁ ଯିବୁ ?

ସେହିପରି ସତ୍ୟବାଦୀର ନୀଳକଣ୍ଠଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ନ ଥିବା ଜଣେ ଅଧ୍ୟାପକ ସମାଲୋଚକ ୧୯୫୯ ଅଗଷ୍ଟ ମାସରେ ଲେଖିଥିବା 'ସଂସ୍କାରକ ଶ୍ରୀ ନୀଳକଣ୍ଠ ଦାଶ' ଶୀର୍ଷକ ସନ୍ଦର୍ଭରେ ନୀଳକଣ୍ଠଙ୍କ ପ୍ରତି ଏକରକମ ତାଚ୍ଛଲ୍ୟ ପ୍ରଦର୍ଶନ କରି ଉଲ୍ଲେଖ କରିଅଛନ୍ତି । ତେଣୁ ଏ କ୍ଷେତ୍ରରେ ( ସମାଜ ସଂସ୍କାର କ୍ଷେତ୍ରରେ ) ନୀଳକଣ୍ଠଙ୍କର ଆବିର୍ଭାବ ଆଦୌ ଆକସ୍ମିକ କିମ୍ବା ନୂତନ ନୁହେଁ । ତାଙ୍କର ମତର ପୋଷକତା ନିମନ୍ତେ ସେ ବହୁ ସଂସ୍କାରଙ୍କର ନାମୋଲ୍ଲେଖ କରିଅଛନ୍ତି ଓ ବହୁ ଅନୁଷ୍ଠାନର ତାଲିକା ମଧ୍ୟ ଦେଇଅଛନ୍ତି ଏବଂ ନୀଳକଣ୍ଠଙ୍କ ସଂସ୍କାରମୂଳକ ପ୍ରବନ୍ଧଗୁଡ଼ିକ ବିଶ୍ଳେଷଣ କରି ତାଙ୍କର ତାତ୍ତ୍ୱିକ ବୁଦ୍ଧିର ଅଭାବ ଦେଖାଇଅଛନ୍ତି । କିନ୍ତୁ ୧୯୦୯ ମସିହାରେ ସତ୍ୟବାଦୀ ବିଦ୍ୟାଳୟରେ ଆସି ଯୋଗଦେବା ସମୟରେ ଏବଂ ତାପରେ ସେ ରକ୍ଷଣଶୀଳ ବ୍ରାହ୍ମଣ ପଣ୍ଡିତମାନଙ୍କର ଯୁଗସଞ୍ଚିତ ଭ୍ରାନ୍ତ ଧାରଣାମାନଙ୍କୁ କିପରି ବଳିଷ୍ଠ ଯୁକ୍ତିରେ ଛିନ୍ନ ବିଚ୍ଛିନ୍ନ କରି ସେମାନଙ୍କୁ ଆତ୍ମଗ୍ଲାନିରେ ଜର୍ଜରିତ କରିଥିଲେ, ତାଙ୍କ ପୂର୍ବରୁ କେତେଜଣ ସଂସ୍କାରକ ଏପରି କରିପାରିଥିଲେ ? ରାମଶଙ୍କର ତାଙ୍କର 'କଳିଯୁଗ' ନାଟକରେ ଛଦ୍ମ ଭାବରେ ସମାଜ-ସଂସ୍କାରକ ନୀଳକଣ୍ଠଙ୍କୁ ଏ ବ୍ୟଙ୍ଗାତ୍ମକ ନାଟକର ନାୟକ କରିଥିଲେ । କିନ୍ତୁ ବାସ୍ତବ କ୍ଷେତ୍ରରେ କେତେଦୂର ସଂସ୍କାରକାର୍ଯ୍ୟରେ ଅଗ୍ରସର ହୋଇଥିଲେ ? ଏହି ସଂସ୍କାର ମନୋଭାବ ଏବଂ ସାମାଜିକ ବିଦ୍ରୋହ ଯୋଗେ ତାଙ୍କ ପୂର୍ବରୁ କେତେଜଣ ସମାଜପତିମାନଙ୍କଠାରୁ ଦୁଃସହ ନିର୍ଯ୍ୟାତନା ସହ୍ୟ କରିଥିଲେ ? ସକଳ ନିନ୍ଦା, ଅପମାନ ଓ ଉପେକ୍ଷାକୁ ଅନାଦର କରି ବ୍ରାହ୍ମଣ ସନ୍ତାନ ହୋଇ ହଇଜା ରୋଗାକ୍ରାନ୍ତ ଅସ୍ପୃଶ୍ୟ ଜାତିର ଲୋକମାନଙ୍କର ସେବା ଶୁଶ୍ରୂଷା

Digitized by PPRACHIN, SOA

କରିଥିଲେ ? ଏ ସବୁ ନୀଳକଣ୍ଠ କରିଥିଲେ ସତ୍ୟବାଦୀ ବିଦ୍ୟାଳୟରେ ଥିବା ବେଳେ । ଏକଥା ଯେ ଦେଖିଛି, ଅଙ୍ଗେ ନିଭାଇଛି, ସେ ସଂସ୍କାରକଭାବରେ ନୀଳକଣ୍ଠଙ୍କ ଅସାଧ ସାଧନାର ଜୀବନ୍ତ ଇତିହାସ ଦେଇପାରିବ । ଏହା ବୋଲି ମୁଁ କହୁ ନାହିଁ ଯେ ନୀଳକଣ୍ଠଙ୍କର ସକଳ ସାଧନା କେବଳ ସତ୍ୟବାଦୀରେ କେନ୍ଦ୍ରୀଭୂତ ।

ତାଙ୍କ ମୃତ୍ୟୁପରେ ଆଜି ନୀଳକଣ୍ଠଙ୍କର ସଂଗ୍ରାମ ଓ ସାଧନାର ବିବରଣୀ ସଂକଳନ କରିବାକୁ ଆମ ଦେଶ ଲୋକେ ତତ୍ପର । କିନ୍ତୁ ଦୀର୍ଘ ପଚିଶି ବର୍ଷରୁ ଅଧିକ ଯେଉଁ ନୀଳକଣ୍ଠ ଏ ଦେଶର ସମାଜ ସଂସ୍କାର, ଶିକ୍ଷା-ପ୍ରସାର ସାହିତ୍ୟ-ସୃଷ୍ଟି, ସାମ୍ବାଦିକତା ଏବଂ ରାଜନୀତି କ୍ଷେତ୍ରରେ ନିଜର ସକଳ ଶକ୍ତି ନିୟୋଜିତ କରି ଅପୂର୍ବ ଯଶ ସାଫଲ୍ୟ ଓ ଲାଭ କରିଥିଲେ, କେତେଜଣ ତାଙ୍କ ଜୀବଦ୍ଦଶାରେ ତାଙ୍କୁ ଏଥିପାଇଁ ବିପୁଳ ସମ୍ବର୍ଦ୍ଧନା ଜଣାଇଅଛନ୍ତି ? ତାହାର କାରଣ ଦେଶବାସୀଙ୍କର ଅସୂୟା କିମ୍ବା ଉଦାସୀନତା ନୁହେଁ । ତାର କାରଣ, ତାଙ୍କ ନିକଟ ସଂସ୍ପର୍ଶରେ ଆସି ତାଙ୍କୁ ଭଲଭାବରେ ବୁଝିବାର ଚେଷ୍ଟା କେହି କରି ନାହାନ୍ତି ।

୧୯୧୩ ମସିହା ଏପ୍ରିଲ ୭ ତାରିଖ କଥା । ନୀଳକଣ୍ଠବାବୁ ସତ୍ୟବାଦୀ ବିଦ୍ୟାଳୟକୁ ଆସିବାର ମୋଟେ ଚାରିବର୍ଷ ହୋଇଥାଏ । ସେତେବେଳକୁ କେବଳ ଏବର ୯ମ ଶ୍ରେଣୀ ଖୋଲିଥାଏ । ଛାତ୍ରସଂଖ୍ୟା ମୋଟେ ଥାଏ ୨୩୭ । ଓଡ଼ିଶା ଓ ବାହାରେ ବିଦ୍ୟାଳୟର ସୁନାମ ଏବଂ ପ୍ରତିପତ୍ତି ସେତେ ପ୍ରସାର ଲାଭ କରି ନ ଥାଏ । ୧୯୧୭ ଠାରୁ ୧୯୨୦ ପର୍ଯ୍ୟନ୍ତ ଏହାର ଗୌରବର ପ୍ରଖର ମଧ୍ୟାହ୍ନ । କେବଳ ଗୋଦାବରୀଶ ବାବୁ ଆସି ବୋଧହୁଏ ଯୋଗ ଦେଇଥାନ୍ତି । କୃପାସିନ୍ଧୁବାବୁ ଆସି ନଥାନ୍ତି । ସେଦିନ କଲିକତାରୁ କେତେ ଜଣ ବିଶିଷ୍ଟ ଭଦ୍ରବ୍ୟକ୍ତି ସ୍କୁଲ ଦେଖିବାକୁ ଆସିଥିଲେ । ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ସହିତ ବହୁ ସମୟ ଧରି କଥାବାର୍ତ୍ତା ହେଲେ । ବିଦ୍ୟାଳୟର ହାଲ ଚାଲ ବୁଝିଲେ । ଦିପହରଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ଛାତ୍ର ଓ ଶିକ୍ଷକ ପରିବେଷ୍ଟିତ ହୋଇ ବକୁଳ ଛୁଆଁଅନା କୁଞ୍ଜରେ ନାନା ସତ୍‌ପ୍ରସଙ୍ଗରେ ସମୟ କଟାଇଲେ । ସତ୍ୟବାଦୀ ବିଦ୍ୟାଳୟ ଦେଖି ଏବଂ ବିଶେଷତଃ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ନିକଟ ସଂସ୍ପର୍ଶରେ ଆସି ସେମାନଙ୍କ ମନରେ ଯେଉଁ ଉଚ୍ଚ ଧାରଣା ଜନ୍ମିଥିଲା, ସେମାନଙ୍କ ମଧ୍ୟରୁ

Digitized by PPRACHIN, SOA

ଜଣେ ତାହା ୧୩୨୦ ସାଲ ଜ୍ୟୈଷ୍ଠ ସଂଖ୍ୟା ବଙ୍ଗଳା 'ନବ୍ୟଭାରତ' ପତ୍ରିକାରେ ପ୍ରବନ୍ଧାକାରରେ ଲିପିବଦ୍ଧ କରିଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ସେଥିରେ ଉଲ୍ଲେଖ ଥିଲା, "ସତ୍ୟବାଦୀ ସ୍କୁଲ୍ ଏକ ଆଶ୍ଚର୍ଯ୍ୟ ସୃଷ୍ଟି । ଗୋପବନ୍ଧୁ, ନୀଳକଣ୍ଠ ଯେପରି ପୁନାର ଗୋଖଲେ, ପାରଞ୍ଜପେ ଏବଂ ବଙ୍ଗର ବିଦ୍ୟାସାଗର । ନୀଳକଣ୍ଠ ଶ୍ମଶ୍ରୁ ରଖିଥିଲେ, ଏହି ଅପରାଧ ଯୋଗୁ ସମାଜର ଦାରୁଣ ନିର୍ଯ୍ୟାତନା ସହ୍ୟ କରୁଅଛନ୍ତି । × × × ଗୋପବନ୍ଧୁ, ନୀଳକଣ୍ଠ ଓ ଅନ୍ୟ ଶିକ୍ଷକଗଣ ଯେପରି ଅଗ୍ନିର ସ୍ଫୁଲିଙ୍ଗ । ବ୍ରହ୍ମଚର୍ଯ୍ୟ ଶିକ୍ଷାଦେବା ସେମାନଙ୍କ ଜୀବନର ବ୍ରତ । ସେମାନଙ୍କର ସଂସ୍ପର୍ଶରେ ଆସିଲେ ନିର୍ଜୀବ ଦେହରେ ଅଗ୍ନି ଜଳଉଠେ । × × × ଏପରି ସର୍ବସ୍ୱ ତ୍ୟାଗ, ଏପରି ଜୀବନ ତ୍ୟାଗର ଦୃଷ୍ଟାନ୍ତ ଆମ୍ଭେମାନେ ପ୍ରତ୍ୟକ୍ଷ କରିନାହୁଁ । ଦରିଦ୍ର ଗୋପବନ୍ଧୁ ଏବଂ ନିଃସ୍ୱ ନୀଳକଣ୍ଠ ଯାହା କରୁଛନ୍ତି, ଆତ୍ମତ୍ୟାଗର ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଖାଉଅଛନ୍ତି, ଆମ୍ଭମାନଙ୍କ ବଙ୍ଗରେ ସେ ଦୃଷ୍ଟାନ୍ତ କେଉଁଠାରେ ଦେଖାଯାଏ ନାହିଁ ।"

ଏହି ବଙ୍ଗୀୟ ଭଦ୍ର ବ୍ୟକ୍ତିମାନେ ନୀଳକଣ୍ଠଙ୍କ ନିକଟ ସଂସ୍ପର୍ଶରେ ଆସି ତାଙ୍କର ଚରିତ୍ରବୃତ୍ତି ଏବଂ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷାର ବିକାଶ ଏବଂ ଛାତ୍ରମାନଙ୍କର ମାନବିକତା ଗଠନରେ ସେ ଯେଉଁ ଅକ୍ଲାନ୍ତ ସାଧନାରେ ବ୍ରତୀ ଥିଲେ, ତାର ଅଭ୍ରାନ୍ତ ପରିଚୟ ଭାବବିହ୍ୱଳ ପ୍ରାଣରେ ନବ୍ୟ ଭାରତରେ ଦେଲେ । ଏହା ଫଳରେ ଦେଶ ବିଦେଶରେ କେବଳ ସତ୍ୟବାଦୀ ବିଦ୍ୟାଳୟର ସୁନାମ ବ୍ୟାପିଲା ନାହିଁ, ବ୍ୟାପିଲା ପ୍ରଧାନ ଶିକ୍ଷକ ନୀଳକଣ୍ଠଙ୍କର ତ୍ୟାଗର ମହିମା, ଶିକ୍ଷା ଦିଗରେ ତାଙ୍କର ବୈପ୍ଳବିକ ଚିନ୍ତାଧାରାର ବୈଶିଷ୍ଟ୍ୟ ଏବଂ ପ୍ରାଚୀନ ଭାରତୀୟ ଶିକ୍ଷା ଓ ସଂସ୍କୃତି ପ୍ରତି ତାଙ୍କର ନିଷ୍ଠା, ଶ୍ରଦ୍ଧା ଓ ସମାଦର । ନୀଳକଣ୍ଠ ସତ୍ୟବାଦୀରେ ଯେଉଁ ଶିକ୍ଷା ପଦ୍ଧତି ପ୍ରଚଳନ କରିଥିଲେ ତାହା ପାଶ୍ଚାତ୍ୟ ପ୍ରଣାଳୀର ଅନୁସରଣ ହେଲେ ମଧ୍ୟ, ତାହା ଭାରତୀୟ ଭିତ୍ତି ଭୂମି ଉପରେ ପ୍ରତିଷ୍ଠିତ । ଛାତ୍ରମାନଙ୍କର ବ୍ରହ୍ମଚର୍ଯ୍ୟ ସାଧନା ଏବଂ ଚରିତ୍ର ଗଠନ ଥିଲା ଏହି ଶିକ୍ଷା ପଦ୍ଧତିର ଅପରିହାର୍ଯ୍ୟ ଅଙ୍ଗ । ସେଥିପାଇଁ ଦିନେ ଛାତ୍ରମାନଙ୍କ ସଭାରେ ସେ ସେମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, "ମନ ହିଁ ମାନବର ବିଶେଷତ୍ୱ । ଶାରୀରିକ ଜୀବନ କ୍ରିୟାରେ ମନୁଷ୍ୟ ଯୋଟିଏ ଇତର ଜନ୍ତୁ ପରି । ମାନସ ପ୍ରକ୍ରିୟା ଓ ବିଚାରଶକ୍ତି ତାହାର ଅଧିକା । ତାହାର

Digitized by PPRACHIN, SOA

ଅତୀତର ସ୍ମୃତି ଥାଏ, ଏବଂ ସେ ଭବିଷ୍ୟତ କଳ୍ପନା କରି ଦେଖେ । ଇତର ଜନ୍ତୁମାନଙ୍କର ଜୀବନ କିମ୍ବା ଜୀବମାନର ସହଜ ଚରିତ୍ର, ବର୍ତ୍ତମାନ ମାତ୍ରରେ ସୀମାବଦ୍ଧ । ଅର୍ଥାତ୍, ଯେତେବେଳେ ଯାହା ଆଗରେ ପଡ଼େ ତାହାହିଁ ସେମାନେ କରିଯାନ୍ତି । ଭୂତ, ଭବିଷ୍ୟତ ସେ ବୁଝନ୍ତି ନାହିଁ । କିନ୍ତୁ ମନୁଷ୍ୟର କିମ୍ବା ବିସ୍ତୀର୍ଣ୍ଣ । ମନୁଷ୍ୟର ଜୀବନ ଏକ ବିରାଟ ବସ୍ତୁ । ତୁମ୍ଭେ ପୂର୍ବ ପୁରୁଷର ଦାୟାଦ ଓ ପରବର୍ତ୍ତୀ ପୁରୁଷମାନଙ୍କର ପ୍ରବର୍ତ୍ତକ । ତୁମ୍ଭର ଜୀବନ ଆଜି ବୈଦିକ ଋଷିମାନଙ୍କଠାରୁ ଅନନ୍ତ ପରବର୍ତ୍ତୀ ବଂଶଧର ପର୍ଯ୍ୟନ୍ତ ସର୍ବତ୍ର ବ୍ୟାପି ରହିଅଛି । ପୂର୍ବର ଗୌରବ ରକ୍ଷା କରିବା ତୁମ୍ଭର ଯେପରି ଉଦ୍ଦେଶ୍ୟ, ଉତ୍ତର ବଂଶରେ ଗୌରବମୟ ବୋଲି କୀର୍ତ୍ତିତ ହେବା, ଏବଂ ମହିମାମୟ ଉତ୍ତର ବଂଶାବଳୀର ମୂଳଭିତ୍ତି ସ୍ଥାପନ କରିବା ତୁମ୍ଭର ସେହିପରି ଉପେପୂର୍ ଅଙ୍ଗୀଭୂତ ରହିଅଛି । ବିଶେଷରେ ତୁମ୍ଭେମାନେ ଆର୍ଯ୍ୟ ଭୂମିର ସନ୍ତାନ । ଏହି ଋଷିପୂତ ଭୂମିରେ ତୁମ୍ଭର ଜନ୍ମ, ଋଷିରକ୍ତ ତୁମ୍ଭ ଧମନୀରେ ବହୁଅଛି । ଏ ତୁମ୍ଭ ଅତୀତର ମହାଯଶସ୍ବୀ ସ୍ମୃତି । ଏ ପୁରାଣ ମହିମାପୂ ଅତୀତର ଉପଯୁକ୍ତ ହେବା ତୁମ୍ଭର ଲକ୍ଷ୍ୟ । × × × ଏତିକି ନୁହେ । ମାନବର ଜୀବନ ଏତିକି ମାତ୍ର ଅତୀତ ଓ ଭବିଷ୍ୟତରେ ସୀମାବଦ୍ଧ ନୁହେଁ । ଏହି ଅତୀତ ଫଳରେ ଓ ଭବିଷ୍ୟତ କଳ୍ପନା ସଙ୍ଗେ ତୁମର ପରିବାର ଅଛି, ସମାଜ ଅଛି, ଜାତି ଅଛି, ଧର୍ମ ଅଛି । ତୁମ୍ଭେ ନିଜେ ନିଜ କଥା ଭାବିଲାବେଳେ କେବଳ ନିଜ କଥା ଭାବ ନାହିଁ; ଏ ସମସ୍ତଙ୍କ କଥା ମଧ୍ୟ ଭାବ । ସମସ୍ତଙ୍କ ପ୍ରତି ତୁମ୍ଭର କର୍ତ୍ତବ୍ୟ ଅଛି ବୋଲି ମନେକର । ମୋ ଦ୍ୱାରା ପରିବାରର ଗୌରବ ହେବ, ଜାତିର ମହତ୍ତ୍ୱ ବଢ଼ିବ, ସମାଜର ମଙ୍ଗଳ ହେବ ପ୍ରଭୃତି କଳ୍ପନା ପଦେ ପଦେ ତୁମ୍ଭ ଜୀବନକୁ ପ୍ରାଣିତ କରି ରଖିଅଛି । ତୁମ୍ଭର ଆତ୍ମା ଏ ସବୁଥିରେ ବ୍ୟାପ୍ତ । ପ୍ରାଣ ସର୍ବଦା ଆତ୍ମପ୍ରସାରରେ ଉନ୍ମୁକ୍ତ । ଏହି ବିସ୍ତୀର୍ଣ୍ଣ ଆତ୍ମାହିଁ ତୁମର ବ୍ୟକ୍ତିତ୍ୱ । ଏଥିରେ ହିଁ ତୁମ୍ଭର ଚରିତ୍ର ପ୍ରତିଷ୍ଠିତ ହୁଏ ।”

ଉଦ୍ଧୃତି ଦୀର୍ଘ ହୋଇ ପଡୁଛି । ଏଥିରେ କେବଳ ଛାତ୍ରମାନଙ୍କୁ ଚରିତ୍ର ଗଠନ କରିବାର ଉଦ୍‌ବୋଧନୀ ବାଣୀ ନାହିଁ, ଅଛି ଶାନ୍ତ ସମାହିତ ଓ ପ୍ରଜ୍ଞାବାନ୍ ମାଳକଣ୍ଠଙ୍କର ନିଗୂଢ଼ ଜୀବନ-ଜିଜ୍ଞାସା, ଜନକଲ୍ୟାଣ ନିମନ୍ତେ ଆତ୍ମ-ବିସ୍ମୃତିର ସାଧନା, ଆର୍ଯ୍ୟଋଷିମାନଙ୍କର 'ଭୂମୈବ ସୁଖଂ'ର ସାଧନା, ସାର୍ବଜନୀନ ପ୍ରେମ ଓ ମୈତ୍ରୀର ସାଧନା, ଶିକ୍ଷା କ୍ଷେତ୍ରରେ ଭାରତୀୟ

Digitized by PPRACHIN, SOA

ସଂସ୍କୃତିର ନବଜାଗରଣ ସାଧନା ଏବଂ ଆଧୁନିକ ଯୁବ ସମାଜକୁ ତାର କୂପମଣ୍ଡୁକତ୍ୱ ଓ ଅହମିକା-ଗ୍ରସ୍ତତାରୁ ମୁକ୍ତିର ସାଧନା । ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟ ଛାଡ଼ି କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀର ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତ ହୋଇ କଲିକତା ଯିବାପର୍ଯ୍ୟନ୍ତ ଶିକ୍ଷାକ୍ଷେତ୍ରରେ ଆତ୍ମାର ବିସ୍ତୀର୍ଣ୍ଣତାର ଏ ମହୀୟସୀ ସାଧନା ଅବ୍ୟାହତ ଭାବରେ ଚାଲିଥିଲା । ଯେଉଁ ସ୍ୱନାମଧନ୍ୟ ଆଶୁତୋଷ ମୁଖର୍ଜି ତାଙ୍କର ପାଣ୍ଡିତ୍ୟ ଓ ପ୍ରତିଭାରେ ବିମୋହିତ ହୋଇ ନୀଳକଣ୍ଠଙ୍କୁ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ କରି ନେଇଥିଲେ, ସେହି ଶିକ୍ଷାପ୍ରେମୀ ମୁଖର୍ଜି ମହୋଦୟ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରି ୧୯୧୭ ଜୁନ୍ ୨ ତାରିଖରେ ଲେଖିଥିଲେ, "The promoters of this School have set a ladudable example ···· Their ideals are high they understand the value of discipline and culture—mental, moral and physical. × × × One can not but wish that every village in Bengal should possess a genuine place of instruction like the Satyabadi School." ଆଶୁତୋଷ ଇଚ୍ଛା କରିଥିଲେ ତାଙ୍କ ବଙ୍ଗ ପ୍ରଦେଶରେ ଶୃଙ୍ଖଳା ଓ ସଂସ୍କୃତି ରକ୍ଷା ନିମନ୍ତେ ପ୍ରସିଦ୍ଧି ଲାଭକରିଥିବା ସତ୍ୟବାଦୀ ବିଦ୍ୟାଳୟ ପରି ଗୋଟିଏ ବିଦ୍ୟାଳୟ ହେଲେ ହୁଅନ୍ତା । ସତ୍ୟବାଦୀ ବିଦ୍ୟାଳୟର ଏହି ମହିମମୟ ଆଦର୍ଶର ପଶ୍ଚାତରେ ଥିଲା ପରିଚାଳକ ନୀଳକଣ୍ଠଙ୍କର ଅଦମ୍ୟ ସାଧନା ଓ କଠୋର ଅଧ୍ୟବସାୟ । କଣ କଲେ ପିଲେ ଭଲ ମନୁଷ୍ୟ ହେବେ ସେମାନେ ଜ୍ଞାନ ଗୌରବ ଓ ଚରିତ୍ର ସମ୍ପଦରେ ମହୀୟାନ ହୋଇ ଦେଶସେବାରେ ନିଜ ନିଜ ଜୀବନକୁ ଉତ୍ସର୍ଗ କରିବେ, ସେଥିପାଇଁ ଉପାୟ ଚିନ୍ତା କରିବାରେ ନୀଳକଣ୍ଠ ବହୁ ଉନ୍ନିଦ୍ର ରଜନୀ ଯାପନ କରିଅଛନ୍ତି, ଭୋକ ଶୋଷ ପାସୋରି ଦେଇଛନ୍ତି ।

ପିଲେ ଭଲ ଭଲ ବହି ପଢ଼ି ନୂଆ ଜ୍ଞାନ ଅର୍ଜିବେ ବୋଲି ପ୍ରତି ଶ୍ରେଣୀରେ କ୍ଲାସ ଲାଇବ୍ରେରୀ ଖୋଲିଲେ । ଖାଲି ଲାଇବ୍ରେରୀ ଖୋଲିଦେଇ ପିଲାଙ୍କୁ ବହି ଦେଇଦେଲେ ତ ହେବ ନାହିଁ, ପିଲେ ସେ ସବୁ ବହି ପଢ଼ୁଛନ୍ତି କି ନାହିଁ, ପଢ଼ି ବୁଝିଛନ୍ତି କି ନାହିଁ ପରୀକ୍ଷା କରିବାକୁ ହେବ ।

Digitized by PPRACHIN, SOA

ତେଣୁ ରାତି ଉଜାଗରରେ ହୋଇ ନୀଳକଣ୍ଠଙ୍କୁ କ୍ଲାସ-ଲାଇବ୍ରେରୀର ବହିସବୁ ପଢ଼ିବାକୁ ପଡ଼େ । ବହି ଫେରାଇଲା ବେଳେ ଗୁରୁମାନେ ନୀଳକଣ୍ଠଙ୍କଠାରୁ ବହୁ ଜଟିଳ ପ୍ରଶ୍ନର ସମ୍ମୁଖୀନ ହୁଅନ୍ତି । ଜ୍ଞାନ ତୃଷା ପରିତୃପ୍ତ କରିବା ନିମନ୍ତେ ପଠନବିଳାସ ନୀଳକଣ୍ଠଙ୍କ ଜୀବନର ଥିଲା ଚିର-ସହଚର । ସଂସ୍କୃତ ବ୍ୟାକରଣ ସୂତ୍ର ଗୁଡ଼ାକ ସେ ଉପନ୍ୟାସ ପଢ଼ିଲା ପରି ପଢ଼ନ୍ତି । ଅଧ୍ୟୟନରୁ ସେ ଯେଉଁ ବିମଳ ଆନନ୍ଦ ଉପଭୋଗ କରୁଥିଲେ ତାହା ଅକଳନୀୟ ଏବଂ ତାଙ୍କର ଜ୍ଞାନ-ପିପାସା ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଅପରାଜେୟ ହୋଇ ରହିଛି ।

ଶିକ୍ଷାର ସାଧନା ସହିତ ସତ୍ୟବାଦୀରେ ନୀଳକଣ୍ଠଙ୍କର ସମାନ ଗତି ଓ ଶକ୍ତିରେ ଚାଲିଥିଲା ସାହିତ୍ୟସାଧନା । ନୀଳକଣ୍ଠ ବୁଝିଥିଲେ ବଳିଷ୍ଠ ଉନ୍ନତ ଓ ଆଦର୍ଶଗର୍ଭ ସାହିତ୍ୟର ବିକାଶ ଓ ପ୍ରସାର ନ ହେଲେ ଦେଶ-ବାସୀଙ୍କର ଜଡ଼ତା ଦୂର ହେବ ନାହିଁ, ଚିନ୍ତା ମାର୍ଜିତ ହେବନାହିଁ, ଜାତୀୟତାଭାବରେ ସେମାନେ ଉଦ୍‌ବୁଦ୍ଧ ହେବେ ନାହିଁ । ସ୍ଥୂଳତଃ, ସେମାନଙ୍କର ବ୍ୟକ୍ତିତ୍ୱର ପରିସ୍ଫୁଟନ ହେବ ନାହିଁ । ତେଣୁ ଉନ୍ନତ ଧରଣର ଶିକ୍ଷା ପ୍ରଣାଳୀ ଏବଂ ଏହାର ପରୀକ୍ଷା-ନିରୀକ୍ଷାରେ ଆତ୍ମନିମଗ୍ନ ଥିବା ସମୟରେ ସାହିତ୍ୟ-ଚର୍ଚ୍ଚା ଓ ସାହିତ୍ୟ-ସାଧନାରୁ ସେ କ୍ଷାନ୍ତ ରହି ନଥିଲେ । ନୀଳକଣ୍ଠଙ୍କ ସାହିତ୍ୟ ଲୋକ-ସାହିତ୍ୟର ବାହାନ କି ନୁହେଁ, ସେ କଥା ସମାଲୋଚକମାନେ ସ୍ଥିର କରିବେ, କିନ୍ତୁ ସଂସ୍କାରମୂଳକ ସାହିତ୍ୟଠାରୁ 'କୋଣାର୍କେ' ପରି ରସାଳ ସାହିତ୍ୟ ସବୁ ନୀଳକଣ୍ଠଙ୍କର ଶିକ୍ଷକତା ସମୟର ଲେଖା । ୧୯୦୯ ଠାରୁ ୧୯୧୨ ମସିହା ମଧ୍ୟରେ ସେ ଯେଉଁ ସମାଜ ସଂସ୍କାରମୂଳକ ଏବଂ ବୈପ୍ଳବିକ ଭାବପୂର୍ଣ୍ଣ ବିଦ୍ରୂପାତ୍ମକ ପ୍ରବନ୍ଧମାନ ଲେଖିଥିଲେ ତାହା ରକ୍ଷଣଶୀଳ ଲୋକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ବିଶୃଙ୍ଖଳା ସୃଷ୍ଟି କରିଥିଲା । ଏହି ପ୍ରବନ୍ଧ ମାନଙ୍କର ନାମକରଣ, ଭାବ ଓ ଭାଷା ସନ୍ନିବେଶରେ ମଧ୍ୟ ବୈଶିଷ୍ଟ୍ୟ ଲକ୍ଷ୍ୟ କରିବାର କଥା । ସେଥିମଧ୍ୟରୁ କେତୋଟିର ନାମ ତଳେ ଦିଆଗଲା, ଯଥା:—'ନିଶ', 'ମୋ ନିଶ', 'ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା' 'ଅଛୁଁ ଓ ହେବୁଁ' 'ନୀତି ଓ ପ୍ରକୃତି', 'ଦ୍ରୁତଭିଦ୍ ପୂଜା ଓ ପ୍ରତିମା ପୂଜା' ଏବଂ 'ଆମ୍ଭର ଥିଲା ଓ କାରଣ ଥାଇପାରେ' ଏସବୁ ପ୍ରକାଶ ପାଇଥିଲା ସେସମୟର 'ଉତ୍କଳ ସାହିତ୍ୟ' ଓ 'ମୁକୁର'ରେ । ନିଶ ଆନ୍ଦୋଳନ ଟିକିଏ ଶିଥିଳ ହୋଇ ଆସିବା ପରେ

Digitized by PPRACHIN, SOA

ସେ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରିବାରେ ବ୍ରତୀ ହେଲେ। ସେ ଏହି ସମୟରେ 'ଆର୍ଯ୍ୟଜୀବନ' ପରି ଦାର୍ଶନିକତତ୍ତ୍ୱ ସମ୍ବଳିତ ଜଟିଳ ଗ୍ରନ୍ଥ ପ୍ରଣୟନ କରିବା ସଙ୍ଗେ ସଙ୍ଗେ ବିଶ୍ୱସାହିତ୍ୟପ୍ରତି ଉତ୍କଳୀୟ ପାଠକମାନଙ୍କୁ ପରିଚିତ କରାଇଲେ । ଏହାର ମୂକସାକ୍ଷୀ ତାଙ୍କର 'ପ୍ରଣୟିନୀ' କାବ୍ୟ । ଇଂରେଜ କବି ଟେନିସନ୍‌ଙ୍କ 'The Princess' କାବ୍ୟର ଅନୁବାଦ । ସତ୍ୟବାଦୀରୁ ପ୍ରକାଶିତ 'ସତ୍ୟବାଦୀ' ମାସିକ ପତ୍ରିକାର ପଞ୍ଚମ ଖଣ୍ଡ ତୃତୀୟ ଓ ଚତୁର୍ଥ ସଂଖ୍ୟାରେ ପ୍ରଥମେ ପ୍ରକାଶ ପାଇଥିଲା । ସେଇ ସଂଖ୍ୟାରେ ତାଙ୍କର ଆଉ ଗୋଟିଏ ଅନୂଦିତ କବିତା ମଧ୍ୟ ପ୍ରକାଶ ପାଇଥିଲା । କବିତାଟିର ନାମ 'ଚଷାପୁଅ ପ୍ରତି', କବି ଶେଲିଙ୍କର 'To men of England' କବିତାର ମର୍ମାନୁବାଦ । ତାହାର ଶେଷ ଦୁଇପଦ ହେଉଛି—

"ହେଉ ଯାହା ହେବ ଦେଖାଯିବ ପଛେ
ସେହି ତନ୍ତ ସେହି ଲଙ୍ଗଳ ଧରି,
ସେହି ଦାଆ କୋଡ଼ି ଦୃଢ଼େ ଧରି ହାତେ
କର୍ମେ ପଶ ବନ୍ଧୁ ପରାଣେ ସ୍ମରି ।
ସେ କରମେ ତବ କୀରତି ମନ୍ଦିର
ଉଠିବ ଲଭିବେ ସଂଚକେ ତହିଁ
'ନ ହେଲେ ଶ୍ମଶାନ ହେବ ଜନ୍ମଭୂମି
କରମେ ବିମୁଖ ନହୁଅ ଭାଇ ।

ଅଥଚ ସେହି ସମୟରେ ପ୍ରକାଶିତ 'ପ୍ରଣୟିନୀ'ର ଭାଷାବିନ୍ୟାସ ଏହିପରି—

'ଥିଲି ନୃପସୁତ ମୁହିଁ, ଉତ୍ତରୀ ଜଗତେ,
ହିମାଳୟ ଦେଶବାସେ, ବିମଳ ଲୋଚନ,
ଶରଦିନ୍ଦୁ ରୁଚିତନୁ; ସ୍ୱଭାବେ କପଟ
ଥିଲା ମୋ ପରାଣ ସଦା ପ୍ରେମ-ପିପାସିତ,

ମଧୁ ସମାଗମେ ସାରା ଚରାଚର ଯଥା:—

ନୀଳକଣ୍ଠଙ୍କର ସାଧନା ଭୀମ ଓ କାନ୍ତ ଉଭୟ ଉପାଦାନରେ ଗଢ଼ା । ଶିକ୍ଷକ ଭାବରେ ସେ ଯେତିକି ଥିଲେ କଠୋର, ସେତିକି କୋମଳ;

Digitized by PPRACHIN, SOA

ସେହିପରି ଭାଷା ବିନ୍ୟାସରେ ସେ ଯେପରି ଥିଲେ ଉଦାର ଓ ଗମ୍ଭୀର, ସେହିପରି ଥିଲେ ସାରଲ୍ୟ, ସାବଲୀଳତା କମନୀୟ, ପ୍ରସାଦ ଓ ମାଧୁର୍ଯ୍ୟର ଅବତାର । ଏହାର ଜ୍ୱଳନ୍ତ ନିଦର୍ଶନ, ଏହି ସମୟରେ ପ୍ରଣୀତ ତାଙ୍କର 'ପିଲାଙ୍କ ରାମାୟଣ' ଏବଂ 'ପିଲାଙ୍କ ମହାଭାରତ'—କାନ୍ତ କୋମଳ ପଦାବଳୀର ମଧୁର ଝଙ୍କାର ।

ନୀଳକଣ୍ଠଙ୍କ ସତ୍ୟବାଦୀ ସାହିତ୍ୟ-ସାଧନାର ଅନ୍ୟତମ ମୂକ ସାକ୍ଷୀ ଗୋପବନ୍ଧୁଙ୍କ ସମ୍ପାଦିତ 'ସତ୍ୟବାଦୀ' ପତ୍ରିକା । ଏ ପତ୍ରିକାର ଏପରି ସଂଖ୍ୟା ନାହିଁ, ଯେଉଁଥିରେ ନୀଳକଣ୍ଠଙ୍କର ଏକାଧିକ ଦୀର୍ଘ ପ୍ରବନ୍ଧ ଓ କବିତା ପ୍ରକାଶ ପାଇନାହିଁ । ଗୋଟିଏ ଗୋଟିଏ ସଂଖ୍ୟାରେ ତାଙ୍କର ତିନୋଟି ବା ଚାରୋଟି ଲେଖା ଦେଖିବାକୁ ମିଳେ । ସେଥିମଧ୍ୟରୁ ପୁଣି ସରଳ ତରଳ ଲେଖା ଉପନ୍ୟାସ କିମ୍ବା କ୍ଷୁଦ୍ରଗଳ୍ପ ନୁହନ୍ତି । ପ୍ରକାଶିତ ପ୍ରବନ୍ଧ ସବୁ ଅତ୍ୟନ୍ତ ଉପାଦେୟ, ମୌଳିକ ଚିନ୍ତାପ୍ରସୂତ ଏବଂ ଭାବ ଓ ଭାଷା ଦିଗରୁ ଅନନ୍ୟ ସାଧାରଣ । 'ସତ୍ୟବାଦୀ'ର ଚତୁର୍ଥ ଖଣ୍ଡର ୮ମ-୧୨ଶ ସଂଖ୍ୟାରେ ନୀଳକଣ୍ଠଙ୍କର ନିମ୍ନଲିଖିତ ପ୍ରବନ୍ଧ ଓ କବିତାମାନ ଦେଖିବାକୁ ମିଳେ (କ) ଆର୍ଯ୍ୟଜୀବନ-ଆର୍ଯ୍ୟ ଜୀବନର ବୀଜ—ଜୀବନ ସଂଭୋଗ । (ଖ) ଭୋଗ ଓ ତ୍ୟାଗ (କବିତା) (ଗ) ପ୍ରୀତି-ରହସ୍ୟ (କବିତା) । 'ଭୋଗ ଓ ତ୍ୟାଗ' କବିତାରେ ଭୋଗ ଓ ତ୍ୟାଗର ମିଳନରେ ନିଜ ଜୀବନକୁ ଗଠନ କରିବା ନିମନ୍ତେ ନିଜକୁ ଉଦ୍‌ବୁଦ୍ଧ କରିଅଛନ୍ତି ।

ମିଶିଯାଉ ବେନି ଏ ମୋର ଜୀବନେ
ଭୋଗ ହେଉ ମୋର ତବ ସମର୍ପଣେ,
ସେହି ମୋର ସୁଖ, ସେହି ମୋ ସଂଭୋଗ
- ତବ କର୍ମେ ବଢ଼ୁ ହେଉ ଅନୁରାଗ ।

ଓଡ଼ିଶା କାହିଁକି, ଭାରତର କାବ୍ୟ ସାହିତ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ 'କୋଣାର୍କେ କାବ୍ୟ' ୧୯୧୭ ମସିହାରେ ପ୍ରାୟ ସାତ ଆଠଦିନ ମଧ୍ୟରେ ନୀଳକଣ୍ଠ ବିନିଦ୍ର ରଜନୀ ଯାପନ କରି ଏହାର ରଚନା କାର୍ଯ୍ୟ ଶେଷକରି ଥିଲେ । ଏହା ରାଧାନାଥଙ୍କ 'ବିଳାସିତ' କାବ୍ୟମାନଙ୍କର ଏକ ବଳିଷ୍ଠ ପ୍ରତିବାଦ । ମାନସିଂହଙ୍କ ଭାଷାରେ 'ଜାଗତିକ ସୁଷମା' ଏହି କାବ୍ୟର ପରମ ବୈଶିଷ୍ଟ୍ୟ ।

Digitized by PPRACHIN, SOA

ବୈଜ୍ଞାନିକ ପଦ୍ଧତିରେ ସାହିତ୍ୟ ସମାଲୋଚନାର ସୂତ୍ରପାତ କରିଥିଲେ ପ୍ରଥମେ ପଣ୍ଡିତ ନୀଳକଣ୍ଠ । ଓଡ଼ିଆ ସମାଲୋଚନା ସାହିତ୍ୟକୁ ସେ ଦେଇଛନ୍ତି ଏକ ନୂତନ ଦିଗ୍‌ଦର୍ଶନ ଓ ମୌଳିକ ଆଭିମୁଖ୍ୟ । ସତ୍ୟବାଦୀ ବିଦ୍ୟାଳୟର ସୁବିରାଟ ଦାୟିତ୍ୱ ବହନ କରି ସୁଦ୍ଧା ସେ କଟକରେ ଥିବା ଉତ୍କଳ-ସାହିତ୍ୟ ସମାଜର ପରିଚାଳନାର ଭାର ନିଜ ହାତକୁ ନେବା ପାଇଁ ବିଶ୍ୱନାଥ କର ପ୍ରଭୃତିଙ୍କ ସହ କପରି ବାକ୍‌ଯୁଦ୍ଧ ଚଳାଇଥିଲେ, ତାହା ସେ ସମୟରେ ଥିଲା ଏକ କୌତୁହଳମୟ କଥା । କବିବର ରାଧାନାଥ ରାୟଙ୍କ କାବ୍ୟକବିତା ଉପରେ ନୀଳକଣ୍ଠଙ୍କର ସୁଦୀର୍ଘ ଅଥଚ ରସଗର୍ଭ ମନୋଜ୍ଞ ସମାଲୋଚନା ପ୍ରକାଶ ପାଇଥିଲା 'ମୁକୁର' ମାସିକ ପତ୍ରିକାର ତୃତୀୟ ବର୍ଷରେ (୧୯୦୮-୦୯) । ୧୩୨୩ ସାଲ, ଅର୍ଥାତ୍ ୧୯୧୭ ମସିହାରେ 'ସତ୍ୟବାଦୀ' ମାସିକ ପତ୍ରିକାର ୧ମ ଖଣ୍ଡରେ କ୍ରମାନ୍ୱୟରେ ପ୍ରକାଶିତ ହୋଇଥିଲା 'ଲାବଣ୍ୟବତୀ' କାବ୍ୟ ଉପରେ ତାଙ୍କର ଚିନ୍ତାଗର୍ଭକ ସମା-ଲୋଚନା । ତା ପୂର୍ବରୁ ୧୩୨୨ ସାଲରେ ସେହି ସତ୍ୟବାଦୀ ମାସିକ ପତ୍ରିକାରେ ଆତ୍ମପ୍ରକାଶ କରିଥିଲା 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ' 'ଉତ୍କଳ-ସାହିତ୍ୟ'ର ୨୦ଶ ଭାଗ ୧ମ ଓ ୨ୟ ସଂଖ୍ୟାରେ (୧୩୨୩ ସାଲ) ପ୍ରକାଶିତ ହୋଇଥିଲା ଓଡ଼ିଆ ସାହିତ୍ୟରେ ମଧୁସୂଦନ । ରାଧାନାଥ ଯୁଗୀୟ ଓଡ଼ିଆ ସାହିତ୍ୟ ଉପରେ ଏପରି ସମାଲୋଚନା ଆଉ କୌଣସି ସମାଲୋଚକ ଏପର୍ଯ୍ୟନ୍ତ ଲେଖିପାରି ନାହାନ୍ତି—ଏହା ଦୃଢ଼ତାର ସହିତ ବ୍ୟକ୍ତ କରାଯାଇ ପାରେ । ତାର କାରଣ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ, ମନୀଷା, ଚିନ୍ତାଶୀଳତା ଓ ଅନୁଶୀଳନତତ୍ପରତା ଆମ୍ଭମାନଙ୍କ ମଧ୍ୟରେ କାହାଠାରେ ନାହିଁ । ଏ ଶସ୍ତା ନାମକରା ଯୁଗରେ ମଧ୍ୟ ହେବାର ସମ୍ଭାବନା ନାହିଁ ।

କେବଳ ଶିକ୍ଷାପ୍ରସାର ଓ ସାହିତ୍ୟ-ସାଧନା କ୍ଷେତ୍ରରେ ନୁହେଁ, ସଂସ୍କାରକ ଓ ଚିର-ବିପ୍ଳବୀ ନୀଳକଣ୍ଠ ୧୯୨୧ ରେ ପୂର୍ଣ୍ଣପ୍ରାଣରେ ଅସହଯୋଗ ଆନ୍ଦୋଳନରେ ବି ଯୋଗ ଦେଇଥିଲେ; ତା ପୂର୍ବରୁ ୧୯୧୨ ମସିହାଠାରୁ ୧୯୨୦ ପର୍ଯ୍ୟନ୍ତ ଉତ୍କଳ-ସମ୍ମିଳନୀରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଦେଶ ମିଶ୍ରଣ ଆନ୍ଦୋଳନରେ ସେ ମଧୁବାବୁ ଓ ଗୋପବନ୍ଧୁଙ୍କ ସହିତ ପୂର୍ଣ୍ଣ ସହଯୋଗ କରିଥିଲେ । ସେଥିନିମନ୍ତେ ମଧୁସୂଦନ ମୃତ୍ୟୁ ପୂର୍ବରୁ କହିଥିଲେ 'ନୀଳକଣ୍ଠ ମୋ ପରେ ଉତ୍କଳର ନେତୃତ୍ୱ

Digitized by PPRACHIN, SOA

ଗ୍ରହଣ କରିବ'। ପାଖରେ ବସିଥିବା ନେତୃସ୍ଥାନୀୟ ଲୋକମାନଙ୍କୁ ସେ କଥା ସୁଖ ଲାଗି ନ ଥିଲା । ଗୋପବନ୍ଧୁ ସେହିପରି ତାଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବରୁ କହିଥିଲେ, ନୀଳ ମୋ ପାଖରେ ବରାବର ରହିଥିବ ।" ଉତ୍କଳ-ସମ୍ମିଳନର ବିବରଣୀରୁ ଜଣାଯାଏ, କଟକ ଇଦଗା ପଡ଼ିଆରେ ଅନୁଷ୍ଠିତ ହୋଇଥିବା ୧୯୧୮ ମସିହାର ଉତ୍କଳ ସମ୍ମିଳନୀକୁ ନୀଳକଣ୍ଠ ଓ ଗୋଦାବରୀଶ ସତ୍ୟବାଦୀ ବିଦ୍ୟାଳୟରୁ ଦଳେ ଛାତ୍ର-ସ୍ୱେଚ୍ଛାସେବକ ନେଇ ଯାଇଥିଲେ । ଶିକ୍ଷକମାନଙ୍କ ସହିତ ସ୍ୱେଚ୍ଛାସେବକମାନେ କଟକ ଷ୍ଟେସନରେ ଓହ୍ଲାଇବା ମାତ୍ରକେ ସେମାନଙ୍କୁ ଅଭିନନ୍ଦନ କରିବା ନିମନ୍ତେ ଷ୍ଟେସନରେ ଉପସ୍ଥିତ ଥିବା ମଧୁବାବୁ ହଠାତ୍ ଗୋପବନ୍ଧୁଙ୍କୁ ନିବିଡ଼ ଆଲିଙ୍ଗନ କରିସାରି, ନୀଳକଣ୍ଠବାବୁ ଓ ଗୋଦାବରୀଶ ବାବୁଙ୍କୁ କୁଣ୍ଢାଇ ପକାଇ କହିଲେ, "ଆସ ନାଳନ୍ଦାର ଗୁରୁ ! ଆଉ କିଛି ଅଭାବ ହେବେ ନାହିଁ—ମଙ୍ଗରାଜ ଆଉ ମଙ୍ଗମୋଡ଼ି ପାରିବ ନାହିଁ ।" ଉତ୍କଳ-ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ( ୩୦।୧୨।୧୯୨୦ ) ନୀଳକଣ୍ଠ ଦାସ ଯେଉଁ ପ୍ରସ୍ତାବ ପ୍ରକାଶ୍ୟ ସମ୍ମିଳନୀରେ ଅନୁମୋଦନ କରିଥିଲେ ତାହା ହେଉଛି:—

'ଭାରତ ଜାତୀୟ ମହାସମିତିର ପ୍ରକୃତି ଏବଂ ଗଠନ ବଦଳାଇବାକୁ ନିଯୁକ୍ତ ହୋଇଥିବା ସବ୍‌କମିଟି ତାଙ୍କ ରିପୋର୍ଟରେ ଭାଷା ସୂତ୍ରରେ କଂଗ୍ରେସ ପ୍ରଦେଶ ଗଠନର ଯେ ବିଧାନ ଗ୍ରହଣ କରିଅଛନ୍ତି ଏ ସମ୍ମିଳନୀ ତାହା ସର୍ବାନ୍ତଃକରଣରେ ସମର୍ଥନ କରୁଅଛି ।'

ଆଉ ମାତ୍ର ଦୁଇଟି ସାଧନାର ଆଭାସ ଦେଇ ଏହି ପ୍ରବନ୍ଧ ଶେଷ କରିବି ।

ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ କିମ୍ବା ଚରିତ୍ରବଳର ଆଉ ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ଥିଲା ଆତ୍ମଶକ୍ତି କିମ୍ବା ଆତ୍ମପ୍ରତିଷ୍ଠାର ସାଧନା । ସେ କାହାକୁ ମୁଣ୍ଡ ନୁଆଁଇବାର ଲୋକ ନୁହନ୍ତି—କୌଣସି ବିଷୟରେ ସେ ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ଚାହୁଁ ନଥିଲେ । ନିଜ ଉପରେ ତାଙ୍କର ଅଟଳ ବିଶ୍ୱାସ । ଯେଉଁଠାରେ ମାନବିକତାର ଅଭାବ, ସେଠାରେ ନୀଳକଣ୍ଠଙ୍କର ଅସହିଷ୍ଣୁତା ପ୍ରଚଣ୍ଡ । ଅସହଯୋଗ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ଗିରଫ୍ତାର କରି ପୁଲିସ ଚଲାଇ ଚଲାଇ କଚେରୀଠାରୁ ଜେଲଖାନାକୁ ନେବାକୁ ବାହାରିଲା । ଆତ୍ମମର୍ଯ୍ୟାଦାସମ୍ପନ୍ନ ନୀଳକଣ୍ଠ

Digitized by PPRACHIN, SOA

କଚେରୀ ବାରଣ୍ଡାରେ ସଦର୍ପରେ ବସିପଡ଼ି ଉଗ୍ର କଣ୍ଠରେ କହିଲେ, "ମୁଁ ଆଜି ଦେଖିବି, କାହାର କ୍ଷମତା ଅଛି ନୀଳକଣ୍ଠ ଦାସକୁ ଟାଣିଇ ଟାଣିଇ ନେବ ।" ଅଚଳ ଓ ଅଟଳ ହୋଇ ବସି ରହିଲେ । ପଛକୁ ପୁଲିସ ବାଧ୍ୟହେଲେ ଗାଡ଼ି ଆଣିବାକୁ । ୧୯୧୮ ରେ ସତ୍ୟବାଦୀର ଛାତ୍ରମାନଙ୍କୁ ନେଇ ନୀଳମାଧବ ଭ୍ରମଣରେ ଯାଇଥିଲେ । ଖଣ୍ଡପଡ଼ା ରାଜା ସେମାନଙ୍କୁ ବାଟରୁ ନେବା ନିମନ୍ତେ ଶଗଡ଼ ପଠାଇଥିଲେ । ନୀଳକଣ୍ଠ ଶଗଡ଼ିଆମାନଙ୍କଠାରୁ ବୁଝିଲେ ସେମାନେ ବେଠିରେ ଆସିଛନ୍ତି । ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଲେ—ଗାଡ଼ି ଫେରାଇ ନିଅ । ଆମେ ଏ ଗାଡ଼ିରେ ଯିବୁ ନାହିଁ । ଗାଡ଼ିସବୁ ଫେରିଗଲା ।

ନୀଳକଣ୍ଠଙ୍କର ଅନ୍ୟ ଏକ ସାଧନାର ସ୍ୱରୂପ ରହିଯାଇଛନ୍ତି । କେହି କେହି ମନେକରନ୍ତି – ସେ ଥିଲେ 'ପୂରା ନାସ୍ତିକ' । ଈଶ୍ୱରଙ୍କଠାରେ ତାଙ୍କର ବିଶ୍ୱାସ ନଥିଲା । କିନ୍ତୁ ସତ୍ୟବାଦୀ ଛାଡ଼ିଲା ପରେ ସେ ଭଗବତଗୀତା ଟୀକା ଲେଖିଛନ୍ତି ଏବଂ ଜଗନ୍ନାଥ ଧର୍ମ ସମ୍ବନ୍ଧରେ ବହୁ ତଥ୍ୟ ଅବିଷ୍କାର କରି ଅଛନ୍ତି । ତେବେ ସେ କଣ ଜଗନ୍ନାଥଙ୍କ ଭକ୍ତ ! ତା ବି ନୁହେଁ । କିନ୍ତୁ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ସେ ଥରେ 'ଚରିତ୍ର ଗଠନ ଓ ବଳ' ସମ୍ବନ୍ଧରେ ବକ୍ତୃତା ଦେବାକୁ ଯାଇ ପ୍ରାଣର ଗମ୍ଭୀର ଉଚ୍ଛ୍ୱାସରେ କହିଥିଲେ, 'ବିଧାତାଙ୍କ କରୁଣାରେ ଆମ୍ଭେମାନେ ବୁଦ୍ଧି ଓ ବିଚାର ପାଇଅଛୁ । ତାଙ୍କର ଅନନ୍ତ ଦୟାରେ ବଞ୍ଚିଅଛୁଁ । ସେହି ଦୟାରେ ଜଗତ ଅଛି, ଚଳୁ ଅଛି, ବିଧାତା ସମସ୍ତଙ୍କୁ ଦୟା କରନ୍ତି, ସ୍ନେହ କରନ୍ତି । ଯେଉଁଠାରେ ଦୟା, ସ୍ନେହ, ପ୍ରୀତି ଆମ୍ଭେମାନେ ଦେଖୁ ତାହା ସେହି ବିଧାତାଙ୍କଠାରୁ ଆସିଅଛି । ପିତା ପୁତ୍ରକୁ ସ୍ନେହ କଲାବେଳେ ମଧ୍ୟ ଆମ୍ଭେମାନେ ସେହି ବିଧାତାଙ୍କ ସ୍ନେହର କଣିକାଏ ସେଠାରୁ ପାଉ । ସେଥିପାଇଁ ଆମ୍ଭେ ବିଧାତାଙ୍କୁ କହୁଁ, ବିଶ୍ୱପିତା, ବିଶ୍ୱନିୟନ୍ତା, ବିଶ୍ୱବନ୍ଧୁ ଓ ବିଶ୍ୱରାଟ୍ । ସେହି ଅନନ୍ତ କରୁଣାମୟ ପ୍ରୀତିମୟ ବିଧାତାହିଁ ତେଣୁ ଆମ୍ଭର ଆଦର୍ଶ । ବିଧାତାଙ୍କର ପ୍ରେମ ଦେଖି ମୁଗ୍ଧହୁଅ । ଏବଂ ଜୀବନରେ ସେହି ପ୍ରେମର ଯଥାସାଧ୍ୟ ଅନୁକରଣ କର ।' ଏ ସାଧନା ଭଗବତ ଗୀତାର 'ଭକ୍ତି ଯୋଗ'ର ସାଧନା ନୁହେଁ ବୋଲି କେଉଁ ତତ୍ତ୍ୱଜ୍ଞାନୀ କହି ପାରିବ ?

Digitized by PPRACHIN, SOA

# 'ଖାରବେଳ'—ଏକ ଜାତୀୟ କାବ୍ୟ

**ଅଧ୍ୟାପକ ଶ୍ରୀ ବିକ୍ରମ ଜେନା,** ଏମ୍. ଏ.

ଓଡ଼ିଆ ବିଭାଗ, ରେଭେନ୍ସା କଲେଜ, କଟକ

ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ ଖାରବେଳ କାବ୍ୟ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ କୃତି । କାବ୍ୟଟିର ସମାଲୋଚନା ପୂର୍ବରୁ କବିମାନଙ୍କର ବିଶ୍ଳେଷଣ କଲେ ଜଣାଯାଏ ଯେ 'କୋଣାର୍କେ', 'ମାୟାଦେବୀ' ଓ 'ଖାରବେଳ' ଆଦି କାବ୍ୟ ତାଙ୍କର ଉତ୍କଳପ୍ରାଣତାର ପରିପ୍ରକାଶ । ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ କେନ୍ଦ୍ରକରି ଉତ୍କଳରେ ଯେଉଁ ନବ-ଜାଗରଣ ଦେଖା ଦେଇଥିଲା ତାହା ଏହି କୃତି ଗୁଡ଼ିକରେ ରୂପାୟିତ ହୋଇଛି । ପଣ୍ଡିତ ନୀଳକଣ୍ଠ ଥିଲେ ବିଶିଷ୍ଟ ବିପ୍ଳବୀ ଓ ଚିନ୍ତାନାୟକ । ପରମ୍ପରା ପ୍ରତି ଅହେତୁକ ପ୍ରୀତି ପ୍ରଦର୍ଶନ ନ କରି ସ୍ୱାଧୀନ ଭାବେ ଚିନ୍ତା କରିବାକୁ (ଲିପି ସଂସ୍କାରଠାରୁ ନିଶ ଆନ୍ଦୋଳନ ପର୍ଯ୍ୟନ୍ତ) ସେ ଏ ଜାତିକୁ ଶିଖାଇଛନ୍ତି । ପାଶ୍ଚାତ୍ୟ ସଭ୍ୟତା ତଥା ଚଳଣିର ଅନ୍ଧ ସ୍ତାବକ ନ ହୋଇ ଆର୍ଯ୍ୟ ସଭ୍ୟତା, ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଗୌରବ ସେ ଗାନ କରିଛନ୍ତି । ବଙ୍ଗ ଦେଶରୁ ବୈଷ୍ଣବ ଧର୍ମ ସହିତ ଆସି ସହଜିଆ, ପରକୀୟା ପ୍ରଥା ଏ ଜାତିର ଯୋଗ-ସାଧନା ସମ୍ବଳିତ ଜ୍ଞାନ ଧର୍ମକୁ କିପରି କଳୁଷିତ କଲା, ତାହା ସେ ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଓ ଅନ୍ୟାନ୍ୟ କୃତି ଗୁଡ଼ିକରେ ପ୍ରତିପାଦନ କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ଅପ୍ରତିଦ୍ୱନ୍ଦୀ କଳାକାର କବି ରାଧାନାଥଙ୍କ କୃତିର ଦୁର୍ବଳତା ତାଙ୍କର ସୂକ୍ଷ୍ମ ଚିନ୍ତାଧାରାରେ ସ୍ଥାନ ପାଇଛି । ଯେଉଁ ରାଧାନାଥ "ଗୋଦାବରୀଠାରୁ ଗଙ୍ଗାଯାଏ ବ୍ୟାପି, କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି, ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର" ଆଦି ପଦାବଳୀରେ ଉତ୍କଳର ଗୌରବ ଗାନ କରିଛନ୍ତି (ବୋଧହୁଏ ଅନ୍ୟ

Digitized by PPRACHIN, SOA

କୌଣସି ଉତ୍କଳୀୟ କବିଂକ କଂଠରେ ଏପରି ପ୍ରାଣସ୍ପର୍ଶୀ ରୂପେ ଉତ୍କଳର ଶୌର୍ଯ୍ୟ ଗୀତ ହୋଇନାହିଁ ।) ତାଙ୍କ ରଚିତ'ଯଯାତିକେଶରୀ', 'ନନ୍ଦିକେଶରୀ', 'ପାର୍ବତୀ', 'କେଦାରଗୌରୀ' ଆଦି କାବ୍ୟ ଉତ୍କଳର ଜାତୀୟ ଭାବକୁ ପରୋକ୍ଷ ଆଘାତ ଦେଇଛି । କବି ରାଧାନାଥଂକ ଲେଖମାର ସ୍ପର୍ଶ ପାଇ ଉତ୍କଳର ମୂକ ପ୍ରକୃତି ପ୍ରାଣବନ୍ତ ହେଲା, ନବଛବି ଧାରଣ କଲା ଓ ସେହି କବିଂକ ଭାଷାରେ ଭାଷା କମଳମା ବିକଶିତ ହେଲା । ମାତ୍ର କିଂବଦନ୍ତୀ ଲୋଲୁପ କବି ରାଧାନାଥ କେତେକ ଜନଶ୍ରୁତିକୁ ଯେଉଁ କାବ୍ୟରୂପ ଦେଲେ ପରବର୍ତ୍ତୀ କାଳରେ ସେହି ଜନଶ୍ରୁତି ଗୁଡ଼ିକ ସତ୍ୟ ରୂପରେ ପ୍ରତିଭାତ ହେଲେ । ଏଥିପାଇଁ ରାଧାନାଥଙ୍କ ବଳିଷ୍ଠ ଲେଖମା ହିଁ ଦାୟୀ, କାରଣ ଅନ୍ୟ କେହି ସାଧାରଣ କବି ବା ଲେଖକ ସେଗୁଡ଼ିକ ରୂପ ଦେଇଥିଲେ ହୁଏତ ତାହା ଉପେକ୍ଷଣୀୟ ହୋଇ ସାଂସ୍କୃତିକ ପରଂପରାରେ କୌଣସି ଛାପ ପକାଇ ପାରି ନଥାନ୍ତା । ଜଣେ ବିଶିଷ୍ଟ କଳାକାରରୂପେ ଗ୍ରୀକ୍ ଉପାଖ୍ୟାନ ଗୁଡ଼ିକୁ ଓଡ଼ିଶାର କେତେକ କିଂବଦନ୍ତୀ ସହିତ ଜଡ଼ିତ କରି ସେ ଯେଉଁ କୁହୁକ ପ୍ରଦର୍ଶନ କରିଛନ୍ତି, ତାହାର ଚମତ୍କାରିତା ପ୍ରଶଂସାର୍ହ, ମାତ୍ର କୁହୁକ କେବେ ସତ୍ୟ ହୋଇପାରେନାହିଁ । ରାଧାନାଥଂକ 'କେଦାରଗୌରୀ' କାବ୍ୟକୁ ଲକ୍ଷ୍ୟକରି ପଂଡ଼ିତ ନୀଳକଂଠ ଆତ୍ମଜୀବନୀରେ ଲେଖିଛନ୍ତି "ମୁଁ ଦେଖିଲି ରାଧାନାଥଂକ ସଂବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା, ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା ପଂଡ଼ାମାନେ ଯାତ୍ରୀଙ୍କୁ କେଦାରଗୌରୀ ଦର୍ଶନ କରାଇ ଦେଖାଉଛନ୍ତି -"ଏହିଠାରେ କେଦାର ଜଳାବାଟେ ଗୌରୀ ସାଙ୍ଗେ ଗୁପ୍ତ କଥାବାର୍ତ୍ତା କରୁଥିଲା, ଏହିଠାରେ କେଦାର ଗୌରୀର ଲୁଗା ଦେଖିଲା, ଏହିଠାରେ କେଦାର ଗୌରୀ ମରି ପଡ଼ିଥିଲେ" ଇତ୍ୟାଦି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା । ଜାଣିଥିଲି ପ୍ରାଚୀନ ରୋମୀୟ କବି ଓଭିଡ଼ଂକ ମେଟାମରଫସିସ୍ ନାମକ କାବ୍ୟ ସଂଗ୍ରହରେ ଥିବା 'ପିରାମସ୍ ଆଣ୍ଡ ଥିସ୍‌ବି' କାବ୍ୟର ଓଡ଼ିଆ ସଂସ୍କରଣ ହେଉଛି 'କେଦାରଗୌରୀ' । ତାର ଆଦର୍ଶ ଭାରତୀୟ ନୁହେଁ । ତା ପୁଣି ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପୀଠର ମୂଳରୂପେ ଏପରି କୁହାଯାଉଛି" (ଆତ୍ମଜୀବନୀ) । ପ୍ରକୃତରେ ସ୍ୱାଧୀନଚେତା ନୀଳକଂଠଂକ ମନରେ ଯେଉଁ ଆଘାତ ହେଲା, ବହୁ ଧର୍ମପରାୟଣ ଓ ସଂସ୍କୃତି ପ୍ରେମୀଂକ ମନରେ ମଧ୍ୟ ସେହି ଆଘାତ ଲାଗିବ ।

Digitized by PPRACHIN, SOA

ଏ ସବୁର ପ୍ରତିକ୍ରିୟା ଆମ୍ଭେମାନେ ନୀଳକଣ୍ଠଙ୍କର 'କୋଣାର୍କ' କାବ୍ୟରେ ଦେଖିବାକୁ ପାଉଁ—

"ଘରଗୁଡ଼ି କମ୍ପା ଯିବେ ସେ ବାରବାଳା ନନ୍ଦିକା;
ସହକାର-ଦ୍ରୁମ-ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା;
କଉସୁଲଗାଙ୍ଗ ଧଉଳ ଏହି ନୟନେ ନାଚେ
କବିଙ୍କ ସୁମର ଝରକେ ମୁଖ ଫେରାଅ ପଛେ ।"

'ଖାରବେଳ' କାବ୍ୟ କଳିଙ୍ଗର ସର୍ବଶ୍ରେଷ୍ଠ ଶୂର ଦିଗ୍ବିଜୟୀ, ଚେତବଂଶ ତପନ, ମହାମେଘ ବାହନ ଖାରବେଳଙ୍କର ଐଶ୍ୱର୍ଯ୍ୟମୟ ଜୀବନର ଏକ ଅଧ୍ୟାୟ । ଭୁବନେଶ୍ୱର ସମୀପବର୍ତ୍ତୀ ଖଣ୍ଡଗିରି, ଉଦୟଗିରି (କୁମାରୀ ପର୍ବତ) ରେ ଥିବା ହାତୀଗୁମ୍ଫା ଶିଳାଲେଖରେ ଏହି ଐଶ୍ୱର୍ଯ୍ୟ-ଶାଳୀ ପ୍ରବଳ ପରାକ୍ରାନ୍ତ କଳିଙ୍ଗ ନରପତି ଖାରବେଳଙ୍କର ପ୍ରଶସ୍ତି ଖୋଦିତ ହୋଇ ରହିଛି । ପଣ୍ଡିତମାନେ ଯାହା ପାଠକରିଛନ୍ତି ସେଥିରୁ ଜଣାପଡ଼େ ଯେ ଚେତ ରାଜବଂଶରେ ଖାରବେଳ ଚତୁର୍ବିଂଶତି ବର୍ଷ ବୟସରେ ପ୍ରାୟ ଖ୍ରୀ: ପୂ: ୧୮୪ ଅବ୍ଦରେ କଳିଙ୍ଗ ସିଂହାସନ ଆରୋହଣ କରିଥିଲେ । ପଞ୍ଚଦଶ ବର୍ଷ ବୟସ ପର୍ଯ୍ୟନ୍ତ କ୍ରୀଡ଼ାରତ ରହିବା ପରେ ସିଂହାସନାରୋହଣ ପର୍ଯ୍ୟନ୍ତ ସେ 'ଲେଖ, ରୂପ, ଗଣନା, ବ୍ୟବହାର ବିଧି' ଆଦି ସମସ୍ତ ରାଜନୀତିକ ଓ ସାମାଜିକ ପ୍ରଣାଳୀରେ କୁଶଳତା ଅର୍ଜ୍ଜନ କରିଥିଲେ । ରାଜା ହେବାପରେ ରାଜଧାନୀର ପୁନଃ ସଂସ୍କାର କରି, ଜଳପଥ ପୁଷ୍କରିଣୀ ଆଦିର ପୁନଃସଂସ୍କାର କରି ଦିଗ୍ବିଜୟରେ ମନ ବଳାଇଥିଲେ । ଆନ୍ଧ୍ର ରାଜ୍ୟର ସାତବାହନ ବଂଶର ନରପତି ସାତକର୍ଣ୍ଣିଙ୍କୁ ପରାସ୍ତ କରି-ଥିଲେ । ରାଜତ୍ୱର ଷଷ୍ଠ ବର୍ଷରେ ରାଜସୂୟ ଯଜ୍ଞ ସମ୍ପାଦନ କରିଥିଲେ, ଦାକ୍ଷିଣାତ୍ୟ ଓ ବିନ୍ଧ୍ୟାଞ୍ଚଳର ବହୁ ରାଜାଙ୍କୁ ଜୟକରି ସେମାନଙ୍କୁ ପଦାନତ କରିଥିଲେ । ରାଜତ୍ୱର ଅଷ୍ଟମ ବର୍ଷରେ ମଗଧର ରାଜଧାନୀ ପାଟଳୀପୁତ୍ର ପ୍ରତି ଅଭିଯାନ ଚଳାଇ ପଶ୍ଚିମାଞ୍ଚଳରୁ ଅଗ୍ରସର ହେଉଥିବା ଗ୍ରୀକ୍ ସମ୍ରାଟ ଡିମେଟ୍ରିୟସଙ୍କ (ତତ୍କାଳୀନ ମଧ୍ୟ ପ୍ରାଚ୍ୟର ଶ୍ରେଷ୍ଠ ନରପତି) ସେନା-ବାହିନୀକୁ ଅନୁଧାବନ କରି ମଥୁରା ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ଓ ଗ୍ରୀକ୍ ବାହିନୀକୁ ସିନ୍ଧୁ ନଦୀର ପଶ୍ଚିମ ପାର୍ଶ୍ୱକୁ ଅପସରି ଯିବାକୁ ପଡ଼ିଥିଲା । ଏହାପରେ ଖାରବେଳ କଳିଙ୍ଗର ଶୌର୍ଯ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ

Digitized by PPRACHIN, SOA

ସମଗ୍ର ଉତ୍ତର ଭାରତକୁ ଯବନମାନଙ୍କ କବଳରୁ ରକ୍ଷା କରିଥିଲେ ଓ ଗ୍ରୀକ୍ ସମ୍ରାଟ ଡିମେଟ୍ରିୟୁସଙ୍କୁ ଲାଞ୍ଛିତ ହେବାକୁ ପଡ଼ିଥିଲା ।

ହାତିଗୁମ୍ଫାରେ ବର୍ଣ୍ଣିତ ଏହି ପ୍ରଶସ୍ତିର ଐତିହାସିକ ସତ୍ୟାବଳୀରେ କଳ୍ପନାର ରଞ୍ଜନ ଦେଇ ପଣ୍ଡିତ ନୀଳକଣ୍ଠ ଖାରବେଳ କାବ୍ୟ ରୂପ ଦେଇଛନ୍ତି । ଡିମେଟ୍ରିୟୁସଙ୍କୁ ଏଠାରେ 'ଦତ୍ତିମ' ରୂପେ ନାମିତ କରାଯାଇଛି । କଳିଙ୍ଗର ବଣିକମାନଙ୍କର ସ୍ୱାର୍ଥ ରକ୍ଷା କରିବା ପାଇଁ ଖାରବେଳ ସିନ୍ଧୁ ସାଗର ଆଡ଼କୁ ଯାତ୍ରା କରିଛନ୍ତି । ଏହି ସିନ୍ଧୁ ନଦୀର ପଶ୍ଚିମ ଦିଗରେ ଦ୍ରାବିଡ଼ମାନଙ୍କଦ୍ୱାରା ଅଧ୍ୟୁସିତ ଏକ କୃଷକ ରାଜ୍ୟ ଥିଲା । ତାର ବୃଦ୍ଧ ରାଜା ବର୍ତ୍ତମାନର ଆଫଗାନିସ୍ଥାନ ଓ ବେଲୁଚିସ୍ଥାନର ପୂର୍ବରେ ଥିବା ସେ ସମୟର 'ବନ୍ଦର ରାଜ୍ୟ'ର କନ୍ୟା 'ଧୂସି'ଙ୍କୁ ପାଳନ କରିଥିଲେ । ଏହି ଧୂସିଙ୍କ ସହିତ ପ୍ରଥମ ସାକ୍ଷାତରେ ଉଭୟଙ୍କର ପ୍ରଣୟ ଜାତ ହୋଇଥିଲା । ପରେ କୃଷକ ରାଜାଙ୍କ ସୈନ୍ୟମାନଙ୍କୁ ନେଇ ଛଦ୍ମ ବେଶରେ ଧୂସି, ବନ୍ଦର ରାଜପୁତ୍ର ସାଜି ଖାରବେଳଙ୍କ ସେନା ସହିତ ଯୋଗ ଦେଲେ । ଦତ୍ତିମ ଚକ୍ରାନ୍ତ କରି ରାତିରେ ବନ୍ଦର ରାଜଧାନୀ ସିଂହପଥ ଅକ୍ରମଣ କଲେ । ସେନାପତି ଧୂସି ଏହି କୂଟ ପୂର୍ବରୁ ବୁଝିପାରି ଦତ୍ତିମ (ଡିମେଟ୍ରିୟୁସ)ଙ୍କ ପଥରୋଧ କଲେ ଓ ଦତ୍ତିମ ଉଭୟ ଆଡ଼ୁ ଆକ୍ରାନ୍ତ ହୋଇ ପରାସ୍ତ ହେଲେ । ଖାରବେଳ ଯୁଦ୍ଧରେ ଆହତ ହେଲେ । ପରେ ଖାରବେଳ କୃଷକପୁର ରାଜଧାନୀ 'ପଠଳ'କୁ ଫେରି ଧୂସିଙ୍କୁ ଚିହ୍ନିଲେ ଓ ପ୍ରଣୟ ପରିଣୟରେ ପରିଣତ ହେଲା ।

ଏହା ହେଉଛି 'ଖାରବେଳ' କାବ୍ୟର ସଂକ୍ଷିପ୍ତ ବିଷୟସୂଚୀ । କାବ୍ୟଟି ଅନୁଶୀଳନ କଲେ ଉପଲବ୍ଧି ହୁଏ ଯେ ଏହାଦ୍ୱାରା ଓଡ଼ିଆ ସାହିତ୍ୟର ଏକ ଗୁରୁ ଅଭାବ ପୂରଣ ହୋଇଛି । ଖାରବେଳଙ୍କ ଶୌର୍ଯ୍ୟ ଏ ପର୍ଯ୍ୟନ୍ତ କୌଣସି କବିଙ୍କଦ୍ୱାରା ଗୀତ ହୋଇ ନ ଥିଲା । ପଣ୍ଡିତ ନୀଳକଣ୍ଠଙ୍କ କଣ୍ଠରେ ଏହି ବୀର ଗାଥା ଛନ୍ଦମୟ ହୋଇ ରୂପ ନେଇଛି । କାବ୍ୟର ପ୍ରାରମ୍ଭ 'ବିଭୂନମସ୍କ୍ରିୟା' ଅଂଶଟି ଅତି ହୃଦୟସ୍ପର୍ଶୀ । ଏଥିରେ ପ୍ରକଟିତ ହୋଇଥିବା କବି ନୀଳକଣ୍ଠଙ୍କ ବିଭୁପ୍ରାଣତା ବୋଧହୁଏ ଓଡ଼ିଆ ସାହିତ୍ୟରେ ମଧୁସୂଦନଙ୍କ କୃତି ବ୍ୟତୀତ ଅନ୍ୟ କେଉଁଠି ଦୃଶ୍ୟ ହୁଏ ନା । ଗୋଟିଏ ଅଂଶ ଉଦାହରଣ ସଦୃଶ ନିଆଯାଉ—

Digitized by PPRACHIN, SOA

"ପଡ଼ିଯାଉ ବିଶ୍ୱ, ରନ୍ଧ୍ର, କବିତାର ଧାରା
ଏ ଜୀବନ ଅନନ୍ତ ଉନ୍ମେଷେ
ମିଶିଯାଉ କ୍ଷୀଣ ଏଇ ମାନବ ସାଧନା
ସୃଷ୍ଟିର ସେ ଅନନ୍ତ ବିଳାସେ ।"

ଖାରବେଳଙ୍କ ପ୍ରଥମ ଦର୍ଶନରେ ଧୂସିଙ୍କ ହୃଦୟର ପ୍ରଥମ ପ୍ରଣୟ ଓ ବିରହ ବେଦନାକୁ କବି ଅତି ସରଳ ଅଥଚ ଗମ୍ଭୀର ଭବବ୍ୟଞ୍ଜକ କରି ଗାଇଛନ୍ତି—

"ନ ପାଅ ଗୋ ଧୂସି ବେଦନା ଏସନ
ଏ ନବ ବୟସେ ତବ
ପାନ୍ଥ କାକର ନ ସହିଲେ କାହୁଁ
ସଜଫୁଲ ବିକଶିବ ?"

କାବ୍ୟର ମଧ୍ୟେ ମଧ୍ୟେ କବିଙ୍କ ଉପମା ସନ୍ନିବେଶରେ ଭାବଗାମ୍ଭୀର୍ଯ୍ୟ ପରିଲକ୍ଷିତ ହୁଏ ।

ସିଂଧୁ ସମାନ ଯଉବନ କାଳେ
ତରୁଣୀ-ଯୁବକ ଭସଇ ଅତଳେ,
ଆଶା ଅନଂତ ପ୍ରସାରେ ବଣଇ
ଲୀଳା ଅନଂତେ ଶିକତର ତହିଁ । ଇତ୍ୟାଦି

କବି କାବ୍ୟଟିର ଅନେକ ସ୍ଥାନରେ ପ୍ରକୃତିର ଅତି ସରସ ବର୍ଣ୍ଣନା ପ୍ରଦାନ କରିଛଂତି । ସପ୍ତମ ଛାଂଦରେ ସଂଧ୍ୟା ବର୍ଣ୍ଣନାରେ—

'ଶାରଦ ଶିଶିର-ସ୍ଫଟିକ-ବିଂଦୁ ପଡ଼ଇ ଧୀରେ
ମୁକୁଳିତ ଫୁଲ ଦୋଳଇ ସ୍ୱଚ୍ଛ ଶିଶିର ଶିରେ,
ଧୀରେ ଚହଟଇ ସମୀରେ ପୁଷ୍ପ-ମୋହନ-ବାସ
ଅନୁରାଗ ସେ କି ବିକାଶେ ଲଜ୍ଜାଭେଦି ସୁହାସ ।'

ଛଦ୍ମବେଶରେ ଧୂସି ସେନାପତି ସାଜି ଥିଲେ ହେଁ ସେହି ଛଦ୍ମବେଶ ଫୁଟି ତାଙ୍କର ଯୁବତୀ ସୁଲଭ ତାରୁଣ୍ୟର ପ୍ରକାଶ ପାଉଥିଲା ଓ ତାହା

Digitized by PPRACHIN, SOA

ଖାରବେଳଙ୍କ ମନରେ ଏକ ଅସ୍ପଷ୍ଟ ଅନୁରାଗର ସଞ୍ଚାର କରୁଥିଲା । ଆଶା ଓ ନୈରାଶ୍ୟର ସମନ୍ୱୟ କବି ଉପଯୁକ୍ତ ରୂପେ ପ୍ରଦାନ କରିଛନ୍ତି ।

'ନିରାଶେ ଆଶା ଉଠୁଥାଏ ହସି
ଆଶାରେ ନିରାଶା ହସଇ ମିଶି,
ସେ ଆଶା ତ ତୁଂଗ ଶଇଳ ଶିଖା
କରମଟି ତହିଁ କଠିନ ଲେଖା ।'

କାବ୍ୟର ସ୍ଥଳେ ସ୍ଥଳେ କବିଙ୍କର ସ୍ୱାଧୀନତା ପିପାସା ମଧ୍ୟ ରୂପ ପାଇଛି—

'ଭାରତେ ସେ ସୁଦିନ ଫେରିବ କାହିଁ
ବୁଦ୍ଧ ପରେଶ ଯେବେ ମୋହିଲେ ମହୀ,
ଖଡ୍‌ଗେ ହସୁଥିଲା ଅହିଂସା ଧାର
ଇଂଦ୍ରିୟ ଜିଣି ଜନେ ହୋଇଲେ ବୀର ।'

ଦରିଦ୍ରମଂକ (ଡ଼ମେଟି ଯୁସ) କୃଷ୍ଟ ଚକ୍ରାନ୍ତରେ କବି ଇଂରେଜମାନଂକ କୂଟ ଶାସନର ପ୍ରତିବିମ୍ବ ଦର୍ଶନ କରି ବର୍ଣ୍ଣନା କରିଛନ୍ତି—

'ପଶ୍ଚିମ ସଭ୍ୟତାର ଏସନ ରୀତି
କାହୁଁ ବୁଝିବେ ସେହୁ ସୁଗତ ନୀତି;
ଜୀବନେ ଜାଣଂତି ସେ ଆପଣା ସୁଖ
କଥା କହଂତି ସତେ ବକ ଧାର୍ମିକ ।'

ଖାରବେଳଙ୍କ ସ୍ୱଦେଶ ଚିଂତାରେ କବି କଳିଂଗ ଐଶ୍ୱର୍ଯ୍ୟ ଅତି ଉନ୍ନତ ଭାବେ ବର୍ଣ୍ଣନା କରିଛନ୍ତି—

'ତାଙ୍କ ଦେଶ ଉପକୂଳେ ମୁକୁତାର ହାଟ
ତାଂକ ଦଶାଖୋଲେ ଚିର ବସଂତର ନାଟ,
ସିଂଧୁ ସମୀରଣ ତହିଁ ବହେ ଗିରି କୂଳେ
ଶାରଦ ଜ୍ୟୋତ୍ସ୍ନା ଭାସେ ଲହରେ ଲହରେ ।'

Digitized by PPRACHIN, SOA

ପରିଶେଷରେ କବି ଛଦ୍ମବେଶୀ ଧୂସିଂକ ସହିତ ଖାରବେଳଂକର ଯେପରି ମିଳନର ବର୍ଣ୍ଣନା ଦେଇଛଂନ୍ତି ତାହା ଯେପରି ନାଟକୀୟ ସେହିପରି ଚିତ୍ତାକର୍ଷକ ।

ଏହି ଖାରବେଳ କାବ୍ୟଟିର ବିଭିନ୍ନ ସର୍ଗ ଭୂପାଳ, ବିଭାସ-ଗୁର୍ଜ୍ଜରୀ, ମଙ୍ଗଳଆଶା, ଆହାରୀ, ରାମକେରୀ, ଖଂଡ଼ିଭୂପାଳ; ପୂର୍ବ-ଭୈରବୀ, ମଂଗଳବରାଡ଼ି ଆଦି ବିଭିନ୍ନ ରାଗରେ ଲିଖିତ । ଏହି ରାଗରାଗିଣୀ ସଂଯୋଜନାରେ ନୀଳକଂଠଂକର ସଂଗୀତ ସାହିତ୍ୟରେ ଅସାଧାରଣ ପାଂଡ଼ିତ୍ୟର ସୂଚନା ମିଳିଥାଏ । କାବ୍ୟର ଶାନ୍ତ, ଶୃଙ୍ଗାର, ବୀର ରସ ଆଦିର ଅବତାରଣା କବି ସୁନ୍ଦରରୂପେ ଉପଯୁକ୍ତ ରାଗରାଗିଣୀରେ ସମନ୍ୱିତ କରିଅଛନ୍ତି । ଆଧୁନିକ ଓଡ଼ିଆ କାବ୍ୟଧାରାରେ ମୁକ୍ତଛନ୍ଦର ରାଜୁତିରେ ରାଗରାଗିଣୀ ଆଦି ପ୍ରାୟ ବିଦାୟ ନେଇଛଂନ୍ତି । କବି ନୀଳକଂଠ କୃତି ଯେପରି ସେହି ରାଗରାଗିଣୀ ସମନ୍ୱିତ ସୁଲଳିତ କାବ୍ୟ ଧାରାର ଶେଷରଶ୍ମି ।

ସ୍ଥୂଳତଃ ମହାମେଘବାହନ, ଗୁଣୋପେତ, ପ୍ରଶସ୍ତ ଶୁଭଲକ୍ଷଣ ଦିଗ୍‌ବିଜୟୀ ଖାରବେଳଂକର ଶୌର୍ଯ୍ୟ, ଐଶ୍ୱର୍ଯ୍ୟ, ପ୍ରଣୟର ଉପଯୁକ୍ତ ଚିତ୍ର ନୀଳକଂଠ ଏହି କାବ୍ୟରେ ଦେଇଛଂନ୍ତି । ବୀରବାଳା ଧୂସିଂକର ଧୈର୍ଯ୍ୟ ବୁଦ୍ଧିମତ୍ତା ଆଦି ମଧ୍ୟ କାବ୍ୟରେ ପ୍ରକୃଷ୍ଟରୂପେ ବର୍ଣ୍ଣିତ । ପ୍ରକୃତିର କମନୀୟ କାନ୍ତି, ଶୌର୍ଯ୍ୟ, ପ୍ରଣୟ, ସ୍ୱଦେଶ ପ୍ରୀତି ଆଦି ବର୍ଣ୍ଣନାରେ କାବ୍ୟଟି ମଞ୍ଜୁଳ । ଏହି 'ଖାରବେଳ' କାବ୍ୟରେ ପଂଡ଼ିତ ନୀଳକଂଠ କବି ନୀଳକଂଠ ରୂପେ ଆତ୍ମ ପ୍ରକାଶ କରିଛନ୍ତି—

ମହାମେଘବାହନ ଖାରବେଳ ଯେପରି କଳିଂଗର ଜାତୀୟ ବୀର । ସେହି ଶୂରଂକର ଚରିତ ଗାନକରି ଏହି ଖାରବେଳ କାବ୍ୟ ଏକ ଜାତୀୟ କାବ୍ୟର ଆସନ ନେଇ ପାରିଛି ।

Digitized by PPRACHIN, SOA

# 'କୋଣାର୍କ'ର ପୂର୍ବାର୍ଦ୍ଧ ଓ କବି ନୀଳକଣ୍ଠ

## ଅଧ୍ୟାପକ ଶ୍ରୀ କମଳାକାନ୍ତ ଲେଙ୍କା

**ଆଲୋଚନା ସପକ୍ଷରେ:—**

"ପ୍ରାଚୀନତା ପରମ୍ପରାରେ ଭବିଷ୍ୟତର ଆଦର୍ଶ ଫୁଟି ଉଠେ । ସେହି ଆଦର୍ଶ ଜାତିର ତଥା ମାନବର ସମ୍ବଳ । ଯାହାଦ୍ୱାରା ଜାତି ସେ ଆଦର୍ଶ ପାଇପାରେ ସେହି ଆଦର୍ଶ ପାଇବା ନିମନ୍ତେ ଯାହା ଜାତିର ହୃଦୟରେ ଆକାଂକ୍ଷା ଜନ୍ମାଇପାରେ, ତାହାହିଁ ଜାତିର ଧନ, ମାନବର ମାନବତ୍ୱ ।"

( ବାରବାଟୀ—୮ କୃପାସିନ୍ଧୁ ମିଶ୍ର )

ସତ୍ୟବାଦୀ କବିମାନସ ଏହିଭଳି ଏକ ତୁଙ୍ଗ ଆଦର୍ଶରେ ଅନୁପ୍ରାଣିତ । ଜାତିର ଜୀବନର ପରମ ଗୌରବରେ ଏ ଯୁଗର ଚିନ୍ତାଧାରା ଗୌରବାନ୍ୱିତ ହେବାକୁ ସତତ ସଚେଷ୍ଟ । ମାନବିକତାର ଭୂୟୋବିକାଶ ନିମିତ୍ତ ଏ ଯୁଗରେ ସାହିତ୍ୟିକ ଓ ଚିନ୍ତାନାୟକଗଣ ପ୍ରାଣବଳି ଦେବାକୁ କୁଣ୍ଠାବୋଧ କରି ନାହାନ୍ତି । ଏକ ସମୁଜ୍ଜ୍ୱଳ ଐତିହ୍ୟ-ପରିପୁଷ୍ଟ ଜାତିର ପ୍ରାଣଧାରା ସହିତ ନିଜ ନିଜର ଅନ୍ତଃସ୍ରୋତକୁ ଏମାନେ ବିଲୀନ କରି ଦେଇଛନ୍ତି । ହୃଦୟରେ ମାନବିକ ସଂପ୍ରୀତି ଓ ସ୍ନେହ ଶ୍ରଦ୍ଧାର ଫଲ୍‌ଗୁର ପ୍ରବାହ ପାଇଁ ଏ ଯୁଗର ଲେଖକଗଣ ନିଜ ନିଜ ହୃଦୟର ଦ୍ୱାର ସର୍ବଦା ଉନ୍ମୁକ୍ତ ରଖିଛନ୍ତି । ଏମାନଙ୍କ ଜୀବନ ଭିନ୍ନ ଉପାଦାନରେ ଗଠିତ — ସେଇ ଭିନ୍ନତା କିମ୍ବା ସେଇ ସ୍ୱାତଂତ୍ର୍ୟବୋଧ ରୂପର ପୂଜାରେ, କିମ୍ବା ଐନ୍ଦ୍ରଜାଲିକ କୁହୁକରେ ଅଥବା ଉଦ୍ଭଟ କଳ୍ପନା ବିଳାସରେ ବିଳସିତ ନୁହେଁ । ଏମାନେ ଜୀବନର ପ୍ରତିପୃଷ୍ଠାକୁ ଭିନ୍ନ ଭିନ୍ନ କରି ବିଶ୍ଳେଷଣ କରିବାକୁ ଉଦ୍ୟତ । ଜୀବନର ନିର୍ମମ ବାସ୍ତବତାକୁ ଏଡ଼ି ନାହାନ୍ତି ଏ ଯୁଗର ଲେଖକ । ବରଂ

Digitized by PPRACHIN, SOA

ଏ ନମ୍ରମତା ଏଇ କଠୋରତା ଏବଂ ଦୁର୍ଦ୍ଧର୍ଷ ଜୀବନର ହାସ-ଅଶ୍ରୁ ସମ୍ବଳିତ କଥଯୂନ୍ତୀକୁ ସେ ନିଜ ଜୀବନର ପାଥେୟ ରୂପେ ଗ୍ରହଣ କରି ନେଇଛନ୍ତି ।

ସତ୍ୟବାଦୀ ସାହିତ୍ୟର ତିନୋଟି ପ୍ରଧାନ ଆଭିମୁଖ୍ୟ ଥିଲା । (କ) ସମାଜ ସଂସ୍କାର ମନୋବୃତ୍ତି (ଖ) ଜାତୀୟତା ବା ଦେଶପ୍ରୀତି (ଗ) ଜନସେବା ଏଇ ତ୍ରୟୀ ଆଦର୍ଶ ମୂଳରେ ଏ ଯୁଗର ସ୍ରଷ୍ଟା ମାନସ ଓ ସାମାଜିକ ପରିପ୍ରେକ୍ଷୀର ପ୍ରଭାବ ଏକାନ୍ତ ପ୍ରତିଫଳିତ । ତତ୍କାଳୀନ ରାଜନୈତିକ ତଥା ସାମାଜିକ ବାତାବରଣ ଏ ଭଳି ଏକ ଶୁଦ୍ଧ ଜାତୀୟ ଚେତନାର ଉତ୍ସ ସୃଷ୍ଟି କରିବାରେ ଅନେକ ସହାୟତା କରିଥିଲା । ଓଡ଼ିଶା ଇତିହାସରୁ ନିଷ୍କୃଷ୍ଟ ପୂତ ଭାବ-ପ୍ରଧାନ ଗୌରବମୟ ଛବିଗୁଡ଼ିକୁ ସଂଗ୍ରହ କରି କାବ୍ୟାୟିତ କରିବାରେ ସତ୍ୟବାଦୀ ଲେଖକଗଣ ଚିନ୍ତାଧାରାର ଯେଉଁ ନୂତନତା ପ୍ରଦର୍ଶନ କଲେ, ସେଥିପାଇଁ ରାଧାନାଥୀ ସାହିତ୍ୟ ଏମାନଙ୍କୁ କମ୍ ପ୍ରେରଣା ଓ ଉତ୍ସାହ ଦେଇ ନାହିଁ । ମନେ ହୁଏ, ରାଧାନାଥ ଯୁଗର ସାହିତ୍ୟ ଓ କବିମାନସର ଆଦର୍ଶ ଭୂମିକା ସତ୍ୟବାଦୀ ଲେଖକଙ୍କୁ ସୃଷ୍ଟି କରିବାରେ ପ୍ରୋତ୍ସାହନ ଦେଇଛି । ପକ୍ଷାନ୍ତରରେ ୧୯୦୫ ରେ ବଙ୍ଗ ବିଚ୍ଛେଦ ଆନ୍ଦୋଳନ ଓ ୧୯୧୨ ରେ ବିହାର ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ଶାନ୍ତିନିକେତନରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ବାଣୀପୂଜା ଏ ଯୁଗର କବି ଚିତ୍ତକୁ କେବଳ ଆଲୋଡ଼ିତ କରିଥିଲା ତା ନୁହେଁ, ଏମାନଙ୍କ ହୃଦୟରେ ଏକ ଅନନୁଭୂତ ପ୍ରାଣ-ଚେତନାର ଧାରା ସୃଷ୍ଟି କରିଥିଲା ମଧ୍ୟ ।

ଏଠାରେ ଆଉ ଗୋଟାଏ କଥା ସ୍ୱୀକାର କରିବାକୁ ହେବ ଯେ ସତ୍ୟବାଦୀ ଯୁଗ ଏକ ନବଜାଗରଣର ଯୁଗ । କେବଳ ଜାତୀୟ ଜୀବନ ସଂଗଠନରେ ନୁହେଁ, ଜାତୀୟତାର ପରିଧିକୁ ପରିବ୍ୟାପ୍ତ କରିବାରେ ନୁହେଁ, କିମ୍ବା ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ନୁହେଁ, ଏ ନବଜାଗରଣ ଆମ ଭାଷା, ସାହିତ୍ୟ, ଶିଳ୍ପ, ଭାସ୍କର୍ଯ୍ୟ, ଧର୍ମଧାରଣା ଓ ମୂକ ଓଡ଼ିଆର ପ୍ରାଣ ପ୍ରାଚୁର୍ଯ୍ୟର ଏକ ବୈଚିତ୍ର୍ୟମୟ ପୁଣ୍ୟପୀଠ ରୂପେ କାର୍ଯ୍ୟ କରିଥିଲା । ଏଇ ପୁଣ୍ୟପୀଠର ପ୍ରତିଷ୍ଠାତା ଥିଲେ ମିଷ୍ଟର ମଧୁସୂଦନ ଦାସ । ସତ୍ୟବାଦୀ ଯୁଗର ସକଳ ଚିନ୍ତାଧାରାର ପ୍ରଥମ ଉଦ୍ଗାତା ନେତାରୂପେ ମିଷ୍ଟର ଦାସ ପ୍ରଥମେଇ ଅଭିନନ୍ଦିତ ହେବା ଏକାନ୍ତ ଉଚିତ । କାରଣ ସେ ଥିଲେ ମନ୍ତ୍ରଦାତା ଓ ସେଇ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ପ୍ରଥମେ ଦେଶପ୍ରାଣ

Digitized by PPRACHIN, SOA

ଗୋପବନ୍ଧୁ । ଯଥାର୍ଥ ପାଳକ ଓ ସମ୍ବର୍ଦ୍ଧକ ଭାବେ ତ୍ୟାଗୀ ଗୋପବନ୍ଧୁଙ୍କ ଅମର କୀର୍ତ୍ତିର ବାଣୀ ସତ୍ୟବାଦୀ ଯୁଗର ସାହିତ୍ୟ ବୀଣାରେ ହିଁ ଝଂକୃତ ହୋଇଛି ।

୧୯୧୯ ରେ ଉତ୍କଳ ସମ୍ମିଳନୀର କଟକ ଅଧିବେଶନରେ ସଭାପତିତ୍ୱ କରି ସେଥିପାଇଁ ଗୋପବନ୍ଧୁ କହିଥିଲେ—"ଆମ୍ଭମାନଙ୍କ ବ୍ୟକ୍ତିଗତ ଓ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ ଆତ୍ମାର ମିଳନରେ । ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ । ପୁଣି ଭିନ୍ନ ଭିନ୍ନ ଜାତିର କଲ୍ୟାଣରେ ସାଧିତ ହେବ । ଏହି ଲକ୍ଷ୍ୟରେ ଜାତୀୟ ଆକାଂକ୍ଷା ପରିଚାଳିତ ଓ ନିୟମିତ ନ ହେଲେ ଜାତୀୟ ଉନ୍ନତି ଓ ପୂର୍ଣ୍ଣତା ଦିଗରେ ଜାତିର ଗତି ଅସମ୍ଭବ । ଏଇଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ ପ୍ରାଣର ପରିପୂର୍ଣ୍ଣତା ଲାଗି ତଦ୍‌ଗତ-ପ୍ରାଣ ନ ହେଲେ କିମ୍ବା କାର୍ଯ୍ୟରେ ଏକନିଷ୍ଠତା ପ୍ରକାଶ ନ କଲେ ଆତ୍ମତୃପ୍ତି ମିଳେ ନା । ଏଇ ତୃପ୍ତି ପୁଣି ବ୍ୟକ୍ତିକ ଜୀବନର ସ୍ୱାର୍ଥର ପରିଧିରେ ଆବଦ୍ଧ ନୁହେଁ । ଏକ ବୃହତ୍ତର ଜୀବନ ଧାରାର ବିକାଶ ଲାଗି ମହାମାନବର ଆରାଧନାରେ ହିଁ ପରମ ପରିତୃପ୍ତି ଓ ସ୍ୱାର୍ଥର ବିନାଶ ।"

ମାନବ ଜାତିର ସେବା ପୂଜା ପାଇଁ ଏ ଯୁଗର ଯେଉଁ ଆହ୍ୱାନ ଯେଉଁ କ୍ରନ୍ଦନ, ଯେଉଁ ବ୍ୟାକୁଳତା ପ୍ରକାଶ ପାଇଛି, ତା ମିଷ୍ଟର ହାସ ଓ ତ୍ୟାଗୀ ଗୋପବନ୍ଧୁଙ୍କର ଆଶୀର୍ବାଦ । ଜନତା ଜନାର୍ଦ୍ଦନର ସେବାପାଇଁ, ଏକ ଅନ୍ଧ କୁସଂସ୍କାରଗ୍ରସ୍ତ ଜାତିର ବିକଳ ବିଫଳତାର ଅଶ୍ରୁମୋଚନ ପାଇଁ, ଏଇ ପରମ୍ପରାପୁଷ୍ଟ ଗୌରବମୟ ଜାତିର ପ୍ରାଣସ୍ପନ୍ଦନ ଏବଂ ପ୍ରାଣ ଦେଇ ଦେଇ ଅନୁଭବ କରିବାପାଇଁ ଏ ଯୁଗର ଲେଖକ ଯେଉଁ ବିନୀତ ନିବେଦନ ଜଣାଇଛନ୍ତି ତା' ବାସ୍ତବିକ ହୃଦୟସ୍ପର୍ଶୀ, କରୁଣ ଓ ପ୍ରେରଣା-ପ୍ରଦାୟୀ ।

ସତ୍‌ଶିକ୍ଷା, ସତ ସାହିତ୍ୟ ଓ ସତ୍ ଚିନ୍ତାର ସାଧକ ଥିଲେ ଏ ଯୁଗର ଲେଖକଗଣ । ସେମାନେ କହୁଥିଲେ – ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ଦାନ ହେୟ ନୁହେଁ । ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ । ଚିରକାଳ ଓଡ଼ିଆ ଆତ୍ମନିର୍ଭରଶୀଳ । କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ ।

× × × ×

Digitized by PPRACHIN, SOA

ଆମ୍ଭମାନଙ୍କର ଭାଷା, ଭାବ, କ୍ରିୟା, ସମସ୍ତ ସତ୍ୟର ପନ୍ଥା ଅନୁସରଣ କରିବା ଉଚିତ ଓ ସେଥି ନିମନ୍ତେ ସର୍ବପ୍ରକାର ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ହେବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି ଭାବମାନ ସମାଜରେ ଯଥାସମ୍ଭବ ପ୍ରଚାର କରି ମାତୃଭୂମିକୁ ନବ ଆଶା ଓ ଉତ୍ସାହରେ ଉଦ୍ଦୀପିତ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଏ ଯୁଗର କବି ଓ ଲେଖକ ଥିଲେ କର୍ମର ସାଧକ । ବାକ୍‌ପଟୁତା ଅପେକ୍ଷା କର୍ମ-ପ୍ରିୟତାହିଁ ଏମାନଙ୍କୁ ଅଧିକ ଆନନ୍ଦ ଦେଉଥିଲା । ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ଓଡ଼ିଆ ସାହିତ୍ୟର କର୍ମ ପରିଣାମ, 'କୋଣାର୍କେ' ଓ ଗୀତାର ମୁଖବନ୍ଧ କିମ୍ବା ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା' ଏବଂ 'ବନ୍ଦୀର ସ୍ୱଦେଶ ଚିନ୍ତା, କୃପାସିନ୍ଧୁଙ୍କ 'କୋଣାର୍କ ଓ ବାରବାଟୀ' ପ୍ରଭୃତି ଗ୍ରନ୍ଥ ଏ ଯୁଗର ସାର୍ଥକ ପ୍ରତିନିଧି ।

ସତ୍ୟବାଦୀ ଲେଖକମଣ୍ଡଳୀର ଦୃଷ୍ଟିକୋଣ ଏକାନ୍ତ ଭାବେ ମନନଧର୍ମୀ । ମନୁଷ୍ୟର ଆନ୍ତରିକ ସଦିଚ୍ଛା, ଗଭୀର ସଂପ୍ରୀତିର ଅଭିବ୍ୟକ୍ତି ଓ ଆତ୍ମବିଶ୍ଳେଷଣର ପ୍ରଚେଷ୍ଟା ଏମାନଙ୍କ କବିମାନସର ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ବିଭବ । ଏମାନଙ୍କ ସମଗ୍ର ସୃଷ୍ଟି ଉତ୍କଳର ଭଗ୍ନ ଓ ଜରାଜର୍ଜର ଐତିହାସିକ କୀର୍ତ୍ତିରେ ସମୁଜ୍ଜ୍ୱଳ । ବୀର ରକ୍ତ ପିଣ୍ଡେ ଗଢ଼ା ବାରବାଟୀର ଅତୀତ ଗୌରବରେ ଏମାନେ ଗୌରବାନ୍ୱିତ । ଉତ୍କଳର ଜାତୀୟ ଜଡ଼ତା ଓ ନିଷ୍ପ୍ରାଣତାର ଦୂରୀକରଣ ନିମିତ୍ତ ସଭିଏଁ ନିରତ ଚିନ୍ତିତ ଓ ବ୍ୟାକୁଳ । ସାଧନାର୍ଥୀ ସାହିତ୍ୟର ପୂଜାରୀ ହେଲେହେଁ ଏ ଯୁଗର କବି ଓ ଲେଖକମାନେ ଗୁଣଗ୍ରାହୀ ଭାବରେ ବିଜାତୀୟ ଚିନ୍ତା ଓ ବିକଳ୍ପ କଳ୍ପନାକୁ ପ୍ରଶ୍ରୟ ଦେଇ ନାହାନ୍ତି । ତେଣୁ କବି ନୀଳକଣ୍ଠ 'କବିଙ୍କୁ ସୁନ୍ଦର ବିରାଗେ ମୁଖ ଫେରାଅ ପଛେ' କହିବାରେ ଯେତିକି ଜାତୀୟ ପ୍ରୀତି ଓ ସ୍ୱଦେଶାନୁରାଗ ପରିସ୍ଫୁଟ ସେତିକି ଅଭିମାନ ଓ ଅହଂଭାବ ପ୍ରକଟିତ । କାରଣ କଳାର ଚିରନ୍ତନ ମୂଲ୍ୟ ଦୃଷ୍ଟିରୁ ବହୁ ପରିତ୍ୟଜ୍ୟ ଚିନ୍ତା, ଭାବନା ଓ ଅପାଂକ୍ତେୟ ବିଷୟ ମଧ୍ୟ ସାହିତ୍ୟର ବୃତ୍ତପୂତ ହୋଇଥାଏ । ଏସବୁ ସତ୍ତ୍ୱେ ନୀଳକଣ୍ଠ ବା ଏଯୁଗର ଅନ୍ୟ ଲେଖକମାନଙ୍କ ସୃଷ୍ଟିରେ ଆମେ ଏକ ଶୁଦ୍ଧ ଓ ପବିତ୍ର ପ୍ରେମର ଚିତ୍ର ଦେଖିବାକୁ ପାଉଁ । ଏହି ପ୍ରେମର ଚିତ୍ର ବହୁ ତ୍ୟାଗ ବହୁ ସାଧନା ଓ ପ୍ରାଣର ବହୁ ନିର୍ଯ୍ୟାତନା ଭିତରେ ହିଁ ଅଧିକ ମହିମାନ୍ୱିତ

Digitized by PPRACHIN, SOA

ଓ ବୈଚିତ୍ର୍ୟ-ବିମଣ୍ଡିତ । ଏ ସ୍ଥଳରେ ମାଳକଣ୍ଠଙ୍କ 'ମାୟାଦେବୀ'ର ଉଦାହରଣ ଦିଆଯାଇ ପାରେ ।

"ସତ୍ୟବାଦୀର ଲେଖକମାନେ ଅତୀତର ଇତିହାସ ସହ ଆଧୁନିକ ଦୁଃସ୍ଥ ଓ ବ୍ୟାଧିଗ୍ରସ୍ତ ଜାତୀୟ ଜୀବନର ଶୋଚନୀୟତାକୁ ତୁଳନା କରି କେବଳ ଅରଣ୍ୟ ରୋଦନ କରି ନାହାନ୍ତି ବରଂ ଗଭୀର ଆଶାବାଦୀ ଭାବରେ ଜାତୀୟ ଉନ୍ନତିରେ ବିଶ୍ୱାସ ପୋଷଣ କରିଛନ୍ତି ।"

ପଣ୍ଡିତ କୃପାସିନ୍ଧୁ କୋଣାର୍କର ଶିଆଳ ଶବଳିତ ଶିଳାରାଶିକୁ ସଜୀବ ବୋଲି ଗ୍ରହଣ କରି ସେମାନଙ୍କ ମଧ୍ୟରେ ପୂର୍ବପୁରୁଷର ପ୍ରାଣସ୍ପର୍ଶୀ ବାଣୀ 'ହତାଶ ହୁଅନାହିଁ' ଶୁଣି ପାରି ସାନ୍ତ୍ୱନା ଲାଭ କରି ପାରିଛନ୍ତି । ପୂର୍ବ ପୁରୁଷମାନଙ୍କ ମୁଖରେ—'କି ଥିଲୁ ଏ ରାଜ୍ୟ କି ହୋଇଛୁ ଆଜ' କହି ଏକାନ୍ତ ମର୍ମାହତ ଓ ନିରାଶ ହୋଇ ନାହାନ୍ତି ସତ୍ୟବାଦୀ ଯୁଗର କବିମାନେ । ଏ ଯୁଗର କବିର ବାଣୀ ମାନବର ବାଣୀ । ଏହି ଧୂଳିଧରାର ନିଷ୍ଠୁର ନିର୍ମମ ସତ୍ୟହିଁ ତାଙ୍କ କାବ୍ୟ କବିତାର ପ୍ରଧାନ ଉପଜୀବ୍ୟ । ଏମାନେ କାବ୍ୟର କବି ନୁହଁନ୍ତି, ଜୀବନର କବି । ଏମାନେ କର୍ମର ଉପାସକ, ଜନତାର ସେବକ, ଆର୍ତ୍ତ; ବୁଭୁକ୍ଷୁ ନିପୀଡ଼ିତର ଚିର ସହଚର । ଦୁଃଖ, ବେଦନା, ଗ୍ଲାନି ଓ ନିର୍ଯ୍ୟାତନାରେ ଏମାନଙ୍କ ଆଦର୍ଶର ସ୍ରୋତ ପ୍ରତିହତ ନୁହେଁ, ଅଭାବ ଅନାଟନରେ କମ୍ବା ସାମାଜିକ ପ୍ରତିବନ୍ଧରେ ଏମାନଙ୍କ ପ୍ରାଣିତ ଭାବାବେଗ ସ୍ଥିର ନିସ୍ତରଙ୍ଗ ନୁହେଁ । ଏମାନେ ଜୀବନ-ବେଦର ରଚୟିତା, ହୃଦୟର ଗୁଂଜିତ ଗୀତିର ଗାୟକ, ଜୀବନ ସଂଗ୍ରାମରେ କ୍ଷତବିକ୍ଷତ ବଳିଷ୍ଠ ବୀର୍ଯ୍ୟଶାଳୀ ପୁରୁଷ । ଗୋଦାବରୀଶ ଓ ମାଳକଣ୍ଠଙ୍କ ସମଗ୍ର ସୃଷ୍ଟିରେ ଏହାର ଧ୍ୱନି ଅନୁରଣିତ । ଜୀବନର ଜୟଗାନରେ ଏକାନ୍ତ ମୁଖରିତ ।

## ଇତିହାସ ଓ ସାହିତ୍ୟ--

ପ୍ରସିଦ୍ଧ ଇଂରେଜୀ ଲେଖକ ଟେଭେଲିଆନଙ୍କ ଉକ୍ତିରେ— 'Truth is the criterion of historical study, but its impelling motive is poetic' ଅର୍ଥାତ୍ ଇତିହାସ ଅଧ୍ୟୟନ ଦ୍ୱାରା ସତ୍ୟସହ ପାଠକ ନିବିଡ଼ ପରିଚୟ ଲାଭ କରିଥାଏ; ତଥାପି ଏହା ମଧ୍ୟରେ

Digitized by PPRACHIN, SOA

କବିତ୍ୱପୂର୍ଣ୍ଣ ପ୍ରକାଶ ଇତିହାସକୁ ରସସିକ୍ତ କରି ଚିତ୍ତାକର୍ଷକ କରିଥାଏ । ପୁଣି ଜର୍ମାନୀ ସାହିତ୍ୟିକ ଗ୍ୟେଟେଙ୍କ ଭାଷାରେ – "The best thing which we derive from history is the enthusiasm that it raises in us." ଇତିହାସ ଆମକୁ ଉଦ୍‌ବୁଦ୍ଧ କରେ—କର୍ମ ପ୍ରେରଣାରେ ପ୍ରଗୋଦିତ କରେ । ଅତୀତର ଗୌରବମୟ କାହାଣୀ କୀର୍ତ୍ତି ସମ୍ବଳିତ ବୀରଗାଥା, ସଂସ୍କୃତି, କଳା, ସାହିତ୍ୟ ବର୍ତ୍ତମାନର ନିର୍ଦ୍ଦେଶକ ହୁଏ । ପୁରାତନ ଭିତ୍ତି ଉପରେ ବର୍ତ୍ତମାନର ସ୍ଥିତି ହେତୁ ଇତିହାସ ଅବହେଳିତ ନୁହେଁ । ବୟସ ବୃଦ୍ଧି ପରି ଇତିହାସର ଇଙ୍ଗିତ ବର୍ତ୍ତମାନକୁ ନିୟନ୍ତ୍ରିତ କରେ । ସେଥିପାଇଁ ବୋଧହୁଏ ଷ୍ଟିଫେନ ସ୍ପେଣ୍ଡର କହିଥିଲେ— "History has tongues." ଇତିହାସ ମୂକ ନୁହେଁ, ଇତିହାସ ଜଡ଼ ନୁହେଁ । ପ୍ରାଣ ପ୍ରବାହର ଉତ୍‌ଫୁଲ୍ଲତାରେ ଇତିହାସ ସର୍ବଦା ବାଙ୍ମୟ । ସତ୍ୟବାଦୀ ଯୁଗର ଲେଖକମଣ୍ଡଳୀ ଏଥିପାଇଁ ଇତିହାସର ଆରାଧନା କରିଛନ୍ତି । ପ୍ରାଚୀନତାର ସ୍ତୁତିଗାନ କରିଛନ୍ତି । କବି ନୀଳକଣ୍ଠଙ୍କ 'କୋଣାର୍କେ' ଏହି ଇତିହାସର ଭିତ୍ତି ଭୂମି ଉପରେ ଦଣ୍ଡାୟମାନ । ଅମିତ ହୃତ ଗୌରବର ରାଗ ରାଗିଣୀରେ ସମଗ୍ର 'କୋଣାର୍କେ' ଗୀତିମୁଖର ।

କବି ନୀଳକଣ୍ଠ ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ । ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଆଚାର୍ଯ୍ୟ ହରିହର ପ୍ରଭୃତି ମନୀଷୀଙ୍କ ଗହଣରେ ନୀଳକଣ୍ଠ ଯେ ଦେଶ ହିତୈଷୀ ଗୋପବନ୍ଧୁଙ୍କର ଆଦର୍ଶ ଓ ପ୍ରତିଭାର ପୂଜା କରିଥିଲେ ତା ନୁହେଁ, ସେ ସତତ ଜ୍ଞାନପ୍ରୟାସୀ ହୃଦୟରେ, ଜିଜ୍ଞାସୁ ଚିତ୍ତରେ ଏମାନଙ୍କ ଗୁଣ ଗ୍ରହଣ କରିବାରେ ପରାଙ୍ମୁଖ ନ ଥିଲେ । ୧୯୦୯ ରେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠା ଏବଂ ୧୯୧୬ ଆଡ଼କୁ ଦର୍ଶନରେ ଏମ୍. ଏ. ପାଶ କରି ପଣ୍ଡିତ ନୀଳକଣ୍ଠ ଏଥିରେ ଯୋଗଦାନ କରି ଗୋପବନ୍ଧୁଙ୍କ ଉତ୍ସାହ ଓ କର୍ମପ୍ରବୃତ୍ତିର ପରିଧିକୁ ପରିବ୍ୟାପ୍ତ କରନ୍ତି ।

## ପଣ୍ଡିତ ନୀଳକଣ୍ଠ—

'କୋଣାର୍କେ'ର କବି ନୀଳକଣ୍ଠ ସୁପଣ୍ଡିତ । ଜ୍ଞାନଗରିଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ । ଦାର୍ଶନିକ ନୀଳକଣ୍ଠଙ୍କ ଦୃଷ୍ଟିକୋଣ ସୁଦୂର ପ୍ରସାରୀ । ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ନୀଳକଣ୍ଠଙ୍କ ଗଭୀର ପ୍ରବେଶ ଅଛି । ପ୍ରାଚ୍ୟ ଦର୍ଶନର ସମୁନ୍ନତ ଚିନ୍ତାଧାରା ସହ ପାଶ୍ଚାତ୍ୟ ଜଗତର ଜୀବନଧାରାର

Digitized by PPRACHIN, SOA

ଉତ୍କର୍ଷର ସମନ୍ୱୟ ସାଧନାରେ ନୀଳକଣ୍ଠ ସର୍ବଦା ଅଧ୍ୟୟନରତ । ସେ ନବୀନ ଉତ୍କଳର ନବସଂସ୍କୃତି ସୌଧର ବରେଣ୍ୟ ନିର୍ମାତା । ଦ୍ରଷ୍ଟା, କବି, ପରମ୍ପରାନିଷ୍ଠ ଜ୍ଞାନ ତପସ୍ୱୀ । ଅନ୍ନଦାଶଙ୍କରଙ୍କ ଭାଷାରେ—ନୀଳକଣ୍ଠ ଆଧୁନିକ ଉତ୍କଳର ସାଂସ୍କୃତିକ ଜୀବନର ଶ୍ରେଷ୍ଠ ପ୍ରତିନିଧି । ଜାତୀୟତାର ଉପାସକ ପଣ୍ଡିତ ନୀଳକଣ୍ଠ ଜ୍ଞାନ ତପସ୍ୟାରେ ଏବେ ବି ଅଟଳ । ସେ ସର୍ବଦା ଅନୁଭବ କରନ୍ତି—"ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂମି ଖଣ୍ଡରେ ଜାତୀୟତା ରହେ ନାହିଁ । ଜାତୀୟତା ରହେ ଭାବରେ, ଆଦର୍ଶରେ—ଜାତୀୟ ଜୀବନରେ ମୌଳିକତା ଓ ଶକ୍ତିରେ । (ଆର୍ଯ୍ୟଜୀବନ) ସେ ବୁଝିଥିଲେ—ସାହିତ୍ୟହିଁ ଜାତୀୟ ଗୌରବର ଭିତ୍ତିଭୂମି, ମାନବାତ୍ମାର ସମ୍ମୁଖରେ ଏକ ନିର୍ମଳ ମୁକ୍ତିର ଦ୍ୱାର ଫିଟାଏ । ଏହି ଆଦର୍ଶରେ ନୀଳକଂଠଙ୍କ କବି ମାନସ ସତତ ଅନୁପ୍ରାଣିତ । ବାଗ୍ମୀ, ରାଜନୈତିକ ନୀଳକଂଠଙ୍କ ଖ୍ୟାତି ଓ ଗୌରବ ଅପରିସୀମ । 'ନବଭାରତ'ର ସଂପାଦନାରେ ଯେଉଁ ଅପୂର୍ବ କୃତିତ୍ୱ ଓ ସାହିତ୍ୟ ଅନୁରାଗ ପ୍ରଦର୍ଶନ କରିଛନ୍ତି ତା ଏ ଜାତି ପକ୍ଷରେ ଏକ ଆହ୍ୱାନ । ଗାମ୍ଭୀର୍ଯ୍ୟପୂର୍ଣ୍ଣ ତତ୍ତ୍ୱସମ୍ବଳିତ ଆଲୋଚନା ତାଙ୍କ ବଳିଷ୍ଠ ପ୍ରତିଭାର ସାର୍ଥକ ପ୍ରତିଭୂ । 'ଗୀତା'ର ମୁଖବନ୍ଧ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଓ 'ଆର୍ଯ୍ୟ ଜୀବନ' ଆଦି ଗ୍ରନ୍ଥ ତାଙ୍କର ମନୀଷା ଓ ପ୍ରତ୍ୟୁତ୍ପନ୍ନମତିତାର ଯଥାର୍ଥ ପ୍ରତିନିଧି । ନିଜର ଜାତୀୟ ସଂସ୍କୃତି, ଜାତୀୟ ଜୀବନର ମୃତସଂଜୀବନୀ । ସେଥିପାଇଁ ଆମ ନିଜସ୍ୱ ସଂସ୍କୃତିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ ଓ ଆଲୋଚନା କରିବାରେ ସେ ପ୍ରୟାସୀ ହୋଇଛନ୍ତି ।

ପଣ୍ଡିତ ନୀଳକଂଠ ଯଥାର୍ଥରେ ନୀଳକଂଠ । ସାଧନାରେ ଏକନିଷ୍ଠତା ଚିନ୍ତା ଓ ଚେତନାରେ ଏକ ଶୁଦ୍ଧ ପବିତ୍ରତା, ଭାଷା ଓ କର୍ମରେ ଅପୂର୍ବ ସମନ୍ୱିତତା ଏବଂ ଯୋଗୀ ଋଷି ପ୍ରତିମ ଏକାଗ୍ର ଚିତ୍ତର ତନ୍ମୟତା ପଣ୍ଡିତଜୀଙ୍କୁ ଆଣି ଦେଇଛି ନୀଳକଂଠର ଗୌରବ । ଏଣୁ ଅନ୍ଧ କୁସଂସ୍କାରାଚ୍ଛନ୍ନ ମନର ଭ୍ରାନ୍ତ ପରିଚିତି ତାଙ୍କଠାରୁ ଆଶା କରିବା ଏକାନ୍ତ ଅଶୋଭନୀୟ । ପାଣ୍ଡିତ୍ୟ ଓ କବିତ୍ୱର ଏକ ସମନ୍ୱିତ ରୂପ ତାଙ୍କ କାବ୍ୟ କବିତାର ଆନ୍ତରିକ ସତ୍ତା । ନୂତନ ଆଭିମୁଖ୍ୟ ସୃଷ୍ଟି କରିବାରେ ନୀଳକଂଠ ଅଗ୍ରଣୀ । ତେଣୁ ଜାତି ପ୍ରୀତି ମୂଳକ ତାଙ୍କ ସୃଷ୍ଟିରେ ରାଧାନାଥୀ ସାହିତ୍ୟ ପ୍ରତି ଅନାସ୍ଥାଭାବ ପ୍ରକାଶ ପାଇଛି । କଳଙ୍କଲାଞ୍ଛିତ ଜାତୀୟ ଚରିତ୍ର

Digitized by PPRACHIN, SOA

ରୂପ ପ୍ରଦର୍ଶନ କରି ରାଧାନାଥ ଯେଉଁ ଖ୍ୟାତି ଓ ସମ୍ମାନର ଅଧିକାରୀ ହୋଇଛନ୍ତି ତା କେବଳ ଭାଗ୍ୟର ବିଡ଼ମ୍ବନା । ନୀଳକଣ୍ଠ ଏଥିପାଇଁ ଚିହ୍ନାରୀ ଗ୍ରାହକ ଭାବେ ଫକୀରମୋହନଙ୍କୁ ଠିକ୍ ଚିହ୍ନି ପାରିଥିଲେ । ତାଙ୍କର ଏହି ଦ୍ରବ୍ୟ ଜ୍ଞାନରକ୍ଷି ଏଥିପାଇଁ 'ପାର୍ବତୀ' 'ନନ୍ଦକେଶରୀ' ଓ 'କେଦାର-ଗୌରୀ' ପ୍ରଭୃତିର ଐତିହାସିକ ଘଟଣାମାନ ପ୍ରତି ଅଭିଶାପ ବର୍ଷଣ କରିଛନ୍ତି । ତେବେ ନୀଳକଣ୍ଠ, ରାଧାନାଥଙ୍କ ପରି ରୁଚିକଣ୍ଠ କବି ନୁହନ୍ତି । ସରଳ ତରଳ ଭାଷା ବିନ୍ୟାସର ଏବଂ ଆମୋଦଦାୟୀ କାବ୍ୟ କଳାର ବିଜ୍ଞାଣୀ ନୁହଁନ୍ତି । ତେଣୁ ସେ ବହୁ ସହଜ ସୁଖାମୋଦୀ କବି ଓ ପାଠକଙ୍କ ନିକଟରେ ଏବେ ବି ଅପରିଚିତ ।

ନୀଳକଣ୍ଠଙ୍କ ଜାତୀୟ ଜୀବନର ଧାରା ବିଶ୍ୱମୁଖୀ । ଉତ୍କଳକୁ ଭିତ୍ତିଭୂମି କରି ଭାରତୀୟ ଲୁପ୍ତ ଗୌରବ ଆଦର୍ଶର ପୂଜା କରି ଶିଖିଛନ୍ତି ନୀଳକଣ୍ଠ । ଆମ ଜାତୀୟତାର ତପୋବନ ଜୀବନର ଶୁଚିସ୍ମିତା ଓ ଐକାନ୍ତିକ ନିଷ୍ଠାର ପ୍ରବାହକୁ ଉଦ୍‌ଜୀବିତ କରିବା ଲାଗି ନୀଳକଣ୍ଠ ସର୍ବଦା ବ୍ୟାକୁଳ । ଦୁଇ ଦୁଇଟି ବିଶ୍ୱ ଯୁଦ୍ଧର ସଂଘାତରେ ଆମ ଜାତୀୟ ଜୀବନର ସମୁନ୍ନତ ଆଦର୍ଶ ବିକଳାଙ୍ଗ ଓ ରୁଧିରାପ୍ଲୁତ । ପରାଧୀନ ଭାରତର ଭଗ୍ନ ଆଶା ଓ ବିଫଳସ୍ୱପ୍ନ ଆମ ଜାତୀୟ ଜୀବନକୁ ପଙ୍ଗୁ ଓ ଅଥର୍ବ କରିଛି । ତେଣୁ ନୀଳକଣ୍ଠ ଏହି ସାମାଜିକ ପୃଷ୍ଠଭୂମିରେ ଶାନ୍ତିନିକେତନର ସମ୍ବର୍ଦ୍ଧନା ସଭାରେ କହିଥିଲେ "ଆଜି କେନ୍ତୁ ଆପଣାକୁ, ଆମକୁ ଚିହ୍ନିବାକୁ ହେବ । ସର୍ବଦା ମନେ ରଖିବାକୁ ହେବ ଶତପରାଧୀନତା ଓ ଲାଞ୍ଛନା ସତ୍ତ୍ୱେ ପୃଥିବୀକୁ କିଛି ଦେବା ପାଇଁ ଭାରତବର୍ଷ ବଞ୍ଚିଛି । ନିଜର ଆତ୍ମା-ପୁରୁଷକୁ ବିଶ୍ୱପୁରୁଷ ଆତ୍ମା ସହ ସମାନ କରିଦେବା ଭାରତର ଆଦର୍ଶ—ଏହା ବ୍ୟକ୍ତି ଆତ୍ମାର ଏକ ପ୍ରକାର ଉନ୍ନୟନ (Sublimation) । ଏଥିଲାଗି ସାଧନା ଓ ଦର୍ଶନରେ, ସଂଯମ ଓ ଚିନ୍ତାରେ ନିଜକୁ ପ୍ରତିଷ୍ଠିତ ହେବାକୁ ହେବ । ଏଇକଥା ଆମଠାରୁ ପୃଥିବୀ ଯେତେବେଳେ ଶିଖିବ, ସେତେବେଳେ ପରମାଣୁ ବୋମାରେ ତାର ଭାଗ୍ୟ ନିୟନ୍ତ୍ରିତ ହେବ ନାହିଁ । ଏହି ଭବିଷ୍ୟତ ଲାଗି ଆମର ବଳିଷ୍ଠ ବିଶ୍ୱାସ ଓ ଦୃଢ଼ ଆଶାପୋଷଣ କରିବା ଉଚିତ ।" ପଣ୍ଡିତ ନୀଳକଣ୍ଠ ସତ୍ୟଦ୍ରଷ୍ଟା, ଭକ୍ତିପରମ୍ପରାର ଅତୀତ ଗୌରବମୟ କାହାଣୀରେ ସେ ଉଦ୍‌ବୁଦ୍ଧ ଓ ପ୍ରେରଣା ପ୍ରଣୋଦିତ । ଡକ୍ଟର ନରେନ୍ଦ୍ରନାଥ ମିଶ୍ରଙ୍କ ଭାଷାରେ—ବିଶ୍ୱମହାସମର ପରେ ଆତ୍ମସଚେତନ, ଇତିହାସ

Digitized by PPRACHIN, SOA

ସଚେତନ କବି "ଆତ୍ମସ୍ଥ" ହେବାକୁ ଉଦ୍‌ବୋଧନ ଦେଲେ । ସ୍ୱପ୍ନରେ, ଅନୁଭବରେ, ଜୀବନର ମହତ୍ତ୍ୱର ଆଦର୍ଶ-ବୋଧରେ ଗରିମାମୟ ଜାତୀୟ ଇତିହାସକୁ ନୂତନ ଭାବେ ଆବିଷ୍କାର କଲେ । ଏହାହିଁ 'କୋଣାର୍କ'।

'କୋଣାର୍କ'ର ରଚୟିତା ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ ଜଗତ ବିପୁଳାୟତନ ନୁହେଁ । ପରିସର ପରିବ୍ୟାପ୍ତ ନୁହେଁ । ରାଧାନାଥଙ୍କ ସୃଷ୍ଟି ପରି କବି ନୀଳକଣ୍ଠଙ୍କ ସୃଷ୍ଟି ବହୁମୁଖୀ ଏବଂ ବୈଚିତ୍ର୍ୟମଣ୍ଡିତ ହେବାର ଗୌରବ ଲାଭ କରି ନାହିଁ । କବି ନୀଳକଣ୍ଠଙ୍କ ସୃଷ୍ଟି ଏକାନ୍ତ ସୀମିତ । ସଂସ୍କୃତରୁ ଅନୁବାଦ 'ଭକ୍ତିଗାଥା' ଇଂରାଜୀରୁ ଅନୁବାଦ 'ଦାସନାଏକ' ଓ 'ପ୍ରଣୟିନୀ'କୁ ବାଦ ଦେଲେ ତାଙ୍କର ମୌଳିକ ରଚନା 'କୋଣାର୍କ' 'ଖାରବେଳ' ଓ କେତୋଟି ଖଣ୍ଡ କବିତାରେ ଆବଦ୍ଧ । ଏତେ ଅଳ୍ପ ଲେଖି ଅପୂର୍ବ ଖ୍ୟାତି ଲାଭ କରିବାର ସୌଭାଗ୍ୟ କେବଳ ନୀଳକଣ୍ଠଙ୍କ ଭାଗ୍ୟରେ ଅଛି ?

## 'କୋଣାର୍କ'ର ସୃଷ୍ଟି ପ୍ରେରଣା

ସମଗ୍ର କାବ୍ୟଟି ଦୁଇଭାଗରେ ବିଭକ୍ତ । ପ୍ରଥମ ଭାଗ—'ରାମଚଣ୍ଡୀ ଠାରେ ରାତି ଓ ସକାଳ' ଏବଂ ଦ୍ୱିତୀୟ ଭାଗ—'ମାୟାଦେବୀ' । କବି ସତ୍ୟବାଦୀ ବନ ବିଦ୍ୟାଳୟରେ ଅଧିକ୍ଷ ଥିଲା ବେଳେ ୧୯୦୭ରେ ପ୍ରଥମ ଥର ପାଇଁ କୋଣାର୍କ ଯାଆନ୍ତି । ସାଥିରେ ପ୍ରାୟ ପଚିଶ ଜଣ ବନ ବିଦ୍ୟାଳୟର ଛାତ୍ର ଥିଲେ ଓ କବି ଗୋଦାବରୀଶ ମିଶ୍ର ମଧ୍ୟ ଯାଇଥିଲେ । ସେଦିନ କୁମାର ପୂର୍ଣ୍ଣିମା ଝଡ଼ ବର୍ଷାର ଅମାନିଶା । କୋଣାର୍କ ଦର୍ଶନର ବଳବତୀ ଇଚ୍ଛା ପରାହତ ହେଲା । ପ୍ରକୃତିର ଅନିନ୍ଦ୍ୟ ସୁନ୍ଦର ଶୋଭାରାଶି ଉପଭୋଗ କରିବା ତ ଦୂରର କଥା, ବାହାରକୁ ବି ବାହାରି ହେଲା ନାହିଁ । କୁମାର ପୂର୍ଣ୍ଣିମାର ମନୋମୁଗ୍ଧକର ଜ୍ୟୋତ୍ସ୍ନା ଓ ନିର୍ଜନ ସୈକତର ଶାନ୍ତ ନୀରବତା, ତରଙ୍ଗାୟିତ ଉଚ୍ଛଳ ସମୁଦ୍ରର ଶୋଭା ଏବଂ କୋଣାର୍କ ସମୀପସ୍ଥ ଝାଉଁବଣରେ ମର୍ମର ଉପଭୋଗ କରି ପାରିଲେ ନି କବି । ବହୁ ପଥ ପଦରେ ଅତିକ୍ରମ କରିଥିବା ହେତୁ ଛାତ୍ର ସବୁ କ୍ଲାନ୍ତ ଓ ଶ୍ରାନ୍ତ ହୋଇ ପଡ଼ିଥିଲେ । ତେଣୁ ଗଭୀର ନିଶୀଥର ନିବିଡ଼ ଅନ୍ଧାରରେ ଛାତ୍ରମାନେ ଶୋଇ ପଡ଼ିଥାନ୍ତି । କିନ୍ତୁ ତରୁଣ ପ୍ରାଣର ଉଚ୍ଛ୍ୱାସ ଓ ଭାବାବେଗ କବିଙ୍କୁ ଅସ୍ଥିର କରୁଥାଏ । ତାଙ୍କ ଚକ୍ଷୁରେ ନିଦ ନାହିଁ । ଉଜାଗର ରହି ଏହି ଶାନ୍ତ ନିର୍ଜନତା ଭିତରେ

Digitized by PPRACHIN, SOA

ଝିଙ୍ଗିର ଅଶାନ୍ତ ପଦକ୍ଷେପରେ ଧ୍ୱନି ସଙ୍ଗେ ସଙ୍ଗେ ଏକ ସମୁଜ୍ଜ୍ୱଳ ଜାତିର ତୁଙ୍ଗ ଆଦର୍ଶ ଓ ସଂସ୍କୃତିର ସ୍ମୃତିପୀଠ କୋଣାର୍କର ଗୌରବର ବାଣୀ ଶୁଣି ପାରୁଥିଲେ । କବି ଡାକବଙ୍ଗଳାରେ ବସି 'ରାମଚଣ୍ଡୀ ଠାରେ ରାତି ଓ ସକାଳ' ରଚନା କରିବା ପାଇଁ ପ୍ରେରଣା ଲାଭ କଲେ । ତତ୍ପରେ ୧୯୧୯ ମସିହାରେ ମୋଟେ ସତର ଦିନ ମଧ୍ୟରେ ସମୁଦାୟ 'କୋଣାର୍କେ' କାବ୍ୟ ରଚନା କରିଯାଇ ପ୍ରେସ୍‌କୁ ଛାପିବା ପାଇଁ ଦିଆଯାଇଥିଲା ।

କିନ୍ତୁ 'କୋଣାର୍କେ'ର ଉତ୍ତରାର୍ଦ୍ଧ 'ମାୟାଦେବୀ'ର ସୃଷ୍ଟି ପ୍ରେରଣା କବି ଗଡ଼ଜାତ ଭ୍ରମଣ ସମୟରେ ଜନୈକ ଭାଟ ମୁଖରୁ ଲାଭ କରିଥିଲେ । 'ମାୟାଦେବୀ' ସବୁ କାବ୍ୟ ପରି ପ୍ରଣୟ କାହାଣୀ-ସମ୍ବଳିତ । କିନ୍ତୁ ଏହି ପ୍ରଣୟରେ ଯୌବନର ରୂପ ସମ୍ବେଗ ଲାଳସାର ତୀବ୍ରତା ନାହିଁ, କିମ୍ବା ଦେହଜ କାମନାର ପରିତୃପ୍ତି ପାଇଁ ବ୍ୟାକୁଳତା ପ୍ରକାଶ ପାଇ ନାହିଁ । ଏ କାବ୍ୟର ପ୍ରଣୟ ଶୁଦ୍ଧ, ଶୁଚିତା ଓ ପୌରୁଷରେ ଅଭିବ୍ୟଞ୍ଜିତ । କୁମାର ନରସିଂହ ଓ ଦରିଦ୍ର ସାମନ୍ତ କନ୍ୟା ମାୟାଦେବୀଙ୍କର ପ୍ରେମ ଯେପରି ସ୍ୱଚ୍ଛ, ପ୍ରାଣସ୍ପର୍ଶୀ ସେହିପରି କାରୁଣ୍ୟ ବିଧୌତ, ମମତାର ତରଙ୍ଗରେ ପରିପ୍ଲାବିତ । ମାନସିଂହଙ୍କ ଭାଷାରେ 'ଏଠି ସୂର୍ଯ୍ୟପ୍ରଧାପରେ ଗନ୍ଧ ତୈଳ ଜଳୁନି ବା ବିରହିଣୀର ଉତ୍ତାପ ନାଶ ପାଇଁ ପରିଚାରିକାମାନେ ଉଶୀର ମୂଳ ବାଟୁଥିବାର ଶଯ୍ୟା ବର୍ଣ୍ଣନା କବି ଆମକୁ ଦେଇ ନାହାନ୍ତି । ମନେ ହୁଏ ଏ ଯୁଗର ନିର୍ମଳ ଚିନ୍ତାଧାରାର 'ମାୟାଦେବୀ' ଏକ ସାର୍ଥକ ପ୍ରତିଫଳନ ।

## 'କୋଣାର୍କେ'ରେ ପଣ୍ଡିତ ନୀଳକଣ୍ଠଙ୍କ ନିରପେକ୍ଷ ସାହିତ୍ୟିକ ଦୃଷ୍ଟିକୋଣ

ପଣ୍ଡିତ ନୀଳକଣ୍ଠଙ୍କ ନିରପେକ୍ଷ ସାହିତ୍ୟ-ପ୍ରୀତି ଓ ଏକ ଶୁଦ୍ଧ ମନର ଭାବ ଚେତନା 'କୋଣାର୍କେ'ରେ ପ୍ରକାଶିତ ହୋଇଛି । ରାଧାନାଥୀ ସାହିତ୍ୟ ପ୍ରତି ତାଙ୍କର ବିମୁଖ ମନୋଭାବ ଓ ଫକୀରମୋହନଙ୍କ ପ୍ରତି ସଶ୍ରଦ୍ଧ ସମ୍ପ୍ରୀତି ତାଙ୍କ ରଚିତ 'ଭାଷା ଓ ସାହିତ୍ୟ' ଗ୍ରନ୍ଥରୁ ସ୍ପଷ୍ଟ ସୂଚିତ ହୁଏ । 'କୋଣାର୍କେ ଗ୍ରନ୍ଥର' ପୁଣି ଏବେ ନିବେଦନରେ ସେ କହିଛନ୍ତି······"ସେଥିରେ ପ୍ରାଚୀନ କବି ଜଗନ୍ନାଥ ଦାସଙ୍କ ଠାରୁ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ବାଟେ ସାମନ୍ତ ସିଂହାରଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ଭାରତଚନ୍ଦ୍ରଙ୍କ ଠାରୁ ନବୀନସେନଙ୍କ

Digitized by PPRACHIN, SOA

ପର୍ଯ୍ୟନ୍ତ ବଙ୍ଗଳା ସାହିତ୍ୟ, ତଥା ମଝେ ମଝେ ଗୋପବନ୍ଧୁଙ୍କଠାରୁ ଟେନିସନ୍‌ଙ୍କ ପର୍ଯ୍ୟନ୍ତ ଇଂରାଜୀ ସାହିତ୍ୟରୁ ତୁଳନାତ୍ମକ ଉଦାହରଣମାନ ଧରି କାବ୍ୟ କବିତାର ପରିସ୍ଥିତି, ପରମ୍ପରା, ପୂର୍ବେତୃଷ୍ଟି ସହିତ ମାନବ ସମାଜର ପ୍ରଗତିରେ ପୁଣି ନିତ୍ୟତାର ସଙ୍କେତ ଓ କାବ୍ୟକଳାରେ କବିର ଦ୍ରଷ୍ଟୃ ସୁଲଭ ଦର୍ଶନ ପ୍ରଭୃତିର ଚର୍ଚ୍ଚା ଖୁବ୍ ହେଲା । ବିଶେଷରେ ମୋ ଆଡ଼ୁ ଓଡ଼ିଆ ସାହିତ୍ୟ ପୁଣି ନବୀନ ଓଡ଼ିଆ କାବ୍ୟ କବିତାର ସମାଲୋଚନା ଟିକିଏ ତୀବ୍ର ହି ହୋଇଗଲା ।” ଏଠାରେ ଏହି ନବୀନମାନଙ୍କ ପ୍ରତି ପଣ୍ଡିତ ନୀଳକଣ୍ଠଙ୍କର ଯେଉଁ ତୀବ୍ର ଆକ୍ଷେପ କଥା କୁହାଯାଇଛି, ତାହା ରାଧାନାଥଙ୍କ “କେଦାର-ଗୌରୀ” “ନନ୍ଦିକେଶ୍ୱରୀ” “ପାର୍ବତୀ” ଓ “ଚନ୍ଦ୍ରଭାଗା” ପ୍ରଭୃତି କାବ୍ୟ-ଗୁଡ଼ିକୁ ଲକ୍ଷ୍ୟ କରାଯାଇଛି ମାତ୍ର । ଭୁବନେଶ୍ୱରରେ ପଣ୍ଡାମାନଙ୍କର ଭ୍ରାନ୍ତ ଧାରଣା ପ୍ରତି ଲକ୍ଷ୍ୟ କରି ନୀଳକଣ୍ଠ ପୁଣି କହିଛନ୍ତି, “ଏଇଠାରେ କେଦାର ଜଳା ବାଟେ ଗୌରୀ ସଙ୍ଗେ ଗୁପ୍ତ କଥାବାର୍ତ୍ତା କରୁଥିଲା, ଏଇଠାରେ କେଦାର ଟୌରୀର ଲୁଗା ଦେଖିଲା, ଏଇଠାରେ ଗୌରୀ କେଦାର ଦୁହେଁ ଏକାଠି ମରିପଡ଼ିଥିଲେ” । ଜଣେ ସ୍ୱଦେଶପ୍ରେମୀ ମନରେ ଏ ପ୍ରକାର ଉକ୍ତି ନିଶ୍ଚିତ ଭାବେ ବହୁ ଦ୍ୱନ୍ଦ୍ୱ, ସଂଶୟ ଓ ପରିତାପ ସୃଷ୍ଟି କରିବ । ନୀଳକଣ୍ଠଙ୍କ ମନ ଦୁଃଖରେ ମ୍ରିୟମାଣ ହେଲେ ବି ଜାତିର ଏ ଭଳି ବିକୃତ ଚିତ୍ର ଓ କଳଙ୍କିତ ଛବିଗୁଡ଼ିକୁ ଲକ୍ଷ୍ୟ କରି ରାଧାନାଥଙ୍କ ପ୍ରତି ତାଙ୍କର ବୀତରାଗ ସଂଜାତ ହେବା ସ୍ୱାଭାବିକ । ତେଣୁ ଏ ଯୁଗର ଲେଖକ, ଚିନ୍ତାନାୟକ ଗଣଙ୍କ ମତରେ—ଆମେ ଓଡ଼ିଆ ରାଧାନାଥ (ବିଧିର ବିଡ଼ମ୍ବନା ଯେ ଏହି ରାଧାନାଥ ଆଧୁନିକ ସାହିତ୍ୟର ଆଜି ସୁଦ୍ଧା ଅକଥନୀୟ ସମ୍ମାନର ଅଧିକାରୀ ଓ ଯୁଗ ପ୍ରବର୍ତ୍ତକ ) ଓଡ଼ିଆ ଜାତିର ଦୋଷ ଦୁର୍ବଳତା ପ୍ରଚୁର କରି ଜାତି ଉପରେ ଅନ୍ତଃସାର-ଶୂନ୍ୟ ତାହାହିଁ ପ୍ରକାଶ କରିବାକୁ ଲେଖନୀ ଚାଳନା କରିଥିଲେ । ଏପରିକି ଐତିହାସିକ କୃପାସିନ୍ଧୁ ଓଡ଼ିଆ ଇତିହାସ ଲେଖି ଅପ୍ରାସଙ୍ଗିକ ଭାବରେ ରାଧାନାଥଙ୍କ ‘ମହାଯାତ୍ରା’ କାବ୍ୟର ବିଷୟ ବସ୍ତୁ ଏକାନ୍ତ ଅମୂଳକ ବୋଲି କହିଛନ୍ତି । ପୁନଶ୍ଚ ନୀଳକଣ୍ଠ ପୁଣି ଏବେ ନିବେଦନରେ କହିଛନ୍ତି—ଶେଷକୁ (ଆଜି ମୋର ମନେ ପଡ଼ିଲେ ପ୍ରାଣରେ ସେହି ଯୌବନର ସରସତା ଏବେ ବି ଫୁଟି ଉଠୁଛି) ସେ ସବୁ ସମାଲୋଚନା ଭିତରେ କେବେ ମୁଁ ଯେତେବେଳେ ଏକାକୀ ରହେ, କବିତାରେ ମୋର ବେଳେ ବେଳେ ସୃଷ୍ଟି କରିବାର

Digitized by PPRACHIN, SOA

ପ୍ରେରଣା ଜାଗି ଉଠେ । ଏ ଉକ୍ତିରୁ ସତ୍ୟବାଦୀରେ ସେ ସମୟର ସାହିତ୍ୟିକ ଆଲୋଚନାର ସ୍ପଷ୍ଟ ଆଭାସ ମିଳେ ।

'କୋଣାର୍କ'ରେ ରାଧାନାଥଙ୍କ ପ୍ରତି ଯେଉଁ ଅସହିଷ୍ଣୁତା ପ୍ରକାଶ ପାଇଛି, ତାହା ତାଙ୍କ ଗଭୀର ଦେଶାତ୍ମବୋଧ ଓ ଜାତୀୟତାର ଦ୍ୟୋତକ । ଜାତିର ଜାତୀୟ ଚରିତ୍ରର କେବଳ ସମୁଜ୍ଜ୍ୱଳ ଦିଗଗୁଡ଼ିକ ପ୍ରତି ଅନ୍ୟର ଦୃଷ୍ଟି ଆକର୍ଷଣ କରିଛନ୍ତି । ଦୋଷ ଦୁର୍ବଳତା ଯେ କୌଣସି ଜାତି ବା ବ୍ୟକ୍ତିର ନାହିଁ ଏପରି ନୁହେଁ । ପ୍ରତ୍ୟେକ ସୁ ଓ କୁ-ର ସମନ୍ୱୟରେ ମହିମାନ୍ୱିତ । କିନ୍ତୁ ସାର୍ଥକ କଳାକାରର ଲକ୍ଷ୍ୟ ଏହି ସୁନ୍ଦର ପ୍ରତି ସର୍ବଦା ନିବଦ୍ଧ ହେବା ବାଞ୍ଛନୀୟ । 'କୋଣାର୍କ'ରେ ସେହି ଦୃଷ୍ଟିରୁ କହିଛନ୍ତି—

ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାମୀ କବି-ନାୟିକା ନାଟିତିକ ଆଚରି ।

କିମ୍ବା

କବିଙ୍କ କେଦାର-ଗଉରୀ ଆସି ଯବନ ଦେଶୁ
ନାଚିଯିବେ ତଳେ ସ୍ୱପନେ ତବ ଅଭ୍ୟାସ ବଶୁ ।

× × × ×

ଘରଛାଡ଼ି କମ୍ପା ଯିବେ ସେ ବୀର-ବାଳା ନନ୍ଦିକା
ସହକାର-ଦ୍ରୁମ-ଗନ୍ଧଲେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଉମୁଦୀ ଗାଙ୍ଗ ଧଉଳ ଏହି ନୟନେ ନାଚେ,
କବିଙ୍କି ସୁମର ବିରାଗେ ମୁଖ ଫେରାଅ ପଛେ ।

ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ କାବ୍ୟର ଉପାଦାନ ସଂଗ୍ରହ କରି ସେଗୁଡ଼ିକୁ ଯେପରି ଓଡ଼ିଶୀ ସଂସ୍କୃତି ଭିତରେ ନିର୍ଲିପ୍ତ ଭାବେ ଏବଂ ଇଚ୍ଛାକୃତ (?) ପ୍ରୟାସରେ ପ୍ରବେଶାଧିକାର ଦେଇଛନ୍ତି, ତା ଅବଶ୍ୟ ଅନୁଧ୍ୟାନର ବିଷୟ । କିନ୍ତୁ କବି ରାଧାନାଥ ବିଜାତୀୟତାର ଯେଉଁ ସୂଚନା ଦେଇଛନ୍ତି ତା' ଏକନିଷ୍ଠ ଜାତୀୟ ପ୍ରେମୀ କବି ନୀଳକଣ୍ଠଙ୍କ ଦୃଷ୍ଟିରେ ଏକାନ୍ତ ଅବାଞ୍ଛନୀୟ ଓ ନିନ୍ଦନୀୟ ରୂପେ ପ୍ରତିପାଦିତ ହୋଇଛି । ବୀରବାଳା-ନନ୍ଦିକାର ପ୍ରେମାଭିସାର ପଛରେ ଯେଉଁ ଦେଶଦ୍ରୋହ ଓ ଜାତିଦ୍ରୋହର ସ୍ପଷ୍ଟ ସୂଚନା ମିଳେ ତାହା ଜାତିର କଳଙ୍କ ଓ ବୀରତ୍ୱର ବିରୋଧୀ । ସେହିପରି କେଦାରଗୌରୀ ଓ କୌଶଲ୍ୟାର ଚରିତ୍ର ସମ୍ବନ୍ଧରେ କବି ନୀଳକଣ୍ଠ

Digitized by PPRACHIN, SOA

ଏକାନ୍ତ ବୀରାଗ-ବ୍ୟଞ୍ଜିତ କଣ୍ଠରେ କହିଛନ୍ତି—"ସେ ସବୁ କାବ୍ୟର ଛବିଗୁଡ଼ିକ ପ୍ରତି ଦୃଷ୍ଟିଦେବାକୁ ବି ଇଚ୍ଛା ହୁଏ ନାହିଁ ।" ତା ବୋଲି ମାଳକଣ୍ଠ ଯେ ରାଧାନାଥଙ୍କ ସମଗ୍ର ସୃଷ୍ଟିକୁ ଘୃଣା କରୁଥିଲେ ତା ନୁହେଁ । ମାଳକଣ୍ଠ ଗୁଣଗ୍ରାହୀ । ଗୁଣର ପୂଜା କରିବାକୁ ସେ ସତତ ସଚେଷ୍ଟ । ରାଧାନାଥଙ୍କ ଆଧୁନିକତା ପ୍ରତି ଯେଉଁ ପ୍ରୀତି ଓ ସାହିତ୍ୟରେ ଯେଉଁ ସହଜବୋଧ୍ୟ ସରଳ ଶବ୍ଦ ବିନ୍ୟାସ ଏବଂ କଳାଗତ ଉତ୍କର୍ଷତା ପ୍ରତି ଯେଉଁ ଅନୁରାଗ, ସେଗୁଡ଼ିକୁ ମାଳକଣ୍ଠ ମୁକ୍ତ କଣ୍ଠରେ ଅଭିନନ୍ଦନ ଜଣାଇଛନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ମାଳକଣ୍ଠ ପ୍ରକୃତ ରସ-ଗ୍ରାହୀତା ଥିଲେ । ନିର୍ଭୀକ ସମାଲୋଚକ ଓ ନିରପେକ୍ଷ ଦୃଷ୍ଟିକୋଣ-ସମ୍ପନ୍ନ ସାହିତ୍ୟିକ ଭାବେ ସେ ଆଜି ମଧ୍ୟ ସୁପରିଚିତ ଓ ସମ୍ମାନିତ ।

## ଉତ୍କଳର ପବିତ୍ରତା

ମାଳକଣ୍ଠଙ୍କ ପ୍ରାଣର ପବିତ୍ରତା ସମ୍ପର୍କରେ ଏତିକି କହିଲେ ଯଥେଷ୍ଟ ହେବ ଯେ—ତାଙ୍କର ସମଗ୍ର ସୃଷ୍ଟି ହିଁ ପ୍ରାୟ ଏହି ପବିତ୍ରତାର ବାର୍ତ୍ତାବହ । ଗୀତାର ଭୂମିକା ଓ 'ଆର୍ଯ୍ୟଜୀବନ'ରେ ପ୍ରତିଫଳିତ ଆର୍ଯ୍ୟ ଆଦର୍ଶ, ବୈଦିକ କର୍ମକାଣ୍ଡ ଓ ରୀତିନୀତି ପ୍ରତି ଆନ୍ତରିକ ଅଭିରୁଚି ଓ ଅନୁରାଗ କବିଙ୍କ ଶୁଦ୍ଧ ଚେତନାର ପ୍ରତିଭୂ । 'କୋଣାର୍କେ'ରେ ଉତ୍କଳର ପୁଣ୍ୟ ସମ୍ପର୍କରେ କବି ମଧ୍ୟ ଅଧିକ ସଚେତନ । ଯଯାତି କେଶରୀଙ୍କ ଅଶ୍ୱମେଧ ଯଜ୍ଞର ଅନୁଷ୍ଠାନ ଏ ଦେଶରେ ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନର ମୂଳ କାରଣ । ଉତ୍କଳର ପବିତ୍ରତା ହିଁ ଜାମ୍ବବତୀ ପୁତ୍ର ଶାମ୍ବକୁ ତପସ୍ୟା ପାଇଁ ଏ ଦେଶକୁ ଆକର୍ଷଣ କରି ଆଣିଥିଲା । କବିଙ୍କ ଭାଷାରେ—

"ଜାମ୍ବବତୀ-ସୁତ ପଲକେ ଚନ୍ଦ୍ରଭାଗା ପୁଳିନେ
ବସିଥିବେ ତପ ଆଚରି, ଗୃହୀ ହିଁ ଛନ୍ତି ତପନେ,
ଚନ୍ଦ୍ରଭାଗା ଜଳେ ପଖାଳି ଦେହ, ଦୂରିତ ରାଶି
ଖଣ୍ଡିବ, ସବିତା ସ୍ୱଦେହେ ବର ଦେବେ ହେ ଆସି ।"

ପୁଣି

ଶବୋପୃଳେ ବହି କରୁଣା ଆସି ହର-ପାବଂଶ
ରୁଦ୍ଧ ଜନପଦେ ଜ୍ୱଳସି ବଢ଼ାଇବେ କୀରତି ।

Digitized by PPRACHIN, SOA

ଦ୍ୱାପର ଯୁଗରେ ଜାମ୍ବବତୀ ସୁତ ଶାମ୍ବ ଚନ୍ଦ୍ରଭାଗା କୂଳରେ ତପସ୍ୟା କରି ସୂର୍ଯ୍ୟଙ୍କଠାରୁ ବର ପାଇ କୁଷ୍ଠ ରୋଗମୁକ୍ତ ହେବା କାହାଣୀ ପୁରାଣକୀର୍ତ୍ତିତ । ପୁଣି ଶଙ୍ଖ, ଉତ୍ପଳ ନାମକ ଦୁଇ ଭକ୍ତଙ୍କର ମନସ୍କାମ ସିଦ୍ଧ କରିବା ପାଇଁ ମହାଦେବ ଆସି ଗୃଶନରେ ରହିଥିବା ବିଷୟ ମଧ୍ୟ ପୁରାଣ ପ୍ରସିଦ୍ଧ । ଏ ଦେଶର ପବିତ୍ରତାରେ ପୁଣି ମୁଗ୍ଧ ହୋଇ ଚୀନ ପରିବ୍ରାଜକ ଇତିହାସରେ ଚିର ସ୍ମରଣୀୟ ହୋଇଛନ୍ତି । ଏ ଦେଶର ଅନୁପମ ପବିତ୍ରତାରେ ମୁଗ୍ଧ ମାଳବ ରାଜନ ବିଦ୍ୟାପତିଙ୍କୁ ଜଗନ୍ନାଥ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ପବିତ୍ର ପୁରୁଷୋତ୍ତମ କ୍ଷେତ୍ରର ଖ୍ୟାତି ଓ ପରମ ଉଦାରତା ସମଗ୍ର ଭାରତରେ ସୁବିଦିତ ଥିଲା । ଏପରିକି ମଗଧ ମୌର୍ଯ୍ୟ ବଂଶର ୩ୟ ରାଜା ଅଶୋକ ଖ୍ରୀଷ୍ଟ ପ୍ରତିଲୋମ ୩ୟ ଶତାବ୍ଦୀରେ କଳିଙ୍ଗ ଜିଣି ପ୍ରଥମେ ଧଉଳି ପର୍ବତରେ ଅନୁଶାସନ ଲିପି ଖୋଳାଇଥିଲେ । ମହାମେଘବାହନ ଖାରବେଳ ଓ ତାଙ୍କ ରାଣୀ ଉତ୍ତର ବୟସରେ ଆସି ଖଣ୍ଡଗିରିରେ ସନ୍ନ୍ୟାସୀ ଭାବରେ ଅବସ୍ଥାନ କରିଥିଲେ । ଶତ ଶତ ତୀର୍ଥଙ୍କର ଓ ବୌଦ୍ଧ ଭିକ୍ଷୁଙ୍କର ଧର୍ମ ଚର୍ଚ୍ଚାରେ ମୁଖରିତ ଏ ଦେଶ ପ୍ରତି କେବଳ ନୀଳକଣ୍ଠ କାହିଁକି, ଯେ କେହି ଆକୃଷ୍ଟ ହେବା ନିଃସନ୍ଦେହ ।

ଆହୁରି ମଧ୍ୟ ଏ ଦେଶର ଅଧିବାସୀଙ୍କ ପ୍ରତି ଜଗନ୍ନାଥଙ୍କର ଅନୁକମ୍ପା ଏକାନ୍ତ ଉଲ୍ଲେଖଯୋଗ୍ୟ । ଉତ୍କଳୀୟଙ୍କୁ ଜୟଯୁକ୍ତ କରିବାରେ ମୂକ ଓ ନିର୍ଜ୍ଜୀବ ଦେବତାର ପୁଣି ଅଭିଯାନ ଏ ଜାତି ପକ୍ଷରେ କମ୍ ଗୌରବର ବିଷୟ ନୁହେଁ ।

ଜଗନ୍ନାଥେ ବିଜେ କରିବେ କଳା ତୁରଗ ଚଢ଼ି
ପଦ୍ମାବତୀ ଜିଣି ଆସିବେ ନୃପ-କୁଳ-କେଶରୀ ।
ପଣ୍ଡିତ ପ୍ରତାପ ଭକତେ ଦେବେ ପ୍ରାସାଦ ଫେଇ
ପଞ୍ଚସଖା ମେଳେ ଗଉର ଦେବେ ପ୍ରାଣ ନଗ୍ରଇ ।

ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ଓ ଉତ୍କଳୀୟ ପଣ୍ଡିତ ଓ ଜ୍ଞାନ ପ୍ରବୁଦ୍ଧ ପଞ୍ଚସଖାଙ୍କ ମେଳରେ ୨୦ ବର୍ଷ ଅତିବାହିତ କରିବା କାହାଣୀ ଏ ଜାତି ପକ୍ଷରେ କମ୍ ପ୍ରଶ୍ଚେଦନାର ଧର୍ମଗତ ପୃଷ୍ଠଭୂମି ନୁହେଁ । ଅଶୋକଙ୍କ ଠାରୁ ପ୍ରାୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ଓ ଯୁଗର ବହୁ

Digitized by PPRACHIN, SOA

ପରିବରିତା ବିଜଡ଼ିତ କାହାଣୀକୁ କାବ୍ୟାୟିତ କରିବାକୁ କବି ଭୁଲି ନାହାନ୍ତି । ଐତିହାସିକ ସ୍ମୃତି ଓ ସ୍ୱଦେଶ ପ୍ରେମର ଜ୍ୱଳନ୍ତ ଆଲେଖ୍ୟ ତଥା ଏ ଦେଶର ଧର୍ମ ଧାରଣାର ମାନସିକ ପୃଷ୍ଠଭୂମି 'କୋଣାର୍କ'ରେ ସମୁଚିତ ସ୍ଥାନ ଲାଭ କରିଛି । ଆଜିର ଏ ଅଧଃ ଧର୍ମାଶ୍ରିତ ପଂଗୁ ଜାତିର ଅତୀତ ପୁଣି ଏତେ ସମୁଜ୍ଜ୍ୱଳ, ଏତେ ପବିତ୍ର ଓ ସର୍ବଜନାଦୃତ ସେ କଥା କବି ସ୍ମରଣ କରି ଯେତିକି ମର୍ମାହତ ହୋଇଛନ୍ତି ସେତିକି ଆଦର୍ଶ ପ୍ରଣୋଦିତ ଓ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି ।

## ପ୍ରାଚୀନ ଉତ୍କଳର ରାଜନୈତିକ ଶକ୍ତି ଓ ବାଣିଜ୍ୟ

ପ୍ରାଚୀନ ଉତ୍କଳର ଗୌରବ କାହାଣୀ କେବଳ ନୈତିକ ଦେଶପ୍ରେମ କିମ୍ବା ପବିତ୍ରତାରେ ନିବଦ୍ଧ ନ ଥିଲା । କଳା, ଭାସ୍କର୍ଯ୍ୟ, ସଂଗୀତରେ ଉତ୍କଳୀୟମାନଙ୍କର ଯେତିକି ପାରଦର୍ଶିତା ଥିଲା, ବାଣିଜ୍ୟ ଓ ସାମ୍ରାଜ୍ୟ ବିସ୍ତାର ଆକାଂକ୍ଷା ମଧ୍ୟ ଏ ଜାତିକୁ ସମଗ୍ର ଭାରତବର୍ଷରେ କାହିଁକି ସାରା ବିଶ୍ୱରେ ପରିଚିତ କରିଥିଲା । ଉତ୍କଳର ପ୍ରାଚୀନ ରାଜାମାନଙ୍କର ରାଜ୍ୟ ଶାସନ କରିବାର ଯେଉଁ ଦୂରଦୃଷ୍ଟି ଓ ସମବେଦନାଶୀଳ ଆନ୍ତରିକତାର ପରିଚୟ ପାଉଁ ତା ଅନ୍ୟ ଜାତି ଓ ଦେଶରେ ପ୍ରାୟ ଏକାନ୍ତ ବିରଳ । ଉତ୍କଳୀୟ ରାଜାପ୍ରଜା ସମ୍ପର୍କ, ରାଜାମାନଙ୍କର କୀର୍ତ୍ତି-ଅନୁଷ୍ଠାନ, ସୈନିକ ମାନଙ୍କର ବୀରତ୍ୱ, ରାଜ୍ୟ ବିସ୍ତାର, ଦିଗ୍‌ବିଜୟରେ ଗୌରବ କେତନର ପ୍ରତିଷ୍ଠା 'କୋଣାର୍କ'ରେ ବର୍ଣ୍ଣିତ ହୋଇଛି । ଓଡ଼ିଆ ସୈନିକ ଓ ସେନା ବର୍ଣ୍ଣନାରେ କବି ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ।

ଗୃହି ଅଶ୍ୱ ରଥେ ଯାଆନ୍ତି ଆଗେ ସାମନ୍ତ କୁଳ
ତୁରଂଗ କରିବର ଆଦରି ଯେହ୍ନେ ସାମନ୍ତ-ତୂଲ ।

କିମ୍ବା

ସ୍ରୋତ-ଭଂଗେ ରୋଧି ନଦୀନ ଖର-ବର୍ମ-ବିଭସେ,
ଯାଏ ଚତୁରଙ୍ଗ ବାହିନୀ ଦିଗ ଫେରି ବିଳାସେ

× × ×

ନିଷାଦି ପଛରେ ଯାଆନ୍ତି ସାଧି ଖର-କଦମ୍ବେ,
ପଦାତି--ସଇନ ଚଳନ୍ତି ପାରିବାର ବିଭବେ ।

Digitized by PPRACHIN, SOA

ଓଡ଼ିଆ ରାଜାମାନଙ୍କର ଚତୁରଙ୍ଗ ବଳର ବର୍ଣ୍ଣନା ଏକାନ୍ତ ବୀରତ୍ୱ-ବ୍ୟଞ୍ଜକ । ୪୪୭-୫୦ ପଂକ୍ତି ମଧ୍ୟରେ ଓଡ଼ିଆ ବୀରର ବର୍ଣ୍ଣନା ଓଡ଼ିଆ ସାହିତ୍ୟରେ ଅନୁପମ । ତାହା 'ଏକ ହୀରକ ପଦକ' ମୁକୁଟରେ ଜୈନମଣି, ବିଶାଳଲଲାଟ, ବନ୍ଧଦର୍ଶନ, ଲମ୍ବିତ ଗୁରୁ ଅସିକୋଷ, ଆଜାନୁଲମ୍ବିତ ପ୍ରଚଣ୍ଡ ଭୁଜ, ଉନ୍ନତ ଗ୍ରୀବା ପ୍ରଭୃତିର ବର୍ଣ୍ଣନାରେ ଓଡ଼ିଆ ସୈନିକର ଜୀବନ ଓ ରୁଚି ସ୍ୱତଃ ଚିତ୍ର ପଟ୍ଟରେ ଅଙ୍କିତ ହୁଏ ।

ଏହି ସୈନିକମାନଙ୍କର କର୍ମକଳାପ ଉତ୍କଳୀୟ ନରପତିମାନଙ୍କର ରାଜ୍ୟ ବିସ୍ତାରରେ ପର୍ଯ୍ୟବସିତ ହୋଇଛି ।

'ତୁଙ୍ଗ ହିମଗିରି ହସିବ ଶୁଭ୍ର-ତୁହିନ-ହାସେ
ଅବାରୀ-ଦିଗନ୍ତେ କୁମାରୀ ଊର୍ମି ଭଙ୍ଗ-ବିଳାସେ ।'
ପୁଣି
ଖାରବେଳ ଭେରୀ ଶୁଭିବ ହିମଗିରି ଲଲାଟେ
ପ୍ରତିଧ୍ୱନି ତହୁଁ କୁମାରୀ ଦେବ ସାଗର ତଟେ ।

ଖାରବେଳ ରଣନୈପୁଣ୍ୟ ହେତୁ ଓଡ଼ିଆ ସାମ୍ରାଜ୍ୟ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଇଂଲଣ୍ଡର ରାଜା ଆଲ୍‌ଫ୍ରେଡ୍‌ଙ୍କ ସମୟରେ ଯେପରି କୃଷକବାହିନୀ ସମର ଶିକ୍ଷା ଲାଭ କରୁଥିଲେ ସେହିପରି ଦୂରଦର୍ଶୀ ଓଡ଼ିଆ ରାଜାମାନେ କୃଷକମାନଙ୍କୁ ମଧ୍ୟ ରଣ କୌଶଳ ଶିକ୍ଷା ଦେଉଥିଲେ । ସେଥିପାଇଁ କବି ଲେଖିଛନ୍ତି—

କୃଷକ ବାହିନୀ ଉଠିବେ ଗ୍ରାମ ନଗର ବନେ

ଆହୁରି ମଧ୍ୟ ମହାମହିମ ଆକବର ଏହି ଓଡ଼ିଶା ରାଜାଙ୍କୁ କୃତାଞ୍ଜଳି ପୂର୍ବରେ ସାହାଯ୍ୟ ଭିକ୍ଷା କରିଥିଲେ । ବଙ୍ଗ ବିରୁଦ୍ଧରେ ଅଭିଯାନ ଚଳାଇବା ବେଳେ—

ବାଦଶାହା ଦୂତ ପେଷିବେ ବାରବାଟୀ ଦୁଆରେ
ବାରବାଟୀ ସାହା ହୋଇବ ତୁଙ୍ଗ ସେ ଆକବରେ ।

ତେଲଙ୍ଗାନାର ରାଜା, ପୁରୁଷୋତ୍ତମ ଦେବଙ୍କ ଶରଣାର୍ଥୀ ହୋଇ କୁଣ୍ଡାପଲ୍ଲୀ ଦାନ କରିଥିଲେ । ଉତ୍ତରରୁ ଆକବରୀ ସାହାଯ୍ୟ ଭିକ୍ଷା ପରେ

Digitized by PPRACHIN, SOA

ଦକ୍ଷିଣରୁ ତେଲଙ୍ଗାନାର ସାହାଯ୍ୟ ଉତ୍କଳ ଇତିହାସରେ ସ୍ମରଣୀୟ । କବିଙ୍କ ଭାଷାରେ —

ଦୁଆରେ ଗଉଡ଼ ରାଜନ କେତେ ହେଲେ ଅଛଥି
ହାମ୍ବିର ଅରାତି ତହିଁସେ ଗଲେ ଶରଣ ଏଥି ।

ପ୍ରଥମ ବାକ୍ୟରେ ବଙ୍ଗରାଜ ଲକ୍ଷ୍ମଣସେନଙ୍କର ଉତ୍କଳର ସାହାଯ୍ୟ ପ୍ରାର୍ଥନା ବୋଧହୁଏ ଲକ୍ଷିତ ଏବଂ ଦ୍ୱିତୀୟ ପଂକ୍ତିରେ ତେଲଙ୍ଗାନାର ସାହାଯ୍ୟ ଭିକ୍ଷା ସୂଚିତ । ଏହାଛଡ଼ା ଭୋସାଳର କର ରାଜବଂଶରେ ଦଣ୍ଡୀ ମହାଦେବୀଙ୍କ ଭଳି ପ୍ରଖ୍ୟାତନାମ୍ନୀ ଓ ଓଜସ୍ୱିନୀ ନାରୀ-ସମ୍ରାଟର କୀର୍ତ୍ତି ବର୍ଣ୍ଣନା କରିବାକୁ କବି ମଧ୍ୟ ଭୁଲି ନାହାନ୍ତି । ରଣପୁର ରାଜକୁମାର ଓ ଧଳଭୂମି ରାଜକନ୍ୟାଙ୍କ ଅପୂର୍ବ ସ୍ୱଦେଶ ପ୍ରୀତି ଓ ଅଦ୍ଭୁତ ସାହସିକତାର ଚିତ୍ର 'କୋଣାର୍କ'ରେ ଚିତ୍ରିତ । ପଣ୍ଡିତ ନୀଳକଣ୍ଠ 'ରାମଚଣ୍ଡୀ ଠାରେ ରାତି'ରେ ଏହିପରି ବହୁ ରାଜନୈତିକ ବିଷୟକୁ କାବ୍ୟାୟିତ କରିଛନ୍ତି । କାରଣ ସେ ବୁଝିଥିଲେ—ଏ ଜାତିର ଉର୍ଜସ୍ୱଳ ପରିପୁଷ୍ଟ ସଂସ୍କୃତିର ଏକ ବିଭବ ହେଉଛି ବିଭିନ୍ନ ରାଜନୈତିକ ସଂଘଟିତ ଘଟଣା ।

ଇତିହାସ କହେ ଜାଭା, ବୋର୍ଣ୍ଣିଓ ଓ ସିଂହଳ ପ୍ରଭୃତିରେ ପୂର୍ବରୁ ଓଡ଼ିଆ ବଣିକମାନେ ବାଣିଜ୍ୟ କରୁଥିଲେ । ମେଦିନୀପୁରର ତମଲୁକ ପ୍ରାଚୀନ ଉତ୍କଳର ତାମ୍ରଲିପ୍ତି ନଗର ଥିଲା । ଏହିଠାରୁ ଓଡ଼ିଆ ବୋଇତରେ ବସି ଖ୍ରୀଷ୍ଟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ସିଂହଳ ଯାତ୍ରା କରିଥିଲେ । ଯାଭା ବାଲି ପ୍ରଭୃତିରେ ଓଡ଼ିଆମାନେ ଉପନିବେଶ ସ୍ଥାପନ କରିଥିଲେ । ସେଠାରେ ଦେବ ମନ୍ଦିର ଓ ଶିଳାଲିପି ସବୁ ତାହାର ସାକ୍ଷ୍ୟ ଦେଉଅଛି । ଭାଷା ପରଂପରାରେ ମଧ୍ୟ ଅଦ୍ୟାପି ପ୍ରାଚୀନ ଓଡ଼ିଆ ଜାତିର ଚିହ୍ନ ଅଛି । ମୁସଲମାନ ଧର୍ମ ଏ ସବୁ କୀର୍ତ୍ତି ଓ ପରମ୍ପରାକୁ ସଂପୂର୍ଣ୍ଣ ଲୋପ କରିପାରି ନାହିଁ ।

( 'କୋଣାର୍କ' ପୃଷ୍ଠା ୨୦ ଟୀକା )

ବାଣିଜ୍ୟ ଦ୍ୱାରା ଦେଶର ଶ୍ରୀ ଓ ସୌଭାଗ୍ୟ ବଢ଼େ । ଦେଶ ଦେଶ ମଧ୍ୟରେ ପ୍ରଚଳିତ ଚିନ୍ତାଧାରା ଓ ତାର ସଂସ୍କୃତିକୁ ଆଦାନ ପ୍ରଦାନ

Digitized by PPRACHIN, SOA

କରିବାର ପଥ ମଧ୍ୟ ସୁଗମ ହୁଏ । ମାନବିକ ପ୍ରୀତି, ଭ୍ରାତୃତ୍ୱ ଓ ମୈତ୍ରୀର ବନ୍ଧନ ଦୃଢ଼ୀଭୂତ ହୋଇଥାଏ । ଉତ୍କଳୀୟମାନେ ଏ ସତ୍ୟ ବେଶ୍ ହୃଦୟଙ୍ଗମ କରିଥିଲେ ଓ ଏଥିପାଇଁ ବାଲେଶ୍ୱରପୁର ବଣିକମାନେ ସିଂହଳ ମୁଖୀ ଜଳଦସ୍ୟୁଙ୍କ ସହ ମୁହାଁମୁହିଁ ହେବା ଏକାନ୍ତ ସ୍ୱାଭାବିକ । ପର୍ତ୍ତୁଗୀଜ ଜଳଦସ୍ୟୁମାନଙ୍କର କୋଣାର୍କରେ ଆତ୍ମଗୋପନର ବର୍ଣ୍ଣନା ଓ ଆବୁଲ-ଫଜଲଙ୍କ କୋଣାର୍କ ଦର୍ଶନର କାହାଣୀକୁ ମାଳକଣ୍ଠ ଆମକୁ ସ୍ମରଣ କରାଇବା ସଙ୍ଗେ ସଙ୍ଗେ ପ୍ରାଚୀନ ଉତ୍କଳୀୟମାନଙ୍କ ଅପୂର୍ବ ସାହସିକତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସହ ପରିଚିତ କରାଇଛନ୍ତି । ଆମର ଅତୀତ ସମୃଦ୍ଧିଶାଳୀ ଓ ଜାତୀୟ ପ୍ରେରଣାର ପୃଷ୍ଠଭୂମି । ଜାତି ଓ ଜାତୀୟ ଚରିତ୍ର-ଗଠନରେ ଏହା ପରମ ସହାୟକ ।

କେବେ ବା ବୋଇତ ଲଗିବ ବଙ୍ଗ ସାଗର କୂଳେ,
ଓଡ଼ିଆ ନାବିକ ରସିବେ ତାମ୍ର-ଲିପ୍ତି ମଣ୍ଡଳେ
ତାମ୍ରଲିପ୍ତି ଗୁଣ୍ଡି ଉଠିବ ତଥି ସିଂହଳ ତଟେ
ଉତ୍କଳ କମଳା ହସିବେ ପୁଣ୍ୟ ଜୈବ ମୁକୁଟେ
ବାଣିଜ୍ୟ-ବିଜୟ-ଉନ୍ମାଦେ ପୁଣି କୋଣାର୍କେ ଫେରି
ସ୍ୱାଧୀନ ବିଳାସେ ରସିବ ଦେଖି ଏ ପୁର ଶିରୀ ।

ବାଣିଜ୍ୟ ବିଜୟ ଉନ୍ମାଦନାରେ ଉତ୍କଳୀୟ ବଣିକମାନଙ୍କ ଚିତ୍ତରେ ଯେଉଁ ଆନନ୍ଦୋଲ୍ଲାସ ସୃଷ୍ଟି ହୋଇଗଲା ତାହା ଏବେ ବି ଏ ଜାତିର ପ୍ରାଣଚେତନାକୁ ଜାଗ୍ରତ କରେ । ଏ ମାଟିର ଗୀତିର ଝଙ୍କାରରେ ପୁରପଲ୍ଲୀ ବି ଆନନ୍ଦରେ ଅଧୀର ହୋଇ ଉଠେ । କାଳ ତରଙ୍ଗ ଭେଦ କରି ଏ ଜାତିର ଐତିହ୍ୟ ଓ ତାର ନିଜସ୍ୱ ସଂସ୍କୃତିଗତ ମୌଳିକତା ଏବେ ବି ବଡ଼ ହେବାର ସ୍ୱପ୍ନରେ ଅଧୀର କରେ । ବର୍ତ୍ତମାନର ରୁଗ୍ଣ ଜାତି ସମ୍ମୁଖରେ ଏକ ବଳିଷ୍ଠ ଆଦର୍ଶ ଥୋଇବା ପାଇଁ କବି ଅତୀତର ଗୌରବାନ୍ୱିତ ପରଂପରାରୁ ପ୍ରେରଣା ଖୋଜିଛନ୍ତି ଏବଂ ଶ୍ରୀହୀନ ଜାତିକୁ ଶ୍ରୀସମୃଦ୍ଧ ହେବା ପାଇଁ ପ୍ରଚ୍ଛନ୍ନ ଇଙ୍ଗିତ ଦେଇଛନ୍ତି ।

## 'କୋଣାର୍କ'ର ଚାରୁଶିଳ୍ପ ଓ ରାମଚଣ୍ଡୀ

କୋଣାର୍କ ଆଜି ବିଶ୍ୱବିଦିତ । ଉତ୍କଳୀୟ କାରିଗରମାନଙ୍କର ଅଦ୍ଭୁତ କାରିଗରୀ ଓ ସେମାନଙ୍କ ବୈଜ୍ଞାନିକ ଚିନ୍ତାଧାରା ଏବେ ବି ଅନନ୍ୟ

Digitized by PPRACHIN, SOA

ହୋଇ ରହିଚି । ଶିଳ୍ପର ସୂକ୍ଷ୍ମ ବିକାଶ ଓ ତାର ହୃଦୟର ନିକଟତମ ଅଭିବ୍ୟକ୍ତି ଯୋଗୁଁ କୋଣାର୍କ ଏକ ରସୋଚ୍ଛଳ ଗୀତିକାବ୍ୟ ଭଳି ପ୍ରତୀତ ହୁଏ । କବି ନୀଳକଣ୍ଠ ପାଷାଣ ଅଙ୍ଗରେ ଖୋଦିତ ପ୍ରାଣବାଣୀକୁ ରୂପ ଦେବାକୁ ଯାଇ କହିଛନ୍ତି—

ମୂର୍ତ୍ତି ଗଢ଼ିଥିଲେ କିଏ ସେ ଏଡ଼େ ଜୀବନ୍ତ କରି ?
ଓ
ପଥର ମୂରତି ଦିଶନ୍ତି, ଯଥା ନୂତନ ସତେ ।

କୋଣାର୍କରେ ଚିତ୍ରିତ ଶିଳ୍ପୀର ମର୍ମବାଣୀ ସବୁ ଗୀତିମୟ ଓ ଜୀବନ୍ତ । ତାର ମୋହନ-ମୃଗନ ପଥର ଶିଳା ଲାବଣ୍ୟମୟ । ଶିଳ୍ପୀର ମୁଖଭଙ୍ଗୀ, ନର୍ତ୍ତକୀର କ୍ରୀଡ଼ା ରସାଣିତ ଲପନ, ବୀରର ବିଜୟ ସୋହାଗ ଓ ଗୁରୁ ଶିଷ୍ୟମାନଙ୍କର ସ୍ନେହପୂର୍ଣ୍ଣ ପ୍ରୀତି-ବନ୍ଧନର ଚିତ୍ର ନୀଳକଣ୍ଠଙ୍କ ଦୃଷ୍ଟିକୁ ଏଡ଼ି ପାରି ନାହିଁ । କବିର ଦୃଷ୍ଟି ଓ ରସିକ ଚିତ୍ତର ପ୍ରବଣତା ନେଇ ନୀଳକଣ୍ଠ ଏଗୁଡ଼ିକୁ ଚିତ୍ରଣ କରିଛନ୍ତି ।

ବର୍ତ୍ତମାନ ଗୁରୁ ଓ ଶିଷ୍ୟର ସମ୍ପର୍କ ମଧୁର ନୁହେଁ । ସ୍ନେହ ଓ ଶ୍ରଦ୍ଧାର ବନ୍ଧନର ସୂତ୍ର ବର୍ତ୍ତମାନ ବିଚ୍ଛିନ୍ନ ହୋଇଛି । ଗୁରୁମାନଙ୍କର ଉଦାରତା ଓ ହୃଦୟତାର ବ୍ୟାପ୍ତି ଆଜି ଏକାନ୍ତ ଦୁର୍ଲ୍ଲଭ । ଏଥିପାଇଁ କବି ଦୁଃଖ ପ୍ରକାଶ କରି ଗାଇଛନ୍ତି—

ସବୁ ତ ଜୀବନ୍ତ ଖୋଦନେ, ରାମଚଣ୍ଡୀ ତୁ କହ
କିଏ ସେ ସେ ଗୁରୁ, ଧରନ୍ତି ଶିଷ୍ୟେ ଏମନ୍ତ ସ୍ନେହ ?

ରାମଚଣ୍ଡୀ ଆମ ଅଖଣ୍ଡ ସଂସ୍କୃତି ଓ ତାର ବିପର୍ଯ୍ୟୟର ମୂକସାକ୍ଷିଣୀ । ରାମଚନ୍ଦ୍ରଙ୍କ ଦ୍ୱାରା ବେଲେଶ୍ୱର ମହାଦେବ ପୂଜିତ ହେବା କାହାଣୀ ପ୍ରବାଦରେ ପ୍ରସିଦ୍ଧ । ବିଧର୍ମୀ କଳାପାହାଡ଼ ଦ୍ୱାରା କୋଣାର୍କର ଚୂଡ଼ା ପତନ ଓ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ରାଜତ୍ୱର କରୁଣ ପରିଣତି ସମ୍ପର୍କରେ ମଧ୍ୟ ରାମଚଣ୍ଡୀ ସଚେତନ । ବାରବାଟୀ ପ୍ରାଙ୍ଗଣରେ ସତ୍ତୀ-ଚିତା-ଅନଳର ରକ୍ତ ଏବେ ବି ଆମ ସ୍ମୃତିରେ ଝଟକମକ ଫୁଟୁଛି । ଉତ୍କଳର କୃଷକ ସୈନିକମାନଙ୍କର ଦୃପ୍ତବୀରତ୍ୱ ସ୍ମରଣ କରି କୁଶଭଦ୍ରାର ଜାତିଦ୍ରୋହ ଓ ଚିଲିକାର ପକ୍ଷପାତିତା ପ୍ରତି କବି ଅଙ୍ଗୁଳି ନିର୍ଦ୍ଦେଶ କରି ଏ

Digitized by PPRACHIN, SOA

ଦେଶର କୀର୍ତ୍ତି ଓ ଗବୋନ୍ନତର ସାକ୍ଷିଣୀ ରୂପେ ଗ୍ରମଚଣ୍ଡୀଙ୍କୁ ଗ୍ରହଣ କରିଛନ୍ତି ।

## କବିତ୍ୱ, ଦାର୍ଶନିକତା ଓ ଅସ୍ପଷ୍ଟତା

କବିତ୍ୱର ସ୍ଫୁରଣ ଲାଗି ଲୋଡ଼ା ଅଦୃଷ୍ଟର ଆଶୀର୍ବାଦ । ଐଶୀ ପ୍ରେରଣା ଓ ଅନୁକୂଳ ପରିପ୍ରେକ୍ଷୀ କବିତ୍ୱର ବିକାଶ ପଥରେ ସହାୟକ ହୋଇଥାନ୍ତି । କବି ନୀଳକଣ୍ଠଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ଯଥେଷ୍ଟ ଥିଲା । ହେଲେ ଜ୍ଞାନର ପ୍ରାଚୁର୍ଯ୍ୟ ଓ ଜୀବନ ପ୍ରତି ଗଭୀର ମାର୍ମିକ ଦୃଷ୍ଟିଭଙ୍ଗୀ ସେ ଦର୍ଶନରୁ ହିଁ ପାଇଥିଲେ । ନିଚ୍ଛକ କବିତ୍ୱ କବିତାରେ ଆଶାତୀତ ରସ ସଂଚାର କରେ ଓ ପ୍ରାଣ ସ୍ପନ୍ଦନର ଭଙ୍ଗୀରେ କବିତାକୁ ଜନପ୍ରିୟ କରାଏ । କିନ୍ତୁ ଦର୍ଶନ କବିତାକୁ ଦିବ୍ୟଚକ୍ଷୁ ଦାନକରେ ଓ କାଳାତୀତ ଗୌରବ ଦିଏ । 'କୋଣାର୍କେ'ରେ କବିତ୍ୱ ଓ ଦର୍ଶନର ମଧୁର ସମନ୍ୱୟ ଘଟିଛି । ତାର ଦୃଷ୍ଟାନ୍ତ ସ୍ୱରୂପ କେତେଗୋଟି ପଦ ଉଦ୍ଧାର କରାଗଲା—

ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ ସାଗରେ
ନିରାଶାରେ ଆଶା-ଚମକେ ଥିବେ ସେହୁ ଜାଗରେ ।

× × ×

ବୁଝାଇ ଦେବ କି ବାଳକେ ଥରେ ଶୁଣିବ ମୁହିଁ ?
ଶିଖାଉଚି ନିତି, ଶିଖିବ ଆଜ ପରାଣ ଦେଇ ।
ଅଜାତୁ ଅଜାତ ପ୍ରସାରେ ବହି ଜୀବନ ଧାରି
ବ୍ୟାପିଯିବ ମହା ବିସ୍ତାରେ ଭେଦି ଶରୀର-କାରି ।

× × ×

ସ୍ୱପନେ ମିଶଇ ସ୍ୱପନ ସ୍ୱପ୍ନ ସ୍ୱପନେ ଭାଙ୍ଗେ

× × ×

ତାମସ-କଳୁଷ-ପୀଡ଼ନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ ତାଳ ପୁଣ୍ୟ ମୟୂଖ ।

× × ×

ପରଶେ ପରଶେ ବହଇ ନବ-ଜୀବନ ଧାରି
ପଲକେ ପଲକେ ସ୍ଫୁରଇ ପ୍ରାଣ ପୀରତି-ଭରି ।

× × ×



Digitized by PPRACHIN, SOA

ଏ ଜୀବନ ଭରା ତଟିମା ଦେଖି କମ୍ପାରେ ଭୂମି
ତା ମୁଖେ ତୋଳୁଛୁ ଲହରୀ ଏଡ଼େ ନିଠୁର ହୋଇ ।

ଏ ସବୁ ପଦଗୁଡ଼ିକରେ ନୀଳକଣ୍ଠଙ୍କ ସାର୍ଥକ ପ୍ରତିଭା ପ୍ରତିଫଳିତ । କିନ୍ତୁ ଅନେକ ସ୍ଥଳରେ କବି ଅତି ସାବଲୀଳ ଭଙ୍ଗୀରେ କବିତ୍ୱର ବିକାଶ ଘଟାଇଛନ୍ତି । ପ୍ରାଣସ୍ପର୍ଶୀ ଭାବନାନୁଭୂତିର ରସୋତ୍ତୀର୍ଣ୍ଣତା ଏ ପଂକ୍ତି ଗୁଡ଼ିକର ଗଣ୍ଠିଧନ । ସେହି ପ୍ରାଣମୟୀ ବାଣୀର କେତୋଟି ଦୃଷ୍ଟାନ୍ତ ଦିଆଗଲା—

ଆଜି ଯେ କୁଆଁର ପୁନିଅଁ କେତେ ସୁଖ ଶରଧା
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା ।

× × ×

ଲୁଗାରେ ହଳଦୀ ଲଗାଇ ଗୃହିଁଥିବେ ଜନନୀ
ପିଠାପଣା ଖାଉ ନ ଥିବେ ସୁଖେ ଆଜି ଭଗିନୀ ।

× × ×

ରହ ରହ ବାଆ ବତାସୀ, ରହ ବରଷା ଧାରା,
କୁଆଁର ପୁନିଅଁ ହେଉଛିରେ ଆଜି ରଜନୀ ସାରା ।
ଉଠି ଆସୁ ନୀଳ ଲହରୀ ଭେଦି ତାରକା ରାଜି
ନିଶାମଣି ଶୋହୁ ଗଗନେ ମହୀମୁକୁର ମାଜି ।

ତେବେ 'କୋଣାର୍କେ' କେବଳ ଏହି ଭଳି ବହୁ ସରଳ, ସରସ ଓ ରସୋତ୍ତୀର୍ଣ୍ଣ ପଦାବଳୀର ସମଷ୍ଟି ଏତିକି ନୁହେଁ । କବି ଇଚ୍ଛା କରିଥିଲେ ହୁଏ ତ ତା କରି ପାରିଥାନ୍ତେ । କିନ୍ତୁ କାବ୍ୟର ଅଭିଜାତ ସୁଷମା ବ୍ୟାହତ ହୋଇଥାନ୍ତା । ତେଣୁ କବି ଶବ୍ଦ ନିର୍ବାଚନରେ ସଂଯମ, ରୁଚିଶୀଳତା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଗୋଟିଏ ପଦରେ ମଧ୍ୟ ବହୁ ବିଚିତ୍ର ଅର୍ଥ ପ୍ରକାଶ କରିବାପାଇଁ ଚେଷ୍ଟିତ ହୋଇଛନ୍ତି ସେଥିପାଇଁ—

ଫାଟିଯାଏ ଦେଖ କାଳିମା ଉଷା-ରଜତ-ପୂରେ
ପାରଦ-ଉପାନ୍ତ-ପ୍ରସରେ ମେଘ ଚଳେ ଅମ୍ବରେ ।

କିମ୍ବା

ବୃଷ୍ଟିବ୍ୟାସ ପରି ଦିଶିଲା ଉଠି ଅର୍ଦ୍ଧମଣ୍ଡଳ
ବର୍ତ୍ତୁଳିତ-ପ୍ରାନ୍ତ-ଉମ୍ବରୁ କ୍ରମେ ଦିଶେ ସୁନ୍ଦର ।

Digitized by PPRACHIN, SOA

ଆଦ ଅନେକ ପଦ ସାଧାରଣ ପାଠକମାନଙ୍କ ପକ୍ଷରେ ଅର୍ଥସାଧ୍ୟ ନୁହେଁ । କାବ୍ୟମୋଦୀମାନେ ମଧ୍ୟ ଏସବୁ ପଦଗୁଡ଼ିକ ନିକଟରେ ଝୁଣ୍ଟିଥାନ୍ତି । ଏଥିପାଇଁ କବି ମାଳକଣ୍ଠ ଏକ ସ୍ୱତନ୍ତ୍ର ପ୍ରତିଭା ଓ ଏକକ ବିକାଶର ବିଚିତ୍ରତାରେ ପ୍ରତିଭାତ ।

## ରଚନା ଶୈଳୀ

କାବ୍ୟ କବିତାର ଶ୍ରେଷ୍ଠତା ବିବେଚନା କଲାବେଳେ ଆମକୁ ପ୍ରଧାନତଃ ଆତ୍ମିକ ଓ ଆଙ୍ଗିକ ବିଭବ ଉପରେ ନିର୍ଭର କରିବାକୁ ପଡ଼େ । ଆତ୍ମିକ ବିଭବ କବିତାର ପ୍ରାଣବାଣୀ । ଜୀବନର କଳାତ୍ମକ ବିକାଶ ଧନ ଧାନ୍ୟର ପ୍ରାଚୁର୍ଯ୍ୟରେ ଥାଏ ନାହିଁ, ଥାଏ ଅନ୍ତରର ଗଭୀର ସମ୍ବେଦନଶୀଳ ଅନୁଭୂତିର ପ୍ରକାଶନରେ । ସେମିତି କବିତାର ପ୍ରାଣବାଣୀ ସରସ, ଭାବବ୍ୟଞ୍ଜିତ ଓ ବଳିଷ୍ଠ ବ୍ୟକ୍ତିତ୍ୱବୋଧ ଜନିତ ବିଷୟ ବସ୍ତୁର ନିର୍ବାଚନ ଉପରେ ନିର୍ଭରଶୀଳ । କିନ୍ତୁ ଏ ପ୍ରକାର ପ୍ରାଣଧର୍ମୀ ବାଣୀର ଅଭିବ୍ୟକ୍ତି ନିମିତ୍ତ ସୁଚିନ୍ତିତ କଳାଶ୍ରୀପୂର୍ଣ୍ଣ ଅଙ୍ଗ ସଜ୍ଜାର ପାରିପାଟ୍ୟତାର ଆବଶ୍ୟକତା ଅଛି । ଆତ୍ମିକ ବିଭବର ଶ୍ରେଷ୍ଠତା ପାଇଁ ଆଙ୍ଗିକର ସୌଷ୍ଠବ ଏକାନ୍ତ ଅପରିହାର୍ଯ୍ୟ । ଚିନ୍ତନଧର୍ମୀଭାବ ପାଇଁ ଯେ ଭଳି ସୁସଂଯୋଜିତ ନିର୍ବାଚିତ ଶବ୍ଦ ଲୋଡ଼ା, ପ୍ରେମପ୍ରବଣ କଳ୍ପନାର ବିକାଶ ପାଇଁ ଯେପରି ସରଳ ଓ ଗୀତିଧର୍ମୀ ଶବ୍ଦର ଆବଶ୍ୟକ; ସେହିପରି ଧର୍ମଧାରଣାର ଅଭିବ୍ୟକ୍ତି ନିମିତ୍ତ ପ୍ରକାଶ ସ୍ୱତନ୍ତ୍ରତା ଦରକାର । ପୁଣି ଏ ପ୍ରକାଶ ଭଙ୍ଗୀର ସ୍ୱାତନ୍ତ୍ର୍ୟ ବ୍ୟକ୍ତି ବିଶେଷର ରୁଚି ଓ ଅଧ୍ୟୟନଶୀଳତା ଉପରେ ନିର୍ଭରଶୀଳ । ଏହି ଦୃଷ୍ଟିରୁ 'କୋଣାର୍କ'ର ରଚନାଶୈଳୀ ଏଠାରେ ବିଚାର୍ଯ୍ୟ ।

'ରମଣୀ ଠାରେ ରତି' ଛତିଶଟି ପର୍ଯ୍ୟାୟରେ ଓ 'ସକାଳ' ଚାରିଟି ପର୍ଯ୍ୟାୟରେ ବିଭକ୍ତ । ପ୍ରତି ବିଭାଗରେ କବି ଭାବର କ୍ରମିକ ବିକାଶ ନିମିତ୍ତ ସୁଚିନ୍ତିତ ଯୋଜନା କରିଛନ୍ତି ଓ ଏ ଯୋଜନାକୁ ଫଳବତୀ କରିବାକୁ ଯାଇ କବି ଅତୀତମୁଖୀ ହୋଇଛନ୍ତି । ଅତୀତର ଐତିହାସିକ, ରାଜନୈତିକ, ଧର୍ମଗତ, ଧ୍ୟାନଧାରଣା ସହିତ ଶିଳ୍ପକଳା, ବାଣିଜ୍ୟ ଓ ଭାସ୍କର୍ଯ୍ୟର ଜ୍ୱଳନ୍ତଚିହ୍ନ ଗୁଡ଼ିକୁ ଯଥାରୀତି କାବ୍ୟାୟିତ କରିଛନ୍ତି ମଧ୍ୟ ।

Digitized by PPRACHIN, SOA

ଏ ପ୍ରକାର ଶିଳ୍ପଯୋଜନା କାବ୍ୟର ଅଙ୍ଗ ସୌଷ୍ଠବର ଶ୍ରୀବୃଦ୍ଧି ସାଧନ କରିଛି ।

'ରାମଚଣ୍ଡୀ ଠାରେ ରାତ୍ରି ଓ ସକାଳ' ରାମକେଶୀ ରାଗରେ ରଚିତ । ବହୁ ପ୍ରଚଳିତ ଗ୍ରାମ୍ୟ, ତତ୍ସମ ଓ ତଦ୍‌ଭବ ଶବ୍ଦର ବ୍ୟବହାର ଏଥିରେ ପରିଦୃଷ୍ଟ । ଭାବାନୁସାରୀ ଛନ୍ଦ ଓ ଶବ୍ଦ ନିର୍ବାଚନରେ କବି କଳା-ନିପୁଣତାର ପରିଚୟ ଦେଇଛନ୍ତି । ଉପଧା-ମିଳନ ପ୍ରୟାସ ତ୍ୟାଗ କରି, ରବାଡ଼ମ୍ବର ଅପେକ୍ଷା ଭାବାଡ଼ମ୍ବର ଉପରେ ଗୁରୁତ୍ୱ ଦେଇ ଓ କବିତା ଉପରେ ସ୍ୱାଭାବିକତା ଅଂଶତଃ ରକ୍ଷା କରି କବି ଏହା ରଚନା କରିଛନ୍ତି । କବି ଅନେକଗୁଡ଼ିଏ ପ୍ରିୟ ଶବ୍ଦର ମମତା ସହଜରେ ତୁଟାଇ ପାରି ନାହାନ୍ତି । ମୟୂଖ, ଭୃଙ୍ଗ, ରଭସ, ପ୍ରଚଣ୍ଡ, ବିଶାଳ, ଗୁରୁ ବିଭାସ ପ୍ରଭୃତି ଶବ୍ଦର ବାରମ୍ବାର ପ୍ରୟୋଗ ପରିଲକ୍ଷିତ ହୁଏ । ଏହାଛଡ଼ା ସମସ୍ତ ପଦଗୁଡ଼ିକର ବହୁଳ ପ୍ରୟୋଗ କବିତାର ଅନ୍ତର୍ଲୀନ ଭାବାବେଗକୁ ବ୍ୟାହତ କରିଛି । କିନ୍ତୁ ସ୍ଥଳ ବିଶେଷରେ ଏହାର ବ୍ୟତିକ୍ରମ ଲକ୍ଷଣୀୟ—

କାଳ-ଦନ୍ତ-ଘାତ-ବିଭଗ୍ନ-ପ୍ରମୋଦନ-କଳା
ସରସ-ସିତାଂଶୁ ପରଶେ କରୁ ଜୀବନ୍ତ ଲୀଳା ।

ନାଟକୀୟ ଭଙ୍ଗୀରେ 'ରାମଚଣ୍ଡୀ ଠାରେ ରାତ୍ରି'ର ଆରମ୍ଭ ଓ ସେହିପରି ନିପୁଣ କଳାଶିଳ୍ପୀ ଭାବରେ କବି ମାଳକଣ୍ଠ 'ସକାଳ'ର ପରିସମାପ୍ତି ଘଟାଇଛନ୍ତି । 'ରାମଚଣ୍ଡୀ ଠାରେ ରାତ୍ରି'ର ପ୍ରଥମ ଛଅ ସାତୋଟି ପର୍ଯ୍ୟାୟର ବର୍ଣ୍ଣନା କବିତ୍ୱପୂର୍ଣ୍ଣ ଓ ପ୍ରାଣମୟ । 'ସକାଳ'ରେ ବର୍ଣ୍ଣନା ମଧ୍ୟ ପ୍ରାଣଧର୍ମୀ । ଏ ସବୁଥିରେ ଶବ୍ଦକସରତ ଓ କଳ୍ପନା ବିଳାସର ବାହୁଲ୍ୟ ପରିଦୃଷ୍ଟ ହୁଏନାହିଁ । ତେବେ ସ୍ଥଳ ବିଶେଷରେ କବି ନିଜର ଧର୍ମକୁ ତ୍ୟାଗ କରିପାରି ନାହାନ୍ତି । ଯଥା—

ବାରୁଣୀ-ତାମସ-ଅରୁଣ-ଭାସେ ପ୍ରାଚୀଲଲାଟେ
ଧୂସର ତିଳକ ମନ୍ଦିର ଦିଶେ ସାଗର-ତଟେ
ଗଗନ-ମୁକୁର-ତଟିମା-କମ୍ର-ଊର୍ମି-ବିଳାସେ,
କ୍ଷଣ-ତାରକିତ-କମ୍ପନେ ଚଳ ନଭସ ଭାସେ ।

Digitized by PPRACHIN, SOA

କବି ମାଳକଣ୍ଠ ରାଧାନାଥୀ ପ୍ରତିଭାକୁ ନାନା ଦିଗରୁ ସମାଲୋଚନା କରିଥିଲେ ହେଁ ରାଧାନାଥଙ୍କ ସୁଗୁଣର ଗ୍ରହୀତା ଭାବେ ମାଳକଣ୍ଠ ଏବେ ବି ପ୍ରଶଂସିତ । 'କୋଣାର୍କେ' ରଚନାର ପରିକଳ୍ପନା ପଛରେ କବିଙ୍କର ଯେଉଁଳି ପୃଷ୍ଠଭୂମିର ପ୍ରେରଣା ଥାଉନା କାହିଁକି, ରାଧାନାଥଙ୍କ 'ଚନ୍ଦ୍ରଭାଗା'ର ପ୍ରଭାବ ଯେ ମାଳକଣ୍ଠଙ୍କୁ ବିଶେଷ ମୋହିତ କରିଥିଲା, ନିଃସନ୍ଦେହ । ମନେହୁଏ 'ଚନ୍ଦ୍ରଭାଗା'ର ଲୋକପ୍ରିୟତା, ବର୍ଣ୍ଣନା ରୀତିଭଙ୍ଗୀ, କବିତାର ଅପୂର୍ବ କଳାବିଳାସ ଓ ବ୍ୟବହୃତ ଛନ୍ଦର ଆକର୍ଷଣକୁ କବି ମାଳକଣ୍ଠ ଏଡ଼ି ପାରି ନ ଥିଲେ । ସେଥିପାଇଁ ବିଷୟ ବସ୍ତୁର ନିର୍ବାଚନରେ ଓ ଛନ୍ଦ ପ୍ରୟୋଗରେ ପ୍ରଧାନତଃ 'କୋଣାର୍କେ'ର ସମ୍ମୁଖରେ 'ଚନ୍ଦ୍ରଭାଗା' ଝଲସୁ ଥିଲା । କିନ୍ତୁ ପରିବେଷଣ କରିବାର କଳାନିପୁଣତା ଓ ବୈଶିଷ୍ଟ୍ୟ ଜନିତ ସ୍ୱାତନ୍ତ୍ର୍ୟବୋଧରୁ 'କୋଣାର୍କେ' ଏକ ଏକକ ସୃଷ୍ଟି ଓ ଏହାର ଶିଳ୍ପୀଙ୍କ ଅଭିବ୍ୟକ୍ତି ଅନନ୍ୟ ଏହା ମାନିବାକୁ ହେବ ।

## ଉପସଂହାର

'କୋଣାର୍କେ'ର ପୂର୍ବାର୍ଦ୍ଧର ଗୌରବ କେବଳ କୋଣାର୍କ ପାଇଁ । ଇତିହାସକୁ କାବ୍ୟାୟିତ କରି କବି ଅନେକତ୍ର ସଫଳ ହୋଇ ନାହାନ୍ତି । ଯେଉଁ ସ୍ଥଳରେ ପ୍ରାଣାବେଗ ସ୍ପଷ୍ଟ, ସେଠାରେ ପଂକ୍ତିଗୁଡ଼ିକ ରସୋତ୍ତୀର୍ଣ୍ଣ । କିନ୍ତୁ 'କୋଣାର୍କେ'ର ପ୍ରାଣ ପ୍ରତିଷ୍ଠା ଓ ତାର ଅର୍ଥଗୌରବ 'ଚମ୍ପଟଣୀ ଠାରେ ରାତି ଓ ସକାଳ'ର କ୍ଷିପ୍ର କେତେଗୁଡ଼ିଏ ସୁନ୍ଦର ସୁନ୍ଦର ପଂକ୍ତି ପାଇଁ ନୁହେଁ କିମ୍ବା 'ମାୟାଦେବୀ'ରେ ବର୍ଣ୍ଣିତ ଆଦର୍ଶ ଯୋଗୁଁ ନୁହେଁ, ଜାତୀୟ ଗୌରବ ଓ ଅତୀତର ଉଜ୍ଜ୍ୱଳ ପରଂପରାର ମୂଲ୍ୟାଙ୍କ ଯୋଗୁଁ । କବି ମାନସିଂହ ମାଳକଣ୍ଠଙ୍କୁ ଯେଉଁଳି ଆଖିରେ ଦେଖିଛନ୍ତି ତା ହୁଏତ ସଭିଙ୍କୁ ବିଚାରଧାରାର ନିର୍ଭୀକତାରେ ମୁଗ୍ଧ କରି ନ ପାରେ । ମନେହୁଏ ମାଳକଣ୍ଠଙ୍କ 'କୋଣାର୍କେ' ଗୋପବନ୍ଧୁଙ୍କ 'ଧର୍ମପଦ' ଭଳି ଏକ ଅମରକୀର୍ତ୍ତି । ଏ କୀର୍ତ୍ତିର ସନାତନତ୍ୱ ଓ ଶ୍ରେଷ୍ଠତା 'ଧର୍ମପଦ' ଓ 'କୋଣାର୍କେ'ର ପ୍ରାଣମୟୀ ବାଣୀ ଭିତରେ ହିଁ ତରଙ୍ଗିତ । କବି ମାଳକଣ୍ଠଙ୍କ କବି ପ୍ରତିଭା ଓ ଶାଣିତ ଦୃଷ୍ଟି ଭଙ୍ଗୀର ଯେଉଁ ଅଦ୍ଭୁତ ପରିଚୟ ମିଳେ, ତା ଅନେକାଂଶ କୋଣାର୍କର ଗୃହ ଶିଳ୍ପକଳାର ନୈପୁଣ୍ୟ ଓ ଇତିହାସର ସଂସ୍ପର୍ଶରେ ମହୀୟାନ । ସାମଗ୍ରିକ ଭାବେ ବିଚାର କଲେ ଏବଂ ଏକ ମୋହମୁକ୍ତ

Digitized by PPRACHIN, SOA

ଦୃଷ୍ଟିଭଙ୍ଗୀ ନେଇ ନିରପେକ୍ଷ ସମାଲୋଚକ ଆଖିରେ ଦେଖିଲେ, ନୀଳକଣ୍ଠ ଜଣେ ଜ୍ଞାନ ତପସ୍ୱୀ, ପ୍ରବୀଣ ବୁଦ୍ଧିଜୀବୀ ଓ ଋଷିପ୍ରାଣ ମଣିଷ ଭଳି ପ୍ରତିଷ୍ଠିତ ହୁଅନ୍ତି । କବି ପ୍ରତିଭାର ଉର୍ଜସ୍ୱଳ ବିକାଶ ନିମିତ୍ତ ଯେଉଁ ବାଙ୍ମୟ ଅଭିବ୍ୟକ୍ତିର ଜ୍ୱାଳା ଦରକାର ତା 'କୋଣାର୍କ'ରେ ପ୍ରାୟ ଦୁର୍ଲଭ । ଯେଉଁ ଜ୍ୱାଳାର ସ୍ପନ୍ଦନ ଅନୁଭୂତ ହୁଏ ତା କେବଳ ଜାତି ଓ ଜାତୀୟ ଗୌରବର ଲୀଳାୟିତ ତରଙ୍ଗ ଭିତରେ ନିହିତ । 'ମାୟାଦେବୀ' ନୀଳକଣ୍ଠଙ୍କୁ କବିର ଗୌରବ ଦେଇପାରେ । କିନ୍ତୁ 'ରାମଚଣ୍ଡୀ ଠାରେ ରାତି ଓ ସକାଳ' ଆମକୁ ବାରମ୍ବାର କୋଣାର୍କର ସ୍ମରଣ କରାଏ । କୋଣାର୍କର ତୁଙ୍ଗ ଶିଳ୍ପ ନିକଟରେ କବିପ୍ରତିଭା ନିସ୍ପ୍ରଭ ଓ ମ୍ରିୟମାଣ ।

Digitized by PPRACHIN, SOA

# ନୀଳକଂଠଙ୍କ ପ୍ରାରମ୍ଭିକ ଗଦ୍ୟ ରଚନା

ଅଧ୍ୟାପକ ଶ୍ରୀ ଶ୍ରୀନିବାସ ମିଶ୍ର
ଓଡ଼ିଆବିଭାଗ ବିଶ୍ୱଭାରତୀ, ଶାନ୍ତିନିକେତନ

## ବ୍ୟକ୍ତିତ୍ୱର ସୂଚନା—

ପଣ୍ଡିତ ନୀଳକଂଠ ଦାସ ଓଡ଼ିଆ ସାହିତ୍ୟରେ ଜଣେ କୃତବିଦ୍ୟ ସ୍ରଷ୍ଟା, ମନନଶୀଳ ଗଦ୍ୟରଚନାରେ ତାଙ୍କ କୃତିତ୍ୱ ଅସାମାନ୍ୟ । ପଣ୍ଡିତ ଗୋପବନ୍ଧୁଙ୍କ ସହକର୍ମୀ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରବୀଣ ଶିକ୍ଷକ, ଓଡ଼ିଶାର ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଜଣେ ସ୍ମରଣୀୟ ପୁରୁଷଭାବେ ନୀଳକଂଠଙ୍କ ବ୍ୟକ୍ତିତ୍ୱର ପ୍ରସାରିତ ରୂପ ସାହିତ୍ୟ ସାଧନା ମଧ୍ୟରେ ଚରମ ବିକାଶ ଲାଭ କରିଥିଲା । ପାଣ୍ଡିତ୍ୟ ଓ ମନୀଷା, ଯୁକ୍ତିନିଷ୍ଠା ଓ ବୁଦ୍ଧିଦୀପ୍ତି, ସଂସ୍କୃତି ଚେତନା ଓ ସାହିତ୍ୟବୋଧର ପରିପ୍ରକାଶରେ ତାଙ୍କ ଗଦ୍ୟ ରଚନା ଉଜ୍ଜ୍ୱଳ । ସମାଜସଂସ୍କାରମୂଳକ ଓ ସାହିତ୍ୟ ସମାଲୋଚନାତ୍ମକ ରଚନା ମଧ୍ୟରେ ନୀଳକଂଠଙ୍କ ପ୍ରାଥମିକ ସାଧନା ପ୍ରସୂତ ସିଦ୍ଧିର ଉଜ୍ଜ୍ୱଳ ସ୍ୱାକ୍ଷର ପରବର୍ତ୍ତୀକାଳର ସଂସ୍କୃତି ସଂପର୍କିତ ମୌଳିକ ପ୍ରବନ୍ଧ ଓ ଆଲୋଚନା ବଳୀରେ ସ୍ପଷ୍ଟ ଚିହ୍ନିତ । ବ୍ୟକ୍ତି ସ୍ୱାତନ୍ତ୍ର୍ୟଜାତ ଚିନ୍ତାର ମୌଳିକତା ଓ ସ୍ୱକୀୟତା ତାଙ୍କ ରଚନାର ପ୍ରାଣଧର୍ମ ।

## ପ୍ରଥମ ପ୍ରକାଶିତ ଗଦ୍ୟ ରଚନା—

ନୀଳକଂଠଙ୍କ ପ୍ରଥମ ପ୍ରକାଶିତ ଲେଖା "ମହାତ୍ମା ଚନ୍ଦ୍ରଶେଖର ସିଂହ ସାମନ୍ତ ।" ଜ୍ୟୋତିଷୀ ଚନ୍ଦ୍ରଶେଖରଙ୍କ ଦେହାନ୍ତ ପରେ ଦଶାହ ଉପଲକ୍ଷେ ଏହି ପ୍ରବନ୍ଧ ପୁରୀ ବ୍ରାହ୍ମଣ ସମିତିରେ ପଢ଼ା ହୋଇଥିଲା । ଏହାର ରଚନାକାଳ ୧୯୦୫ । (୧) ନୀଳକଂଠଙ୍କ ଲାଜକୁଳା ସ୍ୱଭାବ ହେତୁ

(୧) ଆତ୍ମଜୀବନୀ-ପୃଷ୍ଠା ୭୧-୭୨।

Digitized by PPRACHIN, SOA

ଲେଖାଟି ଦୁଇବର୍ଷ ପରେ ପଦ୍ମଚରଣ ପଟ୍ଟନାୟକଙ୍କ ଯତ୍ନରେ ପତ୍ରିକାରେ ପ୍ରକାଶିତ ହେଲା । (୨) ଲେଖକଙ୍କର ଏହି ପ୍ରାଥମିକ ରଚନା ମଧୁସୂଦନ ରାଓଙ୍କ ଗ୍ରାହକତା ଓ ଆଶୀର୍ବାଦ ପାଇଥିଲା । ଆରମ୍ଭରେ ସାର୍ ଏଚ୍. ଓ୍ୱଟେନ, ଶେଷରେ ରାଧାନାଥ ଓ ଜର୍ଜ ଉଇଲସନ୍ଙ୍କ ଉଦ୍ଧୃତ ସହ ଏହି ଜୀବନୀମୂଳକ ପ୍ରବନ୍ଧ ଲିଖିତ । ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ କୃତିତ୍ୱ ଓ ଚରିତର ମହତ୍ତ୍ୱହିଁ ପ୍ରବନ୍ଧର ଉପଜୀବ୍ୟ । ପରବର୍ତ୍ତୀ କାଳରେ ନୀଳକଣ୍ଠଙ୍କ ଗଦ୍ୟରଚନା ଶୈଳୀର ସଂଯମ ଓ ପ୍ରାଣବତ୍ତାର କିଞ୍ଚିତ ଅଭାବ ଏ ରଚନାରେ ସହଜରେ ଲକ୍ଷଣୀୟ । ଶବ୍ଦ ପ୍ରୟୋଗ ଓ ବାକ୍ୟ ବିନ୍ୟାସରେ ଆୟାସ, ବିଶେଷଣର ବାହୁଲ୍ୟ ନିମ୍ନ ଅଂଶରୁ ପ୍ରକାଶିତ ହେବ । "ବର୍ତ୍ତମାନ ଦୁର୍ଦ୍ଦଶାଗ୍ରସ୍ତ, କୁସଂସ୍କାର ବିଜଡ଼ିତ, ପରପଦାନତ, ଲାଞ୍ଛିତ, ଆଳସ୍ୟ ସର୍ବସ୍ୱ ଭାରତରେ ମୌଳିକ ଶକ୍ତିସମ୍ପନ୍ନ ପୁରୁଷର ଆବିର୍ଭାବ ଉପନ୍ୟାସ ପରି ଶ୍ରୁତିପ୍ରୀତିମାନ ହୁଏ ସତ୍ୟ,ମାତ୍ର ମହାତ୍ମା ଚନ୍ଦ୍ରଶେଖର ଭାରତର ଅନୁନ୍ନତତମ ପ୍ରଦେଶ ଉତ୍କଳରେ ଗଭୀର ଘନାନ୍ଧକାର ମଧ୍ୟରେ ପ୍ରଚଣ୍ଡ ଜ୍ୟୋତିଷ୍କଣା ସଦୃଶ ଆବିର୍ଭୂତ ହୋଇଥିଲେ ।" (୩)

## ସମାଲୋଚନାତ୍ମକ ପ୍ରତିଭାର ଆଦ୍ୟ ପର୍ଯ୍ୟାୟ :

'ରାଧାନାଥ ଓ ଉତ୍କଳ ସାହିତ୍ୟ' ନୀଳକଣ୍ଠଙ୍କର ଏକ ସୁଲିଖିତ ଆଲୋଚନାତ୍ମକ ପ୍ରବନ୍ଧ । ରାଧାନାଥଙ୍କ ଶ୍ରାଦ୍ଧ ଉପଲକ୍ଷେ 'ସେଣ୍ଟ୍ରାଲସ୍ତ ଉତ୍କଳ ଆସୋସିଏସନ'ର ଦ୍ୱାଦଶ ଅଧିବେଶନରେ ଏହା ପଠିତ ହୋଇଥିଲା । ସାମାନ୍ୟ ପରିବର୍ଦ୍ଧନ ସହ ଏହା 'ମୁକୁର'ପତ୍ରିକାରେ ପ୍ରକାଶିତ । (୪) ନବରୁଚି ଓ ନବଭାବର ପ୍ରବର୍ତ୍ତନ, ବର୍ଣ୍ଣନାତ୍ମକତାର ଗୌରବରକ୍ଷା, ସ୍ୱଦେଶ ବତ୍ସଳତାର ପ୍ରକାଶ, ସମାଜଚିତ୍ରର ସନ୍ନିବେଶ, ଅନୁବାଦ କୌଶଳ, ଛନ୍ଦପ୍ରୟୋଗ, ରଚନାପଦ୍ଧତି ବିଭିନ୍ନ ପର୍ଯ୍ୟାୟରେ ଆଲୋଚକ ରାଧାନାଥଙ୍କ କୃତିତ୍ୱର ସଂଗତ ଆଲୋଚନା କରିଛନ୍ତି । ଊନବିଂଶ ଶତାବ୍ଦୀରେ ରାଧାନାଥ

(୨ ଉତ୍କଳ ସାହିତ୍ୟ—୧୦।୩-୪

(୩) ଉତ୍କଳ ସାହିତ୍ୟ ୧୦ । ୩-୪ ପୃଷ୍ଠା ୯୪ ।

(୪) 'ମୁକୁର' ୩ । ୨-୪ ସଂଖ୍ୟା; ପରେ 'ରାଧାନାଥ ଜୀବନୀ'ରେ ମଧ୍ୟ ପ୍ରକାଶିତ ।

Digitized by PPRACHIN, SOA

ସାହିତ୍ୟର ପକ୍ଷପାତିତାଯୁକ୍ତ, ଏକ ଦେଶଦର୍ଶୀ ଆଲୋଚନା ଦୃଷ୍ଟିରୁ ବିଂଶ ଶତକର ଆରମ୍ଭରେ ମାନକଣ୍ଠଙ୍କର ଏ ସମାଲୋଚନା ଆନ୍ତରିକତା ପୂର୍ଣ୍ଣ ଓ ଅନାସକ୍ତ ହୋଇଥିବାରୁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । (୫) ଉତ୍କଳ ସାହିତ୍ୟରେ ଯୁଗ ପ୍ରବର୍ତ୍ତକ କବି ରାଧାନାଥଙ୍କ କୃତିତ୍ୱର ଏହି ଦୀର୍ଘ ଆଲୋଚନା ମଧ୍ୟରେ ମାନକଣ୍ଠଙ୍କ ଅନ୍ତର୍ଦୃଷ୍ଟି, ବିଶ୍ଳେଷଣ ନୈପୁଣ୍ୟ, ଯୁକ୍ତିନିଷ୍ଠା ଓ କବିଙ୍କର ଚିତ୍ତଭୂମିରେ ଅଧିଷ୍ଠିତ ହେବାର ସାମର୍ଥ୍ୟ ନିହିତ ।

## ମଧୁସୂଦନ ରାଓଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ଆଲୋଚନା

'ସ୍ୱର୍ଗୀୟ ମଧୁସୂଦନ ରାଓ' ଜୀବନୀ ମୂଳକ ପ୍ରବନ୍ଧ । (୬) ଏଥିରେ ମଧୁସୂଦନଙ୍କ ସାହିତ୍ୟିକ କୃତିତ୍ୱ ଉପରେ ମଧ୍ୟ ଆଲୋକପାତ ହୋଇଅଛି । କବି ଜୀବନର ସୁଗୁଣାବଳୀର ଏକ ଶୋଭନ ଚିତ୍ରରେ ରଚନାଟି ଦୃଶ୍ୟ । ମଧୁସୂଦନଙ୍କ ବ୍ୟକ୍ତିତ୍ୱ ସହ ତାଙ୍କ ସୃଷ୍ଟିକର୍ମର ଏକ ସଙ୍ଗତ ସମ୍ପର୍କ ନିରୂପଣ ନିମନ୍ତେ ଆଲୋଚକଙ୍କ ପ୍ରବଣତା ପରିଲକ୍ଷିତ । ଧର୍ମବିଶ୍ୱାସ ଓ ଭକ୍ତି ମଧୁସୂଦନଙ୍କ ଜୀବନର କେନ୍ଦ୍ରିକ ଶକ୍ତି, ମାତ୍ର ସେ ଭକ୍ତି ଇତର ଜନର ଧାର୍ମିକତା ପରି ମୂଢ଼ ଅନ୍ଧ ବିଶ୍ୱାସଦ୍ୱାରା ଆଚ୍ଛନ୍ନ ନୁହେଁ । ଏହା ଧୀର ପ୍ରଶାନ୍ତ, ଗମ୍ଭୀର ଅହଙ୍କାର ବର୍ଜ୍ଜିତ ଓ ନିଷ୍କଳଙ୍କ । ଭକ୍ତ କବିଙ୍କ ସତ୍ୟପିପାସା, ବ୍ରାହ୍ମବିଶ୍ୱାସ, ମନୁଷ୍ୟତା ଓ ଉନ୍ମୁକ୍ତ-ପ୍ରାଣତା ଲେଖକଙ୍କ ଦୃଷ୍ଟିରେ ବିରଳ ସଦ୍‌ଗୁଣ । ତାଙ୍କ କାବ୍ୟରେ ଦୁର୍ବଳ କବି କଳ୍ପନା ସୁଲଭ ନାୟକ ନାୟିକାଙ୍କ ଉଦ୍ଦାମ ପ୍ରେମିକତାର ଚିତ୍ର ନାହିଁ । ବିଶ୍ୱଚିତ୍ରର ରନ୍ଧ୍ରେ ରନ୍ଧ୍ରେ ମନୁଷ୍ୟକୁ ଅମୃତ ନିକେତନ ଆଡ଼କୁ ଆକର୍ଷଣ କରୁଥିବା ପ୍ରେମୋଚ୍ଛ୍ୱାସରେ ଏ କବିତାବଳୀ ପୂର୍ଣ୍ଣ । ଏହି ବୈଶିଷ୍ଟ୍ୟ ମଧ୍ୟରେ ଆଲୋଚକ ମଧୁସୂଦନଙ୍କ କବିତାର ମହତ୍ତ୍ୱ ନିର୍ଣ୍ଣୟ କରିଛନ୍ତି । ମଧୁସୂଦନଙ୍କ ସାହିତ୍ୟର ବ୍ୟାପକ ଆଲୋଚନା 'ଓଡ଼ିଆ

(୫) 'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ' (ନଟବର ସାମନ୍ତରାୟ) ଆଲୋଚନାରେ ଊନବିଂଶ ଶତାବ୍ଦୀରେ ରାଧାନାଥ ସାହିତ୍ୟ ସମାଲୋଚନାର ଇତିହାସ ଓ ପ୍ରକୃତି ନିରୂପିତ ।

(୬) ଉତ୍କଳ ସାହିତ୍ୟ—୧୬ । ୯-୧୦



Digitized by PPRACHIN, SOA

ସାହିତ୍ୟରେ ମଧୁସୂଦନ' ପ୍ରବଂଧରେ ନିହିତ । (୭) ପ୍ରାଚ୍ୟ ସଂପର୍କରେ ପାଶ୍ଚାତ୍ୟଭାବର ଆବେଶରେ ଜାତ ନବ ଯୁଗରେ ମଧୁସୂଦନଙ୍କ ସାହିତ୍ୟ ସାଧନାର ଦିଗ ଏଥିରେ ନିର୍ଣ୍ଣୀତ । ତାଂକ ଭାଷାର ସଂଗୀତମୟତ୍ୱ, ରଚନାର ଉପଦେଶାତ୍ମକତା, ସୃଷ୍ଟି କର୍ମ ମଧ୍ୟରେ କବି ପ୍ରାଣର ଆବେଗ ଓ ହୃଦୟର ବ୍ୟାକୁଳତା, ଭାବର ପବିତ୍ରତା ସମାଲୋଚକଙ୍କଦ୍ୱାରା ବିଶ୍ଳେଷିତ ହୋଇଛି । ମଧୁସୂଦନଙ୍କ ଭାଷାର ଅଧିକ ସଂସ୍କୃତାନୁଗତା, ତତସମ୍ ଶବ୍ଦ ପ୍ରାଚୁର୍ଯ୍ୟ ନୀଳକଂଠଙ୍କ ଦ୍ୱାରା ସମାଲୋଚିତ । ସମଗ୍ର ଆଲୋଚନା ଭକ୍ତ କବିଙ୍କ ସାହିତ୍ୟ ସୃଷ୍ଟି, କବି ମାନସ ଓ ଜୀବନାଦର୍ଶର ସମୁଚିତ ବ୍ୟାଖ୍ୟାନ, ସାଂସାରିକ ବାସ୍ତବ ବ୍ୟକ୍ତିତ୍ୱ ସହ--ସାହିତ୍ୟିକ ବ୍ୟକ୍ତିତ୍ୱର ସମ୍ବନ୍ଧ ନିରୂପଣ ହେତୁ ଅତ୍ୟନ୍ତ ଚିତ୍ତାକର୍ଷକ । ମଧୁସୂଦନଂକ ପ୍ରଣାଳୀବଦ୍ଧ ଓ ସୁରୁଚି ସଂପନ୍ନ ରଚନା, ଗଦ୍ୟ ପ୍ରୟୋଗର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚକଙ୍କ ବିଚାର ଅତ୍ୟନ୍ତ ଉପାଦେୟ ।

## ଫକୀର ମୋହନଙ୍କ ଉପନ୍ୟାସର ମୂଲ୍ୟ ନିର୍ଦ୍ଧାରଣ:—

ସତ୍ୟବାଦୀ ପତ୍ରିକାର ସମାଲୋଚନା ପର୍ଯ୍ୟାପ୍ତ ନିମନ୍ତେ ନୀଳକଂଠ 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ' ଶୀର୍ଷକ ଦୀର୍ଘ ଆଲୋଚନା ଲେଖିଥିଲେ । (୮) ଉତ୍କଳ ସାହିତ୍ୟ ରାଜ୍ୟରେ ନବଭାବର ପ୍ରବର୍ତ୍ତକ, ନବଯୁଗର ଉତ୍କଳ ସାହିତ୍ୟ ଆଶ୍ରମର ଅନ୍ୟତମ ଋଷି ଫକୀର ମୋହନଙ୍କ ସାହିତ୍ୟ ସାଧନାର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ସଙ୍ଗକୁ ସେ କାଳରେ ପ୍ରକାଶିତ ଛ'ମାଣ ଆଠଗୁଣ୍ଠ, ମାମୁଁ ଓ ଲଛମାର ସାହିତ୍ୟ ମୂଲ୍ୟ ଆଲୋଚନାରେ ଅବଧାରିତ । ଔପନ୍ୟାସିକଙ୍କ ଭାଷାରିକ ଶୃଙ୍ଖଳା; ବର୍ଣ୍ଣନା ପାଟବରେ ପାଠକମାନଙ୍କ ସହ ସମାଲୋଚକ ମୁଗ୍ଧ । ଉପନ୍ୟାସରେ କଳ୍ପିତ ବିଷୟାଂଶ ଗୁଡ଼ିକର ସାମଞ୍ଜସ୍ୟ ବିଧାନରେ ବିଚକ୍ଷଣତା ଓ ଶୃଙ୍ଖଳା, ଘଟଣା ବିଶେଷର ବର୍ଣ୍ଣନାରେ ଦକ୍ଷତା ଓ ସ୍ୱାଭାବିକତା, ଉପନ୍ୟାସଗୁଡ଼ିକର ଅନାଡ଼ମ୍ବର ଗଳ୍ପ ଧର୍ମ; ଚରିତ୍ର ଚିତ୍ରଣରେ ଲେଖକ ନୈପୁଣ୍ୟ, ଭାଷାର ସ୍ୱାଭାବିକ ହୃଦୟଗ୍ରାହିତା, ବ୍ୟଙ୍ଗର ମୋହନ ଇଙ୍ଗିତ ପ୍ରଭୃତି ସକଳ

---

(୭) ଉତ୍କଳ ସାହିତ୍ୟ—୨୦ । ୧ ଓ ୨୦ । ୨ରେ ପ୍ରଥମେ ପ୍ରକାଶିତ

(୮) ସତ୍ୟବାଦୀ—ପ୍ରଥମ ବର୍ଷ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ଗୁଚ୍ଛେଟି ସଂଖ୍ୟାରେ ପ୍ରଥମେ ପ୍ରକାଶିତ ।

Digitized by PPRACHIN, SOA

ବୈଶିଷ୍ଟ୍ୟର ସୂକ୍ଷ୍ମ ସମାଲୋଚକଙ୍କ ବିଶ୍ଳେଷଣ ଓ ମୂଲ୍ୟ ବିନିର୍ଣ୍ଣୟ ମଧ୍ୟରେ ସ୍ପଷ୍ଟ ହୋଇଅଛି । ଆଲୋଚନାରେ ଏକ ନିର୍ଦ୍ଦିଷ୍ଟ କ୍ରମ ଅନୁସରଣ ଜନିତ ପ୍ରଣାଳୀ ବଦ୍ଧତା ଓ ସଙ୍ଗତିରକ୍ଷାର ପ୍ରୟାସ ସର୍ବତ୍ର ପରିଲକ୍ଷିତ ।

## 'ଲାବଣ୍ୟବତୀ' ଅବଲମ୍ବନରେ ଭଞ୍ଜ ସାହିତ୍ୟର ମୂଲ୍ୟାୟନ:—

ଆଧୁନିକ ଓଡ଼ିଆ ସାହିତ୍ୟର ସାଧକ ସ୍ରଷ୍ଟା ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ପ୍ରତିଭାର ଦିଗନିର୍ଣ୍ଣୟ ଓ ସୃଷ୍ଟି କର୍ମର ମୂଲ୍ୟାୟନ ପରେ ଆଲୋଚକଙ୍କ ସମୀକ୍ଷକ ଦୃଷ୍ଟି କବି ଉପେନ୍ଦ୍ରଭଞ୍ଜଙ୍କ ଉପରେ ନିବଦ୍ଧ; ବିଶେଷତଃ କବିଙ୍କର ଏକ ଲୋକପ୍ରିୟ କାବ୍ୟ 'ଲାବଣ୍ୟବତୀର' ସମୀକ୍ଷାରେ ଏହା ପର୍ଯ୍ୟବସିତ । (୯) ଲାବଣ୍ୟବତୀ ସମାଲୋଚନା ପ୍ରସଙ୍ଗରେ ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଇନ୍ଦ୍ରଧନୁ ବିଜୁଳି ସାହିତ୍ୟ ସମର; ଗୋପବନ୍ଧୁ ଦାସଙ୍କ ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରୀତି ପ୍ରସଙ୍ଗ ସୂଚିତ ହୋଇପାରେ । (୧୦) ଗୋପବନ୍ଧୁ ପ୍ରଭାବିତ ନୀଳକଣ୍ଠ ମମତା ଓ ସହାନୁଭୂତି ସ୍ନିଗ୍ଧ ଦୃଷ୍ଟିଭଂଗୀ ସହ ଲାବଣ୍ୟବତୀ ଆଲୋଚନାରେ ପ୍ରବୃତ୍ତ ହୋଇଥିଲେ । ପୂର୍ବୋକ୍ତ ସାହିତ୍ୟ-କଳହ କାଳରେ ଭଞ୍ଜ ସାହିତ୍ୟର ଜଣେ ପ୍ରସିଦ୍ଧ ପ୍ରତିପକ୍ଷ ସମାଲୋଚକ ଥିଲେ ରମନାରାୟଣ ଲାଲ୍ । ତାଙ୍କ ସମାଲୋଚନା ପଦ୍ଧତି ଶୃଙ୍ଖଳିତ ଓ ଉନ୍ନତ ଥିଲେ ହେଁ କେତେକ ପରିମାଣରେ ପକ୍ଷପାତିତା ଦୋଷଦୁଷ୍ଟ ଥିଲା । ଏ ଧରଣର ସମାଲୋଚନା ପ୍ରତି ଆକ୍ଷେପ ପ୍ରକାଶ କରି ନୀଳକଣ୍ଠ ଲେଖିଥିଲେ, "ଦଳଗତ ଭାବରେ ଗ୍ରଥିତ ହୋଇ ସମାଲୋଚନା କଲେ ଅନେକ ତଥ୍ୟ ପ୍ରକାଶ ପାଇପାରେ; କିଂତୁ ନିରପେକ୍ଷତା ଅଭାବରୁ ସମ୍ପୂର୍ଣ୍ଣ ସତ୍ୟ ମିଳେ ନାହିଁ । ଏକ ଦିଗରେ ପିତୃପୁରୁଷର ନିନ୍ଦାରେ ଯେଉଁମାନେ ଆତ୍ମ ପ୍ରତିଷ୍ଠାର ପ୍ରୟାସୀ, ସେମାନେ ଭ୍ରାନ୍ତ । ପକ୍ଷାନ୍ତରରେ ସେ ନିନ୍ଦାର ଯଥା ଅଯଥା ପ୍ରତିବାଦରେ ଆଲୋଚନାରେ ନିରପେକ୍ଷ ରହିବା ସମ୍ଭବ ନୁହେଁ । କବି ନିଜେ ପାଠକ

(୯) ସତ୍ୟବାଦୀ ୧।୮-୯, ୧।୧୦-୧୧, ୧।୧୨, ୨।୧୨, ୨।୩-୪ ସଂଖ୍ୟାରେ ପ୍ରଥମେ ପ୍ରକାଶିତ

(୧୦) 'ସମାଜ' ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା (୧୯୫୩)-ଅଧ୍ୟାପକ ବଂଶୀଧର ମହାନ୍ତିଙ୍କ "ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଗୋପବନ୍ଧୁ" ପ୍ରବନ୍ଧ ।

Digitized by PPRACHIN, SOA

ମାନଙ୍କଠାରୁ ଭାବୁକତା ଓ ସହୃଦୟତା ଆଶାକରନ୍ତି । × × × ତାଙ୍କ ଅବସ୍ଥା ନ ବୁଝି, ଦେଶକାଳ ପାତ୍ର ବିବେଚନା ନ କରି ଶତ ଶତ ବର୍ଷ ପରେ ଶ୍ମଶାନରୁ ତାଙ୍କର ଅସ୍ଥି ବାହାର କରି ନିର୍ଦ୍ଦୟ ଭାବରେ ଶଲ୍ୟ ପ୍ରୟୋଗ ଦ୍ୱାରା ତାହାର ବ୍ୟବଚ୍ଛେଦ କରିବା କବିତାର ସମାଲୋଚନାରେ ଶୋଭନୀୟ ବା ମହନୀୟ ନୁହେଁ ।” (୧୧)

ସମାଲୋଚନାର ପ୍ରକୃତି ଓ ଆଦର୍ଶ, ସମାଲୋଚକଙ୍କର ଯୋଗ୍ୟତା ସମ୍ପର୍କରେ ମୂଲ୍ୟବାନ ସୂଚନା ଏ ଉଦ୍ଧୃତାଂଶର ବୈଶିଷ୍ଟ୍ୟ, ଅନ୍ୟ ପକ୍ଷରେ ନୀଳକଣ୍ଠଙ୍କ ଅନାସକ୍ତ, ଭାବୁକ ଓ ସହୃଦୟ ଚିତ୍ତ ସମୀକ୍ଷା ଶାସ୍ତ୍ରର ଯଥାଯଥ ଆଦର୍ଶ ଅବଲମ୍ବିତଥାଇ ଏହି କାର୍ଯ୍ୟରେ ନିୟୋଜିତ ହେବାର ପ୍ରମାଣ ଆଲୋଚକଙ୍କ ଅଲକ୍ଷରେ ଏଥିରେ ସ୍ୱୀକୃତ । କବିଙ୍କ ପ୍ରତି ମମତା ଓ ସହାନୁଭୂତି, ଏକ କଥାରେ ସମପ୍ରାଣତାର ଯୋଗ ସ୍ଥାପନ କରି ନୀଳକଣ୍ଠ ସମାଲୋଚନାରେ ଅଗ୍ରସର । ଉପେନ୍ଦ୍ରଙ୍କ କାବ୍ୟ ଉପରେ ଆରୋପିତ ବିଷୟଗତ ଅଶ୍ଳୀଳତା ଓ ଭାଷାଗତ କ୍ଳିଷ୍ଟତା ଦୋଷ ତାଙ୍କ ଦ୍ୱାରା ଯଥାଯଥ ଭାବେ ଖଣ୍ଡିତ ହୋଇଅଛି । ଶବ୍ଦସନ୍ଦର୍ଭର ଆପାତ କ୍ଳିଷ୍ଟତାକୁ ରସାଣିତ କରି ଭାଷାର କଠୋରତା ମଧ୍ୟରେ ଭାବ ସନ୍ଦର୍ଭ ଫୁଟାଇବା, ଦୃଢ଼ ନିବଦ୍ଧ ଆଳଙ୍କାରିକ ପଦ୍ଧତିରେ କାବ୍ୟକଳା କୁଶଳତା ଦେଖାଇବା, ରସୋପଲବ୍ଧିରେ ପାଠକଙ୍କୁ ଆତ୍ମବିସ୍ମୃତ କରିବା ପାଇଁ ଛନ୍ଦରାଶିର ପ୍ରୟୋଗରେ ଉପେନ୍ଦ୍ରଙ୍କ ଅଦ୍ୱିତୀୟ ଶକ୍ତିମତ୍ତାର ମହତ୍ତ୍ୱ ଆଲୋଚକ ନିରୂପଣ କରିଛନ୍ତି । କାବ୍ୟ ସୃଷ୍ଟିର ସାମାଜିକ ପରିବେଶ ବିଚାରରେ ଭଞ୍ଜଙ୍କ ଉପରେ ଆରୋପିତ ଦୋଷ ଖଣ୍ଡନପୂର୍ବକ ଭଞ୍ଜ ପ୍ରତିଭାର ମୂଲ୍ୟ ନିର୍ଣ୍ଣୟ ଓ ଭାଷା ବିଭବ କଳ୍ପନାରେ ଆଲୋଚକ ପ୍ରୟାସୀ । ଓଡ଼ିଆ ଭାଷାର ସ୍ୱତନ୍ତ୍ର ଶକ୍ତି ସମ୍ବନ୍ଧରେ ପ୍ରତ୍ୟୟ, ସଂସ୍କୃତ ସହ ଓଡ଼ିଆ ଶବ୍ଦ କୋଷ ଉପରେ ଅସାମାନ୍ୟ ଅଧିକାର, ଓଡ଼ିଆ କାବ୍ୟର ଶୋଭା ଓ ଶ୍ରୁତିମାଧୁର୍ଯ୍ୟ ସମ୍ପାଦନ ନିମନ୍ତେ ସଂସ୍କୃତ ଶବ୍ଦାବଳୀକୁ ଲେଖନୀର ଦାସାନୁଦାସ ଭାବେ ବ୍ୟବହାର, ବିଭିନ୍ନ ଅଳଙ୍କାର ପ୍ରୟୋଗରେ ନୈପୁଣ୍ୟ ପ୍ରଦର୍ଶନ ପ୍ରଭୃତି ପ୍ରସଂଗରେ ନୀଳକଂଠ ଭଂଜଙ୍କ କୃତିତ୍ୱର ଯଥାର୍ଥ ମହତ୍ତ୍ୱ ପ୍ରତିଷ୍ଠା କରିଛନ୍ତି । ଆଲୋଚନାରେ ସ୍ୱାତନ୍ତ୍ର୍ୟ, ବିଚାରଧାରାରେ ମୌଳିକତା, ଅଭିମତ ପ୍ରତିପାଦନରେ ଯୁକ୍ତିନିଷ୍ଠା,

(୧୧) ଓଡ଼ିଆ ଭାଷା ଓ ସାହିତ୍ୟ (୨ୟ ସଂ)-ପୃଷ୍ଠା-୧୧୬-୧୧୭ ।

Digitized by PPRACHIN, SOA

ନବଢ଼ ବିଷୟ ବୋଧର ପ୍ରକୃଷ୍ଟ ଦୃଷ୍ଟାନ୍ତ 'ଲବଣ୍ୟବତୀ' ସମାଲୋଚନା । ଦୃଷ୍ଟିଭଙ୍ଗୀର ସ୍ୱକୀୟତା ହେତୁ ନୀଳକଣ୍ଠଙ୍କ ଆଲୋଚନା ଚିତ୍ତାକର୍ଷକ ଓ ଅନନ୍ୟ ହୋଇପାରିଛି ।

## ବର୍ଣ୍ଣବିନ୍ୟାସ, ବିଗ୍ରହ ଓ କଳାସମୀକ୍ଷା :—

'ଓଡ଼ିଆ ବର୍ଣ୍ଣବିଗ୍ରହର ସଂକ୍ଷିପ୍ତ ସୂଚନା'ରେ ଭାଷାର ବର୍ଣ୍ଣ-ବିନ୍ୟାସ ପଦ୍ଧତି ଆଲୋଚିତ (୧୨) ସଂସ୍କୃତ ପାଲି ଓ ପ୍ରାକୃତର ପ୍ରାସଙ୍ଗିକ ଆଲୋଚନା ସହ ଆଲୋଚକ ନିଜ ମତ ଦୃଢ଼ଭାବେ ପ୍ରକାଶ କରିଛନ୍ତି । ଅକ୍ଷର ବିନ୍ୟାସରେସଂସ୍କୃତର ଅନୁବୃତ୍ତିକୁ ବାଧ୍ୟବାଧକଭାବେ ଗ୍ରହଣ ନ କରି ପ୍ରାକୃତିକ ଉଚ୍ଚାରଣ ପଦ୍ଧତି ଅନୁସରଣ ଲେଖକଙ୍କ ଦୃଷ୍ଟିରେକାମ୍ୟ । ପରବର୍ତ୍ତୀକାଳରେ ଶ୍ରୀ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ'ର ଭୂମିକା ଭାବେ ଲିଖିତ ଭାଷାତତ୍ତ୍ୱ ପ୍ରବେଶ, ଓଡ଼ିଆ ବର୍ଣ୍ଣ ଓ ଲିପି, ଓଡ଼ିଆ ଭାଷା ଓ ବ୍ୟାକରଣ, ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା ଶୀର୍ଷକ ଆଲୋଚନା ଗୁଡ଼ିକରେ ଏହି ମୌଳିକତାର ଚିହ୍ନ ଅଙ୍କିତ । 'ଚିତ୍ର ଓ କବିତାରେ କଳାର ମର୍ମ' ଶୀର୍ଷକ ଆଲୋଚନାରେ ଲେଖକ କଳାରେ ସୌନ୍ଦର୍ଯ୍ୟ ଉପଲବ୍ଧି, ନିୟମତନ୍ତ୍ରତା ଓ ଉଚ୍ଛୃଙ୍ଖଳତା, କବିତାର ଧର୍ମ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । (୧୩) କଳାର ବୈଶିଷ୍ଟ୍ୟ, ଚିତ୍ର ଶିଳ୍ପ ଓ ଭାଷାଶିଳ୍ପ ମଧ୍ୟରେ ଏହାର ପ୍ରୟୋଗ ବିଷୟ ବିଶ୍ଳେଷିତ । କବିତାର ଶିଳ୍ପ ସୌନ୍ଦର୍ଯ୍ୟ, ଭାବଇଙ୍ଗିତ ସଂପର୍କରେ ସୂଚନା ମଧ୍ୟ ଏଥିରେ ଅଛି । ଚିତ୍ରକଳା କ୍ଷେତ୍ରରେ ଅବନୀନ୍ଦ୍ରନାଥ ଓ ରବି ବର୍ମା ଏବଂ କବିତା କ୍ଷେତ୍ରରେ କାଳୀଦାସ ଓ ଭବଭୂତି ପ୍ରଭୃତିଙ୍କ କୃତିତ୍ୱର ସୂଚନା ହେତୁ ଆଲୋଚନା ଅଧିକ ହୃଦୟଗ୍ରାହୀ ।

## ସାହିତ୍ୟ ସମାଲୋଚନାର ଅନ୍ତଃସ୍ୱର :—

ସାହିତ୍ୟ ସମାଲୋଚନାମୂଳକ ରଚନା ଗୁଡ଼ିକରେ ନୀଳକଣ୍ଠଙ୍କ ଭାବୁକତା, ସହୃଦୟତା, ନିଷ୍ଠାପରତା, ଭୂୟୋଦର୍ଶନ, ବିଶ୍ଳେଷଣ ନୈପୁଣ୍ୟ ଓ ପରିପକ୍ୱ ବିଚାରର ପରିଚୟ ମିଳେ । ସବୁର ଆଲୋଚନାର ମର୍ମିକତା ଓ

(୧୨) ସତ୍ୟବାଦୀ—୩।୩-୪ ସଂଖ୍ୟାରେ ପ୍ରଥମେ ପ୍ରକାଶିତ

(୧୩) ସତ୍ୟବାଦୀ—୩।୩-୪ ଓ ୩।୫-୬ ।

Digitized by PPRACHIN, SOA

ସଙ୍ଗତ, ମୌଳିକ ଚିନ୍ତାଧାର ଅନନ୍ୟ ରୂପ ଧାରଣକର ନୀଳକଣ୍ଠଙ୍କୁ ପ୍ରବୀଣ ସମାଲୋଚକର ଗୌରବ ଦେଇଅଛି । ବିଷୟୀନିଷ୍ଠ ସାଙ୍ଗକୁ ସମାଲୋଚକଙ୍କ ବ୍ୟକ୍ତିତ୍ୱର ସ୍ପର୍ଶ ହେତୁ ଏହି ଆଲୋଚନା ଗୁଡ଼ିକ ମୌଳିକ ସୃଷ୍ଟିଧର୍ମୀ, ରଚନାତୁଲ୍ୟ ଚିତ୍ତାକର୍ଷକ । ଏ ଗୁଡ଼ିକର ସୃଷ୍ଟି ସଂପର୍କରେ ଲେଖକଙ୍କ ଆତ୍ମସ୍ୱୀକୃତି ତାତ୍ପର୍ଯ୍ୟପୂର୍ଣ୍ଣ । "ସତ୍ୟବୋଧ ବିଦ୍ୟାଳୟ ଯେଉଁ ଉଦ୍‌ବୋଧ ଉପରେ ପ୍ରତିଷ୍ଠିତ ହୋଇଥିଲା, ଏହା ସେହି ଉଦ୍‌ବୋଧର ବହିଃପ୍ରକାଶ ମାତ୍ର । (୧୪) ଆତ୍ମପ୍ରତିଷ୍ଠାର କାମନା, ଆତ୍ମମର୍ଯ୍ୟାଦାବୋଧର ଉତ୍ସାହକୁ କେନ୍ଦ୍ରକରି ଏହାର ବିକାଶ ଘଟିଥିଲା । ପରବର୍ତ୍ତୀ କାଳରେ ଏହି ପରମ୍ପରା ପ୍ରଭାବିତ ହୋଇ ନୀଳକଣ୍ଠ ନିଜ ଆଲୋଚନା ଗୁଡ଼ିକୁ ସଂସ୍କୃତି ଭିତ୍ତିକ କରିଥିଲେ ।

## ପ୍ରବନ୍ଧର ବର୍ଗୀକରଣ—ସଂସ୍କାରମୁଖୀ ପ୍ରବନ୍ଧ—

ନୀଳକଣ୍ଠଙ୍କ ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ ସମାଜ-ସଂସ୍କାର ମୂଳକ, ଧର୍ମ ଓ ଦର୍ଶନାଶ୍ରିତ ଏବଂ ଶିକ୍ଷା ସମ୍ପର୍କୀୟ । ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ସଂସ୍ପର୍ଶରେ ଆସି ଶିକ୍ଷିତ ଯୁବକମାନଙ୍କ ପ୍ରାଣରେ ଜୀବନ ଓ ଜଗତ ସମ୍ପର୍କରେ ଏକ ନବ ଜାଗ୍ରତ ଶ୍ରଦ୍ଧା ପରିଲକ୍ଷିତ ହୋଇଥିଲା । ସଂସ୍କାର ମୁକ୍ତ ଚିତ୍ତରେ ଜୀବନର ମୂଲ୍ୟବୋଧ ସମ୍ପର୍କରେ ସେମାନେ ଦୃଢ଼ ପ୍ରତ୍ୟୟ ପୋଷଣ କରିଥିଲେ । ସମାଜ ଜୀବନର ବିବିଧ କୁସଂସ୍କାର, ଅହେତୁକ ବିଶ୍ୱାସ, ରକ୍ଷଣଶୀଳତାର ମୋହ ସେମାନଙ୍କ ଦୃଷ୍ଟିରେ ନିରର୍ଥକ ପ୍ରତୀତ ହୋଇଥିଲା । ଲୋକାଚାର, ଓ ଦେଶାଚାର ମଧ୍ୟରେ ଥିବା ଅସାରତା ସେମାନେ କ୍ରମଶଃ ଉପଲବ୍‌ଧି କଲେ ସେମାନଙ୍କ ଜିଜ୍ଞାସୁ ଚିତ୍ତରେ ପ୍ରକାଶ ଓ ସମାଜ ସଂସ୍କାର ଆକାଙ୍‌କ୍ଷା ଊନବିଂଶ ଶତାବ୍ଦୀ ପତ୍ର ପତ୍ରିକାର ବହୁ ସମ୍ବାଦଧର୍ମୀ ରଚନାରେ ନିହିତ । ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ସାହିତ୍ୟିକ ରଚନା ମଧ୍ୟରେ ନୀଳକଣ୍ଠ ରକ୍ଷଣଶୀଳ ସମାଜର ଅନାଚାର ଉପରେ ପ୍ରଚଣ୍ଡ ଆଘାତ ଦେଇଛନ୍ତି । ଏ କ୍ଷେତ୍ରରେ ରାମଶଙ୍କର ରାୟ, ବିଶ୍ୱନାଥ କର, ଶ୍ରୀବତ୍ସ ପଣ୍ଡା, କୃଷ୍ଣପ୍ରସାଦ ଚୌଧୁରୀ ଓ ନନ୍ଦକିଶୋର ବଳ ସମଧର୍ମୀ ଲେଖକ । ସେ କାଳରେ ଦେଶାଚାର ବା ଲୌକିକ ଆଚାର ବିରୁଦ୍ଧରେ କଥା କହୁଥିବା ଲେଖକ ଅଧାର୍ମିକ, ନାସ୍ତିକ, ଖ୍ରୀଷ୍ଟାନ, ମ୍ଳେଚ୍ଛ

(୧୪) ଓଡ଼ିଆ ଭାଷା ଓ ସାହିତ୍ୟ—(୨ୟ ସଂସ୍କରଣ) ଗ୍ରନ୍ଥପ୍ରବେଶ ପୃଷ୍ଠା—୧୧

Digitized by PPRACHIN, SOA

ବା ବ୍ରାହ୍ମ ଭବେ ଉପହସିତ ହେଉଥିବା ସ୍ଥଳେ (୧୫) ଏହି ଲେଖକମାନଙ୍କ ସାହସ ବିଲକ୍ଷଣ । ସମାଜ ସଂସ୍କାର ବ୍ୟାପାରରେ ଶ୍ରୀ ଲକ୍ଷ୍ମୀଧର ମହାନ୍ତି କଟକ ବଙ୍ଗାଳୀ ସାହିରୁ 'ଟିକଏ ଶୁଣିବେକି' ନାମକ ଏକ ବିଜ୍ଞାପନ ପ୍ରକାଶ କରିଥିଲେ । (୧୬)

ସମକାଳୀନ ସମାଜରେ ସମାଜ ସଂସ୍କାର ନିମନ୍ତେ ଯୁବ ସମାଜ ପ୍ରାଣର ଉନ୍ମାଦନାର ଚିହ୍ନ ଏଥିରେ ଅଛି । 'ଜାବାଳି' କହୁଛନ୍ତି, ମନୁ କହୁଛନ୍ତି—ଏହିପରି କରିବାକୁ ହେବ । ଅତଏବ କରୁଥାଅ—ଏ: ସବୁ ଜଡ଼ତାମୁଖୀ ନୀତି । ଏଥିରେ ଜୀବନର କ୍ରିୟା ପ୍ରତିହତ ନ କରି ବୁଦ୍ଧିବୃତ୍ତିର ଗ୍ଳାନି କାମ୍ୟ । ସାମାଜିକ ପରିବର୍ତ୍ତନ ପ୍ରୟାସୀମାନଙ୍କର ସଂହତି ସ୍ଥାପନ କାର୍ଯ୍ୟରେ ନୀଳକଣ୍ଠଙ୍କ ସକ୍ରିୟତାର ସୂଚନା ଏ ବିଜ୍ଞାପନରେ ଅଛି । ପିଲାଦିନୁ ଧର୍ମ ବିଶ୍ୱାସ ଓ ତଦନୁଗତ କ୍ରିୟା ସକଳ ପ୍ରତି ନୀଳକଣ୍ଠଙ୍କର ଟିକଏ ସମାଲୋଚନାମୂଳକ ଦୃଷ୍ଟି ଥିଲା । (୧୭) ଭକ୍ତି ଧର୍ମକୁ ପ୍ରସିଦ୍ଧ ନ ଦେଇ ଭକ୍ତିକ ମିଥ୍ୟା ଓ ପୌରାଣିକ ମିଥ୍ୟା ବିଷୟରେ ସେ ପରବର୍ତ୍ତୀ କାଳରେ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ରେ ଅନେକ ବିଷୟ ଲେଖି-ଥିଲେ । ଜଡ଼ତ୍ୱ ଓ ମୂଢ଼ତା ପରିହାର ପୂର୍ବକ ସଂସ୍କାର କାର୍ଯ୍ୟରେ ତାଙ୍କ ଦୃଢ଼ ପ୍ରତ୍ୟୟ ଓ ନିର୍ଭୀକତାର ଦୃଷ୍ଟାନ୍ତ ତାଙ୍କ ସଂସ୍କାର ମୂଳକ ରଚନାବଳୀରେ ପ୍ରକଟିତ ।

## ତନ୍ତ୍ର ଉପାସନା ନାମରେ ଅସାମାଜିକତାର ନିନ୍ଦା : ରକ୍ଷଣଶୀଳତା ବଦଳରେ ନୀତିମୟ ଜୀବନୋନ୍ନତି କାମନା—

"ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା" ପ୍ରବନ୍ଧରେ ଧର୍ମ ନାମରେ ତନ୍ତ୍ର ସାଧନା ମଧ୍ୟ ଦେଇ ସମାଜରେ ଭ୍ରଷ୍ଟାଚାରର ପ୍ରସାର ନୀଳକଣ୍ଠଙ୍କଦ୍ୱାରା ନିନ୍ଦିତ । ତନ୍ତ୍ର ଉପାସନାର ପରିଚୟ, ଫଳ, ତନ୍ତ୍ରବାଦର ଇତିହାସ ନିର୍ଣ୍ଣୟ କରି ଏହାର ଗବେଷଣା ଓ ତତ୍ତ୍ୱାନୁସନ୍ଧାନକୁ ଲେଖକ ଦୁରୂହ ବ୍ୟାପାର କହିଛନ୍ତି । ତନ୍ତ୍ର ଉପାସନା ନାମରେ ଅସାମାଜିକତା

---

(୧୫) ଉତ୍କଳ ଦର୍ପଣ—୩୦ । ୬ । ୧୮୮୫ ପୃଷ୍ଠା ୧୦୧ ।

(୧୬) ଉତ୍କଳ ସାହିତ୍ୟ—୧୫ । ୫ ସଂଖ୍ୟା । ବିଜ୍ଞାପନର ତାରିଖ ୨୬ । ୯ । ୧୯୧୧ ।

(୧୭) ଆତ୍ମଜୀବନୀ-ନୀଳକଣ୍ଠ ଦାସ—ପୃ ୯୮ ଓ ୧୬୩ ।

Digitized by PPRACHIN, SOA

ତାଙ୍କ ଦୃଷ୍ଟିରେ ଦୁଷ୍ୟ । "ଧର୍ମ ନାମରେ ଯଦ୍ଧ ମଦ୍ୟପାନ, ମାଂସଭୋଜନ ଓ ଅଗମ୍ୟାଗମନ କରି ପରମ ପଦର ଆଶା କରାଯାଏ ତେବେ ସଂଯମ ପନ୍ଥା କେତେଦିନ ତିଷ୍ଠିପାରେ ? × × × ଧର୍ମ ନାମରେ ମଦକୁ ଦୁଧ କରି ପିଇଲେ ଆଉ ରକ୍ଷା ନାହିଁ ? (୧୮) ମନୁଷ୍ୟର ଉପାଦେୟ ବସ୍ତୁ ଚରିତ୍ରର ବିଶୁଦ୍ଧତା ଓ ସମାଜର ଉଚ୍ଚ ଆଦର୍ଶ ରକ୍ଷା ନିମନ୍ତେ ଲେଖକଙ୍କ ଆବେଗ, ବ୍ୟାକୁଳତା ଓ ନୈତିକ ଚେତନା ପ୍ରବନ୍ଧରେ ପ୍ରକାଶିତ ଟେନିସନ୍‌ଙ୍କ ପ୍ରସିଦ୍ଧ ପଂକ୍ତି 'Old order changeth yielding place to new'ର ଉଦ୍ଧୃତ ସହ 'ଅଛୁଁ ଓ ହେବୁଁ' ପ୍ରବନ୍ଧର ଆରମ୍ଭ । (୧୯) ମନୁଷ୍ୟ ସମାଜରେ ଦୁଇଟି ଶକ୍ତି କାର୍ଯ୍ୟକାରୀ ହୋଇଥାଏ । ଗୋଟିଏ ରକ୍ଷଣଶୀଳତା, ଅନ୍ୟଟି ପରିବର୍ତ୍ତନ ପ୍ରବଣତା । ଉଭୟ ପରସ୍ପରର ବିରୋଧୀ । ମନୁଷ୍ୟଠାରେ ଆହାର ନିଦ୍ରା, ଭୟ, ମୈଥୁନ ଯୁକ୍ତ ପଶୁଭାବ ଥିଲେ ସୁଦ୍ଧା ସ୍ୱାଧୀନ ଚିନ୍ତା ହେତୁ ତାର ସାମାଜିକ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ । ବୁଦ୍ଧି ଓ ବିଚାର ଶକ୍ତି ବଳରେ ମନୁଷ୍ୟ ଭୀରୁତା ଓ ଆଳସ୍ୟ ପରିହାରକରି ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କର୍ମ ପ୍ରବଣତାର ବିକାଶ ସାଧନ କରେ । ପ୍ରାଚୀନ ପରମ୍ପରାଗତ ସମାଜ ରକ୍ଷଣଶୀଳ । ଏଥିରେ 'ଅଛୁ' ଭାବ ପ୍ରବଳ । ଏ ଭାବ ମନୁଷ୍ୟକୁ ପଶୁ ଧର୍ମ ପ୍ରବଣ କରେ, ଫଳତଃ ତାର ଚିନ୍ତାଶକ୍ତି ହୁଏ ଆଚ୍ଛନ୍ନ । 'ଅଛୁ' ଭାବରେ ନିହିତ ଦୁର୍ବିସହ ସ୍ଥିତିଶୀଳତା ଗୁଡ଼ି ଅନୁସନ୍ଧିତ୍ସା ଓ ଜ୍ଞାନପିପାସାର ବିକାଶ ଘଟାଇବାକୁ ହେବ । 'ହେବୁ' ଶକ୍ତି ଭବିଷ୍ୟତରେ ସମ୍ଭାବନାରୁ ଜାତ ଏକ ମାନସିକ ପ୍ରବୃତ୍ତି । ମାଳକଣ୍ଠଙ୍କ ଦୃଷ୍ଟିରେ ସଂସ୍କାର ଗତ ବା ଉନ୍ନତିମୁଖୀ 'ହେବୁଁ' ଭାବ ମାତ୍ର ଶୂନ୍ୟ ହେବା ଅନୁଚିତ । ଏହା ପ୍ରାଚୀନତାରୁ ବିଚ୍ଛିନ୍ନ ନ ହୋଇ ତହିଁରୁ ଉପାଦାନ ଗ୍ରହଣ ପୂର୍ବକ ନୂତନ ଆଦର୍ଶମୁଖୀ ସମାଜର ନବଗଠନରେ ତାକୁ ଉପଯୋଗ କରିବା ଉଚିତ । ଶୂନ୍ୟ 'ହେବୁ' ମାତ୍ର ମୋହରେ ଭାରତରେ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ଲୋକମାନଙ୍କ ମଧ୍ୟରେ ମଦ୍ୟ ପାନ ଓ ସ୍ନାନ କୁକ୍ରିୟା ପ୍ରସାରିତ । 'ଅଛୁ' ସ୍ତୂପୀକୃତ ଆବର୍ଜ୍ଜନା ଭଳି 'ହେବୁଁ'ର ନିର୍ବିଚାର ମୋହ ପ୍ରବାହ ଦୂଷଣୀୟ ! ଦୀର୍ଘ ପ୍ରବନ୍ଧର ଦୁଇ ଭାଗ

(୧୮) ମୁକୁର ୩ । ୧୧-୧୨ ପୃଷ୍ଠା ୨୩୬ ।

(୧୯) ଉତ୍କଳ ସାହିତ୍ୟ ୧୩ । ୯-୧୦ ଓ ୧୩ । ୧୧-୧୨ ଦୁଇ ସଂଖ୍ୟାରେ ପ୍ରକାଶିତ ।

Digitized by PPRACHIN, SOA

ମଧ୍ୟରେ ଲେଖକଙ୍କ ବିଶ୍ଳେଷଣାତ୍ମକ ଓ ଯୁକ୍ତିନିଷ୍ଠ ଦୃଷ୍ଟିଭଙ୍ଗୀ,ବିଚାରଶୀଳତା, ସମାଜ ସଂସ୍କାର ପ୍ରୟାସ, ବ୍ୟକ୍ତିଗତ ଓ ସାମାଜିକ ଜୀବନର ସୁସ୍ଥ ବିକାଶ ନିମନ୍ତେ ଆକାଙ୍କ୍ଷା ଜୀବନରେ ସ୍ୱାଧୀନ ଅନ୍ତର୍ନୀତିର ପ୍ରକାଶ କାମନା ପରିପୁଷ୍ଟ ହୋଇ ପ୍ରବନ୍ଧକୁ ହୃଦ୍ୟ କରିଅଛି । ଜଡ଼ତା ଓ ବିଚାରହୀନତାକୁ ବିଦାୟ ଦେଇ ମାନବୋଚିତ ଅଧିକାର ଲାଭପ୍ରବଣତା ହିଁ ଲେଖକଙ୍କ କାମ୍ୟ ।

## ନୀତି ଓ ପ୍ରକୃତିର ସମନ୍ୱୟ : ପ୍ରତିଭାପୂଜା ଉପରେ ଗୁରୁତ୍ୱ:—

ନୀତି ଓ ପ୍ରକୃତି ପ୍ରବନ୍ଧର ଶିରୋନାମାରେ ଗମ୍ଭୀର ଦାର୍ଶନିକତାର ସୂଚନା ଥିଲେ ସୁଦ୍ଧା ଏହା ପାଣ୍ଡିତ୍ୟ ଉପରେ ଅଧିଷ୍ଠିତ ବା ନୀତି ଓ ପ୍ରକୃତିର ତତ୍ତ୍ୱ ନିର୍ଦ୍ଦେଶ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । (୨୦) ଚଳିତ ପ୍ରକ୍ରିୟାର ସମାଲୋଚନା ଓ ସାଧାରଣ କ୍ରିୟାକଳାପ ପରିଚାଳନାର ପ୍ରଣାଳୀ ନିର୍ଦ୍ଦେଶରେ ଲେଖକ ଯତ୍ନଶୀଳ । ପଶୁ ଓ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ନିହିତ । ପଶୁ ପ୍ରକୃତିର ଅଧୀନ; ମାତ୍ର ମନୁଷ୍ୟ ପ୍ରକୃତିକୁ ନିଜର ବୋଧ ଓ ବିଚାର ଶକ୍ତି ଦ୍ୱାରା ଆୟତ୍ତ କରିଅଛି । ନୀତିରାଜ୍ୟରେ ମନୁଷ୍ୟତାର ମହାସତ୍ତା, ସଂଯମ ବଳରେ ମନୁଷ୍ୟ ନିଜ ବ୍ୟକ୍ତିତ୍ୱରେ ଅଧିଷ୍ଠିତ । ପ୍ରକୃତି ନୀତିଚାଳିତ ନ ହେଲେ ପଶୁଭାବର ପ୍ରବଳତା, ନୀତି ପ୍ରକୃତିହୀନ ହେଲେ ଆକାଶ କୁସୁମ ତୁଲ୍ୟ ଅବାସ୍ତବ । ନୀତି ଓ ପ୍ରକୃତି ଉଭୟର ସମନ୍ୱୟରେ ମନୁଷ୍ୟର ମନୁଷ୍ୟତା ପ୍ରକାଶିତ । ପ୍ରବନ୍ଧରେ ଲେଖକଙ୍କ ସମନ୍ୱୟାତ୍ମକ ଦୃଷ୍ଟିଭଂଗୀର ପ୍ରକାଶ । ଏହା ମତାନ୍ଧତା ବର୍ଜିତ, ଉଦାର । ଭଗବଦ୍ ଗୀତାର ପ୍ରଭାବ, ବିଶ୍ଳେଷଣାତ୍ମକ ଭୂୟୋଦର୍ଶନ ହେତୁ ରଚନାଟି ଦାର୍ଶନିକ ପ୍ରବନ୍ଧର ବୈଶିଷ୍ଟ୍ୟ ମଣ୍ଡିତ । ଏହି ସମନ୍ୱୟାତ୍ମକ ଦୃଷ୍ଟିର ପ୍ରକାଶ କ୍ଷେତ୍ର ଲେଖକଙ୍କ ଅନ୍ୟ ଏକ ପ୍ରବନ୍ଧ "ପ୍ରତିଭା ପୂଜା ଓ ପ୍ରତିମା ପୂଜା" । (୨୧) ପ୍ରତିଭା ପୂଜା ଶକ୍ତି ଉପାସନା, ପ୍ରତିମା ପୂଜା ମୂର୍ତ୍ତି ଉପାସନା । ପ୍ରତିଭାପୂଜା ମନର ଏକ ବିଶିଷ୍ଟ ବୃତ୍ତିଜାତ । ପ୍ରତିମା ପୂଜା ପ୍ରତିଭା ପୂଜାର ପ୍ରଣାଳୀ ମାତ୍ର । ମନୁଷ୍ୟ ସମାଜର ଆଦିମ ଅବସ୍ଥାରେ ଧର୍ମ ବିକାଶ କାଳରେ ପ୍ରତିମାପୂଜାର ପ୍ରାଧାନ୍ୟ । ଆଦିମ ମନୁଷ୍ୟ ଭୟ ବିସ୍ମିତ ହୋଇ ପ୍ରତିମାପୂଜା କରୁଥିଲା । ପରବର୍ତ୍ତୀ

(୨୦) ଉତ୍କଳ ସାହିତ୍ୟ-୧୪ । ୧-୩ସଂଖ୍ୟା

(୨୧) ଉତ୍କଳ ସାହିତ୍ୟ-୧୪ । ୪-୫ସଂଖ୍ୟା

Digitized by PPRACHIN, SOA

କାଳରେ ଧର୍ମ ଜୀବନରେ ଦେଖାଦେଲା ଅବସ୍ଥାନ୍ତର । ଚିନ୍ତାବୃତ୍ତିର ବିକାଶ ହେତୁ ଦାର୍ଶନିକ ଭାବେ ମନୁଷ୍ୟ ବିଶ୍ୱତତ୍ତ୍ୱର ଆଲୋଚନା ନିମନ୍ତେ ଉନ୍ମୁଖ, ଫଳତଃ ପ୍ରତିଭାପୂଜାର ପ୍ରସାର ଘଟିଲା । ଏହି ଉଭୟର ସମନ୍ୱୟ ହିଁ ପ୍ରବନ୍ଧ-କାରଙ୍କ ଯୁକ୍ତି । ଆଲୋଚନାର ବିଷୟବସ୍ତୁ ଜଟିଳ ହେଲେ ସୁଦ୍ଧା ଲେଖକଙ୍କ ଯୁକ୍ତିବାଦୀ ଦୃଷ୍ଟିଭଙ୍ଗୀ ଦାର୍ଶନିକ ବିଶ୍ଳେଷଣ, ବିଷୟବସ୍ତୁ ବିନ୍ୟାସର ସଙ୍ଗତି ଓ କ୍ରମିକତା ରକ୍ଷାହେତୁ ପ୍ରବନ୍ଧଟି ଏକ ଦିଗରେ ମନନ ଧର୍ମୀ, ଅନ୍ୟ ଦିଗରେ ପାଠକଙ୍କର ଚିତ୍ତାକର୍ଷକ । ବସ୍ତୁତଃ ସଂସ୍କାର ଧର୍ମୀ ଏହି ପ୍ରବନ୍ଧ ଗୁଡ଼ିକ ମଧ୍ୟରେ ଏକ ସୂକ୍ଷ୍ମ ଯୋଗସୂତ୍ର, ଲେଖକଙ୍କ ବିଚାର ଧାରାର ଏକ ସଙ୍ଗତି ବିଦ୍ୟମାନ । ପ୍ରାଚୀନତା ଓ ନବୀନତା, ରକ୍ଷଣଶୀଳତା ଓ ପରିବର୍ତ୍ତନ ପ୍ରୟାସ, ପ୍ରକୃତି ଓ ମତି ପ୍ରଭୃତି ବିରୋଧାତ୍ମକ ବିଷୟର ସଂପର୍କ ରକ୍ଷା ଓ ସମନ୍ୱୟ ସାଧନ ଲେଖକଙ୍କ କାମ୍ୟ । ତାହାହିଁ ସୁସ୍ଥଜୀବନ ଗଠନ ପକ୍ଷରେ ଅପରିହାର୍ଯ୍ୟ। ଏହି ପ୍ରକ୍ରିୟାରେ ମନୁଷ୍ୟର ବିଚାରବୋଧ ଜାଗ୍ରତ କରିବାରେ ଲେଖକଙ୍କ ଇଙ୍ଗିତ ଅର୍ଥପୂର୍ଣ୍ଣ ।

## ସମକାଳୀନ ସାମାଜିକ କୁସଂସ୍କାରର ତିରସ୍କାର:—

'ଆମ୍ଭର ଥିଲା' ଓ 'କାରଣ ଥାଇପାରେ' ବା ସାମାଜିକ କୁସଂସ୍କାର ନୀଳକଣ୍ଠଙ୍କର ଏକ ସୁଦୀର୍ଘ ପ୍ରବନ୍ଧ । (୨୨) ଗ୍ରାମ୍ୟ ସମାଜରେ ନାନା ରଜବିଧି, ଅନୁଷ୍ଠାନ, ଲୋକମାନଙ୍କର ଜାତ୍ୟଭିମାନ, ବିଭୂକୃପା ଓ ସ୍ୱର୍ଗ ରାଜ୍ୟର ଅଧିକାରୀଭାବେ ବ୍ରାହ୍ମଣଙ୍କ ପ୍ରତି ଅକୁଣ୍ଠ ସମ୍ଭ୍ରମ, ମିଥ୍ୟାଭାଷା, ଚୌର୍ଯ୍ୟାଦି ଅପରାଧ, ମାଦକ ଦ୍ରବ୍ୟ ସେବନ, ଦେବୀପୂଜା ନାମରେ ମଧୁପାନ, ଅର୍ଥଲିପ୍ସା ଜନିତ ନ୍ୟୂନତା ସମସ୍ତ ଦେଖିସୁଦ୍ଧା ତାଙ୍କ ମନ ପ୍ରଥମେ ସଂସ୍କାରଚ୍ଛନ୍ନ ଥିଲା । ପରେ ତାଙ୍କର ଯୁକ୍ତିବାଦୀ ମନର ପ୍ରକାଶ ଘଟିଲା । କୁସଂସ୍କାର ମନୁଷ୍ୟର ଏକ ଚିତ୍ତବୃତ୍ତି, କାରଣ ନ ବୁଝି ପଶୁପରି କାର୍ଯ୍ୟ କରିବାର ପ୍ରବୃତ୍ତି । 'ଆମ୍ଭର ଥିଲା' ଓ 'କାରଣ ଥାଇପାରେ' ଏହି ମନୋଭାବ କୁସଂସ୍କାରର ମୂଳପିଣ୍ଡ । ଆଲୋଚନା ଅବସରରେ ବ୍ୟକ୍ତିଗତ ଓ ସାମାଜିକ ଜୀବନ ସ୍ତରରୁ ଲେଖକଙ୍କ ଚିନ୍ତା ଜାତିଗତ ସ୍ତରକୁ ପ୍ରସାରିତ । ଜାତିର ଜୀବନର ଦୁର୍ବଳତା ସୂଚନାତ୍ମକ ଭାବେ ପ୍ରକାଶ କରି ସେ ମନ୍ତବ୍ୟ

(୨୨) ଉତ୍କଳ ସାହିତ୍ୟ-ଭା ୧୫ । ୬-୭, ୧୫ । ୮-୧୦, ୧୬ । ୧-୨, ୧୬ । ୩-୪ ଗୁଚ୍ଛୋଟି ସଂଖ୍ୟାରେ ପ୍ରକାଶିତ ।

Digitized by PPRACHIN, SOA

ଦେଇଛନ୍ତି । 'ଭେ ମନ୍ତ୍ର ଆମ୍ଭମାନଙ୍କର ଜାଡ୍ୟପ୍ରିୟତା, ମନୁଷ୍ୟକୁ ଘୃଣା ଆମ୍ଭମାନଙ୍କର ହିନ୍ଦୁତ୍ୱ । ଜ୍ଞାନର ଅଭାବ, କାରଣ ଜିଜ୍ଞାସାହୀନତା ହେତୁ ଆମ୍ଭମାନଙ୍କ ସମାଜ ପଶୁସମାଜରେ ପରିଣତ । ଅତୀତ ଉପରେ ଅତ୍ୟଧିକ ବିଶ୍ୱାସ ଓ ଭବିଷ୍ୟତ ପ୍ରତି ଅନାସ୍ଥା ହେତୁ ଲୋକେ ଆତ୍ମଗ୍ଲାନିରେ ହୀନ ପଶୁଧର୍ମ ଆଚରଣ କରୁଛନ୍ତି । ଆମ୍ଭମାନଙ୍କଠାରେ ପୂର୍ବପୁରୁଷଙ୍କ ପ୍ରତି ଅତ୍ୟନ୍ତ ଭକ୍ତି, ସ୍ୱାଧୀନ ଚିନ୍ତା ଓ ଆଲୋଚନା ପ୍ରବଣତାର ଅଭାବ ହେତୁ ସାମାଜିକ ଭାବରେ ପଶୁତ୍ୱ ଆମ ଅବଲମ୍ବନ । ତର ନୈରାଶ୍ୟ, ମୋହ ଜଡ଼ତା, ଅକର୍ମଣ୍ୟତା ଦ୍ୱାରା ଆଚ୍ଛନ୍ନହୋଇ ଆମ୍ଭମାନଙ୍କ ଆତ୍ମପ୍ରତ୍ୟୟ, ଆତ୍ମ-ସମ୍ମାନ ବୋଧ ଲୋପ ପାଇଛି । ଦୀର୍ଘ ପ୍ରବନ୍ଧର ପ୍ରଥମ ତିନିଗୋଟି ଭାଗରେ ଲେଖକ ସାମାଜିକ କୁସଂସ୍କାରର ସମକାଳୀନ ନଗ୍ନରୂପ ଚିତ୍ରଣ ପୂର୍ବକ ଏହାର କାରଣ ବିଶ୍ଳେଷଣ କରିଛନ୍ତି । ଶେଷ ଭାଗରେ ହିନ୍ଦୁ ସମାଜକୁ କୁସଂସ୍କାର ମଗ୍ନ ରଖିବାକୁ ଇଚ୍ଛୁକ ଧର୍ମଧ୍ୱଜୀଙ୍କ ହିପୁପ୍ରତି ପାଠକଙ୍କୁ ସତର୍କ କରି ଦିଆଯାଇଅଛି । କୁସଂସ୍କାରରେ ଆବଦ୍ଧ ହେବା ଅର୍ଥ ମନୁଷ୍ୟଜଗତକୁ ପ୍ରତାରଣା, ଆତ୍ମପ୍ରବଞ୍ଚନା ଓ ଅଜ୍ଞାତ ଆତ୍ମଗ୍ଲାନି । ଏହାକୁ ଅତିକ୍ରମ କରିବା ନିମନ୍ତେ ଜୀବନ ସାଧନାରେ ନୈତିକ ବଳ ଆହରଣ ପୂର୍ବକ ନୈତିକ ଉନ୍ନତି ସାଧନ ପ୍ରଧାନ ଉପାୟ । ନିଃସହାୟତା ମୁକ୍ତ ହେବାପାଇଁ ଭଗବାନଙ୍କଠାରେ ତୀବ୍ର ମନସ୍ତାପ ଓ ଗଭୀର ଆଧ୍ୟାତ୍ମିକତା ସହ ଶକ୍ତି ପ୍ରାର୍ଥନା କରିବାକୁ ହେବ । ନୀଳକଣ୍ଠଙ୍କ ଏହି ସଂସ୍କାରମୁଖୀ ଚିତ୍ତର ସାର୍ଥକ କଳାତ୍ମକ ଅଭିବ୍ୟକ୍ତି ତାଙ୍କ ଶ୍ରୀପଞ୍ଚମୀ କବିତାରେ ନିହିତ ।

"'ଥିଲି' 'ଥିଲି' ବୋଲି ପଡ଼ି କୁସଂସ୍କାରଜାଲେ ଦେଶସାରା ଜଡ଼ ପିଣ୍ଡମୟ
ନାହିଁ ଆଜି ବିଜ୍ଞାନର ସେ ପୁଣ୍ୟ ବିଭବ, କର୍ମ ଯୋଗେ ଶକ୍ତିର ସଂଚୟ ।"

ଜାଡ୍ୟପ୍ରିୟ ଜୀବନର ନୈରାଶ୍ୟ, ଭୀରୁତା, ଅନୁତ୍ସାହ ଓ ନିରୁଦ୍ୟମ ଦୂରକରି ଆତ୍ମନିର୍ଭରତା, ଆତ୍ମସମ୍ମାନବୋଧ, ପ୍ରାଣବତ୍ତା, ଚିନ୍ତାଶୀଳତା ଓ ଆଲୋଚନା ପ୍ରବଣତାର ବିକାଶ ଘଟାଇବା ଥିଲା ନୀଳକଣ୍ଠଙ୍କର ଏକାନ୍ତ କାମନା । ବ୍ୟକ୍ତିତ୍ୱର ପରିପୂର୍ଣ୍ଣ ଅଭିବ୍ୟକ୍ତି ହିଁ ତାଙ୍କର ପୋଷିତ ଅଭିଳାଷ ।

Digitized by PPRACHIN, SOA

## ସମାଜସଂସ୍କାରର ପ୍ରତୀକ 'ମୋ ନଶ'—

ସାମାଜିକ ଜୀବନର ବଦ୍ଧ କୁସଂସ୍କାର ଉପରେ ପ୍ରଚଣ୍ଡ ବ୍ୟାଘାତ ଦେଇ ଏକ ତୁମୁଳ ଆଲୋଡ଼ନ ସଞ୍ଚାର କରିଥିଲା ନୀଳକଣ୍ଠଙ୍କ 'ମୋ ନଶ' ପ୍ରବଂଧ। ଏହି ପ୍ରବଂଧର ପରବର୍ତ୍ତୀଗୁଡ଼ିକର ନାମ ଲେଖକ 'ନଶ' ଦେଇଥିଲେ। (୨୩) ପ୍ରଥମ ଭାଗର ପ୍ରବଂଧ ରଚନା ପରେ ଲେଖକ ନିଜ ଅହଙ୍କାର ଓ 'ମୋ'ତ୍ୱ କେତେକ ପରିମାଣରେ ବିସର୍ଜନ ଦେଇ ପ୍ରବନ୍ଧର ଶୀର୍ଷକରୁ ମୋ ଶବ୍ଦ କାଟି ଦେଇଥିବା ବିଷୟ ରଚନାରେ ସ୍ୱୀକାର କରିଛନ୍ତି। 'ନଶ' ସମାଜ ସଂସ୍କାରର ଏକ ଫେସନ ବା ପ୍ରତୀକ ମାତ୍ର। ଏହି ନଶ ଆନ୍ଦୋଳନକୁ ବାହାନା କରି ତାଙ୍କ ସମାଜ ସଂସ୍କାରମୂଳକ ତୀବ୍ର ପ୍ରବଂଧ ଗୁଡ଼ିକ ଲିଖିତ। (୨୪) ଅନ୍ୟତ୍ର ବ୍ରାହ୍ମଣମାନଙ୍କ ପ୍ରତି ପ୍ରକାଶିତ ଆକ୍ଷେପ 'ମୋ ନଶ' ପ୍ରବନ୍ଧରେ ତୀବ୍ର ବିଦ୍ରୂପରେ ପରିଣତ ହୋଇଅଛି। ବ୍ରାହ୍ମଣ ସମାଜର ଅହେତୁକ ଶୁଚିବାତିକ, ଜାତିଆଣ ପ୍ରଥା, ରକ୍ଷଣଶୀଳତା ପ୍ରତି ଅତ୍ୟଧିକ ଆସକ୍ତିର ଅସାରତା ନୀଳକଣ୍ଠଙ୍କ ଦ୍ୱାରା ନିନ୍ଦିତ। ସାମାଜିକ ବିଧିବ୍ୟବସ୍ଥାରେ ଅକାରଣ ସ୍ଥିତିଶୀଳତା ଓ ଅସାର ବିଗ୍ରହପ୍ରୀତି ଲେଖକଙ୍କ ଭର୍ତ୍ସନାର ଶରବ୍ୟ ହୋଇଅଛି। ଏହି ପ୍ରବନ୍ଧ ଓ ନୀଳକଣ୍ଠଙ୍କ ନଶ ଆନ୍ଦୋଳନ ହେତୁ ସମାଜରେ ଚହଳ ଓ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୁରୀର ଶାସନୀ ବ୍ରାହ୍ମଣ ପଣ୍ଡିତମାନେ ସମାଜରୁ ସେମାନଙ୍କ ଆଧିପତ୍ୟ ଚାଲିଯିବା ଭୟରେ ବିରୋଧ ଆରମ୍ଭ କରିଥିଲେ। ପୁରୀରେ ନଶକୁ କାଟି ପୋଡ଼ି ଦେବାର ଧମକ ମଧ୍ୟ ନୀଳକଣ୍ଠଙ୍କୁ ଦିଆଯାଇଥିଲା। (୨୫) କିନ୍ତୁ ନୀଳକଣ୍ଠ ଅଟଳ ରହିଥିଲେ। ଏହି ନଶ ଆନ୍ଦୋଳନ ତାଙ୍କ ପ୍ରଖ୍ୟାତିର କାରଣ ହୋଇଥିଲା। "ହେ ନଶ, ହେ ଆର୍ଯ୍ୟ ଲକ୍ଷଣ, ହେ ପୌରୁଷ, ହେ ଶ୍ୟାମଘନ, ତୁମ୍ଭେ ଅଯଥା ମତେ ମହାନ କରୁଛ। କି ଶୁଭ ମୁହୂର୍ତ୍ତରେ ମୁଁ ତୁମର ଆରାଧନା କରିଥିଲି, ତୁମ୍ଭଯୋଗୁଁ ମୁଁ ଧନ୍ୟ ହୋଇଅଛି।" (୨୬) ସମାଜ ଜୀବନରେ ଏହି ନଶ ଆନ୍ଦୋଳନର ତୀବ୍ର

---

(୨୩) ମୁକୁର—ଭା ୬। ୬ ସଂଖ୍ୟା—'ମୋ ନଶ' ପ୍ରବନ୍ଧ। ମୁକୁର—ଭା ୬। ୮। ୯ ସଂଖ୍ୟା—'ମୋ ନଶ' ପ୍ରବନ୍ଧ।

(୨୪) ଆତ୍ମଜୀବନୀ—(ନୀଳକଣ୍ଠଦାସ)—ପୃଷ୍ଠା ୧୧୬।

(୨୫) ଆତ୍ମଜୀବନୀ—(ନୀଳକଣ୍ଠଦାସ)—ପୃଷ୍ଠା ୨୧୬।

(୨୬) ମୁକୁର—ଭା ୬। ୮-୯ ସଂଖ୍ୟା—ପୃଷ୍ଠା ୨୦୪।

Digitized by PPRACHIN, SOA

ପ୍ରତିକ୍ରିୟା ପ୍ରକାଶ ପାଇବାରୁ ସେ କାଳର ସମାଜ ବ୍ୟବସ୍ଥାକୁ ଧାଡ଼ିବାହ୍ନକ ଭାବେ ନିଜ ବ୍ୟଙ୍ଗାତ୍ମକ ରଚନାରେ ସମାଲୋଚନା କରୁଥିବା ଗୋପାଳ-ଚନ୍ଦ୍ର ପ୍ରହରାଜ ମଧ୍ୟ ଲେଖିଥିଲେ, 'ଭାଇ ଟିକିଏ ଅଯୁଧର, କାମ ବନ୍ଦକରନା; କିନ୍ତୁ ଆଗ ପଛକୁ ଚାହିଁ ସମସ୍ତ କାର୍ଯ୍ୟ ଧୀରଭାବରେ କର। ସମସ୍ତଙ୍କୁ ପଦେ କହିଁ ନେଇ ସହିଁ ନେଇ କହିଲେ କାହାର କ୍ଷତି ନାହିଁ। ସମାଜକୁ ସଙ୍ଗେ ସଙ୍ଗେ ଟାଣି ନେବାହିଁ ବାହାଦୁରୀ।" (୨୭) ଫକୀରମୋହନ ଓ ପ୍ରହରାଜଙ୍କ ପରି ମାଳକଣ୍ଠ ଗଦ୍ୟରେ ସାଟାୟାର୍ ପ୍ରୟୋଗରେ ଅତ୍ୟନ୍ତ ଶକ୍ତିଶାଳୀ। କୁସଂସ୍କାର-କଳଙ୍କିତ ସମାଜର ପରିଶୋଧନ, ଅପଗ୍ରହ ଓ ଅନାଗ୍ରହ ଦୁଷ୍ଟ ବ୍ୟକ୍ତି ଜୀବନର ପରିମାର୍ଜନ ପୂର୍ବକ ଏକ ସୁସ୍ଥ, ନିର୍ମମ ଓ ଗତିଶୀଳ ସାମାଜିକ ଜୀବନର ଆଦର୍ଶାପ୍ରିତ ସ୍ୱପ୍ନସୂଚିତ ପ୍ରବନ୍ଧ ଗୁଡ଼ିକରେ ମାଳକଣ୍ଠଙ୍କର ଅନୁଭୂତିସ୍ନିଗ୍ଧ ଓ ଯୁକ୍ତିବାଦ ମମର୍ଥିତ ବିଷୟବସ୍ତୁ ବିନ୍ୟାସରେ ରୂପାୟିତ। ନବଯୁଗର ଜୀବନମନ୍ତ୍ର ମାନବ ମର୍ଯ୍ୟାଦା ବୋଧ, ଅନ୍ୟାୟ ଅଯୁକ୍ତି କୁଯୁକ୍ତି ଓ ବୁଦ୍ଧିହୀନ ମୋହାଚ୍ଛନ୍ନତା ବିପକ୍ଷରେ ପ୍ରତିବୋଧର ମନୋଭାବ ଏହି ରଚନା ଗୁଡ଼ିକରେ ବଳିଷ୍ଠ ଭାବରେ ପ୍ରକଟିତ ହୋଇଅଛି।

## ସଂସ୍କାରମୁଖୀ ପ୍ରବନ୍ଧର ଯୁକ୍ତିତର୍କ ସିଦ୍ଧ ଗଦ୍ୟ ରଚନା ରୀତି—

ମାଳକଣ୍ଠଙ୍କ ସମାଜ ସଂସ୍କାର ମୂଳକ ପ୍ରବନ୍ଧାବଳୀର ଭାଷାରୀତି ଓ ରଚନା ପଦ୍ଧତି ଆଲୋଚନା କଲାବେଳେ ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ବଙ୍ଗଳା ଗଦ୍ୟର ପ୍ରାଣବାନ୍ ସ୍ରଷ୍ଟା ରାମମୋହନ ରାୟଙ୍କ ଭାଷାରୀତି ପ୍ରସଙ୍ଗକ୍ରମେ ସୂଚିତ ହୋଇପାରେ। ଆଧ୍ୟାତ୍ମିକ ବା ଧର୍ମ ବିଷୟକ ସ୍ୱାଧୀନ ଆଲୋଚନା ଅବସରରେ ରାମମୋହନଙ୍କ ଯୁକ୍ତିବାଦୀ ସ୍ୱାଧୀନ ଚିନ୍ତା ଓ ଜୀବନ ଦର୍ଶନର ପ୍ରକାଶ ଘଟିଥିଲା। ସଦ୍ୟଜାତ ବଙ୍ଗଳା ଗଦ୍ୟକୁ ସେ ବାଦାନୁବାଦ ଓ ତର୍କ ବିତର୍କ ମଧ୍ୟରେ ପ୍ରତିପାଳନ କରିଥିଲେ। ଗଦ୍ୟ ଭାଷା ମୂଳତଃ "a language of discourse."—ଯୁକ୍ତିତର୍କ ତା'ର ପ୍ରାଣ। ନୂତନ ସାମାଜିକ ପରିବେଶରେ ଯୁକ୍ତିତର୍କ ଓ ବୁଦ୍ଧି ବିବେଚନାର ଅବକାଶ ଘଟିବାରୁ କାବ୍ୟର ଛନ୍ଦୋବନ୍ଧନ ଛିନ୍ନକରି ନବଯୁଗର ବନ୍ଧନମୁକ୍ତ ବଳିଷ୍ଠ ବେଗବାନ୍ ବଙ୍ଗଳା ଗଦ୍ୟଭାଷାର ଦ୍ରୁତ ବିକାଶ ଘଟିଲା। ରାମ-ମୋହନ ବଙ୍ଗଳା ଗଦ୍ୟକୁ ପ୍ରଥମେ ବେଗବଳିଷ୍ଠତା ଓ ଯୁକ୍ତିବଦ୍ଧତା

(୨୭) ଉତ୍କଳ ସାହିତ୍ୟ—ଭା ୧୫। ୬-୭ ସଂଖ୍ୟା, ପୃଷ୍ଠା ୨୦୮

Digitized by PPRACHIN, SOA

ଦେଇଥିଲେ । ପରେ ଜଟିଳ ସାମାଜର ଆବର୍ତ୍ତ ମଧ୍ୟରେ ବିଦ୍ୟାସାଗରଙ୍କ ଲେଖମାନରେ ଏହାର ପରିଚ୍ଛନ୍ନ ଓ ଯୁକ୍ତି ବିନ୍ୟସ୍ତ ରୂପ ପ୍ରକାଶିତ ହେଲା । (୨୮) ମାଳକଣ୍ଠଙ୍କ ସଂସ୍କାରମୂଳକ ଗଦ୍ୟରଚନା ଖାଣ୍ଟି ଯୁକ୍ତିତର୍କସିଦ୍ଧ । ଏଥିରେ ଲେଖକଙ୍କ ବୁଦ୍ଧିବାଦୀ ଦୃଷ୍ଟିକୋଣ ସ୍ପଷ୍ଟ ପ୍ରକାଶିତ । ରଚନା ଗୁଡ଼ିକରେ ଯୌକ୍ତିକତା, ସ୍ୱାଧୀନ ଚିନ୍ତା, ଜୀବନ ଦର୍ଶନର ପ୍ରକାଶ ମାଳକଣ୍ଠ ଗଦ୍ୟର ଶକ୍ତିମତ୍ତା ଓ ବେଗଶୀଳତାର ଲକ୍ଷଣ । ଏହି ତାର୍କିକ ଦୃଷ୍ଟିଭଙ୍ଗୀ ପ୍ରବନ୍ଧ ଗୁଡ଼ିକର ନାମକରଣରେ ନିହିତ ।

## ଆର୍ଯ୍ୟଜୀବନ ଧାରାର ସାଂସ୍କୃତିକ ବ୍ୟାଖ୍ୟା:—

ଆର୍ଯ୍ୟ ଜୀବନ ସଂପର୍କିତ ପ୍ରବନ୍ଧାବଳୀ ଧାରାବାହିକ ଭାବେ ପତ୍ରିକାରେ ପ୍ରକାଶିତ ହେବା ପରେ ପୁନର୍ଲିଖିତ ହୋଇ ପୁସ୍ତକରେ ସଂକଳିତ ହୋଇଥିଲା । (୨୯) ପ୍ରବନ୍ଧ ଗୁଡ଼ିକରେ ଆର୍ଯ୍ୟ ଜୀବନର ସ୍ଥିତି, ବିକାଶ ଓ ବ୍ୟାପ୍ତିର ଅନୁସନ୍ଧାନରେ ମାଳକଣ୍ଠ ପ୍ରବୃତ୍ତ । ଆର୍ଯ୍ୟ ଜୀବନ ଧାରାର ଏହା ଏକ ଚିତ୍ତାକର୍ଷକ ସାଂସ୍କୃତିକ ବ୍ୟାଖ୍ୟା । ଆର୍ଯ୍ୟ ଜୀବନର ପରିଚୟ ଓ ସ୍ୱାଭାବିକ ଧାପ୍ତି ସଚିତ ହୋଇ ଜୀବନର ସମ୍ଭୋଗ ମଧ୍ୟରେ ଆର୍ଯ୍ୟ ଜୀବନର ଉତ୍ପତ୍ତି, ବ୍ୟାପ୍ତି ଓ ପରିଣତି ଲେଖକ ନିର୍ଣ୍ଣୟ କରିଛନ୍ତି । ବ୍ୟାପକ ଆଧ୍ୟାତ୍ମିକତାରୁ ଆର୍ଯ୍ୟର ଧର୍ମଭାବର ଉତ୍ପତ୍ତି ଓ କର୍ତ୍ତବ୍ୟ ସହ ଧର୍ମର ସାମ୍ୟ ମଧ୍ୟ ନିରୂପିତ । ଆର୍ଯ୍ୟ ଜୀବନର ମୂଳାଧାର ଆଧ୍ୟାତ୍ମିକତା, ତାର ସାଧନା ଆତ୍ମପ୍ରସାର ଓ ଆଦର୍ଶ ସୋଽହଂ । ଏହି ତତ୍ତ୍ୱମୁଖୀ ବିଷୟ ଲେଖକଙ୍କ ବିଶ୍ଳେଷଣ ନୈପୁଣ୍ୟ ଓ ପ୍ରକାଶ ଭଙ୍ଗୀର ପ୍ରବହମାନତା ହେତୁ ଅପରୂପ ଶ୍ରୀ ଧାରଣ କରିଅଛି । ଗୁରୁଗମ୍ଭୀର ଦାର୍ଶନିକ ବିଷୟବସ୍ତୁ ଉପସ୍ଥାପନରେ ଲେଖକଙ୍କ ରଚନା କୌଶଳ, ବାକ୍ୟ ବିନ୍ୟାସର ସଂଯମ, ଓଜଗୁଣର ପ୍ରକାଶ ଯଥାର୍ଥରେ ମାଳକଣ୍ଠଙ୍କ ଶୈଳୀର ସ୍ୱାତନ୍ତ୍ର୍ୟ । ଲେଖକଙ୍କ ପାଣ୍ଡିତ୍ୟ ଓ ମନୀଷାର ମୁଦ୍ରାଙ୍କ ବହନ କରି ରଚନା

---

(୨୮) ବିଦ୍ୟାସାଗର ଓ ବାଙ୍ଗାଲୀ ସମାଜ—ବିନୟ ଘୋଷ (୧ମ ଖଣ୍ଡ)—ପୃଷ୍ଠା ୫୪-୫୫

(୨୯) ସତ୍ୟବାଦୀ ଭା ୧।୨ ସଂଖ୍ୟାଠାରୁ ଭା ୩।୭-୮ ସଂଖ୍ୟା ପର୍ଯ୍ୟନ୍ତ ତେର ଗୋଟି ସଂଖ୍ୟାରେ ପ୍ରକାଶିତ । ପୁସ୍ତକ ଆକାରରେ ପ୍ରଥମ ପ୍ରକାଶ ୧୯୨୧ ।

Digitized by PPRACHIN, SOA

ମଧ୍ୟରେ ଜାଗ୍ରତ ପ୍ରାଣର ଏହି ଆତ୍ମସନ୍ଧାନ ଓ ସମୀକ୍ଷା ଅପୂର୍ବ ସାହିତ୍ୟିକ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଅଛି ।

## ପୃଥିବୀର ଚାରି ପ୍ରଧାନ ଧର୍ମ ମଧ୍ୟରେ ସମନ୍ୱୟ:—

ଧର୍ମ ସମ୍ବନ୍ଧରେ ନୀଳକଣ୍ଠଙ୍କ ଉଦାର ମନୋଭାବର ପରିଚୟସୂଚକ "ପୃଥିବୀର ଚାରି ପ୍ରଧାନ ଧର୍ମ" ପ୍ରବନ୍ଧ । (୩୦) ସମାଜ ସଂସ୍କାରମୂଳକ ପ୍ରବନ୍ଧ ପରି ଏଥିରେ ଲେଖକଙ୍କ ସମନ୍ୱୟାତ୍ମକ ଭାବଧାରା ପ୍ରକାଶିତ । ନୀଳକଣ୍ଠ ଏହି ପ୍ରବନ୍ଧରେ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟ ଓ ମୁସଲମାନ ଚାରି ପ୍ରଧାନ ଧର୍ମର ପରିଚୟ ଦେଇ ଭାରତବର୍ଷରେ ଏହି ଧର୍ମ ସମନ୍ୱୟର ବିକାଶ ଜନିତ ସାମାଜିକ ସମ୍ମେଳନ ହେତୁ ଆନନ୍ଦିତ ହୋଇଛନ୍ତି । ନୀଳକଣ୍ଠଙ୍କର ଏହି ପ୍ରବନ୍ଧ ଆଲୋଚନା କଲାବେଳେ ପନ୍ଦର ବର୍ଷ ପୂର୍ବେ (୧୩୧୧ ଭାଦ୍ର) ଲିଖିତ ରବୀନ୍ଦ୍ରନାଥ ଠାକୁରଙ୍କ 'ସ୍ୱଦେଶୀ ସମାଜ' ଶୀର୍ଷକ ପ୍ରସିଦ୍ଧ ପ୍ରବନ୍ଧ ପ୍ରସଙ୍ଗ ସମାନ୍ତରାଳ ଭାବେ ବିଚାର କରାଯାଇ ପାରେ । ଏ ପ୍ରବନ୍ଧରେ ରବୀନ୍ଦ୍ରନାଥ ଭାରତବର୍ଷର ଜୀବନ ପ୍ରବାହ ମଧ୍ୟରେ ପୃଥିବୀର ଚାରି ପ୍ରଧାନ ଧର୍ମର ମିଳନ ଲକ୍ଷ୍ୟ କରି ଆନନ୍ଦିତ । ବହୁ ବୈଚିତ୍ର୍ୟ ମଧ୍ୟରେ ଐକ୍ୟ ସ୍ଥାପନ ଭାରତର ଅନ୍ତର୍ନିହିତ ଧର୍ମ । ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ଭାରତରେ ସେ ଗୁଡ଼ିକ ଏକ ସୂତ୍ରରେ ଗ୍ରଥିତ । "ଏହି ରୂପେ ପୃଥିବୀର ଚାରି ପ୍ରଧାନ ଧର୍ମକୁ ଅବଲମ୍ବନ କରି ହିନ୍ଦୁ, ମୁସଲମାନ, ବୌଦ୍ଧ ଓ ଖ୍ରୀଷ୍ଟାନ ଏହି ଚାରୋଟି ବୃହତ ସମାଜ ଭାରତ ବର୍ଷରେ ମିଳିତ ହୋଇଅଛି । ବିଧାତା ଏକ ବୃହତ୍ ସାମାଜିକ ସମ୍ମେଳନ ନିମିତ୍ତ ଭାରତବର୍ଷରେ ଯେପରି ଏକ ବଡ଼ ରାସାୟନିକ କାରଖାନା ଖୋଲିଛନ୍ତି ।" (୩୧) ନୀଳକଣ୍ଠଙ୍କ ପ୍ରବନ୍ଧର ପ୍ରତିପାଦ୍ୟ ବିଷୟ ସହ ଏହି ଅଂଶର ଆଶ୍ଚର୍ଯ୍ୟ ସାମଞ୍ଜସ୍ୟ ଅଛି । ଧର୍ମ ସଂପର୍କରେ ନୀଳକଣ୍ଠ ବିଶ୍ଳେଷଣ କରି କହନ୍ତି, ଧର୍ମ ପଥରେ ସମାଜର ସ୍ୱାଭାବିକ ବିକାଶ । ପରେ ବ୍ୟକ୍ତି ସମାଜ ଉପରେ ଅତ୍ୟାଚାର, ଆଧିପତ୍ୟ ବିସ୍ତାର କରି ଆତ୍ମପ୍ରସାରକାମୀ ହୁଏ । ଫଳତଃ ସମାଜର ବିକାଶ ଧାରା ରୁଦ୍ଧ ହୁଏ । କିନ୍ତୁ ଧର୍ମ କ୍ରମେ ସ୍ୱାଭାବିକ ବିକାଶ ଆଡ଼କୁ ଗତିଶୀଳ

---

(୩୦) ସତ୍ୟବାଦୀ. ଭ ୫ । ୮-୯ ସଂଖ୍ୟା

(୩୧) ରବୀନ୍ଦ୍ର ରଚନାବଳୀ-ଦ୍ୱାଦଶ ଖଣ୍ଡ (ସ୍ୱଦେଶୀ ସମାଜ ପ୍ରବନ୍ଧ) ପୃଷ୍ଠା ୬୯୯

Digitized by PPRACHIN, SOA

ହେଉଥିବାରୁ ଲେଖକ ଆଶ୍ୱସ୍ତ । ବ୍ୟକ୍ତିଗତ ମତ ଓ କ୍ରିୟାର ସ୍ୱାଧୀନତା ସତ୍ତ୍ୱେ ସର୍ବଧର୍ମ ସମନ୍ୱୟ ଓ ମାନବ ପ୍ରୀତି ପୃଥିବୀର ଲୋକଙ୍କୁ କ୍ରମେ ଆକର୍ଷଣ କରୁଥିବାରୁ ଗୀତାର 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟ ହଂ' ବାଣୀ ସଫଳ ହେଉଅଛି । ଲେଖକଙ୍କ ଦୃଷ୍ଟିରେ ଏହା ପୃଥିବୀ ପକ୍ଷରେ ଶୁଭଙ୍କର ।

## ଶିକ୍ଷାମୂଳକ ପ୍ରବନ୍ଧ—

ଲୌକିକ ବିଜ୍ଞାନ, ଶିକ୍ଷାର ଭବିଷ୍ୟତ, ଇଂରେଜୀ ଶିକ୍ଷାର ମୋହ ତିନିଗୋଟି ପ୍ରବନ୍ଧ ଶିକ୍ଷା ସମ୍ପର୍କିତ । (୩୨) ପ୍ରଥମ ପ୍ରବନ୍ଧରେ ବିଜ୍ଞାନ ସହ ଶିକ୍ଷାର ସମ୍ପର୍କ ନିରୂପିତ । ସାଧାରଣ ଜୀବନର କ୍ରିୟା, ଅନୁଭବ ଓ ପରି-ଦର୍ଶନରେ ବିଜ୍ଞାନର ଆଲୋଚନା ନିହିତ । ପ୍ରକୃତିର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଲବ୍ଧ ପ୍ରୀତିକର ଜ୍ଞାନ ଲୌକିକ ବିଜ୍ଞାନ ଆମ୍ଭମାନଙ୍କର ନିତ୍ୟ ପ୍ରତ୍ୟକ୍ଷୀଭୂତ । ବ୍ୟବହାରଯୋଗ୍ୟ ଓ ଅନୁଭବଗମ୍ୟ ବିଷୟଗୁଡ଼ିକ ମଧ୍ୟରେ ବିଜ୍ଞାନର ସୁନ୍ଦର ତତ୍ତ୍ୱ ନିହିତ । ମନରେ ବୈଜ୍ଞାନିକ ଅନୁସନ୍ଧିତ୍ସା ଜାତ ନିମନ୍ତେ ପ୍ରବନ୍ଧର ଅବତାରଣା । "ଶିକ୍ଷାର ଭବିଷ୍ୟତ" ପ୍ରବନ୍ଧରେ ପ୍ରାଚୀନ ଗୁରୁକୁଳ ଶିକ୍ଷା ସହ ଆଧୁନିକ ଶିକ୍ଷା ପଦ୍ଧତିର ତୁଳନାତ୍ମକ ଚିତ୍ର ସନ୍ନିବେଶିତ । ଶିକ୍ଷାକୁ ବ୍ୟକ୍ତିର ଉପଯୋଗୀ, ଜାତିର ଆକାଂକ୍ଷା ଓ ଆଦର୍ଶର ଅନୁରୂପ ପ୍ରୟୋଗ କରିବାରେ ଲେଖକ ପକ୍ଷପାତୀ । ଦେଶବାସୀଙ୍କୁ ଜାଗ୍ରତ କରିବାର ଏକମାତ୍ର ପନ୍ଥା ଶିକ୍ଷା । ଜାତିର ଶିକ୍ଷା ବିସ୍ତାର କ୍ଷେତ୍ରରେ ରାଷ୍ଟ୍ରର ଔଦାସୀନ୍ୟ ତାଙ୍କଦ୍ୱାରା ସମାଲୋଚିତ ।

ଇଂରେଜୀ ଶିକ୍ଷା ଭାରତର ଲୋକମାନଙ୍କୁ ପରାଧୀନ ମନୋବୃତ୍ତି ସମ୍ପନ୍ନ କରିଥିଲେ ହେଁ ଏ ଶିକ୍ଷାର ସୁଫଳ ସ୍ୱୀକାର କରିବାରେ ଲେଖକ କୁଣ୍ଠିତ ନୁହନ୍ତି । ଇଂରାଜୀ ଭାଷା ଉନ୍ନତ; ଏହାର ସାହିତ୍ୟ ସମ୍ଭାର ବିସ୍ତୀର୍ଣ୍ଣ । ତେଣୁ ଦେଶ ସ୍ୱରାଜ୍ୟ ଲାଭ କଲେ ଇଂରାଜୀ ଶିକ୍ଷା ରହିବ ନାହିଁ ଏ ଆଶଙ୍କା ଅମୂଳକ । ସ୍ୱରାଜ୍ୟରେ ଭାରତ ପୃଥିବୀ ସଭ୍ୟତାରୁ ବିଚ୍ଛିନ୍ନ ହେବ ନାହିଁ । 'କର୍ମ ବିବେକ ବା ବ୍ୟବହାର ବିଚକ୍ଷଣତା'

---

(୩୨) ସତ୍ୟବାଦୀ ୫ । ୬-୭ ଲୌକିକ; ସତ୍ୟବାଦୀ ୫ । ୮-୯ ଶିକ୍ଷାର ଭବିଷ୍ୟତ, ସତ୍ୟବାଦୀ ୬ । ୫ ଇଂରାଜୀ ଶିକ୍ଷାର ମୋହ, ସତ୍ୟବାଦୀ ୫ । ୮-୯ କର୍ମ ବିବେକ ବା ବ୍ୟବହାର ବିଚକ୍ଷଣତା ।

Digitized by PPRACHIN, SOA

ନୀଳକଣ୍ଠଙ୍କର ଅନ୍ୟ ଏକ ଶିକ୍ଷାମୂଳକ ପ୍ରବନ୍ଧ । Helps ସାହେବଙ୍କ ଲିଖିତ 'On practical wisdom' ନାମକ ପ୍ରବନ୍ଧର ଏହା ଅନୁବାଦ । ସାଧାରଣ ସଂସାର କର୍ମ ଯଥାଯଥ ରୂପେ ସମ୍ପାଦନ କରିବାର ଜ୍ଞାନ ଓ ନିପୁଣବିଧାନ କର୍ମ ବିବେକ ନାମରେ କଥିତ । ଏହା ମନୁଷ୍ୟର ମନୋଜଗତରେ ମାଧ୍ୟାକର୍ଷଣ ଶକ୍ତି । ମନର ବୃତ୍ତିମାନଙ୍କର ଯଥାଯଥ ଅବସ୍ଥିତି, ପାରସ୍ପରିକ ଆପେକ୍ଷିକତା ଓ ସଂହତି ଏହା ଫଳରେ ରକ୍ଷିତ ହୋଇଥାଏ । ମନୁଷ୍ୟର ନିପୁଣ କର୍ମ ସଂଯତ, ଶୃଙ୍ଖଳିତ ଓ ନୀତିମୂଳକ ହେବା ନିମନ୍ତେ ଏହି ପ୍ରବନ୍ଧରେ ସୂଚନା ଅଛି । ପ୍ରବନ୍ଧର ବ୍ୟାବହାରିକ ଓ ଶିକ୍ଷଣୀୟ ଗୁରୁତ୍ୱ ଅଛି । ବ୍ୟକ୍ତି ଜୀବନର ମୋହ ଅପସାରଣ ପୂର୍ବକ ତାର ବୃତ୍ତିଗୁଡ଼ିକର ସମୁଚିତ ବିକାଶ ସାଧନ ନିମନ୍ତେ ଶିକ୍ଷାବ୍ରତୀ ନୀଳକଣ୍ଠଙ୍କ ଭାବନା ଓ ଆଦର୍ଶ ଏ ପ୍ରବନ୍ଧଗୁଡ଼ିକରେ ରୂପାୟିତ ।

**ଜାତୀୟତାର ଭିତ୍ତି ଭୂମି : ଭାଷା ଓ ସାହିତ୍ୟ**—ଯୌବନର ପ୍ରଶସ୍ତି ଗାନ:—

'ଜାତୀୟତାର ଭିତ୍ତିଭୂମି' ପ୍ରବନ୍ଧରେ ଦେଶର ନବଜାତ ଜାତୀୟ ଭାବର ପୁଷ୍ଟିସାଧନ କ୍ଷେତ୍ରରେ ଜାତୀୟ ଭାଷା ଓ ସାହିତ୍ୟର ଉପଯୋଗିତା ସ୍ୱୀକୃତ । ନୀଳକଣ୍ଠଙ୍କ ପ୍ରାରମ୍ଭିକ ଗଦ୍ୟ ରଚନାର ଦୁର୍ବଳତା ଏ ବେଳକୁ ପୂର୍ଣ୍ଣ ଅପସୃତ । ବାକ୍ୟ ଗଠନର ସ୍ୱାଭାବିକତା, ପ୍ରାଣ ପ୍ରାଚୁର୍ଯ୍ୟ ଓ ଯୁକ୍ତି ନିଷ୍ଠାରେ ଭାଷାର ଅସାମାନ୍ୟ ଶକ୍ତି ପ୍ରକଟିତ । ଦୃଷ୍ଟାନ୍ତ ସ୍ୱରୂପ—ବିଶିଷ୍ଟ ଭୂମି ଖଣ୍ଡ ଜାତୀୟତାର ବିଗ୍ରହ; ଜାତୀୟ ଆଦର୍ଶର ଗଣ୍ଡି, କିନ୍ତୁ ପ୍ରାଣ କିଏ ? ସମସ୍ତେ ସ୍ୱୀକାର କରିବେ ଭାବ ହିଁ ଏହାର ପ୍ରାଣ । ଭାବର ପ୍ରଚୁରରେ ଏହି ଆଦର୍ଶରେ ପ୍ରାଣ ପ୍ରତିଷ୍ଠା ହେବ । (୩୩) ନୀଳକଣ୍ଠଙ୍କ ଦୃଷ୍ଟିରେ ଭାଷା ଓ ସାହିତ୍ୟ ହିଁ ଆଧୁନିକ ଜାତୀୟତାର ଭିତ୍ତିଭୂମି । 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା' ଲେଖକଙ୍କ ମୌଳିକ ଚିନ୍ତା ପ୍ରସୂତ ଭାବୋଦ୍ଦୀପକ ଦୀର୍ଘ ରଚନା । (୩୪) ଯୁବ ଶକ୍ତି ଉପରେ ଅଖଣ୍ଡ ଆସ୍ଥା, ଯୁବପ୍ରାଣରେ ବିଶ୍ୱଶକ୍ତିର ପ୍ରକାଶ, ଯୁବସମ୍ଭାବନାର ସ୍ୱାତନ୍ତ୍ୟ ମଧ୍ୟରେ

---

(୩୩) ସତ୍ୟବାଦୀ ୫ । ୮-୯ ପୃଷ୍ଠା ୨୩୪ ।

(୩୪) ସତ୍ୟବାଦୀ ୭ । ୪ ସଂଖ୍ୟା ।

Digitized by PPRACHIN, SOA

ଲେଖକ ମଙ୍ଗଳର ଇଂଗିତ ନିର୍ଣ୍ଣୟ କରିଛନ୍ତି । 'ଏକାମ୍ର କାନନ' ଶୀର୍ଷକ ଦୀର୍ଘ ଐତିହାସିକ ପ୍ରବନ୍ଧରେ ଭୁବନେଶ୍ୱର କ୍ଷେତ୍ରର ପ୍ରାଚୀନତା, ମାହାତ୍ମ୍ୟ ଓ ଐତିହ୍ୟ ପ୍ରମାଣିତ । (୩୫) ସ୍କନ୍ଦ ପୁରାଣ ଓ କପିଳ ସଂହିତାରୁ ଉଦ୍ଧୃତି ଦେଇ ଲେଖକ ପୁଣ୍ୟ ଭୂମି ଉତ୍କଳର ମହିମା କୀର୍ତ୍ତନ କରିଛନ୍ତି । ପ୍ରବନ୍ଧ ମଧ୍ୟରେ ଲେଖକଙ୍କ ଅତୀତମୁଖୀ ଦୃଷ୍ଟି, ଐତିହାସିକ ତଥ୍ୟ ନିଷ୍ଠା, ସ୍ୱଜାତି ବୋଧର ଲକ୍ଷଣ ପ୍ରକାଶିତ । ଦେଶର ଅତୀତ କୀର୍ତ୍ତିକୁ ଆଧାର କରି ଦେଶବାସୀଙ୍କ ଜାତୀୟ ଚେତନାର ଉଦ୍‌ବୋଧନ ସତ୍ୟବାଦୀ ଲେଖକ ଗୋଷ୍ଠୀର ଏକ ସାଧାରଣ ବୈଶିଷ୍ଟ୍ୟ । ଦେଶର ନଦୀ ପୁଷ୍କରିଣୀ, ବନ-ପର୍ବତ, ପଥ ପ୍ରାନ୍ତର, ଦୁର୍ଗ ଦେବାଳୟର ଯଥାର୍ଥ ପରିଚୟ ଲାଭ ନିମନ୍ତେ, ସେମାନଙ୍କଠାରେ ବ୍ୟାକୁଳତା ପ୍ରକାଶିତ । ନୀଳକଣ୍ଠଙ୍କ 'ଏକାମ୍ର କାନନ' ପ୍ରବନ୍ଧ ସେହି ଉଦ୍‌ବୋଧ ପ୍ରସୂତ "ବିକ୍ରମାଦିତ୍ୟ ଓ କାଳିଦାସ" ଶୀର୍ଷକ ପ୍ରବନ୍ଧ ଉତ୍କଳ ସାହିତ୍ୟ ସମାଜର ଅଧିବେଶନରେ (୧୫ । ୪ । ୧୯୧୭) ପଠିତ ହୋଇଥିଲା (୩୬) । ବିକ୍ରମାଦିତ୍ୟଙ୍କ ସହ କାଳିଦାସଙ୍କ ସମ୍ପର୍କରେ ଐତିହାସିକ ଆଲୋଚନାକୁ ଭିତ୍ତି କରି ପ୍ରବନ୍ଧ ଲିଖିତ ।

## ଗଦ୍ୟ ଶୈଳୀର ବୈଶିଷ୍ଟ୍ୟ :—

ନୀଳକଣ୍ଠଙ୍କ ସମାଲୋଚନା ଓ ପ୍ରବନ୍ଧାବଳୀ ମଧ୍ୟରେ ଗଦ୍ୟଶିଳ୍ପୀ ନୀଳକଣ୍ଠଙ୍କ ବଶିଷ୍ଟ ରୂପ ଆଭାସିତ । ଲେଖକଙ୍କ ବ୍ୟକ୍ତିତ୍ୱର ସ୍ପର୍ଶଲାଭ କରି ଏହା ଅଧିକ ହୃଦ୍ୟ । ସଂସ୍କାର ମୁକ୍ତ ଚିନ୍ତା, ସମନ୍ୱୟମୂଳକ ଦୃଷ୍ଟିଭଙ୍ଗୀ, ଯୌକ୍ତିକତା ଓ ବୁଦ୍ଧିବାଦ, ସଂସ୍କୃତ ଚେତନା, ସମାଲୋଚନାରେ ନିରପେକ୍ଷତା ଓ ବ୍ୟକ୍ତିନିଷ୍ଠତାର ପ୍ରକାଶ ନୀଳକଣ୍ଠଙ୍କ ରଚନାର ପ୍ରଧାନ ବୈଶିଷ୍ଟ୍ୟ । ସର୍ବୋପରି ଲେଖକଙ୍କ ଗଭୀର ଜ୍ଞାନ, ମନନଶୀଳତା, ବ୍ୟକ୍ତି-ସ୍ୱାତନ୍ତ୍ର୍ୟ, ଚିନ୍ତା ଓ ଶୈଳୀଗତ ସ୍ୱକୀୟତାର ଚିହ୍ନ ପରିପୁଷ୍ଟ । ବିଷୟବସ୍ତୁର ଗାମ୍ଭୀର୍ଯ୍ୟ ଓ ଶୃଙ୍ଖଳାବଦ୍ଧତା; ଭାଷା ରୀତିର ସ୍ୱଚ୍ଛତା ଓ ପ୍ରବହମାନତା ମଧ୍ୟରେ ରଚନାଗୁଡ଼ିକ ଅନୁପମ ମନୋଜ୍ଞ ଅଭିବ୍ୟକ୍ତି ଲାଭ କରିଅଛି । ପୁଣି ଏଗୁଡ଼ିକ ବହୁସ୍ଥଳରେ ନୀଳକଣ୍ଠ କଥାନ୍ତର ସରିର ନିବିଡ଼ ସ୍ପର୍ଶ ହେତୁ

---

(୩୫) ଉତ୍କଳ ସାହିତ୍ୟ ଭା୨୦ । ୩, ୨୦ । ୪ ଓ ୨୦ । ୫ ଚିତ୍ରଗୋଟି ସଂଖ୍ୟାରେ ପ୍ରକାଶିତ ।

(୩୬) ସତ୍ୟବାଦୀ—୩ । ୧-୨ ।

Digitized by PPRACHIN, SOA

ଅପରୂପ ସୌନ୍ଦର୍ଯ୍ୟମଣ୍ଡିତ ହୋଇ ବ୍ୟକ୍ତିନିଷ୍ଠ ପ୍ରବନ୍ଧର କୋଠୀକୁ ଉନ୍ନୀତ । ଏକ ଦିଗରେ ବିଷୟନିଷ୍ଠ ପ୍ରବନ୍ଧସୁଲଭ ତଥ୍ୟ ଓ ତତ୍ତ୍ୱର ବିଶୃର ବିଶ୍ଳେଷଣ, ଯୁକ୍ତିମୂଳକ କ୍ରମଶୃଙ୍ଖଳା ମଧ୍ୟଦେଇ ସିଦ୍ଧାନ୍ତ ପ୍ରତିଷ୍ଠାରେ ନୀଳକଣ୍ଠଙ୍କ ପ୍ରବଣତା ପ୍ରକାଶିତ । ପୁଣି ବ୍ୟକ୍ତିନିଷ୍ଠ ପ୍ରବନ୍ଧତୁଲ୍ୟ ବିଷୟ-ବସ୍ତୁକୁ ଆତ୍ମଗତ ଭାବରସରେ ସ୍ନିଗ୍ଧ କରି ପାଠକ ହୃଦୟକୁ ଗଭୀର ଭାବେ ଅଭିଭୂତ କରିବାର ନିପୁଣତା ତାଙ୍କଠାରେ ସମଭାବରେ ବିଦ୍ୟମାନ । ନୀଳକଣ୍ଠଙ୍କ ରଚନାବିଭବ ଯଥାର୍ଥରେ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱାତନ୍ତ୍ର୍ୟଭୂଷିତ ସମ୍ପଦ । ପରବର୍ତ୍ତୀ କାଳରେ ସଂସ୍କୃତି ସମ୍ବନ୍ଧୀୟ ଗୀତା ଭୂମିକା, ସଂସ୍କୃତ ଓ ସଂସ୍କୃତି, ସାହିତ୍ୟାଲୋଚନାମୂଳକ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକ ଦ୍ୱୟ ଓ ନବ ଭାରତ ପତ୍ରିକାରେ ପ୍ରକାଶିତ ରଚନାବଳୀରେ ପରିଲକ୍ଷିତ ଚିନ୍ତାର ମୌଳିକତା ଓ ଶୈଳୀଗତ ସ୍ୱକୀୟତାର ଯଥାର୍ଥ ପ୍ରାଣସ୍ପନ୍ଦ ୧୯୨୦ ମଧ୍ୟରେ ଲିଖିତ ପ୍ରବନ୍ଧାବଳୀରେ ଅନ୍ୱେଷଣ କରାଯାଇପାରେ ।

Digitized by PPRACHIN, SOA

# ପିତୃସ୍ମୃତି

ଅଧ୍ୟାପକ ଡାକ୍ତର **ବିକ୍ରମ ଦାସ**

ପାହାଡ଼ତଳ ଭୂଇଁରେ ଖରା ବେଶୀ କାଟେ । ପାହାଡ଼ର ଉପରକୁ ଉପରକୁ ବେଶୀ ଉଠିଲେ, ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହେବା ସଙ୍ଗେ ସଙ୍ଗେ ଖରାର ତେଜ କମିଯାଏ, ଏପରିକି ଅତି ଉଚ୍ଚକୁ ଚାଲିଗଲେ ବରଫ ଭୂଇଁରେ ଦେହ ଶୀତେଇ ଉଠେ । ସୂର୍ଯ୍ୟଙ୍କ କାଟେଣି ସେଠାରେ କାଟେ ନାହିଁ । ସେହିପରି ଜଣେ ତେଜସ୍ୱୀ ମହାପୁରୁଷ ସମଗ୍ର ଦେଶ ଓ ସମାଜକୁ ତାଙ୍କର ଜ୍ଞାନ ଓ କର୍ମର ତେଜରେ ଉଦ୍‌ବୁଦ୍ଧ କଲାବେଳେ, ତାଙ୍କର ନିଜର ସନ୍ତାନ, ପାଖଲୋକ ଓ ଗ୍ରାମବାସୀମାନେ ସେ ପ୍ରଭାବ ଅନୁଭବ କରିବାର ସୁବିଧା ପାଆନ୍ତି ନାହିଁ । ବିଶେଷରେ ପାଖଲୋକେ ସେ ବ୍ୟକ୍ତିତ୍ୱର ମହିମା ବୁଝି ପାରନ୍ତି ନାହିଁ । କିନ୍ତୁ ସେ ଇହଧାମ ତ୍ୟାଗକରି ଦୂରକୁ ଚାଲିଯିବା ପରେ ସେ ଅଭାବ ଯେପରିଭାବରେ ଅନୁଭୂତ ହୁଏ ଏବଂ ସେ ଛାଡ଼ି ଯାଇଥିବା ଶହୀର ଖିଅଧରି ବିସ୍ମୃତି ଗର୍ଭରୁ ପୂର୍ବ ସ୍ମୃତିଗୁଡ଼ିକ ଯେପରି ଭାବରେ ମୁଣ୍ଡ ଟେକି ନିଜଲୋକଙ୍କ ମନରାଜ୍ୟରେ ଝଡ଼ ଝଞ୍ଜା ସୃଷ୍ଟି କରନ୍ତି, ତାହା ବର୍ଣ୍ଣନା କରିବା କଷ୍ଟକର ।

ମହାତ୍ମା ଗାନ୍ଧି ଓ ଗୋପବନ୍ଧୁଙ୍କ ଡାକରେ ଜାତୀୟ ସଂଗ୍ରାମରେ ଝାସ ଦେଇ ସାରିବାର କେତେକାଳ ପରେ ମୋର ଜନ୍ମ । ତେଣୁ ସେ ସତ୍ୟବାଦୀ ସ୍କୁଲ ମୁଁ ଦେଖିନାହିଁ, ପରେ ଶୁଣିଚି ଓ ପଢ଼ିଚି । ସେଠାରେ ନନା ଓ ତାଙ୍କ ବନ୍ଧୁମାନେ ମଣିଷପରି ମଣିଷଟିଏମାନ ଗଢ଼ୁଥିଲେ । ସେଠାରେ ପିଲମାନଙ୍କୁ ନିଷ୍ଠାପର, ନିର୍ଭୀକ, ସ୍ୱାଧୀନଚେତା ମାନବରୂପେ ତିଆରି କରୁଥିଲେ । ମୋର ଗୋଟିଏ ଘଟଣା ଆଜି ଆଖି ଆଗରେ ଭାସିଯାଉଚି । ସେ ସ୍କୁଲ ଭାଙ୍ଗିବାର ବହୁତ ଦିନ ପରେ ୧୯୩୮-୩୯ରେ କଟକ ଡାକ୍ତରୀ ସ୍କୁଲ ପିଲାଙ୍କର ଧର୍ମଘଟ ଆନ୍ଦୋଳନ ହେଲା । ମୁଁ ସେତେବେଳେ କଲେଜିଏଟ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର, ସ୍କୁଲ ବୋର୍ଡ଼ିଂରେ

Digitized by PPRACHIN, SOA

ଥାଏ । ସେତେବେଳେ ସେ ସ୍କୁଲର ହେଡ଼ମାଷ୍ଟ୍ରେ ସବୁ ଅଭିଭାବକଙ୍କୁ ଚିଠି ଲେଖି ପିଲାମାନଙ୍କୁ ଆନ୍ଦୋଳନରୁ ଦୂରରେ ରଖିବାପାଇଁ ଚେଷ୍ଟା କଲେ । ନନା ସେ ଚିଠିଟି ପାଇ ଯେପରିଭାବରେ ମୋପରି ସେତେବେଳର ଗୋଟିଏ କୋମଳମତି ବାଳକର ମତ ନେଲେ଼ ଠିକ୍ ବାଟରେ ଯିବାର ବାଟ ବତେଇଥିଲେ, ସେପରି ବୋଧହୁଏ ଆଉ କୌଣସି ଅଭିଭାବକ କରି ନଥିବେ । ଏଇ ଚିଠିଟି ହେଲା—

ଲଙ୍ଗ୍‌ଉଡ୍ ହଷ୍ଟେଲ
ସିମଳା, ତା ୨୫।୮।୩୮

ଆୟୁଷ୍ମାନ୍ ବନ୍ଧମ,

ମୋ ଦେହ ଟିକିଏ ଭଲ ହେଲାଣି ।

ତମ ହେଡ଼ମାଷ୍ଟ୍ର ମହାଶୟ ମତେ ଦୁଇଖଣ୍ଡି ଚିଠି ଲେଖିଛନ୍ତି । ଚିଠିରୁ ଜଣାଯାଉଚି ସେଇପରି ଚିଠି ସେ ମଧ୍ୟ ଅନ୍ୟାନ୍ୟ ପିତା, ଅଭିଭାବକଙ୍କ ପାଖକୁ ଲେଖିଛନ୍ତି । ବୋଧ ହେଉଛି, ପିଲାଙ୍କୁ ସମ୍ଭାଳିବା ବିଷୟ ନେଇ ସେ ଟିକିଏ ହଇରାଣରେ ପଡ଼ି ଯାଇଛନ୍ତି । ପିଲାଙ୍କର ଶିକ୍ଷକଙ୍କୁ ଏପରି ହଇରାଣରେ ପକାଇବା ଉଚିତ କି ? ବିଶେଷରେ ତୋ ଠୁଁ ମୁଁ ଏହା ଆଶା କରେନାଇଁ, ଏହା ତୁ ଜାଣୁ । ସ୍କୁଲରେ ବା ଶିକ୍ଷକମାନଙ୍କ କାର୍ଯ୍ୟରେ କୌଣସି ସୁବିଧା ଅସୁବିଧା ହେଲେ, ତୁ ମତେ କହିବୁ ବୋଲି ମୋର ବିଶ୍ୱାସ । ତୁ ତ ହେଡ଼ମାଷ୍ଟରଙ୍କ ମହାଶୟଙ୍କ ସଂବନ୍ଧରେ ବଡ଼ ଭଲ ମତ ଦେଉଥିଲୁ । ଏବେ କଅଣ ହେଲା କି ?

ପ୍ରଥମ ଚିଠିରେ ହେଡ଼ମାଷ୍ଟର ମହାଶୟ ଲେଖିଛନ୍ତି, ତୁ ମଧ୍ୟେ ମଧ୍ୟେ ସିନେମା ଓ ଥିଏଟର ଦେଖିଯିବାକୁ ଅନୁମତି ମାଗୁଛୁ । ତତେ ସେପରି ଜାଗାମାନଙ୍କୁ ସେପରି ଜିନିଷସବୁ ଦେଖିବାକୁ ଛାଡ଼ିବା ମୋର ମତ କି ନୁହେଁ, ଏହା ସେ ପଚାରିଚନ୍ତି । ଯଦି ଛାଡ଼ିବା ମୋର ମତ, ତେବେ ମାସକେ କେତେଥର ଛାଡ଼ିବାକୁ ହେବ । ଏ ପଚାରର କଣ ଉତ୍ତର ଦେବି, ମତେ ଶୀଘ୍ର ଲେଖିବୁ ।

ଦ୍ୱିତୀୟ ଚିଠିରେ ହେଡ଼ମାଷ୍ଟର ମହାଶୟ ଲେଖିଛନ୍ତି, କଟକ ଡାକ୍ତରୀ ସ୍କୁଲ ପିଲାମାନେ Stike କରିଥିଲେ । ସେଇ Stikeରେ ସେଇ ପିଲାଙ୍କ ପ୍ରତି ଅନୁକମ୍ପା ଦେଖାଇବା ପାଇଁ ଗଲା ୧୭ । ୮ । ୩୮ରେ

Digitized by PPRACHIN, SOA

ସଭା ହୋଇଥିଲା । ସେଇ ସଭାରେ ଯୋଗ ଦେବାପାଇଁ ତୁମ ବୋର୍ଡ଼ିଂର ଛାତ୍ରମାନେ ହେଡ଼ମାଷ୍ଟରଙ୍କ ଅନୁମତି ନେଇଥିଲେ । ପିଲାଙ୍କ ପଢ଼ାପଢ଼ିରେ ବ୍ୟାଘାତ ହେବ ଜାଣି ସେ ଅନୁମତି ଦେଲେନାଇ । ସେପରି ସଭାମାନଙ୍କରେ ତତେ ଅନୁମତି ହେବା ମୋର ମତ କି ନା, ଏହା ସେ ମତେ ପଚାରିଛନ୍ତି । ଏଥିରେ ମଧ୍ୟ ତୋର ମନ କଣ ମତେ ଲେଖିବୁ ।

ଏ ମଧ୍ୟରେ ଏ ପତ୍ର ପାଇ ହେଡ଼ମାଷ୍ଟର ମହାଶୟଙ୍କ ପାଖକୁ ଯିବୁ । ଏସବୁ ବିଷୟରେ ଯାହା ତୋ ମନରେ ହେବ, ଭଦ୍ର ଓ ବିନୀତ ଭାବରେ ସବୁ ତାଙ୍କସଙ୍ଗେ ପରାମର୍ଶ କରିବୁ । ସେ ଭଲକଥା କହିବେ, ତୋସଙ୍ଗେ ବିଚାରକରି ତୋର ଯାହା ଭଲ ତା ପରାମର୍ଶ ଦେବେ ।

ତୁ ମୋ ପତ୍ର ପାଇ ହେଡ଼ମାଷ୍ଟରଙ୍କ ସଙ୍ଗେ ଦେଖା କରିବାକୁ ତତେ ମୁଁ ଲେଖୁଚି ବୋଲି ହେଡ଼ମାଷ୍ଟର ମହାଶୟଙ୍କୁ ମଧ୍ୟ ଲେଖିଦେଇଚି ।

× × × ×

ଆଶାକରେ ବିହମୁଣ୍ଡି ଭଲ ଅଛୁ ।

ଶୁଭକାଙ୍କ୍ଷୀ
ନୀଳକଣ୍ଠ ଦାସ

ସେ ହେଡ଼ମାଷ୍ଟରଙ୍କୁ କଅଣ ଲେଖିଥିଲେ ମୁଁ ଜାଣେ ନାହିଁ, କିନ୍ତୁ ଛାତ୍ର ଶିକ୍ଷକର ସମ୍ପର୍କ କପରି ରହିବା ଉଚିତ ଏଥିରୁ ସୂଚନା ମିଳେ ।

ଏହାଛଡ଼ା ଦେଶର ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ଓ କର୍ମଯୋଗୀ କରି ଗଢ଼ିବାପାଇଁ ସେ ଯେଉଁ ଅଦମ୍ୟ ଉଦ୍ୟମ କରିଥିଲେ, ଏବେ ସେଇ ପୁରୁଣା ଚିଠିପତ୍ରରୁ ତାର କେତେକ ଆଭାସ ମିଳେ । ସାଧାରଣତଃ ବାପ ମା ପିଲାଙ୍କ ପରୀକ୍ଷା ସମୟରେ ଅତି ଉଦ୍‌ବିଗ୍ନ ହୋଇଉଠନ୍ତି । ପିଲା ପରୀକ୍ଷାରେ ଭଲ ନକଲେ ସର୍ବନାଶ ହେଲା ମନେକରି ପିଲାଙ୍କୁ ଗାଳି ମାଡ଼ ଦିଅନ୍ତି । ଏହାଦ୍ୱାରା ଅନେକ ସମୟରେ ପିଲାଙ୍କ ମନରେ ନିରାଶ ଭାବ ଜାଗ୍ରତ ହୋଇ ଓଲଟା ଫଳ ହୁଏ । ଏଥିରେ କେହି କେହି ପିଲା ଆତ୍ମହତ୍ୟା କରିଥାଆନ୍ତି । ମୁଁ କଟକ କଲେଜିଏଟ ସ୍କୁଲ ବୋର୍ଡ଼ିଂରେ ରହି ପଢ଼ୁଥାଏ । କ୍ଲାସ ପରୀକ୍ଷା ହେବ, ସେ ବିଷୟରେ ନନା ୨୬ । ୧୧ । ୧୯୩୮ ତାରିଖରେ ଖଣ୍ଡିଏ ଚିଠି ଦିଲ୍ଲୀରୁ ଲେଖିଥିଲେ ।

Digitized by PPRACHIN, SOA

ଜଗନ୍ନାଥେ ଭଲ କରନ୍ତୁ

ବାପା ବିକ୍ରମ,

ପରୀକ୍ଷା କେବେ ହେବ ଲେଖିବୁ । ପରୀକ୍ଷା ସରିଲେ ଲେଖିବୁ । ପରୀକ୍ଷାରେ କିପରି କଲୁ ବୋଲି ତୋର ଧାରଣା ? କିନ୍ତୁ ହେଲି ନ ହେଲିରେ ବେଶି ବ୍ୟସ୍ତ ବା ଚିନ୍ତିତ ହେବୁ ନାହିଁ । ମନୁଷ୍ୟ କର୍ମକରିବ, ମାତ୍ର କର୍ମର ଫଳ ମନୁଷ୍ୟ ହାତେ ନାହିଁ । ଏହି ଭାବରେ ସବୁ କାର୍ଯ୍ୟରେ ଲାଗିବା ହିଁ ମନୁଷ୍ୟତା । ତା ନ ହେଲେ ଚିତ୍ତ ଚଞ୍ଚଳ ହୋଇ ମନୁଷ୍ୟତା ଭ୍ରଷ୍ଟ ହୁଏ । ପୂର୍ବେ ଯୋଗୀମାନେ ସର୍ବଦା ଏହି ସାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ସଂସାର କର୍ମ ଜଞ୍ଜାଳ ଭିତରେ ସର୍ବଦା କର୍ମତତ୍ପର ହୋଇ ଏହିପରି ଯୋଗୀ ହେବା ଉଚିତ । ହିସାବ କରିଥିବୁ ।

ଶୁଭାକାଂକ୍ଷୀ

ନୀଳକଣ୍ଠ ଦାସ

ସେ ଚିଠିରେ ଉଦ୍‌ବିଗ୍ନତା ନାହିଁ, ଭଲ ନକଲେ ଶାସ୍ତିର ଧମକ ନାହିଁ, କେବଳ ଉଚ୍ଚିତ କର୍ମର ଚେତନା । ସେତେବେଳେ ସେ ଚିଠିର ମୂଲ୍ୟ କେତେ ମୁଁ ତାହା ବୁଝୁ ନଥିଲି, ତଥାପି ସ୍କୁଲ କଲେଜ ପାଠଟାକୁ ଜୀବନର ଗୋଟିଏ ବଡ଼ ବୋଝ ବୋଲି ମୁଁ କେବେ ମନେକରି ନାହିଁ । ପରେ ପରିଣତ ବୟସରେ ବିଦେଶରେ ବିଶେଷତଃ ଆମେରିକା ପରି ସ୍ୱାଧୀନ ଦେଶରେ ଯାହା ଦେଖିଲି, ସେଥିରେ ଏ ଚିଠିକଥା ମନେ ପଡ଼ିଲା । ସେଠାରେ ମାଟ୍ରିକ ପାଶ କରିବାଟାକୁ ପିଲାମାନେ ଜୀବନ ସର୍ବସ୍ୱ ବୋଲି ଭାବନ୍ତି ନାହିଁ । କେହି କେହି ଚାକିରି କରି ଟଙ୍କା ରଖି ବର୍ଷେ ଅଧେ ପଢ଼ି ଦିଅନ୍ତି, ପୁଣି ଯାଇ ନିଜ ଧନ୍ଦାରେ ଲାଗିଯାଆନ୍ତି, ବେଳ ଓ ସୁବିଧା ପାଇଲେ ପୁଣି ପଢ଼ନ୍ତି । ଶୁଣିଚି, ସତ୍ୟବାଦୀ ସ୍କୁଲରେ ଗରିବ ଛାତ୍ରମାନଙ୍କୁ ଦିନରେ କାମ କରିବାକୁ ଦିଆହୁଏ; କିଏ ଚାଷ କାମକରେ, କିଏ ବାଗିଚା କାମ କରେ, କିଏ ଧୋବା କାମ କରେ, ସେଥିରୁ ମଜୁରି ପାଇଲେ ରାତିରେ ଦରମା ଦେଇ ସେମାନେ ପାଠ ପଢନ୍ତି । ଉଚ୍ଚ ଜାତିର ଛାତ୍ରଙ୍କୁ ସେତେ-ବେଳେ ଏହିପରି କାମ କରାଇବା ଦ୍ୱାରା ଓ ଜାତି ନିର୍ବିଶେଷରେ ଓଡ଼ିଶାରେ ପ୍ରଥମେ ଗୋଟିଏ ହଲରେ ଏକାଠି ଖାଇବାକୁ ଦେବାଦ୍ୱାରା, ରକ୍ଷଣଶୀଳ ସମାଜ କର୍ତ୍ତାମାନେ ରାଗିଯାଇ ସତ୍ୟବାଦୀ ସ୍କୁଲକୁ ପୋଡ଼ି ଦେଇଥିଲେ ଓ ଏମାନଙ୍କୁ ସମାଜଚ୍ୟୁତ କରିବାକୁ ୧୨ ବର୍ଷକାଳ ଲାଗିଥିଲେ । କିନ୍ତୁ ସେ ସେଥିରେ ହଟିଯାଇ ନଥିଲେ । ସେ ବୁଝିଥିଲେ ନିଜ ଗୋଡ଼ରେ ଠିଆ

Digitized by PPRACHIN, SOA

ହୋଇ ନିଜ ଅର୍ଜନରେ ପାଠ ପଢ଼ିବାରେ ଯେ ଆତ୍ମୋନ୍ନତି ହୁଏ ଓ ଯେପରି ଭାବରେ ପାଠ ପ୍ରତି ଅନୁରାଗ ବଢ଼େ, ମାଗି ଯାଚି ପଢ଼ିଲେ ତାହା ହୁଏନାହିଁ । ସତ୍ୟବାଦୀର ଏହିପରି ଗୁରୁମାନଙ୍କ ଭିତରୁ ପରେ ଓଡ଼ିଶାର ବହୁ ସୁପରିଚିତ ମନସ୍ୱୀ ବ୍ୟକ୍ତି ବାହାରିଥିଲେ । ଗରିବ ସ୍ୱାଧୀନଚେତା ଲୋକମାନଙ୍କୁ ସେ କିପରି ସମ୍ମାନ ଦେଖାଉଥିଲେ, ତାର ସନ୍ଧାନ ମୁଁ ମୋର ପିଲାଦିନରୁ କେତୋଟି ଘଟଣାରୁ ପାଇଥିଲି ।

ଆମ ସମାଜରେ ଗରିବ ଓ ଧନୀର ସମାନ ଆସନ ରହିଆସିଚି ଓ ବିଶେଷରେ ଗାଁ ସଭା ସମିତି ଓ ଭୋଜିଭାତରେ ଗରିବ ଓ ଧନୀର ସମାନ ଅଧିକାର ଅଛି । ମୁଁ ଜାଣେ, ସେ ପରମ୍ପରା କିପରି ଦୃଢ଼ ରହିବ ସେଥିପାଇଁ ସେ ଜାଗ୍ରତ ଥିଲେ । ଗରିବ ଭାଇଟିଏ କୌଣସିଥିରେ କ୍ଷୁଣ୍ଣ ନ ହେଉ ସେଥିପାଇଁ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ବ୍ରାହ୍ମଣ ଶାସନମାନଙ୍କରେ ଦଶହରା ଦେବୀପୂଜା ବେଳକୁ ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ଲୋକଙ୍କ ଘରେ ଦେବୀ ଭୋଗ ଖାଆନ୍ତି । ଯାହାଙ୍କ ଘରେ ଭୋଗ ହୁଏ ସେ ଅନ୍ୟମାନଙ୍କୁ ଖାଇବାକୁ ଡାକନ୍ତି । ଗୋଟିଏ ଘରକୁ ଏକାଦିନକେ ଦୁଇ ଗୃହ ବା ଅଧିକ ଲୋକ ନିମନ୍ତ୍ରଣ କରିଥାଆନ୍ତି । ଏହି ସମୟରେ ଆମ ଗାଁରେ ଏକାଦିନକେ ନନା-ଙ୍କର ଅତି ପ୍ରିୟ ବିହାର ଓଡ଼ିଶା କାଉନସିଲର ପୂର୍ବତନ ସଭ୍ୟ ଆଡ଼ଭୋକେଟ ହରିହର ଦାସଙ୍କ ଘରେ, ଶ୍ରୀ ବନମାଳୀ ଦାସଙ୍କ ଘରେ ଓ ଅନ୍ୟ କେତେକଙ୍କ ଘରେ ଭୋଗର ପାଳି ପଡ଼େ । ହରି ଦାସଙ୍କ ଘରେ ବଡ଼ ଜାକଜମକରେ ଭୋଜି ହୁଏ; ବହୁତ ଭଲ ଜିନିଷ ଆସିଥାଏ, ମୋର ପିଲା ମନ ସେଇଠି ଥାଏ । ସ୍ୱର୍ଗତ ବନମାଳୀ ଦାସ କେବଳ ଅତି ଗରିବ ନଥିଲେ, ସେ ବଡ଼ ମଠୁଆ ଥିଲେ; ସେଥିଯୋଗୁଁ ତାଙ୍କୁ ଗାଁରେ ଚିଡ଼ାନ୍ତି 'ସାଉଳିଆ' ବନମାଳୀ ଦାସ । ସେ ବହୁତ କଷ୍ଟ କରି ଭୋଜିଟିଏ କରନ୍ତି; ସବୁକାମ ଧୀରେ ଧୀରେ ସାରୁ ସାରୁ ବହୁତ ରାତି ହୋଇଯାଏ, ମୁଁ ଶୋଇପଡ଼ିଥାଏ । ନନା ମୋତେ ବୁଝାଇ କହିଥାଆନ୍ତି, "ହରି ଦାସଙ୍କ ଘରକୁ ବହୁତ ଲୋକ ଯିବେ, ତୁ ନଗଲେ ଚଳିବ; କିନ୍ତୁ ବନମାଳୀ ଦାସ ଗରିବ ଓ ଅଭିମାନୀ ଲୋକ, ତାଙ୍କ ମନରେ କଷ୍ଟ ଦେବୁନାଇ, ନିଶ୍ଚୟ ଯିବୁ ।" ମୁଁ ନିଦରୁ ଉଠି ଢୁଳେଇ ଢୁଳେଇ ହରି ଦାସଙ୍କ ଘରକୁ ନଯାଇ ତାଙ୍କର ଘରବାଟେ ଦେଇ ବନମାଳୀ ଦାସଙ୍କ ଘରକୁ ଯାଏ । ଏଇ ବନମାଳୀ ଦାସ ଜଣେ ଅତ୍ୟନ୍ତ ସରଳ ଆତ୍ମନିର୍ଭରଶୀଳ ଗରିବ ବ୍ରାହ୍ମଣ । ସେ ଅତି କଷ୍ଟରେ

Digitized by PPRACHIN, SOA

ଚଳିଲେ ମଧ୍ୟ କାହାକୁ କେବେ ହାତ ପତାଉ ନଥିଲେ । ନନାଙ୍କର ତାଙ୍କ ପ୍ରତି ଯଥେଷ୍ଟ ସ୍ନେହ ସହାନୁଭୂତି ଥିଲା ।

ନନା ଅଧିକାଂଶ ସମୟରେ ଗାଁ ବାହାରେ ରହିବାକୁ ବାଧ୍ୟ ହେଉଥିଲେ । ପ୍ରାୟ ୨୦ ବର୍ଷକାଳ ଦିଲ୍ଲୀ ବଡ଼ଲାଟ ସଭାରେ ସେତେବେଳର ବିରୋଧୀ ଦଳ କଂଗ୍ରେସର ସେକ୍ରେଟେରୀ ଭାବରେ ଇଂରେଜଙ୍କ ସଙ୍ଗେ ଲଢୁଥିଲେ ଓ ଓଡ଼ିଶା ରାଜନୀତିର ମଧ୍ୟ କର୍ଣ୍ଣଧାର ଥିଲେ । ତଥାପି ସେ ନିଜ ଗାଁକୁ ଭୁଲି ପାରୁ ନଥିଲେ । ସେ ଗାଁକୁ ଏତେ ସୁଖ ପାଆନ୍ତି ଯେ ସହରରେ ଘର କଲେ ଗାଁକୁ ଭୁଲି ଯିବାର ଆଶଙ୍କା କରି ସହରରେ ଘର ତିଆରି କରିବାକୁ କେବେ ମନ ବଳାଇ ନଥିଲେ । ଏପରିକି ପରେ ଆମେ ପୁଅମାନେ ଆମର ବ୍ୟବସାୟ ଦୃଷ୍ଟିରୁ କରିଥିବା ସହରର ନିଜ ଘରେ ସେ ରହିବାକୁ ପସନ୍ଦ ନକରି, ଶେଷରେ ସରକାରୀ ଘରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ସେ ସବୁବେଳେ ନିଜକୁ ଜଣେ କୃଷୀ ଓ ଗାଉଁଲି ଲୋକ ବୋଲି ମନେ କରୁଥିଲେ । ରାତି ଅଧରେ ଆସି ଗାଁରେ ପହଁଚିଗଲେ ମଧ୍ୟ ଲଣ୍ଠନଟିଏ ଧରି କାନ୍ଧରେ ଗାମୁଛାଟିଏ ପକାଇ ଗାଁର ଏମୁଣ୍ଡ ସେମୁଣ୍ଡ ଥରେ ବୁଲିଆସନ୍ତି । ତାଙ୍କ ପାଟି ଶୁଣିଲେ ନିଦରୁ ଉଠି ଲୋକମାନେ ଆସି ଜୁଟିଯାଆନ୍ତି । ସେ ମଣ୍ଡପ ଓ ଚଉରା ମୂଳେ ବସି ଗାଁ ଲୋକଙ୍କର ଦୁଃଖ ସୁଖ ସବୁ ତନ୍ନତନ୍ନକରି ବୁଝନ୍ତି । ଗାଁର ଥଟ୍ଟା ଥଟ୍ଟାଳିକୁ ଖୁବ୍ ଭଲ ପାଆନ୍ତି । ଗାଁରେ ପହଁଚିଗଲେ ତାଙ୍କ ଚିନ୍ତା ଓ ଭାବନାବହୁଳ ମସ୍ତିଷ୍କର ଭାର ଲଘୁ ହୋଇଯାଏ । ତାଙ୍କ ବଡ଼ ଆପଣେ ଶ୍ରୀ ମଧୁସୂଦନ ମିଶ୍ରେ,ହରିହର ମିଶ୍ରେ, ଗୋପୀନାଥ ନନ୍ଦେ, ଦୟାନିଧି ମହାପାବେ ପ୍ରଭୃତି ବାଲ୍ୟ ଗୁରୁ ଓ ଗାଁଉଲି ବନ୍ଧୁମାନେ ଆସି ଗୃହପଟ ଘେରିଯାଆନ୍ତି । ତାଙ୍କର ଜଣେ ଥଟ୍ଟାଳି ବାଲ୍ୟ ବନ୍ଧୁ ଥାଆନ୍ତି, ସେ ହେଉଛନ୍ତି ସ୍ୱର୍ଗତ ନାରାୟଣ ତ୍ରିପାଠୀ । ତାଙ୍କୁ ଲୋକେ କହନ୍ତି ସେ ନୀଳକଣ୍ଠଙ୍କର ବିଦୂଷକ ବୀରବଲ । ସେ ଖଣ୍ଡିଏ ମଇଳା ଆଣ୍ଠୁ ନଲୁଚିବା ଲୁଗା ପିନ୍ଧି କୋଟଟ ମଇଳା ଗାମୁଛାଟିଏ କାନ୍ଧରେ ପକାଇ ନନା ଆସିବା ଶୁଣିଲାକ୍ଷଣି ଆମ ଘରେ ଆସି ପହଁଚି ଯାଆନ୍ତି । ନହେଲେ ଆମ ଘରୁ କେହି ଦଉଡ଼ି ଯାଇ ତାଙ୍କୁ ଡ଼ାକିଆଣେ । ପାଦରେ ବିଧେ ବହଳ ଧୂଳି, ମୁଣ୍ଡକେଶ ମଥାହରେ (ମୁଣ୍ଡରେ ଲଗାଇବା ତେଲ) ଜର ଜର, ପାଟିର ଦୁଲକଉରୁ କଥା କହିବା ମାନେ ପାନପିକ ଗଡ଼ି ପଡ଼ୁଥାଏ । ସେ

Digitized by PPRACHIN, SOA

ନିର୍ବିକାର ଭାବରେ ନନାଙ୍କ ଦେହକୁ ଲାଗି ମଶିଣାଟିରେ ନନାଙ୍କ ଠିକ ଆରୁ ଅଧେ ମୁଣ୍ଡରେ ଦେଇ ଗଡ଼ପଡ଼ନ୍ତି । ତାଙ୍କୁ ଦେଖିଲାକ୍ଷଣି କୋଠିନଧି ପାଗଲା ପରି ନନାଙ୍କ ଗମ୍ଭୀର ମୁହଁ ହସହସ ଭାବ ଧାରଣ କରେ । ଉଆଡ଼ ମଉସା ଥିଲେ କଥା ଆରମ୍ଭ କରିଦିଅନ୍ତି । ମୁଁ ବେଳେବେଳେ ପାଖରେ ଥାଇ ଶୁଣେ । ପ୍ରତିଥର ଗ୍ରାମ୍ୟ ଲୋକଙ୍କୁ ନେଇ ଲୋକଚରିତ୍ର ଚିତ୍ରଣ କରି ସେ ନୂଆ ନୂଆ ହାସ୍ୟୋଦ୍ଦୀପକ କଥା ସବୁ ବର୍ଣ୍ଣନା କରନ୍ତି; କିନ୍ତୁ କୌଣସି ଗପରେ କାହାର କ୍ଷତିହେଲା ପରି କିଛି ନଥାଏ । କଏ କପରି କାଶିଲା ଛିଙ୍କିଲା ଗୁହାଳିଲା, ସବୁ ସୁନ୍ଦର ଭାବରେ ବର୍ଣ୍ଣନା କରନ୍ତି ।

ସବୁ ଶୁଣି, ସମାଜର ନାନା ଚିତ୍ର ତାଙ୍କ ଆଖି ଆଗରେ ରଖି, ସେ ସାଧାରଣ ଲୋକର ଗୃହଚଳନ ସଙ୍ଗେ ସଂପର୍କ ରଖନ୍ତି । ଖାଲି ସେତିକି ନୁହେଁ, ଲୋକଙ୍କର ଇତିବୃତ୍ତି, ଗ୍ରାମ୍ୟ କବି, କବିତା, ଲୋକଗୀତ ସବୁ ସେ ସଂଗ୍ରହ କରୁଥାଆନ୍ତି । କେଉଁ ଗାଁର କେଉଁ ଲୋକ କଥା ପଡ଼ିଲେ ସେ ତାର ଚଉଦ ପୁରୁଷ କଥା ଗାଇଯିବେ । କେଉଁ ଲୋକ କେଉଁ ବଂଶରୁ କେଉଁ ସ୍ଥାନ ସବୁ ଦେଇ ଏବେ କେଉଁଠି ଅଛି, ତାର ବଂଶର କେଉଁ ଲୋକର ପଛରେ ବ୍ରହ୍ମା, ପଞ୍ଚଯୋଷୀ ବାହୁମାମତି ପ୍ରଭୃତି ରାଜଦତ୍ତ ବା ମୁଷା ଲାଙ୍ଗୁଡ଼ି, ଚଢ଼କା, ମାକଡ଼ ପ୍ରଭୃତି ଲୋକଦତ୍ତ ବ୍ୟଙ୍ଗାତ୍ମକ ଉପାଧିମାନ ରହିଥିଲା ସେ ସବୁ କହିଯିବେ ।

ଗ୍ରାମୀପ୍ସ ଆଶୁକବି ଦାମ ଦାସଙ୍କ କବିତା ସବୁ ତାଙ୍କୁ ସୁଖ ଲାଗେ । ସେ ସେଥିରୁ ଗୁଡ଼ାଏ ଲେଖିରଖିବାକୁ ମୋତେ କହିଥିଲେ । ଦାମ ଦାସେ ଅବଧାନ କରୁଥିଲେ, କୌଣସି ଘଟଣା ଦେଖିଲେ ସଙ୍ଗେ ସଙ୍ଗେ ଅତି ସୁନ୍ଦର କବିତାଟିଏ ଯୋଡ଼ି ବୋଲି ଦେଇ ପାରୁଥିଲେ । ଦାମ ଦାସ ମୋ ଜନ୍ମର ବହୁ ପୂର୍ବରୁ ମରିଛନ୍ତି । ତାଙ୍କ କବିତା ଲେଖା ହୋଇ ନାହିଁ କି ଛପା ହୋଇ ନାହିଁ; କିନ୍ତୁ ଏବେ ବି ଲୋକେ ତାଙ୍କ କବିତା ସବୁ ବୋଲନ୍ତି ।

ଗାଁରେ ସେ ପୂରା ଗାଉଁଲି । ଦଶହରା ପର୍ବ ବେଳ । ହଇଜାରେ ବହୁତ ଲୋକ ମରିଯାଉଥାଆନ୍ତି । ଆମ ଗାଁର ଶ୍ରୀ ଭଗବାନ ଦାସ ସେଥିରେ ଗୃହଗଲେ । ମୁର୍ଦାର ନ ଉଠିଲେ ଠାକୁରାଣୀ ଗାଁ ବୁଲି ପାରିବେନି, ସମସ୍ତଙ୍କ ଘରେ ଭୋଗ ଛଡ଼ିବ, ଏକେ ତ ପୂଜା ବେଳ, ଅନ୍ଧାର ରାତି, ତହିଁକି ହଇଜା ମଲା; ପର୍ବ ଛାଡ଼ି ରାତି ଦୁଇଟାରେ କେହି ଶ୍ମଶାନକୁ ଯିବାକୁ ରାଜି ହେଲେନି, ସେ ଦିଲ୍ଲୀ ଆସେମ୍ବ୍ଲିରୁ ଫେରିଥାଆନ୍ତି । କଥା ଆସି ତାଙ୍କ

Digitized by PPRACHIN, SOA

କାନରେ ବାଜିଲା । ସେ ଓ ତାଙ୍କ ବଡ଼ ଭାଇ ଆଗୃଯ୍ୟ ହରିହର ଆଉ ଦୁଇ ଜଣଙ୍କୁ ଧରି ଶବ କାନ୍ଧେଇ ଶ୍ମଶାନକୁ ଚାଲିଗଲେ । ଧୋବା ଭଣ୍ଡାରୀ କେହି ନ ଥାନ୍ତି । ଶ୍ମଶାନଟି ନଗ୍ରଟିଆ ସ୍ଥାନରେ । କାଠ ପ୍ରଭୃତି ଆଣିବାକୁ ଯିବାକୁ ହେବ । ସେ ଏକୁଟିଆ ଶବଟିକୁ ଜଗି ରହିଲେ । ଅନ୍ୟମାନେ ଜିନିଷପତ୍ର, ପୁରୋହିତ, ଧୋବା ପ୍ରଭୃତି ଖୋଜିବାକୁ ଗାଁକୁ ଗଲେ । ସମସ୍ତେ ଫେରି ଦେଖିଲେ ଶବ ନିକଟରେ ଗଛମୂଳକୁ ମୁଣ୍ଡ ଦେଇ ନିର୍ଭୀକ ଭାବରେ ସେ ଶୋଇପଡ଼ିଛନ୍ତି । କେହି କେହି କହିଲେ, "ତମକୁ ଡର ମାଡ଼ିଲାନି ? ଶବ ଦେହରେ ଭୂତ ପ୍ରେତ ପଶିଯିବେ, ତମେ ନିଦରେ କିପରି ଶୋଇପଡ଼ିଲ ?" ସେ ଉତ୍ତର ଦେଲେ, "ଦେଖୁନ, ମୁଁ କଅଣ ଶବକୁ ଛାଡ଼ିଛି, ଗୋଟିଏ ବରଡ଼ା ପତ୍ର ମୋ ଦେହରୁ ଶବ ଦେହକୁ ପରି ଲଗାଇ ରଖିଛି । ଭୂତର କଅଣ ଡର ନାହିଁ; ସେ କଅଣ ମତେ ଡରି ନ ଥିବ ?" ଭାରି ହସ ହେଲା ।

ସିନେମା ନାହିଁ; ଥିଏଟର ନାହିଁ; ଆଗେ ପାନ ଖାଉଥିଲେ, ତା'ବି ଛାଡ଼ି ଦେଇଥିଲେ; କେବଳ ଶେଷ ପର୍ଯ୍ୟନ୍ତ ଜୀବନରେ ଏକମାତ୍ର ନିଶା ଥିଲା ପାଠ ପଢ଼ିବା । ସ୍ତୂପ ସ୍ତୂପ ବହି ଭିତରେ ଜୀବନର ଶେଷ କେତେବର୍ଷ ପର୍ଯ୍ୟନ୍ତ ରାତି ୩,୪ଟା ପର୍ଯ୍ୟନ୍ତ ପଢ଼ିବା ଅଭ୍ୟାସ । କେବେ କେବେ ପଢୁ ପଢୁ କୁଆ ବୋବାଏ । ରାତିରେ କେତେଥର ଆମେ ଆଲୁଅ ଲିଭେଇ ଦଉ । ସେ କହନ୍ତି, "ପିଲେ,ଆଲୁଅରେ ନିଦ ଲାଗୁ ନାହିଁ କି ? ହଉ ଶୁଅ ।" କିନ୍ତୁ ଆମେ ଶୋଇଲା ପରେ ପୁଣି ଆଲୁଅ ଜଳଉଠେ, ସେ ପଢୁଥାଆନ୍ତି । ଥରେ ଭୁବନେଶ୍ୱରରେ ସନ୍ଧ୍ୟାରୁ ଇଲେକ୍‌ଟ୍ରିକ ଗୋଳମାଳ ହୋଇ ଆଲୁଅ ଲିଭିଗଲା । ସେ ବ୍ୟସ୍ତ ହୋଇ କହିପକାଇଲେ—ଆରେ ଏ କି ସରକାର ହୋଇଛି, ଇଏ ମତେ ମୂର୍ଖ କରିଦେବ । ସେଥିରେ ତାଙ୍କ ନାତି ନାତୁଣୀମାନେ ହସିଉଠିଲେ । ଆସେମ୍ବ୍ଲି ମେମ୍ବର ଥିଲାବେଳେ ଥରେ ତାଙ୍କୁ କଲେରା ଭଳି ବାସିଲାରି ଡିସେଣ୍ଟ୍ରି ହେଲା । ଡାକ୍ତର ଆସି ପୂର୍ଣ୍ଣ ବିଶ୍ରାମ ନେବାକୁ କହିଗଲା । ଗୋଦାବରୀଶ ବାବୁ ଓ ଡକ୍ଟର ପ୍ରାଣକୃଷ୍ଣ ପରିଜା ମଧ୍ୟ ସେ ନ ପଢ଼ି ଶୋଇ ରହିବାକୁ ଅନୁରୋଧ କରିଗଲେ; କିନ୍ତୁ ସେ କାହା କଥା ନ ଶୁଣି ଆଲୁଅ ଲଗାଇ ପଢ଼ିଲେ । କହିଲେ, "ଆରେ ମତେ ପରି ଜର ଆସିଗଲା; ମୋର ହଇଜା ଭଲ ହୋଇଗଲା ।" ପାଖରେ ପୀତବାସ ପଣ୍ଡା ଥିଲେ । ସେ ବହୁତ ବୁଝାଇ ଯେତେ ଥର ଆଲୁଅ ଲିଭାଇଲେ ପ୍ରତିଥର ପ୍ରାୟ ୨,୪ ମିନିଟ ପରେ ସେ ପୁଣି ସୁଇଚ ଟିପି ଆଲୁଅ

Digitized by PPRACHIN, SOA

ଲଗାଇ ପଡ଼ିଲେ । ଶେଷରେ ପୀତବାସ ପଣ୍ଡା ଯାଇ ମେନ୍‌ସୁଇଚ ଲଗାଇ ଦେଲେ । ନନା ତାଙ୍କୁ ଆଉ କିଛି ନକହି ସତରେ ଫୋନ ଉଠାଇଲା ପରି କାନରେ ହାତ ଦେଇ ପାଟିକଲେ—ପୁଲିସ, ପୁଲିସ, ବେଗେ ଆସ, ମୋ ଘରେ ଡ଼କାୟତ ପଶିଚି, ତା ନାଁ ପୀତବାସ ପଣ୍ଡା । ଘର ଦାଣ୍ଡମୁକୁନ୍ଦ ପୁର, ଜିଲା ପୁରୀ । ସେ ମୋର ଯଥାସର୍ବସ୍ୱ ନେଇଗଲା । ମୋତେ ଅନ୍ଧ କରିଦେଲା, ମତେ ଦୁନିଆ ଅନ୍ଧାର ଦିଶୁଚି, ତା ନାଁରେ ଇତଲା ଦିଅ, ସେ ମୋ ଆଲୁଅ ନେଇ ଯାଇଚି । ତାପରେ ଘରେ ହସ ହେଲା । ବାଧ୍ୟହୋଇ ପଣ୍ଡାଏ ଆଲୁଅ ଫେରାଇଦେଲେ । ସେ ପୁଣି ବହିଯାକ ପଢ଼ିଲେ । ସେ ନିଜେ ବଡ଼ ଥଟ୍ଟାଳିଆ ଲୋକ ଥିଲେ । ମଝିରେ ମଝିରେ ଏପରି ନାନା ଥଟ୍ଟାଳିଆ ଘଟଣାର ସୃଷ୍ଟି କରୁଥିଲେ । ଦୂରକୁ ସେ ବଡ଼ ଗମ୍ଭୀର ଓ କଠୋର ଦିଶନ୍ତି; କିନ୍ତୁ ପାଖରେ ସେ କେଡ଼େ କୋମଳ ଓ ଥଟ୍ଟାଳିଆ, ତାଙ୍କ ପାଖରେ ଯିଏ ବେଶୀ ଚଳିଚି ସେ ଜାଣିଥିବ ।

ତାଙ୍କ କର୍ମମୟ ଜୀବନରେ ସେ ଯୁବଶକ୍ତିର ଚିର ଉପାସକ ଥିଲେ । ସମାଜରେ, ସାହିତ୍ୟରେ, ରାଜନୀତିରେ ସବୁଥିରେ ଯୁବ ପ୍ରାଣର ସଂସ୍ପର୍ଶ ପାଇଁ ସେ ସର୍ବଦା ବିପ୍ଳବ କରି ଆସିଚନ୍ତି । ପରିଣତ ବୟସରେ ୧୯୩୯ରେ ରକ୍ଷଣଶୀଳ ତୁଙ୍ଗ କଂଗ୍ରେସ ନେତାଙ୍କର ବିରୋଧ କରି ସେ ଓଡ଼ିଶା କଂଗ୍ରେସର ମୁଖ୍ୟ ଥାଇ କଂଗ୍ରେସରୁ ବିତାଡ଼ିତ ବିପ୍ଳବୀ ନେତା ସୁଭାଷଙ୍କୁ ଓଡ଼ିଶାକୁ ନିମନ୍ତ୍ରଣ କରିଆଣି ଓଡ଼ିଶାର ପୁରପଲ୍ଲୀରେ ବିପ୍ଳବର ବାର୍ତ୍ତା ପ୍ରଚାର କରାଇଥିଲେ । ସେଥିପାଇଁ ତାଙ୍କୁ ବହୁ କଷ୍ଟ ସହିବାକୁ ପଡ଼ିଥିଲା । ତାଙ୍କର ହାତଗଢ଼ା ଓଡ଼ିଶାର ପ୍ରିୟ କଂଗ୍ରେସକୁ ବହୁଦିନ ଧରି ଛାଡ଼ିବାକୁ ପଡ଼ିଥିଲା । ସେତେବେଳେ ତାଙ୍କୁ ଯେ ଦେଖିଛି, ସେ ଦେଖିଥିବ, କିପରି ସେ ବାଙ୍କାବଜାର ନବଭାରତ ପ୍ରେସର ଖଣ୍ଡିଆ କୋଠା ଉପରେ ନିର୍ଭୀକ ଭାବରେ ଖଣ୍ଡେ ମସିଣା ଉପରେ ବସି ଦାଢ଼ି ଆଉଁସୁଥାଆନ୍ତି । ଚାରିଆଡ଼େ ବହିର ସ୍ତୂପ ରହିଥାଏ । ବିପ୍ଳବୀ ଯୁବକ ଛାତ୍ରମାନେ ଘେରି ରହିଥାଆନ୍ତି । ସେ ଯାହା କରନ୍ତି, ଯାହା ଲେଖନ୍ତି, ସବୁ ଆଗ ସେଇ ଯୁବକ ମାନଙ୍କୁ କହନ୍ତି ଓ ପଢ଼ାଇ ଶୁଣାନ୍ତି । ଆପଣଙ୍କ ଲେଖାରେ ଏ ପିଲାଏ କଅଣ ମତ ଦେବେ ବୋଲି କେହି ପଚାରିଲେ ସେ କହନ୍ତି, "ଆରେ ତାଙ୍କର ସ୍ୱରକୁ ମୁଁ ମୋତେ ଦେଇଯାଇ ସବୁ କାମ କରୁଛି । ଏଇମାନେ ପଢ଼ି ତାକୁ କର୍ମରେ ରୂପଦେବା ପାଇଁ ମୁଁ ଲେଖୁଛି । ଏମାନେ ଯଦି ବୁଝି

Digitized by PPRACHIN, SOA

ନ ପାରବେ, ମୁଁ କ'ଣ ନଜେ ଲେଖି ନଜେ ପଢ଼ିବ ।" ଏପରିକ ସମୟ ସମୟରେ କୌଣସି ଯୁବକ ତାଙ୍କ ପଢ଼ାକୁ ବୁଝିନପାରିଲେ ସେ ତାକୁ ଚିର ଫିଙ୍ଗିଦେଇ ପୁଣି ଲେଖି ବସୁଥିଲେ । ସେତେବେଳେ ପ୍ରେସ୍ ଦୁଲ ଦୁଲ କମ୍ପୁଥାଏ । ନାନାପ୍ରକାର କର୍ମୀଙ୍କ ଭିଡ଼ । ପଛପଟେ ଧାଡ଼ିଏ ରୋଷେଇଘରେ ବହୁତ ଅତିଥି ସବୁବେଳେ ଥାଆନ୍ତି । ପ୍ରେସରୁ ଯାହା ଆୟ ହୁଏ ସବୁ ମେସ୍ ଖର୍ଚ୍ଚରେ ଚାଲିଯାଏ, ସମସ୍ତେ ଏକାଠି ବସି ପଙ୍ଗତ ହୁଏ । ସେ ତାଙ୍କ ବନ୍ଧୁରୁ, ଆସେମ୍ବ୍ଲିରୁ, ଘରୁ ଯେଉଁଠୁ ଯାହା ପାଆନ୍ତି, ସବୁ ଅତିଥି ଅଭ୍ୟାଗତରେ ଯାଏ । ମୋଟଉପରେ ସତ୍ୟବାଦୀ ସ୍କୁଲ ଭାଙ୍ଗିବାପରେ ନବଭାରତ ପ୍ରେସଟି ଥିଲା ଗୋଟିଏ ବଡ଼ ଯୁବ ଅନୁଷ୍ଠାନ । ୧୯୩୪ରୁ ୫୪ ପର୍ଯ୍ୟନ୍ତ ବହୁ ଲେଖକ, ସାହିତ୍ୟିକ ଓ ରାଜନୀତିଜ୍ଞ ଏଠାରୁ ତାଲିମ ପାଇଛନ୍ତି ।

କଂଗ୍ରେସ ଗ୍ରହଣ କଲା ପରେ ସେ ରାଜନୀତିରୁ ଓହରି ଗଲେ । ପ୍ରେସ୍‌ର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇଉଠିଲା । ଦିନାକେତେ ଖୁବ ଲେଖା ଲେଖି କଲେ, କିନ୍ତୁ ସେ ସବୁ ପାଣ୍ଡିତ୍ୟପୂର୍ଣ୍ଣ ବହି ଅନ୍ୟମାନଙ୍କ ଶସ୍ତା ଉପନ୍ୟାସ ସଙ୍ଗେ ମୁଣ୍ଡ ପକାଇ ଲଢ଼ି ପାରିଲା ନାହିଁ, ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇଉଠିଲା, ପ୍ରେସରୁ ଆସ୍ତେ ଭିଡ଼ କମିଗଲା । ଏ ଅବସ୍ଥାରେ କର୍ମମୟ ଜୀବନରୁ ଦୂରରେ ସେ ଆଉ ବେଶୀ ଦିନ ଅଲଗା ହୋଇ ରହି ପାରିଲେ ନାହିଁ । ପୁଣି ପୁରୁଣା ବନ୍ଧୁ ଗୋଦାବରୀଶଙ୍କୁ ଧରି ୧୯୫୧ରେ ସକ୍ରିୟ ରାଜନୀତିକୁ ଓଲ୍ଲା ଭିଡ଼ ବାହାରିପଡ଼ିଲେ । ସେତେବେଳକୁ ମୁଁ ଡାକ୍ତରୀ ପାଶ କରି ସ୍ୱାଧୀନ ବ୍ୟବସାୟ ଆରମ୍ଭ କରିଥାଏ । ସେ ଓଡ଼ିଶା ବିଧାନ ସଭାକୁ ଯିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସ୍ଥିର କଲେ । ପୂର୍ବଥର କଂଗ୍ରେସ ଟିକଟ ନପାଇ ସେ ନୀରବ ଥିଲେ, ତେଣୁ ଏଥର ଆଉ କଂଗ୍ରେସକୁ ଦରଖାସ୍ତ ନକରି ସ୍ୱାଧୀନ ଭାବରେ ଠିଆ ହୋଇପଡ଼ିଲେ । ତାଙ୍କର ପୁରୁଣା ସହକର୍ମୀମାନେ ଇତସ୍ତତଃ ହୋଇ ଯାଇଥାଆନ୍ତି । ଆଉ କେହି ତାଙ୍କୁ ସାହାଯ୍ୟ କରିବାକୁ ନଥାନ୍ତି । ମୁଁ ଏତିକବେଳେ ତାଙ୍କର ଜଣେ କର୍ମୀଭାବରେ କାର୍ଯ୍ୟ କରିବାର ସୁବିଧା ପାଇଲି ! ତାଙ୍କର ଭୋଟ ପ୍ରଚାର ସମସ୍ତଙ୍କ ଠାରୁ ଭିନ୍ନ, କାହାକୁ ଖୋସାମତ ନାହିଁ । ଦେବେ ଟୋକ ଫିଙ୍ଗି ଫୋପାଡ଼ିଲା ପରି କଥା । ମୁଁ ତାଙ୍କ ସଙ୍ଗେ ଗ୍ରାମ୍ୟଖଣ୍ଡି ଗାଁକୁ ଯାଇଥାଏ । ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କର ଜଣେ ଲୋକ ଆସି କହିଲା, "ଆପଣ

Digitized by PPRACHIN, SOA

ଆଜଯାଏ କେଉଁଠି ଥିଲେ ? ବର୍ତ୍ତମାନ ଭୋଟ ସମୟ ବୋଲି ଆସିଛନ୍ତି, ଭୋଟ ସରିଲେ ଆପଣଙ୍କୁ ଦେଖିବ କିଏ ? ଆମର ଏଇଠାରୁ ଜଣେ ଠିଆ ହୋଇଚନ୍ତି, ଆମ ଦୁଃଖ ସୁଖ ପାଇଁ ସେ ଅଛନ୍ତି, କାଲି ସୁବିଧା ଅସୁବିଧା ପଡ଼ିଲେ ଆମ ଦୁଆରେ ଆସି ଠିଆ ହେବେ, ଆମେ ତାଙ୍କୁ ଭୋଟ ନଦେଇ ଆପଣଙ୍କୁ କାହିଁକି ଦେବୁ ?" ସେ କହିଲେ, "ହଇଓ ! ମନେକର ତମର ଗୁଡ଼ାଏ ଜମି ଅଛି, ତାକୁ ଓ ତାର ମାଲିମକଦମା ବୁଝିବାକୁ ଗୋଟିଏ ଗୁମାସ୍ତା ଅଛି, ତୁମେ ତା'ଠାରୁ କଅଣ ଆଶାକର ? ସେ ସବୁବେଳେ ତମ ଘରେ ବସି ଗୋଡ଼ ଘଷିବ ଓ ଗୋରୁକୁ ତୋଡ଼ାଣି ଦବ; ନା ଠିକ ସମୟରେ ମକଦମା ଜଗି ତୁମ ଜମିବାଡ଼ି ବୁଝି ପୁଷ୍ଟିରେ ଓ ବାହାରେ ରହିବ । ଏଥିରୁ କେଉଁଟାରେ ତୁମର ଭଲ ହେବ ? ଯେଉଁ କାମ ଯାହାର ତାଠାରୁ ସିନା ସେ କାମ ଆଶା କରିବ, ତୁମ ଲୋକପ୍ରତିନିଧି କାହିଁକି ତମ ଦୁଆରକୁ ଦଉଡ଼ିବ ? ମୁଁ କାହିଁକି ତୁମ ଦୁଆରକୁ ଆସିବ ? ଯେଉଁ କାମ ପାଇଁ ତମେ ଭୋଟଦେବ ସେ କାମ ମୁଁ ଭଲ କରିପାରିବ କି ଅନ୍ୟ ପ୍ରତିଦ୍ୱନ୍ଦୀ ଭଲ କରିପାରିବ ଏକଥା ସିନା ତମେ ବୁଝିବ । କ'ଣ ମୂର୍ଖଙ୍କ ପରି ବିଧାନ ସଭାର ଲୋକପ୍ରତିନିଧି ହୋଇ ମୁଁ ଆସି ତମ ବାଡ଼ିରେ କୋଡ଼ ହାଣିବ ? ସେ ସବୁ କାମ ଯଦି ମୋଠୁ ଦରକାର, ମୋର ତମ ଭୋଟ ଦରକାରନାହିଁ ।"

ଏଇପରି କଥାବାର୍ତ୍ତାରେ ମୁଁ ଅନଭିଜ୍ଞ କର୍ମୀ ଥିବାରୁ ପ୍ରଥମ ପ୍ରଥମରୁ ଡ଼ରି ଯାଉଥିଲି, କିନ୍ତୁ ପରେ ଦେଖିଲି ସେ ଭୋଟ ଭିଖାରୀ ନୁହନ୍ତି । ସେ ଏ ଜାତିର ଜଣେ ମୁରବି, ସେ ଲୋକଙ୍କର ହିଁ ଲୋକ । ଆବାଳବୃଦ୍ଧବନିତା ତାଙ୍କୁ ନିଜର ଜଣେ ଅତି ଆତ୍ମୀୟ ବୋଲି ଭାବୁଥିଲେ । କିଛି ନଥାନ୍ତି, ଟଙ୍କା ନଥାଏ, ସେ ନିର୍ବାଚନ ଖର୍ଚ୍ଚପାଇଁ ଆଡ଼ଭୋକେଟ ହରିହର ଦାସଙ୍କ ଠାରୁ ୧୨% ସୁଧରେ ମାତ୍ର ଟ୩୦୦୦ (ତିନିହଜାର) କରଜ କରି ଆଣି ଥାଆନ୍ତି । ପୁଣି ଲଢ଼ୁ ଥାଆନ୍ତି ସେତେବେଳର ଅତି ଧନୀ ପ୍ରତାପଶାଳୀ ସରକାରଙ୍କ ବିରୁଦ୍ଧରେ; କିନ୍ତୁ ତାଙ୍କର ଅସମ୍ଭବ ଆତ୍ମବିଶ୍ୱାସ, ଅଦମ୍ୟ ମନବଳ ଥାଏ । ପଙ୍ଗୁ ଗିରି ଲଙ୍ଘନ କଲାଭଳି ମୁଁ ଓ ମୋର କେତେକ ଅନ୍ତରଙ୍ଗ ବାଲ୍ୟ ବନ୍ଧୁ ଦୃଢ଼ ବିଶ୍ୱାସରେ କାମ କରି ଯାଉଥାଉ । ସବୁ ବାଧା ବିଘ୍ନ ସତ୍ତ୍ୱେ ସେ ବହୁ ଭୋଟରେ ନିର୍ବାଚିତ ହେଲେ । ତା ପରେ ପରେ ମୁଁ ଆମେରିକା ଚାଲିଗଲି । ସେତେବେଳକୁ ତାଙ୍କର ଆଦେଶ ପାଳନ କଲାପରି ଉତ୍ସାହୀ ଯୁବକର୍ମୀ

Digitized by PPRACHIN, SOA

କେହି ତାଙ୍କ ପାଖରେ ନଥିଲେ । ତାର ଅଭାବ ସେ ପଦେ ପଦେ ଅନୁଭବ କରୁଥିଲେ । ଆମେରିକାରେ ଥିବାବେଳେ ସେ ମୋତେ ଲେଖିଥିବା ଏଇ କେତେଖଣ୍ଡ ଚିଠିରୁ ତାଙ୍କର ଦେଶପାଇଁ, ଜାତି ପାଇଁ କାମ କରିବାର ଅଦମନୀୟ ପିପାସା ଓ ଯୁବ ସହକର୍ମୀର ଅଭାବରେ ସେ କପରି ମର୍ମାହତ ହେଉଥିଲେ ତାର ସ୍ପଷ୍ଟ ସୂଚନା ମିଳେ ।

ନବଭାରତ ପ୍ରେସ,
କଟକ-୨
୭ । ୮ । ୫୨

ଜଗନ୍ନାଥେ ଭଲ କରନ୍ତୁ

ବାପା ହରମ,

କରେ ବାପା, ତୁ ଏତେକାଳ ଚିଠି ଦେଲୁନାହିଁ କିଆଁ ? ଏବେ କେତେଦିନ ହେଲା ମୁଁ ତାକୁ ଚାହିଁ ଚାହିଁ ନିରାଶ ହେଉଚି । କୌଣସି କାମରେ ମନ ଲାଗୁନାହିଁ । କିନ୍ତୁ ରାଜନୀତିରେ ପଶିବାରୁ ଗଣି ଗଣି କାମ ପଡ଼ି ରହିଚି । ସବୁ ପରିସ୍ଥିତି କ୍ରମେ ବଦଳିବା ଆଡ଼କୁ ଯାଉଚି । ଖୁବ୍ ଭଲ ହୁଅନ୍ତା, କିନ୍ତୁ ବେଳେ ବେଳେ ନିରାଶପ୍ରାୟ ଲାଗୁଚି । ମନେ ହେଉଚି ତୁ ପାଖରେ ଥାଆନ୍ତୁ । କିନ୍ତୁ ନିରାଶ ହେବା ଲୋକ ମୁଁ ନୁହେଁ । ଆମ୍ଭାକୁ ଯୋଗସ୍ଥ କରି ରଖି ଯେ କୌଣସି ଯୁବକଠାରୁ କମ ଉତ୍ସାହରେ ଲାଗିନାଇ । ମୁଁ କିଛି ହଦେଇ ଯାଉଚି ବୋଲି ବୁଝିବୁ ନାଇ । ମାତ୍ର ଆଶା ଲୋଡ଼ା । ଯୁବ ଶକ୍ତିର ସାହଚର୍ଯ୍ୟ ଓ ସହାୟତା ଲୋଡ଼ା । ଖାଲି ତୁ ପାଖରେ ଥିଲେ ମୁଁ ସବୁ କରି ପାରନ୍ତି—ଏ ବୟସରେ ବି ଏହାଇ ସର୍ବଦା ମନେ ହେଉଚି ।

× × × ×

ଆଶା କରେ ଦେହପା ସବୁ ଭଲ ଅଛି । କେବେ ଆସିବୁ ଲେଖିବୁ । ତୋତେ ଦେଖିବାକୁ କାହିଁକି ମୋର ଘରି ମନ ହେଉଛି । ଏଇ ଦୁର୍ବଳତାଟି ଏଡ଼ି ମୁଁ ଯୋଗରେ ଉଠି ପାରୁନାଇ ।

ଶୁଭକାଂକ୍ଷୀ
ନୀଳକଣ୍ଠ ଦାସ

Digitized by PPRACHIN, SOA

ନବଭାରତ ଅଫିସ
ଜଗନ୍ନାଥେ ଭଲ କରନ୍ତୁ
କଟକ
ବାପା ବିକ୍ରମ,
୨୧ । ୭ । ୫୨

କଅଣ କହିବି, ତୋ ଚିଠିଟି ଭୁବନେଶ୍ୱରରେ ପାଇ ଥରେ ତର-ତରରେ ଆଖି ବୁଲାଇ ଦେଇ, ପରେ ପଢ଼ି ଉତ୍ତର ଦେବି ବୋଲି କେଉଁଠି ରଖିଦେଲି ଆଉ ପାଉ ନାହିଁ । ପାଇବି ପାଇବି ବୋଲି ବି ଡେରି ହୋଇ ଯାଉଚି । ତୁ ହୁଏତ ମୋ ଚିଠିକୁ ଅପେକ୍ଷା କରିଥିବୁ । ବିଦେଶ କି ନା ? ମୁଁ ତେଣୁ ଆଉ ଗୋଟିଏ ପୂର୍ବ ଠିକଣା ଚିଠିରୁ ଦେଇ ଏ ଚିଠି ଲେଖୁଚି ।

× × ×

କେଉଁ କାଗଜ ଏଠାରୁ ପାଉ ଲେଖିବୁ । ମୁଁ ସବୁ କାର୍ଯ୍ୟ କରୁଚି । କିନ୍ତୁ ସବୁବେଳେ ମନେ ହେଉଚି ସାଙ୍ଗକୁ କେହି ନାହିଁ । ଆଗପଛକୁ କେହି ନାହିଁ । ଏକାରେ ଏତେ ଲୋକ ବିଶ୍ୱାସ ଓ ପ୍ରତିଷ୍ଠା ମୋଟି ଥିଲି । ଏହା ଏବେବି ମତେ ବିସ୍ମିତ କରିଚି । କିନ୍ତୁ ଏ ସବୁର ବ୍ୟବହାର ପାଇଁ ପ୍ରଶସ୍ତ କ୍ଷେତ୍ର ଓ ପରିସର ଥିଲେ ମଧ୍ୟ ପରିସ୍ଥିତି ନାହିଁ । ଏହାହିଁ ମୋର ଦୁଃଖ । ଗୋଦାବରୀଶ ମାସ ଦୁଇ ହେବ ଅସୁସ୍ଥ । ଦିନରେ ସାମାନ୍ୟ ୧୦୦° ରୁ ଉର୍ଦ୍ଧ୍ୱ ଜର ହେଉଚି । ରାତିକୁ ଛାଡୁଚି । ରୋଗ କେହି ଚିହ୍ନୁ ନାହାନ୍ତି । ଆଶାଙ୍କରେ ଭଲ ଅଛୁ ।

ଶୁଭକାଂକ୍ଷୀ
ନୀଳକଣ୍ଠ ଦାସ

ଜନମ ଭୂଇଁର ସେବାପାଇଁ ବିଶେଷରେ ଏ ଜାତିର ବଳିଷ୍ଠ ସାହିତ୍ୟ, ରାଜନୀତି ଓ ଅର୍ଥନୀତି ଗଢ଼ିବା ପାଇଁ ନିଷ୍ଠାପର ଯୁବଶକ୍ତିର କି ପ୍ରୟୋଜନ ତାହା ସେ ଭଲେ ଭଲେ ଅନୁଭବ କରୁଥିଲେ । ସେ ନିଜକୁ ସବୁବେଳେ ଯୁବ ଭାବରେ ଉଦ୍‌ବୁଦ୍ଧ କରି ରଖୁଥିଲେ । ବାର୍ଦ୍ଧକ୍ୟର ନୈରାଶ୍ୟ ତାଙ୍କୁ କେବେ ଉଦ୍‌ବେଳିତ କରୁ ନଥିଲା । ରୋଗର ଦୌରାତ୍ମ୍ୟକୁ ସେ ହସି ହସି ସହି ଯାଉଥିଲେ । ଥରେ ତାଙ୍କର ଜଣେ ପ୍ରିୟ ସହକର୍ମୀ ଗଞ୍ଜାମର ଶ୍ରୀ ଜଗନ୍ନାଥ ମିଶ୍ରଙ୍କୁ ସେ କହିବାର ମୁଁ ଶୁଣିଚି, "ଜଗନ୍ନାଥ, ଏ ଗୋଡ଼ ହାତର କଅଣ ବେଶୀ ପ୍ରୟୋଜନ ଅଛି ? ପକ୍ଷାଘାତ ହେଲେ କିଛି ଯା ଆସ ନାହିଁ । ମସ୍ତିଷ୍କ ଓ ଚକ୍ଷୁ ଠିକ୍ ଥିଲେ ମୋର ଆଉ କେଉଁଥିକୁ ଖାତିର ନାହିଁ ।" ଅତି ବିପଦ ବେଳେ ବା ଶାରୀରିକ କଷ୍ଟ ବେଳେ ମଧ୍ୟ ହା-ହତାଶ ଶବ୍ଦ କେହି ତାଙ୍କ ମୁହଁରୁ ଶୁଣିନାହିଁ । ସେ ସବୁବେଳେ

Digitized by PPRACHIN, SOA

ଆଶାବାଦୀ । ଯେତେ ଇଂଜେକ୍‌ସନ ଦେଲେ ତାଙ୍କୁ ଆଦୌ ନ କାଟିଲା ପରି ସେ ସହି ଯାଆନ୍ତି । ମୃତ୍ୟୁ ଶଯ୍ୟାରେ ମଧ୍ୟ ତାଙ୍କୁ ଯିଏ ଦେଖିଛି, ସେ ଦେଖି ଥିବ ମୃତ୍ୟୁର କୌଣସି ପ୍ରଭାବ ତାଙ୍କ ମୁଖମଣ୍ଡଳରେ ପଡ଼ି ନଥିଲା, ଶେଷ ପର୍ଯ୍ୟନ୍ତ ମୁହଁରୁ ସେଇ ପ୍ରଶାନ୍ତ ଦୀପ୍ତି ବାହାରୁ ଥିଲା । ଶରୀର ଚମଡ଼ା ତ ଧୁଡ଼ୁ ଧୁଡ଼ୁ ହୋଇ ନଥିଲା । କପାଳର ଚର୍ମ ମଧ୍ୟ କୁଞ୍ଚିତ ହୋଇ ନଥିଲା । ତାଙ୍କର ଅସରନ୍ତି ଯୌବନ ଓ ନିଷ୍ଠାପର କର୍ମମୟ ଜୀବନ ଦେଇ, ସେ ଚାଲି ଯାଇଛନ୍ତି । କେବଳ ଅଳିଭା ସ୍ମୃତିହିଁ ରହିଛି । ଏ ଜାତି ତାଙ୍କୁ ଭୁଲି ପାରିବନି । ଗୋପବନ୍ଧୁଙ୍କ ସମାଧି ମନ୍ଦିର ଉନ୍ମୋଚନ ଦିନ ସେ ଲେଖିଥିବା ଏଇ କବିତା ପଦଟି ତାଙ୍କୁ ହିଁ ପ୍ରଯୁଜ୍ୟ ।

"ସ୍ମୃତିରେ ପ୍ରଦୀପ୍ତ ମିଶୁ ଯୁବ ଭାବେ ଧରା ବସୁ
କର୍ମ ମନ୍ତ୍ରେ ପୂରି ଉଠୁ ଗ୍ରାମ ନଗର
ଆହେ 'ନୀଳକଣ୍ଠ' ତୁମେ ଚିର ଅମର ।"

Digitized by PPRACHIN, SOA

# ନୀଳକଣ୍ଠଙ୍କ 'କୋଣାର୍କେ'

## ଏକ ବିହଙ୍ଗାବଲୋକନ

### ଅଧ୍ୟାପକ ଶ୍ରୀ ପ୍ରସନ୍ନ କୁମାର ମିଶ୍ର

ନାଟକୀୟତା ଯେ କୌଣସି ସାହିତ୍ୟ-କୃତିକୁ ଅଧିକ ରସାଳ ଓ ଅଧିକ ସାର୍ଥକ କରିଥାଏ । ଘଟଣା ପରିବେଷଣରେ, ବର୍ଣ୍ଣନା-ବିନ୍ୟାସରେ ଓ ଚରିତ୍ର ଉପସ୍ଥାପନା କ୍ଷେତ୍ରରେ ଉନ୍ନତ କଳା-ସ୍ପର୍ଶ ଦେବା ଲାଗି କବିଙ୍କୁ ନାଟ୍ୟକାରର ମନ ନେଇ ଆବିର୍ଭୂତ ହେବାକୁ ପଡ଼େ । ଘଟଣା ସଂକ୍ରାନ୍ତରେ ଦ୍ରୁତ-ପରିବର୍ତ୍ତନଶୀଳତା, ଅସଂଲଗ୍ନ ସ୍ୱପ୍ନ ସଦୃଶ ଗୋଟିଏ ଘଟଣାରୁ, ଗୋଟିଏ ପରିବେଶରୁ, ଗୋଟିଏ ବର୍ଣ୍ଣନାରୁ ଅନ୍ୟଠାକୁ ସହସା ଉଲ୍ଲମ୍ଫନତା, ଜନ୍ମ-ମୃତ୍ୟୁ, ଦୂର-ନିକଟ, ଆଲୋକ-ଅନ୍ଧକାର, ଜୟ-ପରାଜୟ, ହସ-ଅଶ୍ରୁ ଓ ଅତୀତ-ବର୍ତ୍ତମାନ ଭଳି ପରସ୍ପର ବିରୋଧାତ୍ମକ ବିଭବର ଅବତାରଣା କାବ୍ୟକୁ ନାଟ୍ୟରସରେ ମଣ୍ଡିତ କରିଥାଏ । ପଣ୍ଡିତ ନୀଳକଣ୍ଠଙ୍କ ଅମର କାବ୍ୟ 'କୋଣାର୍କେ' ଏ ପ୍ରକାର ରସରେ ସମୃଦ୍ଧ ।

ଦୀର୍ଘ-କବିତା ଅଥବା କାବ୍ୟକୁ ରସମୟ ଓ ଗ୍ରହଣୀୟ କରିବା ଏତେ ସହଜ କଥା ନୁହଁ । ବିରାମ-ହୀନ ଦୀର୍ଘ-ବକ୍ତୃତା ଶୁଣିବା ଅବସ୍ଥାରେ ଏବର ପାଠକ ଆଉ ନାହିଁ । ଏହା ପଣ୍ଡିତ ନୀଳକଣ୍ଠ ମଧ୍ୟ ଅନୁଭବ କରିପାରିଥିଲେ । ଏଣୁ 'ଗ୍ରାମଚଣ୍ଡୀରେ ରାତି' ଓ 'ସକାଳ' ଅଧ୍ୟାୟ ରଚନା କଲାବେଳେ କବିଙ୍କୁ ଏକ ସ୍ୱତନ୍ତ୍ର ଉପାୟରେ ଭାବ ବ୍ୟକ୍ତ କରିବାକୁ ପଡ଼ିଛି । ଯାହା ଫଳରେ, ଉକ୍ତ ଅଧ୍ୟାୟଟି ଓଡ଼ିଆ କବିତା ରାଜ୍ୟରେ ଏକ ନୂତନ ଧରଣର ବ୍ୟଥା ଓ କାବ୍ୟବେଦନାର ସଂକେତ ଧରି ଉଭା ହୋଇ ପାରିଛି ।

'କୋଣାର୍କେ' ଏକ ପ୍ରାଚୀନ-ଐତିହ୍ୟର କଥା-କାବ୍ୟ ନୁହଁ । ଗୋଟିଏ ରାତିରେ ଏକା କଡ଼କେ ଦେଖିଥିବା ଅସଂଲଗ୍ନ ସ୍ୱପ୍ନ-ମାଳାପରି ଏକ ବିଚିତ୍ର

Digitized by PPRACHIN, SOA

ପ୍ରକ୍ରିୟାରେ ଗ୍ରଥିତ । ଏହା ଅନେକ କ୍ଷୁଦ୍ର-ବୃହତ୍ତ ଅନୁଭୂତି ଓ ଭାବ-ପୁଷ୍ପର ଅନୁପମା ମାଳା । 'ରାମଚଣ୍ଡୀରେ ରାତ୍ରି' ଓ 'ସକାଳ' ଏହାର ଜ୍ୱଳନ୍ତ ଉଦାହରଣ । ବହୁ ସୌଭାଗ୍ୟ ଓ ଗୌରବର ଶ୍ମଶାନ-ଭୂମି ଉପରେ କବି ଦଣ୍ଡାୟମାନ । ଓଡ଼ିଆ କଳା ଓ ସଂସ୍କୃତିର ଅଭିମାନୀ ପାଠକ ସେ । ଏଣୁ ବକ୍ଷଭରା ଗର୍ବ ଯେନ ସେ ଇତିହାସର ଦ୍ୱାରସ୍ଥ । ଦୁର୍ଭାଗ୍ୟ-ପୀଡ଼ିତ ଓଡ଼ିଶାର ସନ୍ତାନ ସେ—ଏଣୁ ନୟନରେ ତାଙ୍କର ଲୋତକ । ବାସ୍ତବିକ—ଏକ ଅନାବିଳ ଦେଶପ୍ରେମୀର ଅଭିମାନ ଓ ଅଶ୍ରୁବର୍ଷଣ ମଧ୍ୟଦେଇ 'କୋଣାର୍କ' କାବ୍ୟର ଅଧ୍ୟାୟଗୁଡ଼ିକ ବୈଦଗ୍ଧ ଓ ଭାବ-ପ୍ରବଣତାରେ ପରିପୂର୍ଣ୍ଣ ହୋଇଥିବା ପରିଲକ୍ଷିତ ହୁଏ ।

ଉତ୍କଳର ଗୌରବୋଜ୍ଜ୍ୱଳ ଅତୀତର ଚିତ୍ର-ଚିତ୍ରଶାଳାରେ କବି କେବଳ ଜଣେ ମୁଗ୍ଧ ପରିଦର୍ଶକ ଭାବରେ ପ୍ରବେଶ କରି ନାହାନ୍ତି; ଅତୀତର ପ୍ରତିଟି ଦୃଶ୍ୟର ଶକ୍ତିଶାଳୀ ବିଭବ ଗୁଡ଼ିକରୁ ସେ ପ୍ରେରଣା ସଂଗ୍ରହ କରିଛନ୍ତି ଏବଂ ଆତ୍ମ-ପୀଡ଼ନ ମଧ୍ୟଦେଇ ବର୍ତ୍ତମାନର ଜାତୀୟ ପୀଡ଼ା, ଜାତୀୟ ବ୍ୟାଧି ଓ ଜାତୀୟ ହୀନମନ୍ୟତାର ସ୍ମରଣ କରିଛନ୍ତି ମଧ୍ୟ । ଯେପରି—

'ଉତ୍କଳର ପୁଣ୍ୟଭୂମି ଏ, ଏବେ ସିକତା ଖେଳେ
ଗୁଡ଼ିକଙ୍କେ ମୃଗ-ତୃଲନ୍ତ ଅପନ୍ତରା ପ୍ରାନ୍ତରେ ।'

ଇତିହାସର କୌଣସି ଏକ ନିର୍ଦ୍ଦିଷ୍ଟକାଳ ମଧ୍ୟରେ କବି ଆବଦ୍ଧ ହୋଇ ରହି ନାହାନ୍ତି । ପରୀକ୍ଷା ଆରମ୍ଭର ସ୍ୱଳ୍ପ ସମୟ ପୂର୍ବରୁ ପରୀକ୍ଷାର୍ଥୀ ଯେପରି ଇତିହାସ ପୁସ୍ତକର ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଏକ ଦ୍ରୁତ ବିହଙ୍ଗମ ଦୃଷ୍ଟିରେ ସ୍ମରଣୀୟ ଘଟଣାଗୁଡ଼ିକୁ ଦେଖିନିଏ, କବି ସେଇଭଳି ଏକ ଦ୍ରୁତ ଗତିରେ ସମଗ୍ର ଅତୀତକୁ ସ୍ମରଣ କରିଛନ୍ତି । ଯଥା—

"ଦିଗ୍‌ବିଜୟେ କେହୁ ବାହାରି ଭବେ ରଖିଲେ ଯଶ···( ଖାରବେଳ )
ଅଶ୍ୱମେଧ ପୁଣି କାହାର ଗୁଣ କରେ ପ୍ରକାଶ···( ଯଯାତି )
ବିନ୍ଧ୍ୟ ଭେଦି କେହୁ ଉତ୍ତରେ ରୁକ୍ଷ ଘାଟି ଆଦରି
ବିଶାଳ ପଠାଣ ବାହିନୀ ଦେଲେ ସମୂଳେ ମାରି ···( ଅନଙ୍ଗ )
କଳବର୍ଗ ସୀମା ଡେଇଁ କେ ଯେନ ସ୍ୱଳ୍ପ ସଇନ
ସହ୍ୟାଦ୍ରି ଉତ୍ତରେ ପୋତିଲେ ଭୃଙ୍ଗ-ଗଜ-କେତନ···(କପିଳେନ୍ଦ୍ର) ।"

ଇତ୍ୟାଦି

Digitized by PPRACHIN, SOA

ଉପରୋକ୍ତ ଚରଣ-ଚୟରେ ଖାରବେଳ, ଯଯାତି, ଅନଙ୍ଗଭୀମ ଓ କପିଳେନ୍ଦ୍ରଦେବଙ୍କ ଗୌରବପୂର୍ଣ୍ଣ କ୍ରିୟା-କଳାପକୁ ଲକ୍ଷ୍ୟ କରାଯାଇଛି । ସେମାନଙ୍କ ସଂପର୍କରେ ଅଧ୍ୟାୟେ ଅଧ୍ୟାୟେ ଲେଖିବାର ପ୍ରୟାସ ନ କରି କବି ଅତ୍ୟନ୍ତ ସଫଳତାର ସହିତ ଆପଣାର ଉଦ୍ଦେଶ୍ୟ ଚରିତାର୍ଥ କରି ପାରିଛନ୍ତି ।

ସ୍ୱପ୍ନ ଯେପରି ମନର ତା'ପରେ-କଣ-ହେଲା କୌତୂହଳକୁ ଅପେକ୍ଷା ନ ରଖି ହଠାତ୍ ଶେଷ ହୁଏ, କବି ଫଳକଣ୍ଠ ସେଇଭଳି ସ୍ୱପ୍ନ ପର୍ଯ୍ୟାୟଗୁଡ଼ିକୁ ଆକସ୍ମିକ ଭାବରେ ଛେଦ କରିଛନ୍ତି । ଯଥା—

"ଶତ ଶତ ଭେରୀ ବାଜିଲା ଶୁଙ୍ଗ ମନ୍ଦ୍ର ନିନାଦେ
ସ୍ୱପନେ ସଉଧ ଭାଜିଲା କହେ ସେହି ଶବଦେ ।"

× × × ×

"ପଲକେ ସେ ଛବି ଓଲଟି ଯିବ ବାପା ସ୍ୱପନେ
ଯଜ୍ଞ-ଧୂମ-ଶିଖ ଉଠିବ ପୁଣି ନଭ-ବିତାନେ ।"

'ରାମଚଣ୍ଡୀରେ ରାତି'ରେ ସ୍ୱପ୍ନ କବି ହୋଇଛନ୍ତି ନାୟକ । ଏହି ଅଧ୍ୟାୟ ଏକ ଦୀର୍ଘ ଗୀତି-କବିତା ଶ୍ରେଣୀର । କବିଙ୍କର ସ୍ୱକୀୟ ଅନୁଭୂତି, ବେଦନା ଓ ବିଦଗ୍ଧତାରେ ଏହା ରସାଣିତ । କବି ସର୍ବଦା ତାଙ୍କର ପରିବେଶ, ପରିସ୍ଥିତି ଓ ଉଦ୍ଦେଶ୍ୟ ବିଷୟରେ ପାଠକଙ୍କୁ ଜାଗ୍ରତ ଓ ସଚେତନ କରି ରଖିଛନ୍ତି । ବାଲିବନ୍ତ, କୋଣାର୍କ, ଗ୍ରହଗଣ, ବର୍ଷା-ମୁଖର ରାତି ଓ ରାମଚଣ୍ଡୀ ମନ୍ଦିରକୁ ପାଠକ ଭୁଲିବାକୁ ଅବସର ପାଏ ନାହିଁ । କବିଙ୍କ ମନୋବେଦନା ସାମ୍ପ୍ରତିକ ଉତ୍କଳର ସମସ୍ତ ଅନ୍ଧକାରକୁ ବିଦାର୍ଣ୍ଣ କରି ପ୍ରକଟିତ ହୋଇଛି । ଦୁର୍ଭାଗ୍ୟ-ରୂପକ ସମସ୍ତ ବାତ୍ୟା ଓ ଅନ୍ଧକାରର ଯନ୍ତ୍ରଣାରୁ ଯେ କବିଙ୍କ ଭାବ-ପ୍ରତିମାର ଜନ୍ମ, 'ରାମଚଣ୍ଡୀରେ ରାତି' ଅଧ୍ୟାୟ ଏହାର ଯଥେଷ୍ଟ ସୂଚକ ।

ସୁଷୁପ୍ତ ବାଳକଗଣଙ୍କ ପ୍ରତି କବିଙ୍କ ଉକ୍ତି—

"ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ"
"ଶୁଅରେ ବାଳକେ ଆରାମେ, ଏଥି ନାହିଁ ତ ଘର"
"ସ୍ୱପନେ ତ ବାପା ଦେଖୁଛ ବାରବାଟୀ ସଉଧ"

ଆଦି ପାଦଗୁଡ଼ିକଦ୍ୱାରା ଭାବ-ସ୍ରୋତ ଭିତରେ ଏକ ଏକ ବିରାମ-ଚିହ୍ନ ଭଳି । ଏଗୁଡ଼ିକ କେବଳ ନାଟକୀୟ ଓ ମନୋରମ ନୁହଁ, ପାଠକର ଧୈର୍ଯ୍ୟ ପାଇଁ ଯଥେଷ୍ଟ ଖାଦ୍ୟ ।

Digitized by PPRACHIN, SOA

ନାଟକ, ଏକାଙ୍କିକା, ଓ କ୍ଷୁଦ୍ର-ଗଳ୍ପ ପରି ପ୍ରାରମ୍ଭ ଉପରେ ଦୀର୍ଘ-କବିତାର ସଫଳତା ଅନେକ ପରିମାଣରେ ନିର୍ଭରଶୀଳ । କବି-ସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ବ୍ୟତୀତ ଗୋଟିଏ ଚମକପ୍ରଦ ପ୍ରାରମ୍ଭ ପ୍ରାଚୀନ ଓ ମଧ୍ୟ-କାଳୀନ କାବ୍ୟରେ ବାସ୍ତବିକ ବିରଳ । କିନ୍ତୁ 'କୋଣାର୍କ'ର କବି ପ୍ରାରମ୍ଭ କ୍ଷେତ୍ରରେ ନବୀନ ଶିଳ୍ପ-ଚେତନାର ପରିଚୟ ଦେଇଛନ୍ତି । କାବ୍ୟର ପ୍ରଥମ ବାକ୍ୟାଂଶ —'କି କରାଳ ଆଜି ରଜନୀ ?'···ସମ୍ଭବତ କେବଳ କବିସୂର୍ଯ୍ୟଙ୍କ କି: ଚମ୍ପୂର "କି ହେଲାରେ··" ତୁଳନାଯୋଗ୍ୟ । ପ୍ରଥମ ପ୍ରଶ୍ନ-ସୂଚକ ଉକ୍ତିରେ ଯେଉଁ କରାଳତାର ସୂଚନା କବି ଦେଇଛନ୍ତି, ପରେ ପରେ ତାହାର ସ୍ୱରୂପ ସେ ଉଦ୍‌ଘାଟନ କରିଛନ୍ତି ।

ଯଥା—"·········ବହେ ଝଞ୍ଜା ପବନ ।

ତରୀ ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜ୍ଜନ ।
ମୂଷଳ-ଧାରାରେ ଝଟିକା ଦିଏ କଡ଼ୁଡ଼ି କେବେ ।"

କବି କେତେବେଳେ ନୈର୍ବ୍ୟକ୍ତିକ ଭାବରେ ଓଡ଼ିଆ ଜାତିର ଜୀବନ-ଜିଜ୍ଞାସା ପ୍ରକାଶ କରିଛନ୍ତି, ପୁଣି କେଉଁଠି ସେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଅଧିକାର ନେଇ ଜାତିର ସପକ୍ଷରେ ନିଜର ବ୍ୟଥା ଓ ଆକୁଳତାର ସ୍ୱର ଉତ୍ତୋଳନ କରିଛନ୍ତି । ଗୋଟିଏ ଜାତିର ଭାଗ୍ୟାକାଶରେ ଯେପରି ଝଡ଼ ମାତିଛି, ଓ ମେଘ ଘୋଟିଛି ସମଗ୍ର ଜାତିର ପ୍ରାଣ ଓ ସୁଖ-ଶାନ୍ତିକୁ ନଷ୍ଟ-ବିନଷ୍ଟ କରି । ଜଣେ ପ୍ରକୃତିବାଦୀ କବି ଭଳି ନୀଳକଣ୍ଠ ଏ ଜାତିର ସୌଭାଗ୍ୟ ପାଇଁ ସେହି ଶାଶ୍ୱତ ଓ ଭୀମ-କାନ୍ତ ପ୍ରକୃତି ସମ୍ମୁଖରେ ନମ୍ର ନିବେଦନ ଜଣାଇଛନ୍ତି:—ଯଥା—

"ରହ ରହ ବାଆ ବତାସି, ରହ ବରଷା ଧାର
କୁଆଁର ପୁନିଅଁ ହେଉରେ ଆଜ ରଜନୀ ସାର ।"
"ଥିଯୁ ହୁଅନ୍ତୁ କି ବତାସି; ମେଘ, ଯାଆନ୍ତୁ ଗୁଳି
ପୁନିଅଁ ବିହାରେ ବୁଲନ୍ତେ, ଶିଶୁ ଏଥି ବାହାରି ।"

ଏଠାରେ ଝଡ଼ ଓ ମେଘ ଦୁର୍ଭାଗ୍ୟର ପ୍ରତୀକ । କୁଆଁର ପୁନିଅଁରେ ଓଡ଼ିଆ ଜାତୀୟ-ଜୀବନ ଓ ସୁଖ-ଶାନ୍ତିର ସୂଚନା ନିହିତ ଅଛି । ସୁପ୍ତ ବାଳକଗଣଙ୍କୁ ଅବୋଧ, ଦୁର୍ବଳ ଓ ଆତ୍ମ-ଜ୍ଞାନ-ହୀନ ଓଡ଼ିଆ ଜାତିର

Digitized by PPRACHIN, SOA

ତତ୍କାଳୀନ ଅବସ୍ଥାର ପ୍ରତିନିଧି ଭାବେ ଗ୍ରହଣ କରାଯାଇପାରେ । ଅଧା ବାସ୍ତବତା ଓ ଅଧା-କଳ୍ପନା ମଧ୍ୟରେ ପାଠକଙ୍କୁ ନିମଗ୍ନ ରଖି କବି ବକ୍ତବ୍ୟ ପରିବେଷଣ କରିଛନ୍ତି । କୁମାର ପୂର୍ଣ୍ଣିମାର ଜ୍ୟୋତ୍ସ୍ନାର ଲାବଣ୍ୟମୟତା ଓ ଝଡ଼ର ଭୟାନକତା ମଧ୍ୟରେ କବି ପ୍ରଥମରୁ ଯେଉଁ କାବ୍ୟିକ-ଦ୍ୱନ୍ଦ୍ୱର ସୂତ୍ରପାତ କରିଛନ୍ତି, ସ୍ତିତି ପର୍ଯ୍ୟାୟର ଶେଷ ପର୍ଯ୍ୟନ୍ତ ତାହା ସୁରକ୍ଷିତ ହୋଇଛି । ସେ ଲେଖିଛନ୍ତି—

"ସପନେ ଲାଗିବ ସକଳ ବାପା ବାଳୁତ ନଦେ
ଲାଗିବ ଶିଖରୁ ପଡ଼ୁଛି କବା ସାଗର ପଦେ ।"

ଏଣୁ ସହସା ପତନ କାବ୍ୟକୁ ନାଟକୀୟ ଓ ବିଷୟକୁ ହୃଦ୍ୟ କରିବାରେ ସହାୟତା କରିଛି । ଅନେକ କ୍ଷେତ୍ରରେ କବିଙ୍କ ଉକ୍ତି ଅଧଃପତିତ ଜାତି ପ୍ରତି ତୀକ୍ଷ୍ଣ ବିଦ୍ରୂପ ବାଣ ପରି ବୋଧ ହୁଏ । କିନ୍ତୁ ସେଣୁ 'ବ୍ୟଙ୍ଗ' କବିତାର ଗାମ୍ଭୀର୍ଯ୍ୟରେ ଲୁକ୍କାୟିତ ଏବଂ ସେ ସବୁ କବି ନୀଳକଣ୍ଠଙ୍କ ଜାତୀୟ ଭାବର ସୂଚକ ।

Digitized by PPRACHIN, SOA

# ତାଙ୍କ ସହିତ ଗୋଟିଏ ଯୁଗ

## ଶ୍ରୀ ଗଣେଶ୍ୱର ମିଶ୍ର

( ଓଡ଼ିଶା ବିଧାନସଭା ଚତୁର୍ଥ ଶ୍ରେଣୀ କର୍ମଚାରୀ )

[ ଶ୍ରୀଯୁକ୍ତ ଗଣେଶ୍ୱର ମିଶ୍ର ନୀଳକଣ୍ଠଙ୍କ ଶେଷଜୀବନରେ ଆଶାବାଡ଼ି ଥିଲେ । ତାଙ୍କୁ ଯେ ନୀଳକଣ୍ଠଙ୍କ ସେବା କରିବାର ଦେଖିଥିବ, ସେ ନିଶ୍ଚୟ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇଥିବ । ପଣ୍ଡିତଜୀଙ୍କ ଶେଷଜୀବନର ଯେଉଁ ଘଟଣାଗୁଡ଼ିକ ତାଙ୍କ 'ଆତ୍ମ-ଜୀବନୀ'ରେ ସ୍ଥାନପାଇ ପାରିନାହିଁ ସେସବୁ ଶ୍ରୀ ଗଣେଶ ତାଙ୍କ ସ୍ମୃତିକୋଷରେ ସାଇତି ରଖିଛନ୍ତି । ଗୋଟିଏ ଯୁଗରୁ ଅଧିକକାଳ ସେ ପଣ୍ଡିତଜୀଙ୍କ ପାଖେ ରହି ତାଙ୍କ ଅର୍ଦ୍ଦଳି ସବୁ ସହିଛନ୍ତି । ପଣ୍ଡିତଜୀଙ୍କ ପ୍ରତି ତାଙ୍କର ଅସୀମ ଭକ୍ତି ଓ ଶ୍ରଦ୍ଧା ତାଙ୍କ ଲେଖାରୁ ସ୍ପଷ୍ଟ । ମୋର ଅନୁରୋଧ ମାନେ ବହୁ ଦିନର ସହିତ ସେ ତାଙ୍କ ଅନୁଭୂତିରୁ କିଛି ଅଂଶ ସଂକ୍ଷେପରେ ଲେଖିଦେଲେ; ପୁଣି କହିଲେ—"ମୁଁ ମୂର୍ଖ, ଲେଖି ଜାଣେନି । ଭାଷା ଓ ଭାବ ଠିକ୍ ମେଳ ହେବ ନାହିଁ । ଆପଣ ଦୟାକରି ସଂଶୋଧନ କରି ଛପାଇବେ ।" ତାଙ୍କର ଏ ବିନୟ ତାଙ୍କ ଲେଖାରେ ସ୍ପଷ୍ଟ ପ୍ରକଟିତ ହୋଇଛି । ମୁଁ କେବଳ ତାଙ୍କ ଭାବ ଓ ଭାଷାକୁ ଓଳେଇବା ଦାୟିତ୍ୱ ନେଇଛି ମାତ୍ର—ସଂପାଦକ ]

ପୂଜ୍ୟପାଦ ପଣ୍ଡିତ ନୀଳକଣ୍ଠଙ୍କ 'ସ୍ମରଣିକା'ରେ ମୋର ଲେଖାଟିଏ ରହିବ ଶୁଣି ନିଜକୁ ଧନ୍ୟ ମନେକରିବା ଛଡ଼ା ମୋର ଆଉକିଛି ନାହିଁ । ମୁଁ ପଣ୍ଡିତଜୀଙ୍କ ପାଖେ ପାଖେ ପ୍ରାୟ ବାରବର୍ଷରୁ ଅଧିକ କାଳ ରହି ଆସିଛି । ଆହା ଗୋଟିଏ ଯୁଗ ଏହା ଭିତରେ ବିତିଗଲା । କେତେ ହସକାନ୍ଦ, ରାଗରୋଷର ସ୍ମୃତି ଏଇ ମୋର ଭଙ୍ଗା ମନରେ ଲାଗିରହିଛି । ଯାହାଙ୍କ ପାଖେ ମହାମହା ପଣ୍ଡିତ କଥା କହି ପାରନ୍ତି ନାହିଁ, ମୋ ଭଳି ମୂର୍ଖ ଯେ ଏତେ ଦିନ ରହିଯାଇ ପାରିଥିଲି, ଖାଲି ସେତିକି ନୁହେଁ, ତାଙ୍କର ଖାଇବା ପିଇବାଠାରୁ ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ମୋ

Digitized by PPRACHIN, SOA

ଉପରେ ଥିଲ ଏକଥା ମୁଁ ନିଜେ ଭାବିଲେ ବିଶ୍ୱାସ କରିପାରେ ନାହିଁ । ଏହି ବାରବର୍ଷ ଭିତରେ କେତେଥର ଗାଡ଼ିରେ ବସି ସେ ସଭାସମିତିକୁ ଯାଇଛନ୍ତି । ମୁଁ ତାଙ୍କ ବଗପକ୍ଷୀ ପରି ଧୋବ ଫରଫର କୁର୍ତ୍ତା ଆଣି ତାଙ୍କୁ ପିନ୍ଧାଇ ଦେଇଛି । ହାତରେ ବାଡ଼ି ଧରାଇ ଦେଇଛି । ମୋର କାନ୍ଧରେ ଗୋଟିଏ ହାତ ରଖି ସେ ଧୀରେ ଧୀରେ କାର୍ ଭିତରେ ବସିଛନ୍ତି । ପୁଣି ସଭା ସରିଲେ ତାଙ୍କୁ ଧରି ଧରି ଆଣି ଗାଡ଼ିରେ ବସାଇ ଦେଇଛି—ସେସବୁ ଆଜି ଜଳଜଳ ଦେଖାଯାଉଛି । ତାଙ୍କ ଗୋରା ବେକରେ ଫୁଲମାଳ ପଡ଼ିଲେ ପାଚିଲା ଦାଢ଼ି ସହିତ ତାଙ୍କୁ ଖୁବ୍ ସୁନ୍ଦର ମାନେ । ମୋ ହାତକୁ ମାଳଟି ବଢାଇଦେଇ ସେ ଗାଡ଼ିରେ ବସନ୍ତି ।

ସଭାରୁ ଫେରିବା ବାଟରେ ପଣ୍ଡିତଜୀ ବଡ଼ ଖୁସିରେ ପଚାରନ୍ତି— "ଗଣେଶ, ସଭା କେମିତି ହେଲା ? ମୋ ବକ୍ତୃତା କେମିତି ଲାଗିଲା ? ମୁଁ ଯାହା କହିଲି ସମସ୍ତେ ଶୁଣିଥିବେ ତ ? ତତେ ଭଲ ଲାଗିଲାଟି ?"— ଏମିତି ଶିଶୁ ସୁଲଭ ବ୍ୟାକୁଳତାରେ ସେ କେତେଗୁଡ଼ାଏ ପ୍ରଶ୍ନ ପଚାରିଯା'ନ୍ତି । ମୁଁ ସଂକ୍ଷିପ୍ତ ଉତ୍ତରଟିଏ ଦିଏ – "ଭାରି ଭଲ ହେଲା ?" ମୁଁ ଯେ ତାଙ୍କ ବକ୍ତୃତାରୁ କ'ଣ ବୁଝେ—ତା ନୁହେଁ । କିନ୍ତୁ ଭାରି ଭଲ ହେଲାବୋଲି କହିଲେ ସେ ଭାରି ଖୁସି ହୁଅନ୍ତି । ଆଜି ସେଇ ପରମ ତୃପ୍ତିର ହସ ସତେ ଯେମିତି ଶୁଭ୍ର ଦାଢ଼ିକୁ କୁଞ୍ଚିତ କରି ସେ ବିରାଟ ମୁହଁଟାରେ ଉକୁଟି ଉଠୁଥିବା ପରି ଦିଶିଯାଉଛି । ମତେ ସେ ଏତେ ସୁଖ ପାଉଥିଲେ ଯେ, ମୁଁ ତାଙ୍କପାଖେ ଚାକରି କରିଥିବା ପରି ମନେ କରୁନଥିଲି । ତାଙ୍କ କଥା ଓ ସ୍ନେହ ମୋତେ ଯେ କିପରି ଲାଗେ ତାହା ଲେଖି ହେବନି । ପଣ୍ଡିତଜୀଙ୍କୁ ମୁଁ ଦେବତା ମନେକରି କାମକରି ଚାଲିଯାଏ । ଆଜିକାଲି ନିଜର ପିତା ବେରାମ ହେଲେ ପୁଅ ମଧ୍ୟ ସେପରି କାମ କରିବା ଅସମ୍ଭବ । ମୁଁ ସେସବୁ ଅନ୍ତରରେ କରିପାରିଛି ସେଥିପାଇଁ ନିଜକୁ ଧନ୍ୟ ମଣୁଛି ।

ମୁଁ ତାଙ୍କ ପାଖେ ରହିବାବେଳେ ତାଙ୍କୁ ପ୍ରାୟ ୭୨ ବର୍ଷ ବୟସ ହୋଇଥିଲା । ତା' ଆଗରୁ ତାଙ୍କ ପରିସ୍ରାରେ ଅଳ୍ପ ବହୁତ ସୁଗାର ଆସୁଥିଲା । ତାଙ୍କ ସାନପୁଅ ବିକ୍ରମବାବୁ ଆମେରିକାରୁ ଫେରିଥା'ନ୍ତି । ତାଙ୍କ ପରିସ୍ରା କିପରି ପରୀକ୍ଷା କରିବାକୁ ହେବ, କିପରି ଔଷଧ ଓ ଇଂଜେକ୍ସନ ଦେବାକୁ ହେବ – ଏକଥା ମୋତେ ବିକ୍ରମବାବୁ ଶିଖାଇ ଦେଲେ । ଆଗରୁ

Digitized by PPRACHIN, SOA

ଥିବା ଲୋକଟି ଛୁଟିରେ ଯାଇଥିଲା । ସେଇ କେତେଦିନ ଭିତରେ ମୋ କାମରେ ପଣ୍ଡିତଜୀ ଏତେ ଖୁସି ହୋଇଗଲେ ଯେ ଆଉ ସେ ପୁରୁଣା ଲୋକଟିକୁ ନରଖି ମୋତେ ରଖିବାକୁ ସ୍ଥିର କଲେ । ତାର ଅଳ୍ପ ଦିନ ଭିତରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍‌ଚାନ୍ସେଲର ହେଲେ । ମୋତେ ଅର୍ଡ଼ର୍ଲି ଭାବେ ତାଙ୍କ ଅଫିସ୍‌ରେ ନିଯୁକ୍ତ କରାଇ ଦେଲେ । ପୁଣି କିଛି ଦିନ ପରେ ଇଲେକ୍‌ସନ ହେଲା । ସେ ନିର୍ଦ୍ଦିଦରେ ନିର୍ବାଚିତ ହୋଇ ବିଧାନ ସଭାରେ ବାଚସ୍ପତି ହେଲେ । ବିଶ୍ୱବିଦ୍ୟାଳୟ ପ୍ରୋଭାଇସ୍‌ଚାନ୍ସେଲର୍ କାର୍ଯ୍ୟରୁ ଇସ୍ତଫା ଦେଇ ଦେଲେ । ମୋତେ ଏହି ସମୟରେ ଆସେମ୍ବ୍ଲିରେ ସେ ପିଅନ କରାଇ ଦେଲେ । ସେତେବେଳେ ତାଙ୍କର ଦେହ ପୂରା ଭଲ ଥାଏ । ସେ ସନ୍ଧ୍ୟା ସମୟରେ ଟିକିଏ ବୁଲି ଯାଆନ୍ତି । ସେ ଏତେ ଚାଲି ପାରନ୍ତି ଯେ ମୁଁ ତାଙ୍କ ସହିତ ଚାଲି କରି ଯାଇ ପାରେନି । ପ୍ରାୟ ଦଉଡ଼ି ଦଉଡ଼ି ଯାଏ ।

ଆଜି ତାଙ୍କ ରାଗ ଓ ରୋଷ କଥା ଭୁହାଇ ଭୁହାଇ ମନେ ପଡୁଛି । ଏତେ ଅଳ୍ପ ସମୟରେ ସେ ଏତେ ରାଗି ଯାଆନ୍ତି ଯେ ସାମାନ୍ୟ କଥାରେ ସେ ଲାଲ୍ ପଡ଼ି ଯାଆନ୍ତି । ନୂଆଲୋକ ତାଙ୍କ ରାଗ ଦେଖିଲେ ନିଶ୍ଚୟ ଡରି ଯିବ । କିନ୍ତୁ ତାଙ୍କ ରାଗବେଳେ ତାଙ୍କ ମୁହଁକୁ ଚାହିଁଲେ ମୋତେ ହସ ମାଡ଼େ । ଯଦି ତାଙ୍କ ଦର୍କାର ବହିଟି ନଦେଇ ଭୁଲରେ ଅନ୍ୟ କେଉଁ ବହି ଦେଇଦିଏ ସେ ରାଗି ପ୍ରଚଣ୍ଡ ହୁଅନ୍ତି । ଗୋରା ମୁହଁ ଓ ଧଳା ଦାଢ଼ି ଥରଉଠେ । ଦାନ୍ତରେ ଦାନ୍ତ ଲାଗେ । ଏଇ ହେଲା ତାଙ୍କର ରାଗ । ତାଙ୍କ ରାଗ ଦେଖି ଓ କଥା ଶୁଣି ଆମେ ମନେ ମନେ ହସି ଉଠୁ । ଅଭ୍ୟସ୍ତ ଖାତରେ ଆମେ ସେସବୁ ଶୁଣୁ ଓ ସମାଧାନ କରିବାରେ ତତ୍ପର ହୋଇ ଉଠୁ ।

ଦିନେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ତାଙ୍କର ଗୋଟିଏ ସଭାରେ ଯୋଗ ଦେବାର ଥାଏ । ତାଙ୍କ ସାନ ଜୋଇଁ ଦ୍ୱାରିକାବାବୁଙ୍କ ଘରୁ ସେ ମିଟିଂକୁ ଯିବା କଥା । ହଠାତ୍ ଗାଡ଼ି ଅସଜ ହୋଇଗଲା । କାରଖାନାକୁ ପଠାଗଲା । କିନ୍ତୁ ଠିକ୍ ସମୟରେ ଆସି ପାରିଲାନି । ସମୟ ବହୁତ ଥାଏ । କାଳେ ଗାଡ଼ି ଠିକ୍ ସମୟରେ ଆସିବନି ଓ ମିଟିଂରେ ଠିକ୍ ସମୟରେ ପହଞ୍ଚି ହେବନି ଏଥିପାଇଁ ପଣ୍ଡିତଜୀ ବରାବର ବ୍ୟସ୍ତ ହୋଇ ଗାଡ଼ି କଥା ପଚାରୁଥା'ନ୍ତି । ଶେଷକୁ ଖୁବ ବିରକ୍ତିଦାର ହୋଇ ରାଗରେ



Digitized by PPRACHIN, SOA

କହିଲେ—"ମୁଁ ଆଜ ଆଉ ଗାଡ଼ିରେ ବସିବି ନାହିଁ । ରେକ୍‌ସା ଡାକ—ମୁଁ ଯିବି" । ପଣ୍ଡିତଜୀ ରେକ୍‌ସାରେ ଯିବେ—ଏକଥା ମୁଁ ବିଶ୍ୱାସ କରି ପାରୁ ନଥାଏ । ମୁଁ ତେଣୁ ଡେରି ଡେରି କରୁଥାଏ । ଶେଷକୁ ବାଡ଼ି ଧରି ବାହାରି ପଡ଼ିଲେ ଓ କହିଲେ "ମୋ ସାଙ୍ଗେ ଚାଲିଆ, ମୁଁ ଆଜି ଚାଲିକରି ଯିବି ।" ଅକସ୍ମାତ ରେକ୍‌ସାଟିଏ ଆସି ପହଞ୍ଚିଲା । ସେଥିରେ ଝଅଟ ବସିପଡ଼ି କହିଲେ—"ଚାଲ" । ଏଣେ ହାରିବାବୁ ଗାଡ଼ି ଯୋଗାଡ଼ରେ ଥା'ନ୍ତି । "ରେକ୍‌ସାରେ ଆପଣ ଯାଇପାରିବେ ନି" ବୋଲି ଯେତେ କହିଲେ ବି ସେ ଶୁଣୁ ନଥା'ନ୍ତି । ତାଙ୍କର ବଡ଼ କଥା ହେଲା ସମୟ । ଏଇ ସମୟରେ ଗାଡ଼ି ଆସି ପହଞ୍ଚିଲା । ଯେତେ କହିଲେ ଆଉ ହେଲାନି । ରେକ୍‌ସାରେ ସେ ଗଲେ । ରାଗରେ ସେ ଅଗ୍ନିଶର୍ମା । କିଛି ବୁଝିବାକୁ ପ୍ରସ୍ତୁତ ନଥାନ୍ତି । ଏହିପରି ବହୁତ କଥା ଅଛି । ରାଗିଲେ ସେ କିପରି ହୁଅନ୍ତି—ଏ ଦୃଶ୍ୟ ଯେ ଦେଖିଛି କେବେ ଭୁଲି ପାରିବନି । ଏପରିକି ପଣ୍ଡିତଜୀ ଯେତେବେଳେ ନିଜେ ଲେଖାଲେଖି କରୁଥା'ନ୍ତି କଲମରେ ଯଦି କାଳି ପାଶ କରେ ନାହିଁ, ବା କିଛି ଅସୁବିଧା ହୁଏ ସେ ରାଗିଯାଇ କଲମକୁ ଟେବୁଲରେ କେଞ୍ଚିଦେଇ ଫୋପାଡ଼ି ଦିଅନ୍ତି । ନିବ୍‌ଟି ଭାଙ୍ଗିଯାଏ । ଖବର କାଗଜ ପଢ଼ିଥିଲା ବେଳେ ଯଦି ପବନରେ କାଗଜ ହାତରୁ ଖସିଯାଏ ବା ଭାଙ୍ଗ ଅନୁସାରେ ନରହେ ତାକୁ ଲୋଟ୍ଟକୋଟ୍ଟ କରି ଫିଙ୍ଗି ଦିଅନ୍ତି । ବୋଧ-ହୁଏ ଜ୍ଞାନ ଆହରଣରେ କୌଣସି ବ୍ୟତିକ୍ରମ ବା ଅନ୍ତରାୟକୁ ସେ ସହିବାକୁ ପ୍ରସ୍ତୁତ ନଥିଲେ । ସେଥିପାଇଁ ପାଣି, ପବନ ପରି ପ୍ରକୃତି ଉପରେ ବି ତାଙ୍କର ପ୍ରଚଣ୍ଡ ରାଗ ଜନ୍ମି ଉଠେ । ସେ ଅଥୟ, ଅସ୍ଥିର ହୋଇ ପଡ଼ନ୍ତି । ତାଙ୍କୁ ଭଲ ଭାବରେ ନ ଜାଣିଥିବା ଲୋକ ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ ରାଗବେଳେ ଟିକିଏ ଚଡ଼ା ଉତ୍ତର ଦେଲେ ସେ କଥାଟା ଚଟ୍‌ପଟ୍ ବୁଝି ଯା'ନ୍ତି ଓ ଗ୍ରହଣ ମଧ୍ୟ କରି ନିଅନ୍ତି । ସେ ପ୍ରଚଣ୍ଡତା କ୍ରମେ ଶୀତଳ ପଡ଼ି ଯାଏ । ସେ କୁହନ୍ତି – "ଓହୋ, ମୋତେ ସେଇକଥା ଆଗରୁ କହୁନାହିଁ ।"

ଖାଇବା ଓ ଖୁଆଇବାରେ ତାଙ୍କର ଭାରି ସନ୍ତୋଷ ଥାଏ । ତାଙ୍କ ଶୋଇବା ଘରେ ନାତିନାତୁଣୀମାନେ ସମସ୍ତେ ତାଙ୍କ ସହିତ ଖାଇଲେ ସେ ଭାରି ଖୁସି ହୁଅନ୍ତି । ବଡ଼ ମାଛଟାଏ ଆସିଲେ ମୁଁ ନେଇ ଆଗ ତାଙ୍କୁ ଦେଖାଇଦିଏ । ସେତେବେଳେ ସେ ସବୁ ପିଲାମାନଙ୍କୁ ଡାକି କହନ୍ତି—"ଦେଖ, କମିତି ମାଛ ହୋଇଛି । ଆରେ ଗଣେଶ, ଏ କେତେ

Digitized by PPRACHIN, SOA

ଓଜନ ? କେତେ ପଡ଼ିଲି ? ଭଲକରି ପେଟଭରି ଦକ୍ଷିଣା ଆଗ ଆଣିବୁ ।"
ମୋ ରହିବା ଭିତରେ ଏପରି ଗୋଟିଏ ଦିନ ନଥିଲା ଯେଉଁଦିନ ସେ ମାଛ ନଖାଇଛନ୍ତି । ଆମେସବୁ ତାଙ୍କ ସହିତ ଟୁର୍‌ରେ ଗଲେ ସେ ଆଗ ଆମକୁ ଖାଇବାକୁ ପଠାଇ ନିଜେ ପଛରେ ଖାଆନ୍ତି । ରାତିରେ ଆସିବାବେଳେ ନିଦ ଲାଗିଲେ କହନ୍ତି—"ପିଲାଏ ଗୁହା କପେ କପେ ଖାଇଦିଅ । ନିଦ ଭାଙ୍ଗିଯିବ ।" ଏସବୁ ପିଲାଳିଆ କଥା ତାଙ୍କ ମୁହଁରେ ଖୁବ୍ ଭଲ ଶୁଭେ । ଆମ ମନରୁ ତାଙ୍କ ପ୍ରତି କ୍ରମେ କ୍ରମେ ଭୟ ତୁଟିଯାଏ । ଏସବୁ ଏବେ ଭଲ ଲାଗେ ଯେ ତାଙ୍କ ରାଗ ମୋଟେହେଲେ କାହାକୁ ବାଧେ ନାହିଁ ।

ଅଧାରୁ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା । ତେଣୁ ସେ ଆଉ ସ୍ଥିର ରହିଲେ ନାହିଁ । ସମସ୍ତେ ଯେଝା କାର୍ଯ୍ୟରେ ଲାଗିଲେ । ମୁଁ ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ ପାଖେ ରହିଥାଏ । ଶେଷକୁ ଇଲେକ୍‌ସନ୍‌ବେଳ ଆସିଲା । ମୁଁ ତେଣିକ ବାଧହୋଇ ତାଙ୍କ ପାଖରୁ ଚାଲିଯିବାପାଇଁ ଠିକ୍ କଲି । କେତେଦିନଯାଏ ଅଫିସରେ ରହି ଅଫିସ ଡିଉଟି ମଧ୍ୟ କରୁଥାଏ । ଦିନେ ମୋତେ ଡକାଇ ପଠାଇଲେ । ଖୁବ୍‌ଦୁର୍ବଳ ହୋଇ ଶୋଇଥାନ୍ତି । ଚାହିଁଲେ, କିନ୍ତୁ କିଛି କହିଲେ ନାହିଁ । ସେତେବେଳେ ତାଙ୍କ ବଡ଼ ଜୋଇଁ ଦଣ୍ଡପାଣି ରଥଙ୍କ ସରକାରୀ ବାସଭବନରେ ସେ ରହୁଥା'ନ୍ତି । (ବୟସ ଅଧିକ ହୋଇଥିବାରୁ ଆଉ ଆସେମ୍ବ୍ଲିପାଇଁ ତାଙ୍କୁ କଂଗ୍ରେସ ଟିକେଟ୍ ଦିଆହୋଇ ନ ଥାଏ । ସେଥିପାଇଁ ସେ ବଡ଼ ଦୁଃଖିତ ଓ ବିମର୍ଷ ମଧ୍ୟ ଥା'ନ୍ତି ।) ମୁଁ ଦେଖି ବଡ଼ ଚିନ୍ତାକଲି—"କଣ କରିବି ? କିଛି ତ କହୁ ନାହାନ୍ତି ।" କିନ୍ତୁ ତାଙ୍କ ବଡ଼ଝିଅ ଶାରଦା ଦେବୀ କହିଲେ—"ଗଣେଶ, ତୁ ଚାକିରୀ ଛାଡ଼ିଦେଇ ଆ । ପ୍ରାଇଭେଟ୍ ଭାବରେ ଏଠାରେ ରହ । ଯାହା ନବୁ ଆମେ ଦବୁ ।" ପଣ୍ଡିତଜୀଙ୍କ ସେଦିନ ଚେହେରା ଦେଖି ମୋତେ ଭାରି ଦୁଃଖ ଲାଗିଥିଲା । ଠିକ୍ କଲି ସରକାରୀ ଚାକିରୀ ଛାଡ଼ିଦେବି । ପରେ ପରେ ଚାକିରୀ ଛାଡ଼ି ପଣ୍ଡିତଜୀଙ୍କ ସେବାରେ ଲାଗିଗଲି । ଯେଉଁଦିନ ତାଙ୍କ ପାଖେ ମୁଁ ପ୍ରାଇଭେଟ୍ ଭାବରେ କାମରେ ଯୋଗଦେଲି ସେ କାନ୍ଦକାନ୍ଦ ହୋଇ କହିଲେ—"ଆସେମ୍ବ୍ଲି ତ ଭାଙ୍ଗିଗଲା, ସମସ୍ତେ ତ ଗଲେ । ତୁ କାହିଁକି ଚାକିରୀ ଛାଡ଼ି ମୋ ପାଖେ ରହିବୁ ?" ସେଦିନ କଥାଟି ମୋର କାଲିପରି ମନେ ହେଉଛି । ତାଙ୍କ ଓଠ ଯେପରି ଦୁଃଖରେ

Digitized by PPRACHIN, SOA

ଥରି ଉଠୁଛି । ଆଖି ଲୁହରେ ହେଉଛି ଛଳଛଳ । ଆହା ! ବଜ୍ରପରି କଠିନ ମନ ସହଜେ ପୁଣି କରକା ପରି ଏପରି ତରଳି ଯାଏ । ଆଉ ସେ ଦୃଶ୍ୟ ଆଖିରେ ପଡ଼ିବନି ।

ତା'ପରେ ୧୯୭୧-୭୨ ମସିହା କଥା । ତାଙ୍କ 'ଆତ୍ମଜୀବନୀ' କିପରି ଲେଖାହେବ ସେ ସମ୍ବନ୍ଧରେ ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଶ୍ରୀଯୁକ୍ତ ଅନନ୍ତ ମିଶ୍ର ପ୍ରଭୃତି ବାରମ୍ବାର ଆସି ତାଙ୍କୁ 'ଆତ୍ମଜୀବନୀ' ଲେଖିବାପାଇଁ ପରାମର୍ଶ ଦେଉଥାନ୍ତି । ତାଙ୍କ ଥିବା ଅବସ୍ଥାରେ ଏହି ବହି ଛପାହୋଇପାରିବ ବୋଲି ସମସ୍ତେ କହୁଥା'ନ୍ତି । ସେଠୁ ପଣ୍ଡିତଜୀ କହିଲେ—"ମୋ ଜୀବନୀ ମୁଁ କଣ ଲେଖିବି ? ଅନ୍ୟକିଏ ଯିନା ଲେଖିଲେ ସୁନ୍ଦର ହେବ ।" ସେମାନେ ବହୁତ ଜିଗର କଲାରୁ ପଣ୍ଡିତଜୀ ଶେଷକୁ ରାଜିହେଲେ । ଲେଖାଲେଖି କରିବାପାଇଁ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀଙ୍କୁ କୁହାଗଲା । ସେ ଆସି ଲେଖାଲେଖି କଲେ ଓ ପଣ୍ଡିତଜୀଙ୍କର ଅତି ପ୍ରିୟ ହୋଇପଡ଼ିଲେ । ଦିନେ ଶତପଥୀ ନଆସିଲେ ମୋତେ ବାରମ୍ବାର ପଣ୍ଡିତଜୀ ପଚାରନ୍ତି । ତାଙ୍କର ମନରେ ଆଶଙ୍କା ଉପୁଜେ-ବୋଧହୁଏ ଶତପଥୀ କିମ୍ବା ତାଙ୍କ ଘରଜାଙ୍କ ଦେହ ଭଲନାହିଁ । ସେ ଭଲମନ୍ଦ ବୁଝିବାକୁ ବ୍ୟସ୍ତ ହୋଇ ପଡ଼ନ୍ତି ।

ପଢ଼ାପଢ଼ି ପଣ୍ଡିତଜୀଙ୍କ ଜୀବନର ବଡ଼ ସଉକ ଥିଲା । ସଦାବେଳେ ପଢ଼ାରେ ବ୍ୟସ୍ତ । ତାଙ୍କର ଗାଧୋଇବା, ଖାଇବା ଓ ଔଷଧ, ଇଂଜେକ୍‌ସନ୍ ଆଦି ମୁଁ ଠିକ୍ ସମୟରେ କରିଯାଇଥାଏ । କିନ୍ତୁ ସେ ପଢ଼ାରେ ବ୍ୟସ୍ତଥାଇ ଏସବୁ ଜାଣିପାରନ୍ତି ନାହିଁ । ହଠାତ୍ ନିଦ ଭାଙ୍ଗି ଯିବାପରି ଗାଧୋଇବା, ଖାଇବା କଥା ମନେ ପଡ଼ିଲେ ସେ ମୋତେ ଡାକନ୍ତି । ଲମ୍ବା ଲହରିଆ ଡାକ । ପୁଣି ପହଁଚିଲେ ଅତି ଆଗ୍ରହରେ ପଚାରନ୍ତି—"ମୁଁ ଖାଇବିନି ? ଔଷଧ କି ଇଂଜେକ୍‌ସନ୍ ମୋତେ ଦେବୁନି ?" ମୁଁ କହେ -"ଆଜ୍ଞା, ସବୁ ପ୍ରସ୍ତୁତ ସରିଛି ।" ସେଠୁ କହନ୍ତି--"ମୁଁ ଜାଣିନି । ଏସବୁ କେତେବେଳେ ତୁ ସାରିଦେଇଛୁ ?" ରାତିରେ ସେ ପ୍ରାୟ ୪ଟା ପର୍ଯ୍ୟନ୍ତ ପଢ଼ନ୍ତି । ଦେଖିଛି ପୂରା ରାତି ପାହାନ୍ତା ବି ଦିନେ ଦିନେ ହୁଏ । ଡାକ୍ତରମାନେ ବେଶୀ ସମୟ ନ ଚେଇଁବାକୁ ପରାମର୍ଶ ଦେଇଥା'ନ୍ତି । କିନ୍ତୁ ସେ କହନ୍ତି—"ମୁଁ ନ ପଢ଼ିଲେ ରହି ପାରିବି ନାହିଁ ।" ସେ ଯେପର୍ଯ୍ୟନ୍ତ ପଢ଼ୁଥା'ନ୍ତି, ମୁଁ ମଧ୍ୟ ସେ ପର୍ଯ୍ୟନ୍ତ ଅନିଦ୍ରା ରହିଥାଏ । ''ଏ ବହି ଆଣେ,

Digitized by PPRACHIN, SOA

ଠାକୁରଙ୍କି ସେ ବହି ଦେ"--ଏହିପରି ରାତି ପାହିବା ଯାଏ ଚାଲୁଥାଏ। ଶେଷକୁ ତାଙ୍କ ଦେହ ବେଶୀ ଖରାପ୍ ହେଲା। ଆଉ ପଢ଼ାପଢ଼ି କରି ପାରିଲେ ନାହିଁ। ଏପରି ହେଲା, କିଛି ଜାଣି ପାରିଲେ ନାହିଁ। ତାଙ୍କର ନିତ୍ୟକର୍ମସବୁ ମୁଁ କରାଇ ଦେଉଥାଏ। ସେ ଜାଣି ପାରନ୍ତି ନାହିଁ। ତାଙ୍କ ଲେଖା ବହିରୁ କିଛି ଅଂଶ ଯଦି କେହି ପଢ଼ି ଶୁଣାନ୍ତି ତାକୁ ଶୁଣି ଭାରି ହସନ୍ତି। ହସି ହସି କାନ୍ଦି ପକାନ୍ତି। ପଚାରନ୍ତି--"ଆରେ ଏସବୁ ମୁଁ ଲେଖିଥିଲି?"

ଗୋଟିଏ ବିଷୟ ମୋ ସ୍ମୃତିରେ ଗାର ପରି ମନେ ରହିଛି। ବିବାହର ଅନେକ ଦିନ ପରେ ମୋର ପୁଅଟିଏ ହେଲା। ମୁଁ ଘରୁ ଆସିଲାରୁ ମୋତେ ପଚାରିଲେ—"ପୁଅ ନାଁ କଣ ଦେଲୁ"? ମୁଁ କହିଲି—"ଆପଣ ତା' ନାମଟି ଦିଅନ୍ତୁ; ମୁଁ କିଛି ଦେଇନାହିଁ"। କିଛି ସମୟ ଭାବି ଭାବି କହିଲେ—"ତା' ନାମଟି ହେଲା—ନୀଳକଂଠ। ତୁ ମୋ' ପାଖେ ଏତେ ଦିନ ରହିଲୁ, କାଳେ ମତେ ଭୁଲିଯିବୁ, ଏଣୁ ତୋ ପୁଅ ନାମଟି ମୋର ନାମ ରହିଲା। ଆଉ ଭୁଲି ପାରିବୁନି"। ମୋ ଆଖିରୁ ଅଜାଣତରେ ଦୁଇବିନ୍ଦୁ ଲୁହ ଝରି ପଡ଼ିଲା। ଏପରି କଥା ସେ କହି ମୋତେ କେତେ ଜନ୍ମର ଋଣ ଓ ବନ୍ଧନରେ ଛନ୍ଦିଦେଲେ। ତାଙ୍କ କଥା ଅନୁସାରେ ପୁଅ ନାମ ଦେଲି ନୀଳକଂଠ।

ଆଜି ତାଙ୍କର ଆଶୀର୍ବାଦରୁ ମୁଁ ଆସେମ୍ବ୍ଲି ଅଫିସରେ ପିଅନଟିଏ ହୋଇ ପାରିଛି। ତାଙ୍କ ଆଶୀର୍ବାଦ ସବୁଦିନେ ମୁଁ ପାଇବି ବୋଲି ସଞ୍ଜ ସକାଳେ ଠାକୁରଙ୍କ ପରି ତାଙ୍କୁ ସୁମରଣା କରୁଛି। ଗଲା ୧୯୬୭ ନଭେମ୍ବର ୭ ତାରିଖରୁ ଆଉ ତାଙ୍କ ଦେଖାନାହିଁ; ତାଙ୍କ ଡାକ କିନ୍ତୁ ସବୁବେଳେ ମୋତେ ଶୁଭୁଯାଉଛି—"ଏ...ଏ...ଏ ଗଣେଶ...ଅ...ଅ"। ସେ କିନ୍ତୁ ସବୁଦିନ ପାଇଁ ଲୁଚିଗଲେ। ସେ ଦୀର୍ଘ ଉଜ୍ଜ୍ୱଳ ମୁହଁ, ଆୟତ ଆଖି, ପାଚିଲା ଦାଢ଼ି...ଆହା, କାଲିପରି ଦେଖାଯାଉଛି।

Digitized by PPRACHIN, SOA

# ଦୁଇଟି ଘଟଣା

## ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଏକ

ନୀଳକଣ୍ଠବାବୁ ବଡ଼ ରାଧାନାଥ ଅସହିଷ୍ଣୁ ଥିଲେ । ଦିନେ କଥା ପ୍ରସଙ୍ଗରେ ମୋତେ କହିଲେ, "ପାର୍ବତୀ, ନନ୍ଦିକେଶ୍ୱରୀ, ମହାଯାତ୍ରା—ଏ ସବୁରେ ମୌଳିକତା କାହିଁ ? ପଦେ ପଦେ ନକଲ !

"କଉଶଲ୍ୟା ଗାଙ୍ଗ ଧଉଳ ଏହି ନୟନେ ନାଚେ,
ଜାହାଙ୍କି ସୁମରି ବିରାଗେ ମନ ଫେରାଅ ପଛେ ।

ମୁଁ ତ ଲେଖିଛି ।"

କହିଲି 'ଚିଲିକା ?'

"ସେ ତ 'ଲେଡ଼ି ଅଫ୍ ଦି ଲେକ୍'ର ଅନୁକରଣ !"

"ଲେଡ଼ି ଅଫ୍ ଦି ଲେକ୍‌କୁ ରାଧାନାଥ ଅନୁକରଣ କରିନାହାନ୍ତି, ସେ ଲେଡ଼ି ଦି ଲେକ୍ ଲେଖିଛନ୍ତି । ଚିଲିକା ନିଜେ ନାୟିକା ଭୂମିକାରେ ଅଭିନୟ କରିଛି । ତେଣୁ ରାଧାନାଥ ଲେଖିଛନ୍ତି—

ଗୁରୁ ପରି ତାଙ୍କୁ ଦୂରୁ କରି ଭକ୍ତି
ସଖୀ ପ୍ରାୟେ ତୋତେ ସ୍ମରୁ ଥିଲି ନିତି ।'

ନୀଳକଣ୍ଠ ଜ୍ଞାନୀ; ପ୍ରକୃତ ଜ୍ଞାନୀର ଉଦାରତା ତାଙ୍କଠାରେ ଥିଲା । ସେ କହି ଉଠିଲେ—"ଠିକ୍ କହୁଚ ପରମାନନ୍ଦ ବାବୁ, ଚିଲିକା ଖଣ୍ଡିଏ ମୌଳିକ କାବ୍ୟ, ଭାରତୀୟ ଓ ବିଶ୍ୱ ସାହିତ୍ୟରେ ତାର ବୈଶିଷ୍ଟ୍ୟ ଅବଶ୍ୟ ସ୍ୱୀକୃତ ହେବ ।"

ସେତେବେଳେ ନୀଳକଣ୍ଠ ଦାଶ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲେ । 'ଚିଲିକା' କାବ୍ୟକୁ ଭାରତର ବିଭିନ୍ନ ଭାଷାରେ ଅନୁବାଦ କରିବାଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ହାତରେ ଦିଆ ଯାଇଥିଲା ।

Digitized by PPRACHIN, SOA

## ଦୁଇ

୧୯୨୦ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଦାସେ ଆପଣେ ଝାସ ଦେଲେ ଓ ତତ୍‌ପରେ ନୀଳକଣ୍ଠ ଦାଶ ତହିଁରେ ଯୋଗ ଦେଲେ । ସାହିତ୍ୟ କ୍ଷେତ୍ର ଛାଡ଼ି ସେ ରାଜନୀତିରେ ପଶିଲେ । ଏହା ପରେ ତାଙ୍କ ସାହିତ୍ୟିକ ଜୀବନ ଭିନ୍ନ ଆକାର ଧାରଣ କଲା । ତତ୍ପରେ ସେ ରାଜନୀତିରେ ଘନିଷ୍ଠ ଭାବରେ ଜଡ଼ିତ ରହିଗଲେ ଓ ଦିଲ୍ଲୀର ଶାସନ ବିଧାୟକ ସଭାରେ ସଭ୍ୟ ରହିଲେ । ରାଜନୀତିରେ ସଂଶ୍ଳିଷ୍ଟ ରହି ମଧ୍ୟ ସାହିତ୍ୟ ପ୍ରୀତି ତାଙ୍କର ଅନ୍ତରରେ ସଦା ସର୍ବଦା ଜାଗରୁକ ଥିଲା ।

ସେ ରାଜନୀତିରେ ଥିବାବେଳେ 'ନବଭାରତ' ଛାପାଖାନା କରି 'ନବଭାରତ' ସାହିତ୍ୟ ପତ୍ରିକାର ସମ୍ପାଦନା କରିବାଦ୍ୱାରା ରାଜନୀତି ଓ ସାହିତ୍ୟ ଦୁଇଟିକୁ ମିଳାଇ ରଖିଥିଲେ । ପ୍ରକୃତରେ 'ନବଭାରତ' ପରି ମାସିକ ସାହିତ୍ୟ ପତ୍ରିକା ସେ ସମୟରେ ଓଡ଼ିଶାରେ ନ ଥିଲା । ଏହାର ବିଶେଷତ୍ୱ ଥିଲା ଏହାର ସମ୍ପାଦନା ।

ପ୍ରାୟ ୧୯୩୬ ବା ୧୯୩୭ ହେବ ଠିକ୍ ମନେ ପଡ଼ୁନାହିଁ, ମୁଁ ବାରିପଦାରୁ କଟକ ଆସିଥିଲି । ତାଙ୍କୁ 'ନବଭାରତ' ପ୍ରେସରେ ଦେଖା କଲି । ସେ ମୋତେ ଦେଖି ଆପ୍ୟାୟିତ ହେଲେ । କଥା ପ୍ରସଙ୍ଗରେ ତାଙ୍କୁ ଥଟ୍ଟା କରି କହିଲି ଯେ ତାଙ୍କର ପରକୀୟା ପ୍ରୀତି ଯୋଗୁ ଆମେ କେତେକ ବଡ଼ ନିରାଶ ହୋଇଛୁ । ଯାହା ହେଉ ସେଥିରୁ ଟିକିଏ ନିବୃତ୍ତ ହୋଇ ସ୍ୱକୀୟା ପ୍ରୀତିରେ ମନୋନିବେଶ କରିଛନ୍ତି । ସେ ହଠାତ୍ ଗମ୍ଭୀର ହୋଇ ମୋତେ ଚାହିଁଲେ—ମାତ୍ର ମୁଁ ହସି ହସି ସବୁ କହୁଥାଏଁ । ସେ କହିଲେ ମୁଁ କଅଣ କହୁଛି ସେ ଆଦୌ ବୁଝି ପାରୁ ନାହାନ୍ତି । ମୁଁ ହସି ହସି କହିଲି ଯେ ତାଙ୍କର ସ୍ୱକୀୟା ପ୍ରୀତି ହେଲା ସାହିତ୍ୟ ଚର୍ଚ୍ଚା ଓ ପରକୀୟା ପ୍ରୀତି ହେଲା ରାଜନୀତି ଚର୍ଚ୍ଚା । ସେ ହଠାତ୍ ଠୋ ଠୋ ହସି ଉଠିଲେ ଓ ମୋତେ କହିଲେ "ତୁମର ଏ ଏକ ଦୃଷ୍ଟି କୋଣ ।"

●

Digitized by PPRACHIN, SOA

# କେତୋଟି ଦିନର ସ୍ମୃତି

**ଶ୍ରୀ ମଧୁସୂଦନ ଦାଶ**

ସୁପରିଣ୍ଟେଣ୍ଡିଙ୍ଗ୍ ଇଞ୍ଜିନିଅର୍ (ବିଦ୍ୟୁତ୍)

( କ )

୧୯୩୭ ମସିହା—ସାରା ଭାରତରେ ନିର୍ବାଚନ ପାଖେଇ ଆସୁଛି । ଭୋଟ ପ୍ରଚାରରେ ଦେଶସାରା ସରଗରମ । ଗୋପ, ନିମାପଡ଼ା, କାକଟପୁର, ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀଯୁକ୍ତ ମୋହନ ଦାଶ ଓ ସ୍ୱାଧୀନ ପ୍ରାର୍ଥୀ ଗୋପର ଶ୍ରୀଯୁକ୍ତ ବନମାଳୀ ଦାଶଙ୍କ ଭିତରେ ଜୋରସୋର ଭୋଟ ଲଢ଼େଇ । ଗୋପ ଲୋକେ ତାଙ୍କର ନିଃସ୍ୱାର୍ଥପର ଜନସେବୀ କଂଗ୍ରେସ ନେତା ବନମାଳୀ ବାବୁଙ୍କୁ ଭୋଟ ଦେବାପାଇଁ ଦୃଢ଼ପରିକର । କଂଗ୍ରେସ ପକ୍ଷରୁ ଗୋପ ହାଟ ପଡ଼ିଆରେ ସଭା ଡକାଯାଇଛି । ଏ କି ବିରାଟ ଜନ-ସମୁଦ୍ର ! କିନ୍ତୁ ସମସ୍ତେ ମନ୍ତ୍ର ମୁଗ୍‌ଧ ପରି ନୀରବ ! ନିଶ୍ଚଳ !!

ବଜ୍ର ଗମ୍ଭୀର ସ୍ୱରରେ ବକ୍ତା କହି ଚାଲିଛନ୍ତି—"ବନମାଳୀ ମୋର ସହକର୍ମୀ-ତାଙ୍କର ଦେଶସେବା ଅଛି-ଶାସନରେ ଦକ୍ଷତା ଅଛି-ପୁଣି ସେ ଆଇନକାନୁନରେ ଧୂରନ୍ଧର । ଏସବୁ କଥା ଚିନ୍ତାକଲେ ଯେ କେହି ଲୋକ କହିବ ଯେ, ଆସେମ୍ବ୍ଲି ପାଇଁ ସେ ଖୁବ୍ ଉପଯୁକ୍ତ—ମୋହନ ଦାଶଙ୍କଠାରୁ ଅଧିକ ଉପଯୁକ୍ତ । ପୁଣି ସେ ମୋ ସହିତ ଓ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ବାବୁଙ୍କ ସହିତ ମିଶି ଏକାଠି ଏଇ ଭୋଟ ଅଞ୍ଚଳଠାରୁ ଆରମ୍ଭକରି, କେତେ କୁଆଡ଼େ ଦେଶ କାମ କରିଛନ୍ତି । ମୁଁ ତାଙ୍କୁ ଏବେ ବି ଆମଠୁ ପୃଥକ୍ ଭାବିପାରୁନି । ହେଲେହେଁ, ଭାଇମାନେ, ଯେଉଁ କାରଣରୁ ହେଉ ନା କାହିଁକି ଦେଶର ସ୍ୱାଧୀନତା ପାଇଁ କୋଟି କୋଟି ନରନାରୀ ନାନା ନିର୍ଯାତନା ସହି ଯେଉଁ ଅନୁଷ୍ଠାନଟିକୁ ଗଢ଼ି ଆସୁଛନ୍ତି ଓ ସ୍ୱାଧୀନତା ଆଣିଦେବା ଲାଗି ଯେଉଁ ଅନୁଷ୍ଠାନ ଉପରେ ପୂର୍ଣ୍ଣ ଆଶା ଭରସା ରଖି ଏବେ ଚାହିଁ ରହିଛନ୍ତି, କହିବାକୁ ଆଜ ବଡ଼ କଷ୍ଟ ହେଉଛି, ସେଇ ପୂତ,

Digitized by PPRACHIN, SOA

ପବିତ୍ର, ଜାତୀୟ ଏକତାର ପ୍ରତୀକ, ମହାତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ କଂଗ୍ରେସ ବିରୁଦ୍ଧରେ ଆଜି ଆମ ବନମାଳୀ ଠିଆ ହୋଇଛନ୍ତି । ଆମ୍ଭେମାନେ ଏକ ଭ୍ରମମୂଳ ସଂଗ୍ରାମରେ ମାତିଥିବା ଏହି ଜାତୀୟ ଅନୁଷ୍ଠାନ କଂଗ୍ରେସକୁ ଗ୍ରହିବା, ନା, ବନମାଳୀ ଦାଶେ, ଅତୀତରେ ଆମର ଅନେକ କିଛି କାମ କରିଚନ୍ତି ବୋଲି ତାଙ୍କୁ ଗ୍ରହିବା ?"

ମୁଁ ଆପଣମାନଙ୍କୁ ଗୋଟିଏ ଉଦାହରଣ ଦେବି । ନିଜର ବାମ ହାତଟିକୁ ପ୍ରସାରିତ କରି ବକ୍ତା ବଜ୍ର-ଗମ୍ଭୀର ସ୍ୱରରେ ପୁଣି କହି ଚାଲିଲେ, "ଆପଣମାନେ ଦେଖନ୍ତୁ-ଏ ହାତଟି ମୋର ବଡ଼ ପ୍ରିୟ-ମୋର ଅବୟବଠାରୁ ଅଭିନ୍ନ । ହେଲେ, ଧରନ୍ତୁ ମୋର ଏ ବଳି ଆଙ୍ଗୁଠିରେ ଗୋଟିଏ ଘା' ହୋଇଚି—ଏ ଆଙ୍ଗୁଳିଟି ଆଜି ପଚି ଯାଇଛି –ଡାକ୍ତର କହୁଛନ୍ତି ଏ ଆଙ୍ଗୁଳିଟିକୁ କାଟି ନ ଦେଲେ ଏ ଘା' ପୂରା ହାତଟିକୁ ଓ କ୍ରମେ କ୍ରମେ ସାରା ଶରୀରକୁ ମାଡ଼ିଯିବ । ବନମାଳୀର କଥା ଆଜି ସେଇଆ । ଯେଉଁ କଂଗ୍ରେସକୁ ବଞ୍ଚାଇ ରଖିବାପାଇଁ କେତେ କିଏ ପ୍ରାଣ ଦେଇ ଯାଇଛନ୍ତି, ଯେଉଁ କଂଗ୍ରେସ ଆମ ଆଶା ଓ ଆକାଂକ୍ଷାର ପ୍ରତୀକ, ସେଇ କଂଗ୍ରେସ ବିରୁଦ୍ଧରେ ଠିଆହୋଇ ଏ ଆନୁଷ୍ଠାନର ଚେର କାଟିବାକୁ ସେ ପ୍ରସ୍ତୁତ । ସେ ଦୋଷଯୁକ୍ତ । ଆମେ ଯଦି ତାକୁ ଏ କାର୍ଯ୍ୟରେ କୌଣସି ସାହାଯ୍ୟ କରିବା, ତେବେ ଆମ୍ଭେମାନେ କଂଗ୍ରେସର ବିରୁଦ୍ଧାଚରଣ କରିବା । ତା'ହେଲେ ଆମର ଏଇ ବିରାଟ ଅନୁଷ୍ଠାନ ଦୁର୍ବଳ ହୋଇଯିବ । କ୍ରମେ କ୍ରମେ ଦେଶର ଏକତା ଭାଙ୍ଗିଯିବ, ସ୍ୱାଧୀନତା ସଂଗ୍ରାମ ନଷ୍ଟ ହୋଇଯିବ । କେତେ ଲୋକଙ୍କର କେତେ ଦିନର ତ୍ୟାଗ ଓ ସାଧନା ପଣ୍ଡ ହୋଇଯିବ । ଉତ୍କଳ କଂଗ୍ରେସ ନାଁରେ କଳଙ୍କ ଲାଗିବ । ଆପଣମାନଙ୍କୁ ଏଇ ଗୋଟିକ ପ୍ରଶ୍ନ ପଚାରିବା ପାଇଁ ମୁଁ ଆଜି ଏତେ ବାଟ ଆସିଚି । ଆପଣମାନେ କହନ୍ତୁ, ମୋତେ ପରାମର୍ଶ ଦିଅନ୍ତୁ । ମୋର ଆପଣାର ବୋଲି, ମୋର ପ୍ରିୟ ବୋଲି, ପଚି ଯାଉଥିବା ଏଇ ଆଙ୍ଗୁଳିଟିକୁ ମୁଁ ରଖିବି, ନା ମୋ' ଦେହକୁ ବଞ୍ଚାଇବାପାଇଁ ଏବେ ଏଇଟିକୁ କାଟି ପକାଇବି ?"

'କାଟି ପକାନ୍ତୁ' 'କାଟି ପକାନ୍ତୁ' ବୋଲି ସଭାସ୍ଥଳ ଲୋକେ ଏକ ସ୍ୱରରେ ଚିତ୍କାର କରି ଉଠିଲେ । "ଏଇଆ ତ ତେବେ ଗୋପବାସୀ ଜନତା-ଜନାର୍ଦ୍ଦନଙ୍କର ରାୟ ? ବନମାଳୀଙ୍କୁ ତେବେ ଅନ୍ତର କରି

Digitized by PPRACHIN, SOA

ଦେବା ତ” ? “ଆଜ୍ଞା, ହଁ, ଆଜ୍ଞା, ହଁ” ଶବ୍ଦରେ ସଭାସ୍ଥଳ ଉଚ୍ଛଳ ଉଠିଲା । ଯେ ଗୋଟିଏ କଥାରେ ହଜାର ହଜାର ଲୋକଙ୍କର ଅଟଳ ସଂକଳ୍ପ ବଦଳାଇ ଦେଲେ, ସେଇ ଖଦଡ଼ ସଂଜେଇ ପରିହିତ, ଦୀର୍ଘ ଶ୍ମଶ୍ରୁ, ଅର୍ଦ୍ଧପକ୍ୱ କେଶ, ବାଗ୍ମୀ କଂଗ୍ରେସ ନେତା ହେଉଛନ୍ତି ପଣ୍ଡିତ ନୀଳକଂଠ ! ଏଇ ବିରାଟ ବ୍ୟକ୍ତିଙ୍କ ସହିତ ଏହାହିଁ ମୋର ପ୍ରଥମ ସାକ୍ଷାତ । ମୁଁ ସେତେବେଳେ ମାଟ୍ରିକ୍ ପରୀକ୍ଷାର୍ଥୀ ଛାତ୍ର । କହିବା ଅନାବଶ୍ୟକ ଯେ ମୋହନ ଦାଶ ସାତ ହଜାରରୁ ଅଧିକ ଭୋଟ ପାଇଥିବା ସ୍ଥଳେ, ବନମାଳୀ ଦାଶେ ମାତ୍ର ତିନିଶହ ଭୋଟପାଇ ଅମାନତ୍ ହରାଇଥିଲେ ।

ତାଙ୍କୁ ଦ୍ୱିତୀୟ ଥର ଦେଖିବାର ସୌଭାଗ୍ୟ ଲାଭ କରିଥିଲି ବୋଧେ ୧୯୩୮ ମସିହା ମେ ମାସରେ, ଯେତେବେଳେ କୁଶଭଦ୍ରା ନଦୀ କୂଳରେ ଆମ୍ର-ପନସ ପୁନ୍ନାଂଗ-ପରିଶୋଭିତ ଗୋପ ମେଳନ ପଡ଼ିଆର ଆରପଟ ତୋଟାରେ ପୁରୀ ଜିଲ୍ଲା ରାଜନୈତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ନୀଳକଂଠଙ୍କ ସଂଗେ ଥାଆନ୍ତି ପଣ୍ଡିତ ଗୋଦାବରୀଶ ଓ ବାବୁ ଦିବାକର ପଟ୍ଟନାୟକ । ସଭା ଚାଲିଚି-ପଣ୍ଡିତଜୀ ଯେତେବେଳେ କହିବାକୁ ଉଠିଲେ, ପାଞ୍ଚଏ ଟୋକା ବୋଧେ ସେଇ ବନମାଳୀ ବାବୁଙ୍କ ପ୍ରରୋଚନାରେ, ଗୋଟିଏ ମାରଣା ଷଣ୍ଢ ସଭା ଭିତରକୁ ପୂରାଇଦେଲେ ! ପଣ୍ଡିତଜୀଙ୍କ ନାଶ, ଦାଢ଼ି ଫୁଲି ଉଠିଲା । ବଜ୍ରନାଦରେ ସେଇ ଆଡ଼କୁ ଚାହିଁ ସେ କହିଲେ, “କ’ଣ ଗୋପଥାନାବାସୀ ମୋତେ ଶୁଣିବାକୁ ଚାହାନ୍ତି ନି ? ତେବେ ମୁଁ କହିବାକୁ ଲାଳାୟିତ ନୁହେଁ ।” ଜନତା ଆଡ଼େ ଦୃଢ଼ ଦୃଷ୍ଟି ବୁଲାଇ ଆଣି ସେ ପୁଣି କହିଲେ; ମୁଁ ଅନେକ ଯାଗାରେ କହିଚି-ଅନେକ ବକ୍ତୃତା ଦେଇଚି । ତାଙ୍କ ତୀକ୍ଷ୍ଣ ଦୃଷ୍ଟି ପୁଣି ଥରେ ବୁଲି ଆସିଲା । ସେଇ ଦୃଢ଼ ଆତ୍ମ ପ୍ରତ୍ୟୟପୂର୍ଣ୍ଣ ଚାହାଣି, ମୁଖ-ମଣ୍ଡଳର ତେଜୋମୟ ଦୀପ୍ତିରେ ଏ ହଟ୍ଟଗୋଳ ହଠାତ୍ ସେଇଠି ବନ୍ଦ ହୋଇଗଲା । “ଆପଣ କହନ୍ତୁ” “ଆପଣ କହନ୍ତୁ” ବୋଲି ସଭା ଲୋକେ ସବିନୟ ଅନୁରୋଧ ଜଣାଇଲେ । କି ଓଜସ୍ୱିନୀ ସେ ଭାଷା, କି ମର୍ମସ୍ପର୍ଶୀ ସେ ବାଣୀ । ହେ ମହାମନୀଷି ! ତୁମେଇ ତୁମର ତୁଳନା ।

( ଖ )

ତାଙ୍କ ସାହିତ୍ୟ ସଭାରେ ଯୋଗ ଦେଇଥିବା ଦୁଇଗୋଟି ଘଟଣା ଏଠି କହୁଚି । ପ୍ରଥମଟି ପୁରୀ କଲେଜରେ । ପଣ୍ଡିତଜୀ ସେଦିନ ପୁରୀରେ

Digitized by PPRACHIN, SOA

ତାଙ୍କ ମଝିଆଁ ଜ୍ୱାଇଁ ଶ୍ରୀ ଦ୍ୱାରକା ନାଥଙ୍କ ବସାରେ ରହୁଥାନ୍ତି । ବୋଧେ ଏ ଖବର ପାଇ ପୁଣି କଲେଜ ଗ୍ରୁପ ସଂସଦର ଦୁଇଜଣ ଗ୍ରୁପ ଯାଇ ପଣ୍ଡିତଜୀଙ୍କ ପାଖେ ସେଠି ପହଞ୍ଚିଲେ । ବିଶ୍ୱ ଭାରତୀ, ବିଦ୍ୟାଭବନର ଅଧ୍ୟକ୍ଷ ଶ୍ରୀଯୁକ୍ତ କ୍ଷିତି ମୋହନ ସେନ କଲେଜକୁ ସେଦିନ ବକ୍ତୃତା ଦେବାକୁ ଆସୁଥାନ୍ତି । ପଣ୍ଡିତଜୀଙ୍କୁ ସଭାପତିର ଆସନ ଅଳଂକୃତ କରିବାକୁ ହେବ । କଲେଜ ପ୍ରିନ୍‌ସିପାଲ ପିଲଙ୍କ ହାତରେ ଅନୁରୋଧ ଜଣାଇଥାନ୍ତି । ପଣ୍ଡିତଜୀ ସ୍ୱୀକୃତ ହେଲେ-ପିଲାଏ ଗ୍ଲଲଗଲେ । ତା'ପରେ ପଣ୍ଡିତଜୀ ଆମମାନଙ୍କୁ ପଚାରିଲେ, "ହଇଏ, ସଭାର ବିଷୟ କ'ଣ ?" ଆମେ କହିଲୁ, "ଆମେ ତ ଜାଣିନୁ," ପଣ୍ଡିତଜୀ ତାଚ୍ଛଲ୍ୟ ମିଶ୍ରିତ ସ୍ୱରରେ କହିଲେ, "ହଉ, ମୁଁ ତ ସଭାପତି । କହିବାର କଥା ତ ବକ୍ତାଙ୍କର ! ଦେଖାଯିବ !.!"

ଯଥାରୀତି ପ୍ରାଚ୍ୟ ଆଦବ କାଇଦାରେ ସଭା ହେଲା-କ୍ଷିତି ମୋହନ ସେନ ପ୍ରାୟ ଦେଡ଼ ଘଣ୍ଟାକାଳ ବୋଧେ 'ଭାରତରେ ଜୈନ ପରମ୍ପରା' ସମ୍ବନ୍ଧରେ ବକ୍ତୃତା ଦେଲେ । ତା'ପରେ ସଭାପତିଙ୍କ ପାଳି ପଡ଼ିଲା । ମୁଁ ଅପେକ୍ଷା କରିଥାଏ । ପୁଣି ଡାକଗାଡ଼ିରେ ସେଦିନ କଲିକତା ନ ଯାଇ ଶୁଣିବା କ'ଣ ପଣ୍ଡିତଜୀ କହିବେ-କିଛି ତ ପ୍ରସ୍ତୁତ ହୋଇ ନାହାନ୍ତି ! ଏବକୁ ହୁଏତ ଲୋକେ ଅନୁମାନରେ ଆଣିବେ, ଏଇଟା ପଣ୍ଡିତଜୀଙ୍କ ପକ୍ଷେ ବଡ଼ ମାମୁଲି କଥା । ତେବେ ସେଦିନ ସେ ଏତେ ତଥ୍ୟ ସମ୍ବଳିତ ବକ୍ତୃତାଟିଏ ଏପରି ଚିତ୍ତାକର୍ଷକ ଭାବରେ ଦେଇଥିଲେ ଓ ତାହା ବକ୍ତାଙ୍କ ମୂଳ ଅବତାରଣାର ଏପରି ବିରୁଦ୍ଧାଚରଣ କରୁଥିଲା ଯେ, କ୍ଷିତିମୋହନ ସେନ୍ ଶେଷରେ କହିଲେ, "ମୁଁ ଏଇ ବିରାଟ ପୁରୁଷଙ୍କର ପାଣ୍ଡିତ୍ୟର ଗଭୀରତା କେବଳ ଏତେବେଳଯାଏ କଳନା କରିବାର ଚେଷ୍ଟା କରୁଥିଲି ! ପୁଣି ଭାବୁଥିଲି, ଏପରି ବିଜ୍ଞ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓଡ଼ିଶାରେ ଥାଉଁ ଥାଉଁ ଆମକୁ ବାହାର ପ୍ରଦେଶରୁ କାହିଁକି ନିମନ୍ତ୍ରଣ କରନ୍ତି ? ପଣ୍ଡିତଜୀ ହେଉଚନ୍ତି ସାକ୍ଷାତ୍ ବିଶ୍ୱକୋଷ !"

ତା' ପରେ ୧୯୪୧ ମସିହା ମେ ମାସ ପ୍ରବାସୀ ଓଡ଼ିଆ ସାହିତ୍ୟ ସମ୍ମିଳନୀ କଲିକତାରେ ମାୟାଧର ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତଜୀଙ୍କ ପ୍ରଥମ ଦିନର ବକ୍ତୃତା ଖୁବ୍ ପାଣ୍ଡିତ୍ୟ ପୂର୍ଣ୍ଣ ଥିଲା । ହେଲେ କଲିକତାର ସାଧାରଣ ଓଡ଼ିଆମାନଙ୍କର ତାହା ବୋଧ

Digitized by PPRACHIN, SOA

ହେବ କେତେବେଳେ : ଲୋକେ ନିଜ ନିଜ ଭିତରେ କହୁଥାନ୍ତି, "ଖୁବ୍ ଜାଣିବାର ଲୋକ ଇଏ । ବହୁତ ଗ୍ରନ୍ଥ ପୁରାଣ ପଢ଼ିଛନ୍ତି । ଖୁବ୍ ବଡ଼ ପଣ୍ଡିତ ଜଣେ ପରି ଜଣାଯାଉଛନ୍ତି ।" ଜଣେ କହିଲେ, "ସେଇ ପଂଡ଼ିତ ନୀଳକଣ୍ଠ ଦାସ ।" ଅନ୍ୟ ପଞ୍ଚଆଏ କହୁଛନ୍ତି, "ତା' ନ ହେଲେ, ଏତେ କଥା କିଏ ଜାଣିବ ଯେ କହିବ ।" ତାଙ୍କ ବକ୍ତୃତା ଶ୍ରୋତାମାନଙ୍କର ଦୁର୍ବୋଧ ହୋଇଥିବାର ଆମଠାରୁ ଶୁଣି ପଣ୍ଡିତଜୀ କହିଲେ, "ଆଚ୍ଛା, କାଲିକି ଦେଖିବା ।" ତା'ପର ଦିନ ସେ ଜଗନ୍ନାଥ ଧର୍ମର ଏପରି ସରଳ, ହାସ୍ୟ ରସଭରା ଅବତାରଣା ଚିତ୍ତାକର୍ଷକ ଭାବରେ ପରିବେଷଣ କରିଥିଲେ ଯେ କାଳିଦାସ ନାଗ ପ୍ରଭୃତି ବଂଗୀୟ ବନ୍ଧୁମାନଙ୍କ ସମେତ ପ୍ରବାସୀ ଓଡ଼ିଆ ସାଧାରଣ ଶ୍ରୋତାମାନେ ସେଥିରେ ଅଭିଭୂତ ହୋଇ ପଡ଼ିଥିଲେ । ପଣ୍ଡିତଜୀଙ୍କ ବକ୍ତୃତା ପରେ ପରେ ସଭାପତି ମାନସିଂହ କହିଲେ, "ଆମର ଏଇ ସାହିତ୍ୟ ସମ୍ମିଳନୀ ଯଦି କୌଣସି କାରଣରୁ ସାଫଲ୍ୟ ମଣ୍ଡିତ ହୋଇଥାଏ, ତାହାହେଲେ ମୁଁ ଦର୍ଶକ ତଥା ଆୟୋଜକମାନଙ୍କ ମତକୁ ପ୍ରତିଫଳିତ କରି କହିବି ଯେ, ଏହା କେବଳ ପୂଜ୍ୟପାଦ ପଣ୍ଡିତଜୀଙ୍କର ଏଇ ଅଧଘଣ୍ଟାକର ବକ୍ତୃତା ଯୋଗୁଁ ! ବର୍ତ୍ତମାନ ଆମ୍ଭେମାନେ ସଭାକାର୍ଯ୍ୟ ବନ୍ଦ ରଖି, ବାହାରେ ତାଙ୍କର ଫଟୋ ଉଠାଇବା ।"

# 'ମାୟାଦେବୀ' ଏକ ମାନସିକ ଦ୍ୱନ୍ଦ୍ୱ

**ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ**
ସଂପାଦକ, ଓଡ଼ିଶା ପୂଜ୍ୟପୂଜା ସଂସଦ

ସମାଲୋଚକ ଟ୍ରିଗେନେଭ୍ କହିଥିଲେ—"Realism by itself is fatal." "Truth is the air without which we can not breathe. But art is a plant sometimes ven a rathar fantastic one, which grows and developes in tbis air" ପ୍ରକୃତରେ ବାସ୍ତବତାର ନଗ୍ନରୂପ ଅତି ମାରାତ୍ମକ, ସତ୍ୟର ସମୀରଣ ବିନା ଆମେ ମୁହୂର୍ତ୍ତେ ମାତ୍ର ପ୍ରଶ୍ୱାସ ଗ୍ରହଣ କରିବାକୁ ଅସମର୍ଥ । କିନ୍ତୁ କଳା ଏପରି ଏକ ଉଦ୍ଭିଦ, ଯାହା ଅନେକ ସମୟରେ ସଂପୂର୍ଣ୍ଣ କାଳ୍ପନିକ ହେଲେ ବି ଏହି ସମୀରଣ ମଧ୍ୟରେହିଁ ଜନ୍ମ ଓ ବିକାଶ ଲାଭ କରିଥାଏ । କାଳ୍ପନିକ କାବ୍ୟ 'ମାୟାଦେବୀ' ଏହିପରି ଏକ ସତ୍ୟର ସମୀରଣରେ ଆତ୍ମପ୍ରକାଶ କରିଛି । ପୁଣି ଅଧିକ କାଳ୍ପନିକ, ପରଂପରା ଅସିଦ୍ଧ ରାଧାନାଥ ସାହିତ୍ୟ ବିରୁଦ୍ଧରେ ଉଗ୍ର ପ୍ରତିବାଦରୁ ଏହାର ଜନ୍ମ, ବିକାଶ ଏକ ସଂପୂର୍ଣ୍ଣ ଦ୍ୱନ୍ଦ୍ୱାତ୍ମକ ପରିବେଶରେ । କାବ୍ୟକାର ନୀଳକଂଠ ରାଧାନାଥୀ ସାହିତ୍ୟରେ ଚନ୍ଦ୍ରଭାଗା, କେଦାରଗୌରୀ ବା କୌଶଲ୍ୟା କଣ୍ଠରେ ସତ୍ୟର ଯେଉଁ ସକରୁଣ 'ଅପଳାପ' ଶୁଣିଥିଲେ ତାହାର ପ୍ରତିବାଦ ଇତିହାସର ପୀଠିକା ଉପରେ କରିଛନ୍ତି 'ମାୟାଦେବୀ'ରେ । କିନ୍ତୁ ଏ ଇତିହାସ ସତ୍ୟ କି ? ହୁଏତ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ମହତ ଓ ଉଗ୍ର ଜାତିପ୍ରେମର ପରିକାଷ୍ଠାରେ ପ୍ରକାଶିତ । କିଂତୁ ଭାବରାଜ୍ୟରେ ମୃତ୍ୟୁହୀନ ରାଧାନାଥ ସାହିତ୍ୟର ପ୍ରତିବାଦ କରିବାକୁ ଯାଇ ସେଇ ରୋମାଣ୍ଟିକ୍ ଦୃଷ୍ଟି ବଳୟରେ ତରୁଣ ନୀଳକଂଠ ମଧ୍ୟ ଛନ୍ଦି ହୋଇଛନ୍ତି । ରାଧାନାଥଙ୍କ ପରି ଅତିମାନବିକ ଓ ଆଧିଭୌତିକ ବହୁ ପଦ୍ଧତିର ଆଶ୍ରୟ ନେଇଛନ୍ତି । ସ୍ୱପ୍ନବାଣୀ ଓ ମୃତ୍ୟୁ ପରେ ଦୈବୀ ନିର୍ଦ୍ଦେଶ ( ଯାହା 'ଉଷା'ରେ ସ୍ପଷ୍ଟ )

Digitized by PPRACHIN, SOA

ପରି କେତେକ ଆତ୍ମିକ ଓ କାବ୍ୟିକ ପଦ୍ଧତି ପାଖରେ ଅଲକ୍ଷ୍ୟରେ ଆତ୍ମ-ସମର୍ପଣ କରିଛନ୍ତି । ଏହାର ଏକମାତ୍ର କାରଣ ବୋଧହୁଏ ହୋଇପାରେ ବାସ୍ତବତାର ସେଇ ମାରାତ୍ମକ ନଗ୍ନରୂପ ଦେଖିବାରେ ସେ ରାଧାନାଥଙ୍କ ପରି ମଧ୍ୟ କୁଣ୍ଠିତ ଓ ପରାଙ୍ମୁଖ । ତେଣୁ କଳ୍ପନା ହୋଉଛି ତାଙ୍କର ଆଶ୍ରୟ । ମଣିଷ ଜୀବନର ବହୁ ଆକାଙ୍କ୍ଷିତ ସତ୍ୟାନୁଭୂତିରେ ଏ କଳ୍ପନା ଏତେ ଭାବରେ ଉଜ୍ଜ୍ୱଳ ଓ ଉଚ୍ଚକିତ ଯେ ଏହାକୁ ସତ୍ୟ ବୋଲି ନ କହି ରହି ହୁଏ ନାହିଁ । ଯେଉଁ ଚିରନ୍ତନ ଜୈବିକ ସତ୍ୟପାଖରେ ରାଧାନାଥଙ୍କ ନାୟକ ନାୟିକା ଆତ୍ମଶ୍ୱାସ ଦେଇଛନ୍ତି ସେହି ସତ୍ୟର ଅନ୍ୟ ଏକ ପ୍ରସ୍ଥ ସାମାନ୍ୟ ସାମାଜିକ ଶାଳୀନତା ଭିତରେ ନୀଳକଣ୍ଠ ଲେଡ଼ିଛନ୍ତି ମାତ୍ର ।

ପଣ୍ଡିତ ନୀଳକଣ୍ଠ ପ୍ରଥମେ ଲେଖିଥିବା କେତେକ କବିତା 'ଭକ୍ତ ଗାଥା' ଓ 'ପ୍ରଣୟିନୀ' ( ଅନୁବାଦ ମୂଳକ କାବ୍ୟ ) ନାମରେ ପ୍ରକାଶିତ । ନିଜେ କବି ସ୍ୱୀକାର କରିଛନ୍ତି, ଛାତ୍ରମାନଙ୍କ ଆବୃତ୍ତି ନିମନ୍ତେ ଦରକାର ହେବାରୁ 'ଭକ୍ତର ଉଦ୍‌ବୋଧନ' ନାମରେ ଏକ କବିତା ସେ ଲେଖିଥିଲେ । ତେଣୁ ଏସବୁ ବର୍ଦ୍ଧି ସୋଫିଷ୍ଟିକେଟେଡ଼୍ ସାହିତ୍ୟ ଭିତରେ ନୀଳକଣ୍ଠଙ୍କ ପ୍ରଚଣ୍ଡ ପ୍ରତିଭା ଅବଲୁପ୍ତ । ଏହାର ସାମିକ ବିକାଶ ହୋଇଛି 'କୋଣାର୍କେ' କାବ୍ୟର ପ୍ରଥମ ପର୍ଯ୍ୟାୟ—'ରାମଚଣ୍ଡୀରେ ରାତି' ଓ 'ରାମଚଣ୍ଡୀରେ ସକାଳ'ରେ । ଏଠାରେ ତରୁଣ କବି ମନରେ ଭାବ ପ୍ରବଣତାର ଯେଉଁ ଆବେଗ ଓ ଉଷ୍ଣତା ଆସିଛି ତାହା ଅଧିକ ପ୍ରକଟିତ ହୋଇଛି କାହାଣୀମୁଖୀ କାବ୍ୟ 'ମାୟାଦେବୀ'ରେ । ପୁଣି ଏକ ମେଘ-ମେଦୁର ରବିର ସ୍ମୃତି; ଗ୍ରାମ ଗହ୍ୱରରେ ଉନ୍ନିଦ୍ର ଶିକ୍ଷକ ନୀଳକଣ୍ଠ ରାମଚଣ୍ଡୀର ବାଲିବନ୍ତରୁ ଅଷ୍ଟିତର ମନ୍ତ୍ରମାଧାସ୍ତ କାହାଣୀ ଖୋଜିଛନ୍ତି । ସେଠି ସେ ଅନୁଭବ କରିଛନ୍ତି ରାଧାନାଥଙ୍କ ସ୍ଥିତି—ଜଣେ ବିପୁଳକର୍ମା କବି ଭାବରେ ତାଙ୍କୁ ସ୍ୱୀକୃତି ଦେଇ ନିଜର ସ୍ୱକୀୟତା ରକ୍ଷା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ପ୍ରତିବାଦର ଉଗ୍ର ଧ୍ୱନି ନୀଳକଣ୍ଠ ଅବଶ୍ୟ ଉଠାଇଛନ୍ତି ।

(କ) ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାମ୍ନୀ କବି-ନାୟିକା ନାଟିତକ ଆଚରି ।
ବିଦେଶୀ ହୁମନ୍ୟୁ ଆସିବେ ଛଳେ ନାରଣା-ଖେଳେ
ରହୁଁ ରହୁଁ ପୁଣି ମିଶିବେ ନୀଳ-ଜଳଧି ଜଳେ ।

Digitized by PPRACHIN, SOA

(ଘ) ଘର ଗୁଡ଼ କମ୍ପା ଯିବେ ସେ ଗୀର ବାଳା ନନ୍ଦିକା
ସହକାର ଦ୍ରୁମ-ଗନ୍ଧକେ ଭେଦି କ୍ଷୀଣ ଚନ୍ଦ୍ରିକ ?
କଉସୁଲ ଗାଂଗ ଧଉଳୀ ଏହି ନୟନେ ନାଚେ
କବିଙ୍କି ସୁମରି ବିରଗେ ମୁଖ ଫେରାଅ ପଛେ ।

ପୁଣି 'କେଦାର ଗୌରୀ' କାବ୍ୟର କାହାଣୀକୁ ଅବଲମ୍ବନ କରି ପଣ୍ଡାମାନଙ୍କ ମିଥ୍ୟାଉକ୍ତି ନୀଳକଂଠଙ୍କ ମନରେ ଭାବାନ୍ତର ଆଣିଥିଲା । ସେ ଏସବୁ ଶୁଣି ଟିକିଏ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ । ପୁଣି ଏକଦା ସେ ଯାଇଥିଲେ ଗଡ଼ଜାତ ଭ୍ରମଣରେ । ବାଟରେ ଘୋର ବର୍ଷା ହେଲା । ସନ୍ଧ୍ୟାକୁ ମେଘ ଛାଡ଼ିଗଲା । ନୀଳକଣ୍ଠ ବିଶ୍ରାମ ନେଲେ ଢେଙ୍କାନାଳ ରାଜ୍ୟର ସୀମାରେ ଥିବା 'ଭାଆପୁର' ଡାକ ବଙ୍ଗଳାରେ । ସେଇଠାରେ ଅତି ଆକସ୍ମିକ ଭାବରେ ଜଣେ ଭିକ୍ଷୁକ ଭିକ୍ଷା ମାଗିବା ଛଳରେ ତାର ଜୀର୍ଣ୍ଣ ବୀଣାଟିକୁ ସଜାଡ଼ି ଅଷ୍ଟାତର ଏହି ବୀରତ୍ୱବ୍ୟଞ୍ଜକ କାହାଣୀ ଗାନ କରିଥିଲା । ନୀଳକଂଠ ନିଜେ ସ୍ୱୀକାର କରିଛନ୍ତି—"ଏଇ ଲୋକଟି ସଂଗେ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା, କହିବା ଦରକାର ନାହିଁ । ସେତିକି ବେଳେ ଇଂରେଜ କବି ସ୍କଟଂକ 'ଶେଷ ବନ୍ଦୀ ଭାରଣ୍ଡ' (Lay of the last Minstrel) କଥା ମୋ ମନେ ପଡ଼ିଥିଲା । ମୁଁ ଭାବିଥିଲି ଏହିପରି ଏକ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ମୋର ସେଇ ଭାଟ କଥାଟି ମନେ ପଡ଼ିଲା । ମୁଁ 'ମାୟାଦେବୀ' କାବ୍ୟ ଆରମ୍ଭ କରି ପୁଣି ସପ୍ତାହକେ ଶେଷ କରି ପକାଇଲି ।" ତଥାପି ଏ କାବ୍ୟ ଲେଖା ହୋଇ ନଥିଲା । ସେଦିନ ରାତିରେ ପ୍ରବଳ ବର୍ଷା ଯୋଗୁ କୋଣାର୍କ ଅଦର୍ଶନଜନିତ ଅତୃପ୍ତି ତାଙ୍କ କବି-ପ୍ରାଣକୁ ଓ କାବ୍ୟ ପ୍ରୟାସକୁ ଅଧିକ ଉଦ୍‌ବେଳିତ କରିଦେଲା । ଏସବୁ ପ୍ରତିକ୍ରିୟା ଆକସ୍ମିକତା ଓ ଅସନ୍ତୋଷ ଭିତରୁ ଜନ୍ମ ନେଇଛି 'ମାୟାଦେବୀ' । ସ୍ଥାନ ନିର୍ବାଚନ ପାଇଁ ଏକାମ୍ର ତୀର୍ଥର କେଦାରଗୌରୀ ମନ୍ଦିର ନିକଟବର୍ତ୍ତୀ ଶିଶୁପାଳଗଡ଼ ଓ ବୀଣାବାଦକ ଭାଟକୁ ଭେଟିଥିବା ଢେଙ୍କାନାଳର ଏକ ବନାନୀ ଅତି କମନୀୟ ଭାବରେ ନୀଳକଣ୍ଠଙ୍କ ସ୍ମୃତିରେ ଏକାକାର ହୋଇ ଯାଇଛନ୍ତି । ପ୍ରଥମଟି ପ୍ରତିକ୍ରିୟାର ଓ ଅପର ସ୍ଥାନଟି ଆସକ୍ତିର । ଏ ଦ୍ୱନ୍ଦ୍ୱ ବସ୍ତୁତଃ 'ମାୟାଦେବୀ' କାବ୍ୟର ଏକ ରମଣୀୟ ଇତିକଥା—ମୂଳରୁ ଶେଷ

Digitized by PPRACHIN, SOA

ପର୍ଯ୍ୟନ୍ତ ଏହି ଚକ୍ରା ଓ ଚୈତନ୍ୟର ଦ୍ୱନ୍ଦ୍ୱ ବା ମନ ଓ ମନନର ଦ୍ୱନ୍ଦ୍ୱ ଏ ସାହିତ୍ୟକୁ ମହିମାମଣ୍ଡିତ କରିଛି ।

'ମାୟାଦେବୀ'ର ପ୍ରାରମ୍ଭ ନାଟକୀୟ ଓ ରୋମାଣ୍ଟିକ୍—ଏହା ଅବଶ୍ୟ ମାନିବାକୁ ହେବ । ପୁଣି ରଂଗମଂଚର ନାଟକ ପରି ଗୋଟିକ ପରେ ଗୋଟିଏ ଦୃଶ୍ୟ ଏଥିରେ ଫିଟି ପଡ଼ିଛି—ଘଟିଯାଉଛି କ୍ରମାନ୍ୱୟରେ, ମନରେ ଆଣୁଛି ନାଟକୀୟ ଉତ୍କଣ୍ଠା ଓ ବୈଚିତ୍ର୍ୟ । ସତେ ଯେପରି ସୂତ୍ରଧର ଭବରେ ନାନ୍ଦୀ ଆସି ବୀଣାଧରି ଓ ତାର ସଜାଡ଼ି ଗାଉଛି କବିତା— ପୁଣି ଉତ୍କଳ ରାଜଦୂତ ବିଶ୍ୱନାଥ ଯାଇ ପହଂଚୁଛନ୍ତି କାଶ୍ମୀରରେ—ଶ୍ରୀଫଳ ଧରି ସେଇ ରଂଗମଂଚରେ ପୁଣି ଜମ୍ମୁ ରାଜଜେମାଙ୍କ ବିବାହ ସ୍ୱୀକୃତି ଆଣି ସେ ଫେରି ଆସୁଛନ୍ତି ସମବ୍ୟବହାରରେ । ନରସିଂହ ସେତେବେଳେ ଅନ୍ୟ ଏକ ଦୃଶ୍ୟପଟରେ ଅବତୀର୍ଣ୍ଣ । ଧଂକସ ଗଡ଼ର ତସ୍କର ଠଂକ ସହିତ ଯୁଦ୍ଧରତ। ଘଟଣାକ୍ରମେ ଶିଶୁପାଳଗଡ଼ର ଅନତିଦୂରରେ ଭ୍ରମଣରତା ତରୁଣୀ ସହିତ ସାକ୍ଷାତ ପରେ ଶିଶୁପାଳ ଗଡ଼ରେ ମିଳନ—ବୃଦ୍ଧ ସାମନ୍ତଙ୍କ ଆନନ୍ଦାଶ୍ରୁ-ସିକ୍ତ ଯେପରି ନାଟକର ଘଟଣା ପରି ଘଟି ଯାଇଛି । ପୁଣି କାଶ୍ମୀରର ପରିବେଶ ରାଜଜେମାଙ୍କ ରୂପ ବର୍ଣ୍ଣନାରେ ରାଧାନାଥ ଓ ମଧ୍ୟଯୁଗୀୟ କବିମାନଙ୍କ ପ୍ରଭାବରେ ନୀଳକଂଠ ବହୁ ଭାବରେ ପ୍ରଭାବିତ । ରାଧାନାଥ କାବ୍ୟର ପୃଷ୍ଠ ଭୂମିରେ ଯେଉଁ ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ଓ ରୂପ ବର୍ଣ୍ଣନା ନୀଳକଂଠଙ୍କ 'ମାୟାଦେବୀ'ରେ ଅବିକଳ ଅନୁସୃତ। ପୁଣି—

"ବର୍ତ୍ତୁଳ ବରାଂଗେ କନ୍ତୁଳ ଚିକୁର
ଭରି ପୃଷ୍ଠ, ଲଂବି ଛୁଅଇଁ ତଳ
ବିମଳ ଲଲାଟେ ବିଶାଳ ଲୋଚନ
ଗୁରୁ ଚଳାପାଂଗେ ଦେଖାଏ ଖେଳ
ଗଜଦଂତ-ଶାଣେ ସରମ-ରସାଣେ
ଗଢ଼ିଛି କି ବିଧି ? ହୁଏ ପରତେ,
ସୁରବାଳା କିବା ଦେବପୁର ଛାଡ଼ି
କଉତୁକ-ଖେଳେ ସେହି ମରତେ ?
ବିପିନ ବିହାରେ କଂଦୁକ ଫୋପାଡ଼ି
ଶଇଳ-ସାଗରେ ଖେଳଇ ବାଳା,
ରାଜ ହଂସମାଳା ନଚ୍ଛକ ତରଂଗ
ଲେଉଟଇ, ଭେଟି ପୁଳିନ-ଶିଳା" ।

Digitized by PPRACHIN, SOA

ଏ ଗୀତ ସହିତ ରାଧାନାଥଙ୍କ ଚନ୍ଦ୍ରଭାଗାର ଲମ୍ବ, ଚକୁର ଓ କଂଦୁକ କ୍ରୀଡ଼ା ତୁଳନୀୟ । ପୁଣି ରାଧାନାଥଙ୍କ ପରି ପାଠକ ମନରେ ପୌରାଣିକ ଭ୍ରାନ୍ତି ସୃଷ୍ଟି କରିବା ପାଇଁ ନୀଳକଂଠ ଜମ୍ମୁଦେଶ (କାଶ୍ମୀର)ର ବର୍ଣ୍ଣନା ଦେବାକୁ ଯାଇ ଲେଖିଛନ୍ତି—

ଦେବ ଦେବୀକୁଳ ଓହ୍ଲାଇ ସେ ଦେଶେ
ବେଳେ ବେଳେ ଆସି ମର୍ତ୍ତ ବିଳାସେ
ଅମୃତ-ଭୋଜନ ପାରିଜାତ ବାସ
ଭୁଲନ୍ତି ସେ ବନ-ବିହାର-ରସେ ।

ଏହା ସତ୍ୟର ଅପଳାପ ନୁହେଁ କି ? ତଥାପି କାବ୍ୟର ସତ୍ୟତା ପାଇଁ ଏହା ଅତି ଅପରିହାର୍ଯ୍ୟ ମନେ ହୁଏ । ରାଧାନାଥଙ୍କ ପରି ନୀଳକଂଠ ମଧ୍ୟ ଏହିପରି ଅସତ୍ୟର ସ୍ମୃତିକୁ ଆପଣା ସୃଷ୍ଟିର ସଂପଦ ଭାବରେ ମାନ ନେଇଛନ୍ତି ।

ପୁଣି ନାଟକୀୟତା ଭିତରେ ରୋମାଣ୍ଟିକ୍ ପରିବେଶ ସୃଷ୍ଟି କରିଛି ଜମ୍ମୁରାଜ ଜେମାଙ୍କ ସ୍ୱପ୍ନ କାହାଣୀ । ମନେହୁଏ ଏଠାରେ ମଧ୍ୟ ଯେପରି ନୀଳକଂଠ ରାଧାନାଥଙ୍କ ପରି ବାସ୍ତବତାର ସେହି ନଗ୍ନରୂପ ଦେଖିବାରେ ଭୀତ ଓ ସଂକୁଚିତ । ଫଳରେ ସେ ଆଶ୍ରୟ ନିଅନ୍ତି ଏକ ଅତିମାନୁଷିକ ସ୍ୱପ୍ନ ବୃତ୍ତାନ୍ତର । "ସଜନୀ, କିପରି ମୁଁ ସେ କଥା କହିପାରିବ ? ମୋ ନାରୀ କଣ୍ଠରେ ସେ ଭାବକୁ ଫୁଟାଇବା ପାଇଁ ଭାଷା ନାହିଁ । ଗୋଟିଏ ଜ୍ୟୋତିର ବଳୟ ଭିତରେ ସତେ ଅବା ଏକ ଜ୍ୱଳନ୍ତ ସୂର୍ଯ୍ୟର ଧାପ୍ରିଧରି ସେ ଠିଆ ହେଲେ । ସ୍ୱପ୍ନରେ ମୋ ହାତ ଧରିଲେ । ମୋ ଦେହରେ ପୁଲକ ଆସିଲା, ଆସିଲା ବେପଥୁ । ସେ କହିଲେ—ସୁନ୍ଦରି ! ଭୟ କାହିଁକି ? ଦୁରନ୍ତ ଯବନ ତୁମର କଣ କରି ପାରିବ ? ଦେଖ ବହୁଦୂରରେ ନୀଳାଚଳ ଧାମ । ସେଠାରେ ତୁମେ ନିଶଙ୍କ ରହିବ । ମୋର ଆଖି ମୁଦି ହୋଇଗଲା— ପୁଲକ ଓ ବିସ୍ମୟରେ । ତା'ପରେ ହିମକିରୀଟ ହିମାଦ୍ରୀର ତୁହିନ ଭେଦ କରି ମୁଁ ଆକାଶକୁ ଉଠିଲି । ସୂର୍ଯ୍ୟଙ୍କ ସମ୍ମୁଖୀନ ହେଲି । ସୁନୀଳ ଆକାଶର ତାରକା ମେଳରେ ଘୂରିବାକୁ ଲାଗିଲି । ତଳକୁ ଚାହିଁଲି—ଗୃରଆଡ଼େ ଯେପରି ଝଟିକା ଓ ମେଘ ବ୍ୟାପି ରହିଛି । କ୍ରମେ ତାହା ଆକାଶକୁ ଆଚ୍ଛନ୍ନ କଲା । ସେଥିରେ ଚତୁର୍ଦ୍ଦିଗ, ବନ ପର୍ବତ ହେଲା ଆଚ୍ଛନ୍ନ ଓ ଅଦୃଶ୍ୟ । ସତେ ଯେପରି ଚତୁର୍ଦ୍ଦିଗରେ ଏକ ମହାପାରାବାର ସୃଷ୍ଟି ହୋଇଗଲା । ସୂର୍ଯ୍ୟ ଛୁଡ଼ି ପଡ଼ିଲେ । ମୁଁ ମଧ୍ୟ ତାଙ୍କ ସହିତ ଆକାଶରୁ ଖସି ପଡ଼ିଲି ସେହି ମହାପାରାବାରର ଗର୍ଭରେ ।"

୧୯

Digitized by PPRACHIN, SOA

ଶ୍ରେଷ୍ଠ ପିଲାଙ୍କୁ ଭୁଲେଇବା ପରି ଏ କାହାଣୀ, ନୀଳକଣ୍ଠଙ୍କ ଚିନ୍ତା ମାନସର ଦ୍ୱନ୍ଦ୍ୱ ଓ ଦୈନ୍ୟର ପରିଚୟ ଦେଉ ନାହିଁକି ? ଏ ଦ୍ୱନ୍ଦ୍ୱ ରାଧାନାଥ ସାହିତ୍ୟରୁ ଉଦ୍ଭୂତ—'ପାର୍ବତୀ' ବା 'ଉଷା' କାବ୍ୟର ସୁପରନ୍ୟାଚୁରାଲ ପ୍ରକଳ୍ପନାର ଗୋଟିଏ ପ୍ରତିଧ୍ୱନି ମାତ୍ର । 'ଉଷା'ରେ ଗୋଟିଏ ଜ୍ୟୋତି ଆସି କୁରୁରାଜବଧୂଙ୍କ ଗର୍ଭରେ ପଶିବା ପରି ଏକ ସ୍ୱପ୍ନ ବୃତ୍ତାନ୍ତ ଯେପରି ଅପତ୍ୟହୀନା ରାଣୀଙ୍କ ଗର୍ଭ ସଞ୍ଚାର ପାଇଁ ଆବଶ୍ୟକ ଥିଲା ଏଠାରେ କିନ୍ତୁ ରାଜଜେମାଙ୍କ ବିବାହ ପାଇଁ ଏପରି ବୃତ୍ତାନ୍ତର ଆବଶ୍ୟକତା ନ ଥିଲା । ଏହା ରାଧାନାଥ ପ୍ରଭାବର ପ୍ରତିବାଦ ନା ମୌନ ସମର୍ଥନ ତାହା ସମାଲୋଚନାର ବିଚାର ବିଷୟ । ପୁଣି ବିଶ୍ୱନାଥଙ୍କ କାଶ୍ମୀର ଯାତ୍ରା—କେତେ ପାହାଡ଼ ପର୍ବତର ସର୍ପିଳ ପଥ ଅତିକ୍ରମ କରି ବିଶ୍ୱନାଥ ଉତ୍ତରରୁ ଉତ୍ତରକୁ ଚାଲିଛନ୍ତି । ଯେଉଁ ଉତ୍ତରପଥର ଭୀମ ଭୟଙ୍କର ଦୃଶ୍ୟ ରାଧାନାଥଙ୍କ ଚିତ୍ତବୃତ୍ତିକୁ ଏକଦା କରିଥିଲା ଭାରାକ୍ରାନ୍ତ, ସ୍ମୃତିକୁ ଉତ୍ପୀଡ଼ିତ ତାଙ୍କ ଅସ୍ମିତା ହୋଇଥିଲା ନିମଗ୍ନ—ସେଇ ଦୃଶ୍ୟକୁ ଏବେ ନୀଳକଣ୍ଠ ନିଜ ସାହିତ୍ୟର ସାମଗ୍ରୀ କଲେ—ଅବଶ୍ୟ ଏଥିରେ ପ୍ରତିବାଦର ଭାବ ସ୍ପଷ୍ଟ । କିନ୍ତୁ ସ୍କଟ୍ ଓ ଟେନିସନ୍‌ଙ୍କ ସାହିତ୍ୟ ବାଟେ ଭିଞ୍ଜିରୁ ରାଧାନାଥଙ୍କୁ ଯାହା କଲାବେଳେ ତାଙ୍କ କବିମାନସ ରାଧାନାଥ ସାହିତ୍ୟର ବିପୁଳ ଐତିହାସିକ ବିଶେଷତ୍ୱରେ ବିମୁଗ୍ଧ ହୋଇଥିବା ସ୍ୱାଭାବିକ । ପୁଣି 'ଚିଲିକା' କେତେ ମୌନ ଐତିହାସିକ କାହାଣୀର ରଙ୍ଗସ୍ଥଳୀ । ତା ସ୍ମୃତିରେ ଶ୍ରୀମନ୍ତ ମାଣିକା, ରକ୍ତବାହୁ, ପଦ୍ମାବତୀ ଆଦିଙ୍କ ସ୍ମୃତି ତଥାପି ଦେଦୀପ୍ୟମାନ । ରାଧାନାଥଙ୍କ ଏଇ ଦୃଷ୍ଟିଭଙ୍ଗୀ ପଛରେ ସ୍କଟ୍, ଟେନିସନ୍ ଓ ଆରନୋଲଡ଼୍‌ଙ୍କ ଇତିହାସ ପ୍ରୀତିମୂଳକ ଦୃଷ୍ଟିଭଙ୍ଗୀ ଅବଶ୍ୟ ସ୍ୱୀକାର କରିବାକୁ ହେବ । ନୀଳକଣ୍ଠ ପୁଣି ସେଇ ଦୃଷ୍ଟି-ଭୂଗୋଳ ଓ ଇତିହାସର ସନ୍ଧାର୍ଥୀ; ସେଇ ଚିନ୍ତାର ଚଲାବାଟରେ ସେ ଅନ୍ୟତମ ପଥିକ । ରାଜସ୍ଥାନର ରୁକ୍ଷ ମରୁକାନ୍ତାର ରାଧାନାଥଙ୍କ ରୋମାଣ୍ଟିକ୍ ଦୃଷ୍ଟିକୁ ପ୍ରତିହତ କଲାବେଳେ ସେଠି ନୀଳକଣ୍ଠ ହିନ୍ଦୁର କେତେ କୀର୍ତ୍ତି ବେଢ଼ି ଖୋଜିଛନ୍ତି । ଲୋହିତ ହଳଦୀ, ପଞ୍ଚନଦ, ତିରୋରୀ ଯୁଦ୍ଧ, ଥାନେଶ୍ୱର, ପୃଥ୍ୱୀରାଜ, ଇନ୍ଦ୍ରପ୍ରସ୍ଥ, ଚମ୍ବଲ, ଗୁଆଲିଅର, ବେତ୍ରବତୀକୂଳ; କୌଶାମ୍ବି-କଟକ, କାଳଞ୍ଜର-ନାଥ, ଆଦି ପୌରାଣିକ ଓ ଐତିହାସିକ ସ୍ଥାନ ତାଙ୍କ ସ୍ମୃତିକୁ ଦୋହଲେଇ ଦେଇଛି । ଏଠାରେ ରାଧାନାଥଙ୍କ ରୂପପ୍ରାଣ ଦୃଷ୍ଟି ଭଙ୍ଗୀ ନାହିଁ, ଅଛି କଠୋର କର୍ମର ବଜ୍ର ବନ୍ଧନ । ବିଶ୍ୱନାଥ କବି ନୁହନ୍ତି· ସେ ଦୂତ । ନୀଳକଣ୍ଠଙ୍କ ଚିନ୍ତାରେ

Digitized by PPRACHIN, SOA

ତେଣୁ ଜଗନ୍ନାଥ ଦେଶର ଦୂତ ଉପଯୋଗୀ ସ୍ୱାଭାବିକ ଦୃଶ୍ୟ ଅଧିକ ପ୍ରଣିତ ହୋଇଛି । ଏକଦା ଏ ଜାତିର ଗର୍ବ ଓ ଗୌରବର କାହାଣୀମାନ ଅଧିକ ଆନ୍ଦୋଳିତ ହୋଇଛି । ସେଠାରେ ଭାବପ୍ରବଣତା ନାହିଁ, ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ନାହିଁ । କିନ୍ତୁ ଏକା ପଦ୍ଧତି ରାଧାନାଥ ଓ ନୀଳକଣ୍ଠ ଉଭୟ କବି ମାନି ନେଇଛନ୍ତି । ଉଭୟଙ୍କ ଚିନ୍ତାରେ ପ୍ରାକୃତିକ ଭୂଗୋଳ ଓ ଜାତୀୟ ଇତିହାସ ଜୀବନ୍ତ ହୋଇ ଉଠିଛି ।

ପୁନଶ୍ଚ କାବ୍ୟର ଶେଷ ପର୍ଯ୍ୟାୟରେ ନୀଳକଣ୍ଠ କପଟ ଅଲକ୍ଷ୍ୟରେ ରାଧାନାଥୀ ଚିନ୍ତାମାନସ ପାଖରେ ନିଜ କାବ୍ୟିକ ପ୍ରୟାସକୁ ସମର୍ପଣ କରିଛନ୍ତି ତାହା ତାତ୍ତ୍ୱିକ ବିଚାରର ବିଷୟ । ସମଗ୍ର ରାଧାନାଥ ସାହିତ୍ୟରେ ଅତି-ମାନବିକ ଚିହ୍ନ ଦେଖି ଆଧୁନିକ ପାଠକ କ୍ଷିପ୍ତ ହୁଏ । କିନ୍ତୁ ପାଠକର ଶିଶୁ ସୁଲଭଧର୍ମୀତାରୁ ମନ ଉପରେ ଭ୍ରମସମ୍ପାତ କରି ନିଜ କାବ୍ୟର ବିଷୟ ବସ୍ତୁକୁ ଗ୍ରହଣ କରେଇ ନେବା ରାଧାନାଥୀ କାବ୍ୟ କୌଶଳର ଅନ୍ୟତମ ବିଭାବ ଥିଲା । ନୀଳକଣ୍ଠ ସେହି ପଦ୍ଧତିକୁ ଗ୍ରହଣ କରି 'ମାୟାଦେବୀ' କାବ୍ୟର ଉପସଂହାରରେ ମୃତା ମାୟାଦେବୀଙ୍କୁ ଅବରୁଦ୍ଧ ସିନ୍ଦୁକ ଭିତରୁ ପୁଣି ଥରକ ପାଇଁ ଜୀବନ୍ୟାସ ଦେଇଛନ୍ତି । ମିଳନର ମାର୍ମିକତାରେ କାବ୍ୟକୁ ସୁନ୍ଦର ଓ ଉପଭୋଗ୍ୟ କରାଯାଇ ପାରିବ ବୋଲି ଆଶା କରି ଏକ ଅନାବଶ୍ୟକ ପରିସ୍ଥିତିର ପରିକଳ୍ପନା କରିଛନ୍ତି । ତାଙ୍କର ପ୍ରଜ୍ଞାବାଦୀ ଯୁକ୍ତିପ୍ରବଣ ମନ ତେଣୁ ଏକ ଅବାସ୍ତବ ସତ୍ୟକୁ ମାନିନେଇଛି—

"ସୁର-କୂଳେ ଉରି ବିହାରନ୍ତି ପୁଣି
କରନ୍ତି ମରତେ ଦେବତାମାନେ,
ଭୁଲି ସେ ରହନ୍ତି ନରଲୋକ ପରି
ଚେତାଇଲେ ପୁଣି ପଡ଼ଇ ମନେ ।
ମର୍ତ୍ତ୍ୟଲୋକେ କେତେ ସଉକେ ଆସନ୍ତି
ସରଗୁ ଦେବତା ସୁର-ସୁନ୍ଦରୀ
ଏ ମରତେ ପୁଣି ଆଦରି ବସନ୍ତି
ତୀର୍ଥ ନାମେ ପୁରୀ, ବିପିନ ଗିରି ।"

ଏ ଯୁକ୍ତି ସମ୍ଭବତ ରାଧାନାଥଙ୍କ 'ଉଷା' କାବ୍ୟର ନୃତ୍ତ ରାଜନନ୍ଦିନୀ ଉଷା ଓ ବାହାନପତି ସୁତ ଜୟନ୍ତର ମର୍ତ୍ତ୍ୟ ବିହାର ଯୁକ୍ତି ସମାନ ନୁହେଁ କି ? ରାଧାନାଥଙ୍କ ମତରେ ଉଷା ଥିଲେ ଶାପଗ୍ରସ୍ତା ତିଳୋତ୍ତମା ଓ ଜୟନ୍ତ ଥିଲେ ଚିତ୍ରରଥ । ସୁର ସଭାରେ ଏମାନେ ପୂଜ୍ୟ ଲୋକଙ୍କ ପ୍ରତି.

Digitized by PPRACHIN, SOA

ସମ୍ମାନ ପ୍ରଦର୍ଶନରେ ବ୍ୟତିକ୍ରମ କରି ଥିବାରୁ ଅଭିଶପ୍ତ ହୋଇ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କରିଥିଲେ । ବିବାହ ଓ ମିଳନ ମାତ୍ରେ ଏମାନଙ୍କର ମୃତ୍ୟୁ ହେବ ଓ ପୁନଶ୍ଚ ସ୍ୱର୍ଗକୁ ଫେରି ଆସିବେ ବୋଲି ଶାପ-ନିର୍ଦ୍ଦେଶ ଥିଲା । ସେହିପରି 'ମାୟାଦେବୀ'ରେ ଏକ ଦୁର୍ବଳ ପୂର୍ବଜନ୍ମ ବୃତ୍ତାନ୍ତ ଆଣି ଏକ ପୌରାଣିକ ଭକ୍ତିକ ମିଥ୍ୟା (ଯେଉଁ ଭକ୍ତିକ ମିଥ୍ୟାର ଘୋର ବିରୋଧୀ ନୀଳକଂଠ ପରି ପର୍ଯ୍ୟାୟରେ ହୋଇଥିଲେ) ସୃଷ୍ଟି କରିବାରେ ନୀଳକଣ୍ଠଙ୍କ ମାନସିକ ଦ୍ୱନ୍ଦ୍ୱ ବେଶ୍ ପ୍ରତିପନ୍ନ ହୁଏ ।

"ନରସିଂହ ଥିଲେ ତପନ ଏ ଭବେ
ମାୟା ଥିଲେ ଛାୟା ତପନ ଜାୟା,
ଜଂବୁ-ଜେମା ଥିଲେ ବିଶ୍ୱ କର୍ମା-ସୁତା
ଆଦରି ମରତେ ମାନବ-କାୟା !"

ପୁଣି ତାଙ୍କ ପରିକଳ୍ପନାରେ ଶିବେଇ ମାସନ୍ତରା ଥିଲେ ବିଶ୍ୱକର୍ମା; ବିଶ୍ୱନାଥ ଥିଲେ ବୃହସ୍ପତି । ଶୁକ୍ର-ସୁତ ହେଉଛନ୍ତି ଯବନ-ନୃପତି । ଦିନେ ସୂର୍ଯ୍ୟଙ୍କ ପ୍ରତି ବିମନା ହୋଇ ଚନ୍ଦ୍ର ଛାୟାଙ୍କ ପାଖ୍ ଭରସା ନେଇ ଆସିଥିଲେ । ସୂର୍ଯ୍ୟପତ୍ନୀ ଛାୟାଙ୍କ ଅଭିଶାପରେ ସେ ଧଂକସନବରରେ ଠଂକର ଭାଇ ଭାବରେ ଜନ୍ମ ନେଲେ । ବିଶ୍ୱକର୍ମାଙ୍କ ଦୁହିତା ସଂଜ୍ଞା ସୂର୍ଯ୍ୟଙ୍କ ପ୍ରତି ଆସକ୍ତ ହେଲେ । ସୁର ଗୁରୁ ବୃହସ୍ପତି ସେଥିରେ ମଧ୍ୟସ୍ଥି ହୋଇଥିଲେ । ସୂର୍ଯ୍ୟ କିନ୍ତୁ ଛାୟାଙ୍କୁ ହିଁ ଗ୍ରହଣ କଲେ ପରିଣୀତା ଭାବରେ । ଅନେକ ଦିନ ପରେ ସୂର୍ଯ୍ୟ ଶାମ୍ବଙ୍କ ନିମନ୍ତ୍ରଣ କ୍ରମେ ଚନ୍ଦ୍ରଭାଗା କୂଳକୁ ବିହାର ପାଇଁ ଆସିଲେ । ପ୍ରେମ ପାଗଳିନୀ ସଂଜ୍ଞା ଭ୍ରମରେ ଜମ୍ବୁ ନଗରରେ ଜନ୍ମ ଗ୍ରହଣ କଲେ । ଛାୟା ସ୍ୱର୍ଗରେ ସଂଜ୍ଞାକୁ ଭଉଣୀ ପରି ଦେଖି ଥିଲେ । ତା'ପରେ ନୀଳକଣ୍ଠଙ୍କ କାବ୍ୟରେ—

"ପ୍ରଚଣ୍ଡ ତପନେ ଝଲସିବେ ସଂଜ୍ଞା
ଜାଣି, ଶିଶୁପାଳେ ଆସିଲେ ଛାୟା,
ପର୍ବଗେ ଜ୍ୟୋତିଷ ପ୍ରତି ଚକ୍ଷୁ-ପରି
ଆବରିବେ ବୋଲି ସଂଜ୍ଞାର କାୟା ।
ସେ ତପନ ବଧୂ ସୁର ଗୁରୁ ଠାରୁ
ସେହି ସେ ସୁରତେ ମାଗିଲେ ବର,
'ସଂଜ୍ଞାର ପରଶେ ଫେରିବେ ତା ହୃଦେ
ବିରଜ ଆସିବେ ନର ଶରୀର' ।

Digitized by PPRACHIN, SOA

ଜମ୍ବୁ-ଜେମା-ହ୍ରଦେ ରହିଥିଲେ ମାୟା
ଛାୟା ରହିଥିଲେ ସଂଜ୍ଞାରେ ଘେରି
ସିନ୍ଧୁକରୁ ମାୟା ଉଠି ନରସିଂହେ
କହିଥିଲେ ସବୁ, ସଂଶୟ ଫେଡ଼ି ।”

ଏ ବାକ୍ୟରେ ଏହି ପୂର୍ବଜନ୍ମ ବୃତ୍ତାନ୍ତ ଯେପରି ସ୍ଥାନ ପାଇଛି ତାହା ନ ହୋଇଥିଲେ କାବ୍ୟର ଅଙ୍ଗହାନି ଘଟି ନଥା'ନ୍ତା । ରାଧାନାଥ ସୃଷ୍ଟି ମାନସ ପାଖରେ ନୀଳକଣ୍ଠଙ୍କର ଏ ଆତ୍ମ ସମର୍ପଣ ତାଙ୍କ କାବ୍ୟର ମର୍ଯ୍ୟଦା ହାନି କରି ନାହିଁକି ? ଏ ଶବ୍ଦ ଓ ଚିନ୍ତା ରାଧାନାଥୀ ସାହିତ୍ୟର ଉଗ୍ର ପ୍ରତିବାଦ ନା ମୌନ ସମର୍ଥନ ? ପ୍ରାରମ୍ଭର ଦୃଢ଼ବାଦ ଏଠାରେ କ୍ରମେ କ୍ଷୀଣାବସ୍ଥ, ଅବଶେଷରେ ସମ୍ପୂର୍ଣ୍ଣ ବର୍ଜନ ।

ତଥାପି ଭବ ବାକ୍ୟରେ ତୃପ୍ତି ନାହିଁ । ରାଧାନାଥ ଯେଉଁଠି କୋଣାର୍କ ମନ୍ଦିରର ଭଗ୍ନାବଶେଷ ଦେଖି ବ୍ୟଥିତ ହୋଇଛନ୍ତି ଓ ଏତେ ବଡ଼ ତୁଙ୍ଗ ମନ୍ଦିର, ବିଶ୍ୱ ବିଶ୍ରୁତ କଳା କୀର୍ତ୍ତିର ଧ୍ୱଂସ ପଛରେ ପୂଜିତ ଦେବତାର ଅପକର୍ମ ହିଁ ଦାୟୀ ବୋଲି ଯୁକ୍ତି ଦେଇଛନ୍ତି, ନୀଳକଣ୍ଠ ସେଠାରେ 'କୋଣାର୍କ' ମନ୍ଦିର ନିର୍ମାଣର ରହସ୍ୟ ଉଦ୍‌ଘାଟନ କରିଛନ୍ତି । ରାଧାନାଥଙ୍କ ଚିନ୍ତାରେ—

“ସେ ପୂର୍ବ ଗୌରବ ସାକ୍ଷିଣୀ
ମୁଖଶାଳା ମାତର
ପ୍ରତିଧ୍ୱନି ଛଳେ ପାନ୍ଥକୁ
ଆଜି ଦିଏ ଉତ୍ତର”
—'ଚନ୍ଦ୍ରଭାଗା'

ଏହା ସୂର୍ଯ୍ୟଙ୍କର ବ୍ରାହ୍ମଣ କୁମାରୀ ଚନ୍ଦ୍ରଭାଗା ପ୍ରତି ପାଶବିକ ଆସକ୍ତି ଓ ଅପକର୍ମର କାହାଣୀ ମାତ୍ର । କ'ଣ ସେ ପ୍ରତିଧ୍ୱନି ? ଦେବତାର ଅନ୍ୟାୟ ଓ ଅପକର୍ମ ଯୋଗୁଁ ଥିପାଇଁ ଏ ବିପୁଳ ସୃଷ୍ଟି ହେଲି ଜୀର୍ଣ୍ଣ ଓ ଜରାଗ୍ରସ୍ତ ? ରାଧାନାଥଙ୍କ ଜାତୀୟତାବାଦୀ ମନ କୋଣାର୍କ ମନ୍ଦିରର ଧ୍ୱଂସ ପଛରେ ଅନ୍ୟ କୌଣସି ପ୍ରାକୃତିକ କାରଣ ବା କାରିଗରୀ ବିଭ୍ରାନ୍ତି (technical mistake) କୁ ମାନିନେବାକୁ ପ୍ରସ୍ତୁତ ନ ଥିଲା । ଜଣେ କବି କଳାପ୍ରାଣତାର ସହିତ ଧ୍ୱଂସର ରହସ୍ୟ ସନ୍ଧାନ କଲାବେଳେ ଆଉ ଜଣେ କବି ନିର୍ମାଣ ରହସ୍ୟର ବେଣୁ ଧ୍ୱନିରେ ମାତିଆଛି । କେତେ ସାମଞ୍ଜସ୍ୟ ପୁଣି

Digitized by PPRACHIN, SOA

କେତେ ବୈଷମ୍ୟ ? ନୀଳକଣ୍ଠଙ୍କ ଭାଷାରେ "ସମବୈଭବରେ ସୁଖ ନ ଥାଏ – ପ୍ରକୃତ ସୁଖ ଥାଏ ବୈଷମ୍ୟରେ ।" ଏ ବୈଷମ୍ୟହିଁ ନୀଳକଣ୍ଠ ମାନସକୁ କରିଥିଲା ବିଭୋର । ରାଧାନାଥ ଉତ୍ତର ଜୀବନରେ 'ଚନ୍ଦ୍ରଭାଗା' ରଚନା କଲାବେଳେ ନୀଳକଣ୍ଠ 'କୋଣାର୍କେ' ଲେଖିଥିଲେ ଯୌବନର ମଧ୍ୟାହ୍ନରେ । ତେଣୁ ଜଣେ ମୃତ୍ୟୁର ରହସ୍ୟ ବା ଧ୍ୱଂସର ରହସ୍ୟ ଦେଖିବାବେଳେ ଅନ୍ୟ ଜଣେ ସୃଜନର ରହସ୍ୟ ଦେଖିବା ସ୍ୱାଭାବିକ ନୁହେଁ କି ?

ଏବେ ଏସବୁ ପ୍ରତିକ୍ରିୟା ଓ ସମର୍ଥନ ସତ୍ତ୍ୱେ ଯାହାକିଛି ଏ କାବ୍ୟରେ ନୀଳକଣ୍ଠଙ୍କର ଏକାନ୍ତ ଆପଣାର ସେଇ ଆଙ୍ଗିକ ବିଭବ ଉପରେ ଆଲୋଚନା କରିବା ସଙ୍ଗତ ମନେ କରୁଛି । ଏ କାବ୍ୟର ପ୍ରଚ୍ଛଦ ପୃଷ୍ଠାରେ ପ୍ରଥମେ କବି ମାନସିଂହଙ୍କ ମନ୍ତବ୍ୟ ବେଶ୍ ଉପଭୋଗ୍ୟ ମନେହୁଏ, "କିନ୍ତୁ 'କୋଣାର୍କେ' କାବ୍ୟ; ଇତିହାସ ନୁହେଁ । ମୁଖ୍ୟ ଭାବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ ଉତ୍କର୍ଷ ଫଳରେହିଁ ନୀରସ ଇତିହାସ ଜୀବନ୍ତ ହୋଇ ଉଠିଛି । ଭାଷା, ଭାବ, ଚରିତ୍ର-ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଙ୍କାରାଦି ଯେ କୌଣସି ଦିଗରୁ ବିଚାର କରି ବସିଲେ, 'କୋଣାର୍କେ' ଓଡ଼ିଆ ଭାଷାରେ ଅନୁପମ କାବ୍ୟ । ସମୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏ ପର୍ଯ୍ୟନ୍ତ ମୋ ଆଖିରେ ପଡି ନାହିଁ ।" ନାନା ଶିଳ୍ପର ପ୍ରକାଶରେ ଏ କାବ୍ୟ ସମୃଦ୍ଧ ଓ କଳାମୟ । ଆଗରୁ କହିଛି ଏ କାବ୍ୟର ନାଟକୀୟତାରେ ପାଠକ ମାନେ ମୁଗ୍ଧ ହୁଅନ୍ତି । ଦୃଶ୍ୟପଟ ପରେ ଦୃଶ୍ୟପଟ, ଗୋଟିଏ ଅଭିନୟ ପରେ ଆଉ ଗୋଟିଏ ଅଭିନୟ, ମଝିରେ ମଝିରେ ପାଠକକୁ ଆଗ୍ରହ ସଂଯୁକ୍ତ କରିବା ନିମନ୍ତେ ସଙ୍ଗୀତ ସଂସ୍ଥାନ, ଅତିମାନବିକ ପରିକଳ୍ପନା, ସ୍ୱପ୍ନ କାହାଣୀ—ଏ ସବୁ ଏହି କାବ୍ୟକୁ ଏକ ଚମତ୍କାର ନାଟକୀୟ କାବ୍ୟରେ ପରିଣତ କରିଛି । ପୁଣି ନାଟକର ବିଭିନ୍ନ ପାତ୍ରପାତ୍ରୀ ମୁହଁରେ ବିଭିନ୍ନ ଭାଷାର ବ୍ୟବହାର ପରି ଏ କାବ୍ୟରେ ଭାଷାର ସେଇ ଉଚିତ ପ୍ରୟୋଗ; କ୍ଲିଷ୍ଟତା ଓ ସରଳତା, ଓଜଃ ଓ ପ୍ରଶାନ୍ତ ଏ କାବ୍ୟକୁ ରହସ୍ୟମୟ କରିଛି । ପ୍ରଥମ କେତୋଟି ସର୍ଗ ପାଠକ ମନରେ କାବ୍ୟିକ ଆବେଗର ଧାରାକୁ ଖଣ୍ଡିତ କଲାବେଳେ ପରବର୍ତ୍ତୀ ସର୍ଗ (ମାୟାଦେବୀଙ୍କ ସହିତ ନରସିଂହଙ୍କ ପରିଚୟ ପ୍ରସଙ୍ଗ ପରଠାରୁ) ଗୁଡ଼ିକରେ ଘଟଣା ସଂସ୍ଥାନ ଖୁବ୍ ଗତିଶୀଳ ଓ ଆବେଗମୁଖୀ ହୋଇ ପାରିଛି । ଏଠାରେ ପାଠକ ଅଟକି ରହିପାରେ ନାହିଁ—ମନରେ ତାର ଅଧିକରୁ ଅଧିକ

Digitized by PPRACHIN, SOA

କୌତୁହଳ ଓ ଉତ୍କଣ୍ଠା ଜାଗି ଉଠେ ଏବଂ ଶେଷ ପର୍ଯ୍ୟନ୍ତ ଏ ଉତ୍କଣ୍ଠା ଅବ୍ୟାହତ ରହେ । ଅବଶ୍ୟ ରସଗ୍ରାହୀ ପାଠକ ଶବ୍ଦର ଜାଲରେ ଛନ୍ଦି ହୋଇ ମଝିରେ ମଝିରେ ଝୁଣ୍ଟି ପଡ଼େ । ଏକାର୍ଥବୋଧକ ବହୁ ଉପାସର୍ଗିକ ଶବ୍ଦ ଗଠନ କରି ମାଳକଣ୍ଠ ନିଜ ପାଣ୍ଡିତ୍ୟର ପରିଚୟ ଦେଉଦେଉ ପାଠକ ମନରେ ଅତୃପ୍ତିର ହତାଶା ଆସେ । କିନ୍ତୁ କ୍ରମେ କ୍ରମେ ମାଳକଣ୍ଠ ଚତୁରତା ସହିତ ଚିନ୍ତା, ଅନୁଭୂତି, ସୂକ୍ଷ୍ମଦର୍ଶନ ଓ ଚିତ୍ରଣ ପାଟବରେ ପାଠକକୁ ମୁଗ୍ଧ କରି ଦିଅନ୍ତି । ଭାବ ପ୍ରକଟନ ପାଇଁ ଏ ଶବ୍ଦଜାଲ ଅଧିକ-କ୍ଷଣ ଅନ୍ତରାୟ ହୋଇପାରେ ନାହିଁ ।

ଏ କାବ୍ୟରେ ସମାଲୋଚନାର ସାମଗ୍ରୀ ଭାବରେ କେତୋଟି ବୌଦ୍ଧିକ ରୂପକଳ୍ପ ଓ ଉପମା ମାଳକଣ୍ଠଙ୍କର ଏକାନ୍ତ ନିଜସ୍ୱ ଭାବରେ ପ୍ରତିପନ୍ନ ହୋଇଛନ୍ତି । ଆଜିର ଅତ୍ୟାଧୁନିକ କବିତାର ପ୍ରାଣ ଭାବରେ ଯେଉଁ ଶକ୍ତିଶାଳୀ ଉଦ୍‌ବୋଧନକ୍ଷମ ଚିତ୍ରକଳ୍ପ ଆତ୍ମପ୍ରକାଶ କରୁଛନ୍ତି, ମାଳକଣ୍ଠ ସେ ସମୟରେ ଏହାର ଆରମ୍ଭ ମାତ୍ର କରିଥିଲେ । ଗତାନୁଗତିକ ପ୍ରତୀକ ଓ ରୂପକଳ୍ପକୁ ପରିହାର କରି ମାତ୍ର ଗତ ତିନି ଦଶନ୍ଧି ଭିତରେ ଏ ଦେଶର କବି ନୂତନ ଇଂମେଜ ଓ ସିମ୍ବଲ୍ ଆଡ଼କୁ ଆଖି ପକାଇଛି । ମାଳକଣ୍ଠଙ୍କ ସମୟକୁ ତଥାପି ପାରମ୍ପରିକ ଇଂମେଜ୍ (Conventional Images) ସାହିତ୍ୟର ଦରବାର ଦଖଲ କରିଥିଲେ ମଧ୍ୟ ମାଳକଣ୍ଠଙ୍କ ତଳ କେତୋଟି ଚିନ୍ତାରେ ନୂତନତାର ଆଭାସ ମିଳିଥାଏ—

"ସେହି ସେ ନିର୍ମମେ ସହଚରୀ ଜନେ
ଆବେଗ ପିଠାଇ କହିଇ କେବେ
ଶୀତେ ପରବତ ପଠାଇ ଭୁବନେ
ରୁନ୍ଧିବାରି ସେ କି ଅଳପେ ସବେ ।"

କିମ୍ବା "ରୁକ୍ଷ ସେନାପତି ଦେଖି ନ ଦେଖିଲେ
ତରୁଣ-ସଂଭାଷ-ପାଟଳ ରେଖା
ଜଳ ବେଣୀ-କଂପେ ଝରଇ ତଟିମା
ବୁଝେଁ କି ସେ କମ୍ପ ଶଇଳ ଶିଖା ?"

କିମ୍ବା "ପାଇଲେ ମଣଇ 'ହଜିଯିବ ଧନ'
ହଜିଗଲେ ମଣେ 'ପାଇବ ପୁଣି'
ସଂଚ ଧନ ଯଥା ମଣଇ କୃପଣ
ତେସନେ ପ୍ରଣୟେ ପରାଣ-ବାଣୀ ।"

Digitized by PPRACHIN, SOA

କମ୍ପା ପରିବାଣ୍ଟି ଜନେ ଦେଖନ୍ତି ସୁହାସ
ନ ଜାଣନ୍ତି ସେହୁ ବେଦନା ତଳେ
ଗ୍ରୀଷ୍ମ ସନ୍ତାପେ ଶୁଖଇ ପଲ୍ଲବ
ବାଧଇ କି ତାହା ପତରି-ମାଡ଼େ ।"

ପୁଣି ନରସିଂହଙ୍କ ସୈନ୍ୟମାନେ ନିଜ ନିଜ ଦଳ ସହ ବଣ ଭିତରେ ଯାଉଥିବା ବେଳର ଦୃଶ୍ୟ ସହିତ ନଗଜ ଗୁଡ଼ ମହାନଦୀ ତାର ଶାଖା ପ୍ରଶାଖା ନେଇ ଅନୁପ ଅଞ୍ଚଳରେ ପଶିଯିବାର ଦୃଶ୍ୟକୁ ଉପମିତ କରାଯାଇଛି । ପ୍ରାସାଦର ମୁକୁଟରେ ଓ ଦେଉଳରେ ରହି ରହି ଦୋହଲି ଦୋହଲି ବାଜି ଉଠୁଥିବା ଘଣ୍ଟା ଶବ୍ଦକୁ ତରୁଣ ମନରେ ଫୁଟି ଉଠୁଥିବା କ୍ଷିପ୍ର ଭାବରାଜି ମଧ୍ୟରେ ସଂଯମର ଅଭ୍ୟୁଦୟ ସହିତ ତୁଳନା କରା-ଯାଇଛି । ଏ ସବୁ ଉପମାରେ ନୀଳକଣ୍ଠଙ୍କ ମୌଳିକତା ବହୁ ଭାବରେ ପ୍ରକଟିତ । କିନ୍ତୁ ଏ ସବୁ ଉପମା ରସପ୍ରିୟ ପାଠକ ଓ ସମାଲୋଚକଙ୍କୁ ଅଧିକ ଭାବରେ ଉଦ୍‌ବୋଧିତ (evocate) କରିବା ପାଇଁ ସକ୍ଷମ ନୁହେଁ । ତଥାପି ଏ ସବୁ 'ରୂପ'ରେ ପ୍ରାଚୀନତାର ବ୍ୟତିକ୍ରମ ପାଇଁ ବେଶ୍ ଇଂଗିତ ମିଳିଥାଏ ।

ଆଉ ଅଧିକ ଆଲୋଚନାର ଅବକାଶ ନାହିଁ । କାବ୍ୟରେ ଯେଉଁ ଆବେଗ ପାଠକ ମନକୁ ଆଚ୍ଛନ୍ନ ଓ ଉଦ୍‌ବୁଦ୍ଧ କରେ ତାହାର ଐକ୍ୟ ଏ କାବ୍ୟକୁ ମଞ୍ଜୁଳ ଓ ସାବଲୀଳ କରି ପାରିଛି । ପାଠକ ମନ କେଉଁଠାରେ ଅତିକ୍ରାନ୍ତ ହୁଏ ନାହିଁ; ପାଠକ ବିରକ୍ତି ଅନୁଭବ କରେ ନାହିଁ । ଯେ କୌଣସି ସାର୍ଥକ ସୃଷ୍ଟି ପାଇଁ ଏହାହିଁ ଶ୍ରେଷ୍ଠ ପ୍ରଶସ୍ତି ହେବା କଥା । ଏ କାବ୍ୟକୁ ବାରମ୍ବାର ପାଠ କରିବା ପାଇଁ ପାଠକ ମନରେ ଆଗ୍ରହ ଆସେ; ମନରେ ତଥାପି ଅତୃପ୍ତି ଲାଗି ରହେ । ପୁନଶ୍ଚ ଶିଶୁପାଳ ଗଡ଼ର ଯେଉଁ ଦୁରବସ୍ଥାର ଚିତ୍ର ବୃଦ୍ଧ ସାମନ୍ତଙ୍କ ମୁହଁରେ କବି କୁହାଇଛନ୍ତି ତାହା ଶିଶୁପାଳଗଡ଼ର ବାସ୍ତବ ଅବସ୍ଥାର ଏକ କାବ୍ୟିକ ପ୍ରକାଶ ମାତ୍ର । ଏହି ଚିତ୍ର କାବ୍ୟର ମୁଖ୍ୟ କରୁଣ ରସକୁ ଇଂଗିତ କରୁଅଛି ଓ ମାୟାଦେବୀଙ୍କ ଅସହାୟ ମୃତ୍ୟୁରେ ଏହି କରୁଣ ରସ ପରିପୁଷ୍ଟ ହୋଇଅଛି । ପ୍ରେମର ଯେଉଁ ମହିମାଦୀପ୍ତ ନିଷ୍ଠା ଓ ତ୍ୟାଗର ଚିତ୍ର ଏଥିରେ ଫୁଟି ଉଠିଛି ତାହାର କରୁଣ ପରିସମାପ୍ତି ପାଠକ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରେ । ଓଡ଼ିଆ କାବ୍ୟ ସାହିତ୍ୟରେ ବିୟୋଗ ମୂଳକ କାହାଣୀର

Digitized by PPRACHIN, SOA

ଯେଉଁ ଅଭାବମାନଙ୍କୁ ଅବକାଶ କରି ରାଧାନାଥ ଲକ୍ଷ୍ୟ କରିଥିଲେ ତାହାଁରେ ଗୋପବନ୍ଧୁଙ୍କ 'ଧର୍ମପଦ' ନୀଳକଂଠଙ୍କ 'ମାୟାଦେବୀ' ଗୋଟିଏ ଗୋଟିଏ ଅର୍ଘ୍ୟମାତ୍ର । ଏହି ଧାରା ଉନବିଂଶ ଶତାବ୍ଦୀର ମିଳନମୁଖୀ କ୍ଳାନ୍ତ ପରିବେଶକୁ ଯେପରି ହଠାତ୍ ଭାଙ୍ଗିଦେଲା ତାହା ଏ ସାହିତ୍ୟର ଇତିହାସରେ ଏକ ଚମତ୍କାରପ୍ରଦ ଅଧ୍ୟାୟ । ପାଠକ ମନରେ ଏହି ଧାରାର ଆସକ୍ତି ଅଧିକ ଭାବରେ ଅନୁଭୂତ ହୁଏ । ମାୟାଦେବୀ ଚରିତ୍ର ପ୍ରତି ସେଇ କାରୁଣ୍ୟ ଓ ସହାନୁଭୂତି ସୃଷ୍ଟି କରିବାରେ ନୀଳକଂଠ ସାର୍ଥକତା ଲାଭ କରିଛନ୍ତି–ଏହା କହିବା ବାହୁଲ୍ୟମାତ୍ର ।

ଆଉ ଅଧିକ ଆଲୋଚନା କରିବି ନାହିଁ । ମୋର କହିବା କଥା ମୁଁ କହି ସାରିଛି ଓ ନୀଳକଂଠଙ୍କ 'ମାୟାଦେବୀ'କୁ ନେଇ ଦୀର୍ଘଦିନ ଧରି ଓଡ଼ିଆ ସାହିତ୍ୟର ସମାଲୋଚକମାନେ ରାଧାନାଥଙ୍କୁ ଯେପରି କଟାକ୍ଷ କରୁଥିଲେ ତାହା ବିରୁଦ୍ଧରେ ମୁଁ ପ୍ରତିବାଦ କରିଛି ମାତ୍ର । ଏପରି ତୁଳନାତ୍ମକ ଆଲୋଚନାରେ ନୀଳକଂଠ ସାହିତ୍ୟର ଅପଚୟ ହେଉ ନାହିଁ, ବରଂ ମର୍ଯ୍ୟାଦା ବଢ଼ୁଛି । 'ମାୟାଦେବୀ' ପଢ଼ିଲାବେଳେ ଓଡ଼ିଆ ସାହିତ୍ୟ ରାଜ୍ୟକୁ ମୋର ଦୃଷ୍ଟି ସ୍ୱତଃ ସଂପ୍ରସାରିତ ହୋଇଯାଇଛି । ମୋର ଧାରଣା ଜନ୍ମିଛି – ସବୁ ସାହିତ୍ୟ କ୍ଲାସିକ୍ ସାହିତ୍ୟ ସ୍ତରକୁ ଉନ୍ନୀତ ହୋଇପାରେ ନାହିଁ; ସବୁ ସାହିତ୍ୟ ପୁରାଣ ସାହିତ୍ୟ ପରି ନିଜର ଓ ଶାଶ୍ୱତ ନୁହେଁ—କାରଣ ସବୁ ସାହିତ୍ୟ ନିଖିଳର ବ୍ୟଥା ଓ ବେଦନାକୁ ଚିରନ୍ତନ ଭାବରେ ଏକକରେ ମାପି କାଳର ସକଳ କ୍ଷୟକାରୀ ଶକ୍ତିକୁ ଅବଲଘନ କରି ବଂଚିପାରେ ନାହିଁ । ଏଥିପାଇଁ ଯେଉଁ ବଳିଷ୍ଠ ଆତ୍ମାନୁଭୂତି, ଅନୁସ୍ପନ୍ଦନ, ଜ୍ଞାନ ଓ ଅନୁସନ୍ଧିତ୍ସା ଦରକାର ତା ସବୁ ଲେଖକଙ୍କଠାରେ ନ ଥାଏ । ସବୁ ଲେଖକ ସେଥିପାଇଁ ବ୍ୟାସ, ବାଲ୍ମୀକୀ, କାଳିଦାସ, ସାରଳା, ଜଗନ୍ନାଥ; ଫକୀର ମୋହନ ଓ ଗୋପବନ୍ଧୁ ହୋଇ ପାରନ୍ତି ନାହିଁ । ସବୁ ସାହିତ୍ୟ ନିଜର ବିଶାଳ ବୋଧିଦ୍ରୁମ ଚେରକୁ ପରିସ୍ଥିତି ଓ ପରିବେଶରେ ରସସିକ୍ତ କରି ଅନନ୍ତ କାଳପାଇଁ ନିଜର ଶାଖାପ୍ରଶାଖାକୁ ବିସ୍ତାରିତ କରିପାରେ ନାହିଁ । ପୁଣି ସବୁ ସାହିତ୍ୟରେ ମଣିଷ ଜୀବନର ବିପୁଳ ବିଭବର ପ୍ରତିଛବି ପରିସ୍ଫୁଟ ହୁଏ ନାହିଁ, ଅସରନ୍ତି ଯାହା-ରହସ୍ୟର କାକଳୀ ଶୁଭେ ନାହିଁ । ସେଥିପାଇଁ ବହୁ ସାହିତ୍ୟ ମରି-ଯାଏ, ନିଶ୍ଚିହ୍ନ ହୋଇଯାଏ, ମୁହୂର୍ତ୍ତକ ପାଇଁ ସେ ସବୁର କବର ତଳେ

Digitized by PPRACHIN, SOA

ଅତି ଅରକ ପାଇଁ କେବଳ ଉପାସକ ପ୍ରତିଧ୍ୱନିର ଅର୍ଘ୍ୟ ଢାଳେ ନାହିଁ । ପାଠକର ମନତଳେ ବହୁ ସାହିତ୍ୟର ଏଇ ଅସହାୟ ଅପମୃତ୍ୟୁ ଜଳଜଳ ହୋଇ ଦେଖାଯାଏ । କିନ୍ତୁ ସେଇଠି ପୌରାଣିକ ସମ୍ପତ୍ତି ପରି ଦାଉଦାଉ ଜଳିଉଠେ 'ଛମାଣ ଆଠଗୁଣ୍ଠ' 'ରେବତୀ' 'ଚିଲିକା' କାବ୍ୟକବିତା' 'ବନ୍ଦୀର ସ୍ୱଦେଶ ଚିନ୍ତା' 'କାଳିଜାଈ' 'ମାୟାଦେବୀ' 'ଶାସ୍ତି' 'ଦାନାପାଣି' 'ଅମୃତର ସନ୍ତାନ' 'ଭାନୁମତୀର ଦେଶେ' 'ହାଡ଼' 'ମଶାଣିର ଫୁଲ' 'ମାଂସର ବିଳାପ' 'ଯାଯାବରର ଜାୟା' 'ପିତା ଓ ପୁତ୍ର' 'ଶେଷ ବସନ୍ତର ଚିଠି' 'ଆରଣ୍ୟକ' ପରି ହାତଗଣତି କେତୋଟି ଉଦ୍ଧତ ସୃଷ୍ଟି । ଯେ କୌଣସି ସମୟର ମାପ କାଠିରେ ଏମାନେ ତଥାପି ରହନ୍ତି ଅମପା । ପ୍ରଚଣ୍ଡ ଅନ୍ୱେଷଣର ବିପୁଳତା, ଜୀବନକୁ ବୁଝି ବୁଝାଇବାର ବହୁ ନୂତନ କାରୁକଳା ଏ ସବୁ ସାହିତ୍ୟକୁ ଶିଳାର ଭାସ୍କର୍ଯ୍ୟ ପରି ସୁନ୍ଦର ଓ ମସୃଣ କରିଥାଏ । ପ୍ରଚଣ୍ଡ ସତ୍ୟର ଅନ୍ୱେଷଣ ଏ ସବୁକୁ ପୁରାଣ ସାହିତ୍ୟ ପରି ନିତ୍ୟନୂତନ କରି ଗଢ଼ି ଥାଏ । ଏ ସୃଷ୍ଟି ସବୁକାଳ ଓ ଯୁଗରେ ସବୁ ସାହିତ୍ୟ ପାଇଁ ଚିରନ୍ତନତାର ଯେଉଁ ଘୋଷଣା ଦିଏ—ତାହା କଦାପି ମଳିନ ହୁଏ ନାହିଁ । ନୀଳକଣ୍ଠଙ୍କ 'ମାୟାଦେବୀ' ସେଇ ଦୃଷ୍ଟିରୁ ଏ ସାହିତ୍ୟର ଏକ ପୌରାଣିକ ସମ୍ପତ୍ତି । ସକଳ ମାନସିକ ଦ୍ୱନ୍ଦ୍ୱ, ପ୍ରତିବାଦ ଓ ସମର୍ଥନ ସତ୍ତ୍ୱେ ଏ କାବ୍ୟରେ ଏପରି ଏକ ସୂକ୍ଷ୍ମ ଭାବବୋଧ ରହିଛି ଯାହା ପାଠକର ପ୍ରାଣ ଓ ମନକୁ ନିଶ୍ଚୟ ଆଚ୍ଛନ୍ନ କରେ । ଅସତ୍ୟ ଓ କଳ୍ପନାରୁ ଅନୁଭବର ଶାଣିତ ସତ୍ୟତା ଆଡ଼କୁ ପାଠକକୁ ଘେନିଯାଏ । ପାଠକ ସବୁ ଭୁଲି କେବଳ ସୁକୁମାରୀ ତରୁଣୀ ମାୟାଦେବୀଙ୍କ ଶାଶ୍ୱତ ପ୍ରଣୟ ପାଶରେ ନିଜର ଦୃଷ୍ଟିବଳୟକୁ କେନ୍ଦ୍ରାୟିତ କରେ—ଜଣାଏ ସମମର୍ମିତା ଓ ସହାନୁଭୂତି । ଏହା ନୀଳକଣ୍ଠ ସାହିତ୍ୟର ଅନୁମୋଦନ ମାତ୍ର । ଆହା, ଏ ତାରୁଣ୍ୟର ଉଚ୍ଛଳ ଧାରା ରାଜନୀତିର ବୈଠିକତାରେ ହଜିଗଲା । ଚିରନ୍ତନ ସାହିତ୍ୟରେ ସ୍ୱକୀୟା ନାୟିକାର ଉପାସକ କବି ପରକୀୟା ରାଜନୀତିକୁ ବରଣ କରି ସାହିତ୍ୟର ଏଇ ରସଉଜ୍ଜ୍ୱଳ, ଅମ୍ଳାନ ଧାରାକୁ ବିଖଣ୍ଡିତ କରିଦେଲେ ।

ଶ୍ରୀ ବସନ୍ତକୁମାର ଦାଶ, ସତ୍ୟନାରାୟଣ ପ୍ରେସ, ଡଗରପଡ଼ା : କଟକ—୨

Digitized by PPRACHIN, SOA

# କେତୋଟି ଅନବଦ୍ୟ ପ୍ରକାଶନ

## ନୀଳକଣ୍ଠ ଗ୍ରନ୍ଥାବଳୀ

ପ୍ରଥମଖଣ୍ଡ—ଆତ୍ମଜୀବନୀ, କାବ୍ୟ କବିତା ଟ ୨୦-୦୦
ଦ୍ୱିତୀୟଖଣ୍ଡ—ପୌରାଣିକଗଳ୍ପ, ପ୍ରବନ୍ଧ ଇତ୍ୟାଦି ଟ ୨୫-୦୦
ତୃତୀୟଖଣ୍ଡ—ଓଡ଼ିଆ ସାହିତ୍ୟର କ୍ରମପରିଣାମ ଇତ୍ୟାଦି ଟ ୩୦-୦୦
ଚତୁର୍ଥ ଖଣ୍ଡ—ପ୍ରକାଶ ଅପେକ୍ଷାରେ × ×

## ଗୋଦାବରୀଶ ଗ୍ରନ୍ଥାବଳୀ

ପ୍ରଥମଖଣ୍ଡ—ଆତ୍ମଜୀବନୀ; କାବ୍ୟ କବିତା ଟ ୩୦-୦୦
ଦ୍ୱିତୀୟଖଣ୍ଡ—କ୍ଷୁଦ୍ରଗଳ୍ପ; ଉପନ୍ୟାସ ଟ ୨୫-୦୦
ତୃତୀୟଖଣ୍ଡ —ଜୀବନୀ, ରାଜନୀତି ଇତ୍ୟାଦି ଟ ୩୦-୦୦
ଚତୁର୍ଥଖଣ୍ଡ—ପ୍ରକାଶ ଅପେକ୍ଷାରେ

## ଫକୀରମୋହନ ଗ୍ରନ୍ଥାବଳୀ

ପ୍ରଥମଖଣ୍ଡ—ଆତ୍ମଚରିତ, କାବ୍ୟ କବିତା ଟ ୨୩-୦୦
ଦ୍ୱିତୀୟଖଣ୍ଡ —କ୍ଷୁଦ୍ରଗଳ୍ପ, ଉପନ୍ୟାସ ଟ ୨୫-୦୦

## ମଧୁସୂଦନ ଗ୍ରନ୍ଥାବଳୀ

( ଖଣ୍ଡିଏ ବହିରେ ସମସ୍ତ ଲେଖା )

ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ **ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ**
ଲିଖିତ ଜୀବନୀ ଓ ସମାଲୋଚନା ସହ ଟ ୧୫-୦୦

## ଓଡ଼ିଶା ଇତିହାସ

ଲେଖକ—ଡକ୍ଟର ହରେକୃଷ୍ଣ ମହତାବ୍

ପ୍ରଥମଖଣ୍ଡ— ଟ ୧୨-୫୦
ଦ୍ୱିତୀୟଖଣ୍ଡ— ଟ ୭-୫୦

## ପ୍ରକାଶ ଅପେକ୍ଷାରେ

ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପୂର୍ଣ୍ଣାଙ୍ଗ ଜୀବନୀ

**'ହେ ସାଥି ! ହେ ସାରଥି !'**

ଲେଖକ—ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ

**କଟକ ଷ୍ଟୁଡେଣ୍ଟସ୍, ଷ୍ଟୋର, କଟକ-୨**




Digitized by PPRACHIN, SOA

# ସଂଘମ୍ ଶରଣଂ ଗଚ୍ଛାମି

ବୌଦ୍ଧଯୁଗର ଭିକ୍ଷୁ କଣ୍ଠରୁ ସେଦିନ ପ୍ରତିଧ୍ୱନିତ ହେଉଥିଲା ଜୀବନ ପାଇଁ ଏକ ମହାନ୍ ଉଦାତ୍ତବାଣୀ—

"ସଙ୍ଘମ୍ ଶରଣଂ ଗଚ୍ଛାମି"

ଆଜି କିନ୍ତୁ ଦେଶରେ ସାମାଜିକ ଜୀବନର ବିକାଶ ଓ ନିରାପତ୍ତା ପାଇଁ ଧର୍ମରୁ ଅର୍ଥନୀତି ପର୍ଯ୍ୟନ୍ତ ସଙ୍ଘର ବିକାଶ ଘଟି ପାରିଛି । ଏକକ ଯେଉଁଠି ଅନେକରେ ସତ୍ତା ହରେଇ ହୁଏ ମହୀୟାନ୍, ଏକତା ଓ ମୈତ୍ରୀର ମନ୍ତ୍ରରେ ଆୟୁଷ୍ମାନ୍, ପୁଣି ସମଷ୍ଟିର ସମସ୍ୟାରେ ଭାଗୀଦାର, ତାର ପ୍ରଶସ୍ତ ସୁଯୋଗ ଦିଏ ସଙ୍ଘ ଜୀବନ ।

ଓଡ଼ିଶାର ମଧ୍ୟ ଇଂରାଜୀ ( ନିମ୍ନ ମାଧ୍ୟମିକ ) ବିଦ୍ୟାଳୟମାନଙ୍କ ଶିକ୍ଷକମାନଙ୍କ ନିରାପତ୍ତା, ବୌଦ୍ଧିକ ଉନ୍ନତି, ସାଂଗଠନିକ ବିକାଶ ନିମନ୍ତେ ନିମ୍ନ-ମାଧ୍ୟମିକ ଶିକ୍ଷକ ସଂଘ ୧୯୫୭ରୁ ବହୁବିଧ ସେବାରେ ନିୟୋଜିତ ।

(୧) ଉଚ୍ଚମାନ ସମ୍ପନ୍ନ ଓ ବିଶ୍ୱାସ୍ୟ ପରୀକ୍ଷା ପ୍ରଶ୍ନ ।

(୨) ଉଚ୍ଚକୋଟୀର ଆବଶ୍ୟକ ପୁସ୍ତକ ପ୍ରକାଶନ ଓ ବିକ୍ରୟ

(୩) 'ଶିକ୍ଷକ ଦର୍ପଣ' ମାସିକ ପତ୍ରିକା ମାଧ୍ୟମରେ ଶିକ୍ଷକମାନଙ୍କୁ ସାହିତ୍ୟିକ ସ୍ୱୀକୃତି ପ୍ରଦାନ

(୪) ସରକାରଙ୍କ ପାଖରେ ଶିକ୍ଷକମାନଙ୍କ ଚାକିରୀସର୍ତ୍ତ, ବୃତ୍ତି ଆଦି ସମସ୍ୟା ଉତ୍‌ଥାପନ ଓ ସମାଧାନ ଦିଗରେ ଧାରାବାହିକ ଉଦ୍ୟମ ।

ବିଶ୍ୱାସ, ସାଧୁତା, ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଆମ ସଙ୍ଘର ମୂଳମନ୍ତ୍ର । ଆମ ପ୍ରକାଶିତ ପରୀକ୍ଷା ପ୍ରଶ୍ନ ଓ ପୁସ୍ତକରେ ଏହା ସର୍ବଦା ପ୍ରକଟିତ ।

**ଶ୍ରୀବନମାଳୀ ବ୍ରହ୍ମଚାରୀ**
**ନିମ୍ନ-ମାଧ୍ୟମିକ ଶିକ୍ଷକ ସଂଘ**
ଝାଂଜିରୀମଙ୍ଗଳା
କଟକ-୧

Digitized by PPRACHIN, SOA

## ସମସ୍ତଙ୍କ ମୁହଁରେ ଗୋଟିଏ କଥା—

# "ଏହି ନୂଆ ବାରବାଟୀ ମୁଁ ତୋଳିଛି" !

କଟକକୁ ପର୍ବେ ଜଣେ ବିଦେଶୀ ଲୋକ ଆସିଲେ ଆମେ ତାଙ୍କୁ ଦୁଇଟି ସ୍ଥାନ ଦେଖାଇବାକୁ ନେଇ ଯାଉଥିଲୁ । ଗୋଟିଏ ହେଲା, କାଠଯୋଡ଼ୀର ପଥର ବନ୍ଧ । ଧନ୍ୟ ସେହି ଓଡ଼ିଆ ଇଞ୍ଜିନିୟର୍‌ମାନେ ଯେଉଁମାନେ ତାକୁ ଗଢ଼ିଥିଲେ ।

ଅନ୍ୟଟି ହେଉଛି ବାରବାଟୀ କିଲ୍ଲା । ଦିନେ ବୀର ଓଡ଼ିଆ ଜାତି ଏହିଠାରେ ନବତଳ ପ୍ରାସାଦ ଗଢ଼ିଥିଲା ବୋଲି ଦେଖାଇ ଦେଉ । ଆଜି ତାହା ଭାଙ୍ଗି ପଡ଼ୁଛି ବୋଲି ଦୀର୍ଘ ନିଶ୍ୱାସ ପକାଉ ।

ଆଜି କିନ୍ତୁ ତା ନାହିଁ ।

ଆଜି କିନ୍ତୁ ଆମେ ତାହାରି ନିକଟରେ ଦେଖାଇ ଦେଉଛୁ ଗୋଟିଏ ନୂଆ ବାରବାଟୀ—**ବାରବାଟୀ ଷ୍ଟେଡିୟମ୍ ।**

ସେହିଠାରେ ସମସ୍ତେ ଗୋଟିଏ ନୂଆ କଥା ଶୁଣୁଛନ୍ତି—"ଏହି ବାରବାଟୀ ଷ୍ଟେଡ଼ିୟମ୍ ମୁଁ ତୋଳିଛି ।"

ସବୁ ଦେଶରେ ବହୁ କୀର୍ତ୍ତି, ବହୁ ପ୍ରାସାଦ, ବହୁ ଅଟ୍ଟାଳିକା ରହିଛି । କିନ୍ତୁ ସେଗୁଡ଼ିକୁ କୌଣସି ରାଜା, ଧର୍ମଲୋକ ବା ସରକାର ତିଆରି କରିଛନ୍ତି । ବାରବାଟୀ ଷ୍ଟେଡ଼ିୟମକୁ ଲକ୍ଷ ଲକ୍ଷ ଲୋକ ନିଜ ରୋଜଗାର ଧନ ଖର୍ଚ୍ଚ କରି ଗଢ଼ିଛନ୍ତି ।

ବାରବାଟୀ ଷ୍ଟେଡ଼ିୟମ୍ ପାଇଁ କେତେ ସ୍ୱଇଚ୍ଛାରେ ଟଙ୍କାଏ ଟଙ୍କାଏ ଦେଇଛନ୍ତି । କୌଣସି ସରକାରୀ ଆଇନ ବା ଜବରଦସ୍ତି ଏହି ପଇସା ଆଦାୟ ହୋଇ ନାହିଁ । ତେଣୁ ପ୍ରତ୍ୟେକ ଲୋକର କହିବାର ଅଧିକାର ଅଛି—"ଏହି ନୂଆ ବାରବାଟୀ ମୁଁ ତୋଳିଛି ।"

ଆଜି ବାରବାଟୀ ଷ୍ଟେଡ଼ିୟମ ସମଗ୍ର ଓଡ଼ିଶାର କ୍ରୀଡ଼ା ତଥା ସାଂସ୍କୃତିକ କେନ୍ଦ୍ରସ୍ଥଳ ହେବାକୁ ଯାଉଛି । ଏହାକୁ ପୂର୍ଣ୍ଣ କରିବା ଦାୟିତ୍ୱ ଏ ଦେଶର ଅଗଣିତ ଜନସାଧାରଣଙ୍କର ।

**ଭୈରବ ଚନ୍ଦ୍ର ମହାନ୍ତି**
ଅବୈତନିକ ସେକ୍ରେଟାରୀ
ବାରବାଟୀ ରାଫଲ କମିଟୀ, କଟକ-୫

Digitized by PPRACHIN, SOA

With Compliments From

# Ruparag Private Limited

CUTTACK

n the Occasion of the

publication of

NILAKANTHA SMARANIKA

by

Orissa Pujya Puja Samsad.

Digitized by PPRACHIN, SOA

Gram: PROCO BANK Phone: 257

# THE ORISSA STATE CO-OPERATIVE BANK LTD. JAIL ROAD,

## CUTTACK—1

**( Estd 1948, Scheduled Bank )**

The premier Agricultural financing Bank in Orissa.

Your deposits will ensure more production of food grains in the State. Please compare our rate of interest while depositing in a Bank.

**Our attractive rates of interest.**

| | | |
|---|---|---|
| Current Deposit | | 0.50% |
| Savings Bank Deposit | | 3.75% |
| Fixed Deposit | ... | 1.50% to 6.50% ( according to period ) |

**FIVE YEARS CASH CERTIFICATES.**

An ideal investment:—Rs. 74/-will fetch Rs. 100/- on completion of 5 years.

**B. C. Hota,**
President

**Y. R. Bali,**
Managing Director.


Digitized by PPRACHIN, SOA

# The Cuttack United Central Co-operative Bank Ltd.Nimchaudi

CUTTACK-2

( 'A' Class agricultural Bank )

Do you know the Cuttack United Central Co-op. Bank is famous for Because it renders ready and prompt service in financing to the agriculturists and small scale industrialists to contribute in the Nation—building work.

Here is a chance for depositers too. Invest with us at an attractive rate of interest and eontribute your might to augment the whole purpose.

**Rate of interest**

1. Savings Bank Rs. 3.75%
2. Current deposit Rs. 0.50%
3. Fixed deposit rate
   will be paid Rs. 1.50% paise to
   Rs. 6.60% according to period.

**B. R. Dash,**
Secretary.

**S. K. Roy,**
President.


Digitized by PPRACHIN, SOA

ପଞ୍ଚସଖା ପିକ୍‌ଚର୍ସର

# କିଏ କାହାର

ଓଡ଼ିଆ ଚଳଚ୍ଚିତ୍ର ଜଗତର

## ଶ୍ରୀ ମନ୍ଦିର

ପୃଥିବୀର ସାତଗୋଟି ଆଶ୍ଚର୍ଯ୍ୟ ମଧ୍ୟରୁ

## —କିଏ କାହାର—

ଅନ୍ୟତମ ଆଶ୍ଚର୍ଯ୍ୟ

ପୂର୍ଣ୍ଣ ପ୍ରେକ୍ଷାଳୟରେ ଚାଲିଛି

| | | |
|---|---|---|
| ବାଲେଶ୍ୱର ଟକିଜ୍ | ୫ମ ସପ୍ତାହ | (ବାଲେଶ୍ୱର) |
| ଦୁର୍ଗା ସିନେମା | ୫ମ ସପ୍ତାହ | (ଯାଜପୁର) |
| ଲକ୍ଷ୍ମୀ ଟକିଜ୍ | ୪ର୍ଥ ସପ୍ତାହ | (ସମ୍ବଲପୁର) |
| କେ. ଏମ୍. ବି. ଏମ୍. ଟକିଜ୍ | ୩ୟ ସପ୍ତାହ | (ବାରିପଦା) |
| କାଞ୍ଚନ ଟକିଜ୍ | ୫ମ ସପ୍ତାହ | (ଅନୁଗୁଳ) |

Digitized by PPRACHIN, SOA

ପଣ୍ଡିତ ନୀଳକଂଠଙ୍କ ସ୍ମୃତିରେ

ଆମର ବିନମ୍ର ଶ୍ରଦ୍ଧାଞ୍ଜଳି

।

● ଶ୍ରୀ ଅରବିନ୍ଦ ଡ୍ରେସେସ୍ ●

ଚୌଧୁରୀ ବଜାର, କଟକ

[ ସବୁପ୍ରକାର ଆଧୁନିକ ରୁଚି ସଂପନ୍ନ ପରିଧାନ ଓ ପରିଚ୍ଛଦର
ଏକମାତ୍ର ନିର୍ଭର ଯୋଗ୍ୟ ବିକ୍ରୟ କେନ୍ଦ୍ର ]

ସତ୍ୟବାଦୀ ଯୁଗଠାରୁ ଅତ୍ୟାଧୁନିକ ଯୁଗ
ପର୍ଯ୍ୟନ୍ତ

।

ଓଡ଼ିଆ ସାହିତ୍ୟ ପ୍ରକାଶନରେ ଆମେ
ନେଇ ଆସିଛୁ ପ୍ରଗତିପନ୍ଥୀ ପଦକ୍ଷେପ
ସମସ୍ତ ଉଚ୍ଚକୋଟୀର ପୁସ୍ତକ ବିକ୍ରୟ ସଂସ୍ଥା

ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିନୋଦବିହାରୀ, କଟକ—୨

Digitized by PPRACHIN, SOA

# ସେଦିନ ଓ ଆଜି

## ଆକାଶପାତାଳ ପ୍ରଭେଦ

ସେ ଦିନ ବହୁ ସନ୍ତାନ ଜନ୍ମ ଏକ ସାମାଜିକ ଗୌରବ ଭାବରେ ନନ୍ଦିତ ହେଉଥିଲା । ବହୁ ସନ୍ତାନର ଜନକ ଓ ଜନନୀ ଭାଗ୍ୟବାନ ଓ ଭାଗ୍ୟବତୀ ଭାବରେ ପରିଗଣିତ ହେଉଥିଲେ । ଆଜି କିନ୍ତୁ ସମାଜର ଆର୍ଥନୀତିକ ମୂଲ୍ୟବୋଧ ବଦଳି ଯାଇ ଥିବାରୁ ବହୁ ସନ୍ତାନ ପରିବାର ସମାଜର ଗଳଗ୍ରହ ଭାବରେ ନିନ୍ଦିତ ହେଉଛନ୍ତି । ସେଦିନ ସାବିତ୍ରୀ ବର ମାଗିଥିଲେ—"ମୁଁ ଶତପୁତ୍ରର ଜନନୀ ହୁଏ ।" ଆଜି କିନ୍ତୁ କୌଣସି ନାରୀ ଏପରି ଦୁଃସାହସିକ ବର ମାଗିବା ସମ୍ଭବ ନୁହେଁ । ମାତୃତ୍ୱ ନାରୀର କାମନା ହେଲେ ବି ବହୁ ସନ୍ତାନ ତା' ପାଇଁ ଏକ ଦୁର୍ବହ ଭାର ଓ ସମାଜ ପାଇଁ ଏକ ପାପ ଭାବରେ କଥିତ ହେଉଛି ।

ସେଥିପାଇଁ ଆଜି ପ୍ରତ୍ୟେକ ବ୍ୟକ୍ତି ଓ ପରିବାର ଏହି ସମସ୍ୟା କଥା ଗମ୍ଭୀର ଭାବରେ ଚିନ୍ତା କରିବାର ବେଳ ଆସିଛି । ସନ୍ତାନ ଜନ୍ମର ନିୟନ୍ତ୍ରଣ ଆଜି ଜାତି ଓ ଦେଶର ଅନ୍ୟତମ ଆହ୍ୱାନ । ଏକ ପ୍ରଗତିଶୀଳ ଗଠନମୁଖୀ ରାଷ୍ଟ୍ରର ଏ ଡାକରା ଏ ଦେଶର ପ୍ରତ୍ୟେକ ଜନକ ଜନନୀ ନ ଶୁଣିଲେ ଦେଶ ଏକ ନିଶ୍ଚିତ ବିପଦର ସମ୍ମୁଖୀନ ହେବ । କଷ୍ଟଲବ୍ଧ ସ୍ୱାଧୀନତା ବିପନ୍ନ ହେବ ।

**ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା**
ଭୁବନେଶ୍ୱର, ଓଡ଼ିଶା

Digitized by PPRACHIN, SOA

• Please donate Rs. 2.00

*Published By*
Pujya Puja Samsad
Jhanjirmangala, Cuttack.
1968-69

Digitized by PPRACHIN, SOA